ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨/୨୦୨୫ (୧୪ ପୃଷ୍ଠା) Bhubaneswar, Tuesday, September 2/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୨୭୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 278 ମୂଲ୍ୟ ₹୭/-




Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨/୨୦୨୫ | Bhubaneswar, Tuesday, September 2/2025 | ପୃଷ୍ଠା-୧




## ଅଲ୍‌କାରାଜ କ୍ୱାର୍ଟରଫାଇନାଲରେ

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ସ୍ପେନର କର୍ଲୋସ ଅଲ୍‌କାରାଜ ପ୍ରବେଶ କରିଛନ୍ତି।


୧୨ ୦୮


## ସୁମୋନାଙ୍କୁ ଅସଦାଚରଣ

ହାସ୍ୟ ଅଭିନେତ୍ରୀ ସୁମୋନା ଚକ୍ରବର୍ତ୍ତୀଙ୍କ କାର୍‌କୁ କେତେଜଣ ପ୍ରଦର୍ଶନକାରୀ ଆକ୍ରମଣ କରିବା ସହ ତାଙ୍କୁ ଅସଦାଚରଣ କରିଥିବା ନେଇ ସେ ଅଭିଯୋଗ ଆଣିଛନ୍ତି।





ପୂର୍ବ ଆଫଗାନିସ୍ତାନର କୁନାର ପ୍ରଦେଶ ଅନ୍ତର୍ଗତ ମଜାର ଦାରାଠାରେ ଭୂମିକମ୍ପରେ ଆହତ ଜଣେ ବ୍ୟକ୍ତିଙ୍କୁ ଏକ ଖଟିଆରେ ଚିକିତ୍ସା ପାଇଁ ନିଆଯାଉଛି।

# ଆଫଗାନିସ୍ତାନରେ ଭୂକମ୍ପ: ୮୦୦ ମୃତ, ୨୮୦୦ ଆହତ

**ପାଖାପାଖି ଦୁଇବର୍ଷର ବ୍ୟବଧାନରେ ଆଫଗାନିସ୍ତାନରେ ସଂଘଟିତ ହୋଇଛି ଶକ୍ତିଶାଳୀ ଭୂକମ୍ପ। ଏଥିରେ ୮୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୋମବାର ତାଲିବାନ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୦ ଥିଲା। କୁନାର ପ୍ରଦେଶର ଅନେକ ସହର ସମେତ ନଙ୍ଗରହାର ପ୍ରଦେଶ ଜଲାଲାବାଦ ସହର ନିକଟବର୍ତ୍ତୀ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳେ ଅନେକେ ରହିଯାଇଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୨୦୨୩ ଅକ୍ଟୋବର ୭ରେ ହେରାଟରେ ହୋଇଥିବା ଭୂକମ୍ପରେ ପ୍ରାୟ ଦୁଇ ହଜାରର ଲୋକ ପ୍ରାଣ ହରାଇଥିଲେ।**

କାବୁଲ,୧।୯

ପୂର୍ବ ଆଫଗାନିସ୍ତାନରେ ରବିବାର ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୮୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୋମବାର ତାଲିବାନ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୦ ଥିଲା। କୁନାର ପ୍ରଦେଶର ଅନେକ ସହର ସମେତ ନଙ୍ଗରହାର ପ୍ରଦେଶ ଜଲାଲାବାଦ ସହର ନିକଟବର୍ତ୍ତୀ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳେ ଅନେକେ ରହିଯାଇଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

ସ୍ଥାନୀୟ ସମୟ ରାତି ୧୧ଟା ୪୭ ମିନିଟ୍‌ରେ ଅନୁଭୂତ ହୋଇଥିବା ଭୂକମ୍ପର କେନ୍ଦ୍ରସ୍ଥଳ ଜଲାଲାବାଦଠାରୁ ପୂର୍ବ-ଉତ୍ତର ଦିଗରେ ୨୭ କିଲୋମିଟର ଦୂରରେ ଓ ୮ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। କମ୍ ଗଭୀରରେ କେନ୍ଦ୍ରସ୍ଥଳ ହୋଇଥିବାରୁ ଅଧିକ କ୍ଷୟକ୍ଷତି ଘଟିଛି। ଭୁଶୁଡ଼ି ପଡ଼ିଥିବା ବିଲ୍ଡିଂ ମଧ୍ୟରୁ ଆହତମାନଙ୍କୁ ଉଦ୍ଧାର କରି ଷ୍ଟ୍ରେଚରରେ ହେଲିକପ୍ଟର ନିକଟକୁ ନିଆଯାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ହେଲିକପ୍ଟରରେ ୪୦ ଥରରେ ୪୨୦ ଜଣଙ୍କୁ ହସ୍ପିଟାଲ ନିଆଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୁନାର ପ୍ରଦେଶରେ ସର୍ବାଧିକ ୬୧୦ ଜଣ ପ୍ରାଣ ହରାଇଥିବା ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଗଣମାଧ୍ୟମକୁ କହିଛନ୍ତି। ଉକ୍ତ ପ୍ରଦେଶରେ ୩ଟି ଗ୍ରାମ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଉଦ୍ଧାର କାର୍ଯ୍ୟରେ ସେନା ସମେତ ସ୍ଥାନୀୟ ଲୋକେ ନିୟୋଜିତ ହୋଇଛନ୍ତି। ବଡ଼ ଭୂକମ୍ପ ପରେ ୪.୭, ୪.୩ ଏବଂ ୫.୦ ତୀବ୍ରତାର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା।

ଆଫଗାନିସ୍ତାନ ଭୂକମ୍ପରେ ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖପ୍ରକାଶ କରିଛନ୍ତି। ପ୍ରଭାବିତ ଲୋକଙ୍କ ସମସ୍ତ ସମ୍ଭାବ୍ୟ ମାନବୀୟ ସହାୟତା ଯୋଗାଇଦେବାକୁ ଭାରତ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଆଫଗାନିସ୍ତାନରେ ବିଲ୍ଡିଂଗୁଡ଼ିକ କମ୍ ଉଚ୍ଚତାବିଶିଷ୍ଟ ଏବଂ ଗ୍ରାମାଞ୍ଚଳରେ ମାଟି, ଇଟା ଓ କାଠରେ ଦୁର୍ବଳ ନିର୍ମାଣ କରାଯାଇଥିବାରୁ କ୍ଷୟକ୍ଷତି ଅଧିକ ହୋଇଥିବା କୁହାଯାଉଛି। ୨୦୨୧ରେ ତାଲିବାନ କ୍ଷମତାକୁ ଆସିବା ପରେ ଆଫଗାନିସ୍ତାନରେ ଏହା ତୃତୀୟ ବଡ଼ ଭୂକମ୍ପ। ତାଲିବାନ କ୍ଷମତାକୁ ଆସିବା ପରେ ବିଦେଶୀ ସୈନ୍ୟ ପ୍ରତ୍ୟାହୃତ ହେବା ସହ ଅନ୍ତର୍ଜାତୀୟ ସହାୟତା ବନ୍ଦ ହୋଇଯାଇଥିଲା। ଏପରିକି ୨୦୨୨ରେ ଘଟିଥିବା ପ୍ରଥମ ଭୂକମ୍ପରେ ୧୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ମାନବୀୟ ସହାୟତା ୩.୮ ବିଲିୟନ ଡଲାରରୁ ହ୍ରାସ ପାଇ ୭୬୭ ନିୟୁତ ଡଲାରରେ ପହଞ୍ଚିଥିଲା।

# ୧ ଡଲାର=୮୮.୩୩ ଟଙ୍କା

## ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ



ନୂଆଦିଲ୍ଲୀ,୧।୯

ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକାର ଟାରିଫ୍ ଚାପ, ଶେୟାର ବଜାରରେ ଅସ୍ଥିରତା ଯୋଗୁ ବିଦେଶୀ ନିବେଶକମାନେ ଅର୍ଥ ଉଠାଇନେବା ଏବଂ ଆମଦାନୀରେ ସମସ୍ୟା ଆଦି କାରଣରୁ ଭାରତୀୟ ମୁଦ୍ରା ମୂଲ୍ୟରେ ସୋମବାର ସର୍ବକାଳୀନ ଅବନତି ଘଟିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୮.୩୩କୁ ହ୍ରାସ ପାଇଛି ଅର୍ଥାତ୍ ୧ ଡଲାରର ମୂଲ୍ୟ ୮୮ ଟଙ୍କା ୩ ପଇସା ହୋଇଛି। ଗତ ଶୁକ୍ରବାର ୧ ଡଲାରର ମୂଲ୍ୟ ୮୮.୩୦ ଟଙ୍କା ରହିଥିଲା। ଫଳରେ ବୈଶ୍ୱିକ ମୁଦ୍ରା ଭାବେ ଭାରତୀୟ ଟଙ୍କାର ସମ୍ଭାବନା କମ୍ ବୋଲି ଆମେରିକା ଅର୍ଥ ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାରୁ ଆର୍ଥିକ ନିଅଣ୍ଟ ଅଧିକ ବଢ଼ିବା ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ଆଗକୁ ହେବାକୁ ଥିବା ଜିଏସ୍‌ଟି କାଉନସିଲ୍ ନିଷ୍ପତ୍ତି କିଛିଟା ସହାୟକ ହେବ ବୋଲି ଆଶା କରାଯାଉଛି। କୌଣସି ନିର୍ଣ୍ଣାୟକ ପଦକ୍ଷେପ ନେବା ପୂର୍ବରୁ ବଜାର ଚୂଡ଼ାନ୍ତ ଜିଏସ୍‌ଟି ପରିବର୍ତ୍ତନକୁ ଅପେକ୍ଷା କରିଛି।

ଆମେରିକାର ଉଚ୍ଚ ଟାରିଫ୍ ଯୋଗୁ ଭାରତୀୟ ପୁଞ୍ଜି ବଜାର ପ୍ରଭାବିତ ହୋଇଛି। ଏହି ସ୍ଥିତି ଜାରି ରହିଲେ ଭବିଷ୍ୟତରେ ଭାରତୀୟ ରପ୍ତାନି ଆହୁରି ପ୍ରଭାବିତ ହେବ। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମଧ୍ୟ ଭାରତୀୟ ଶେୟାର ମାର୍କେଟରୁ ପୁଞ୍ଜି ପ୍ରତ୍ୟାହାର କରିନେବେ। ଫଳରେ ଟଙ୍କା ଆଗକୁ ଅଧିକ ଦୁର୍ବଳ ହେବା ଆଶଙ୍କା ଦେଖାଦେଇଛି। ପୁଞ୍ଜି ବଜାରରେ କେବଳ ଅଗଷ୍ଟ ମାସରେ ଏଫ୍‌ଆଇଆଇ ରେକର୍ଡ ପରିମାଣ ମୋଟ୍ ୩୮,୫୯୦.୨୬ କୋଟି ଟଙ୍କାର ସେଲିଂ ହୋଇଛି।


**ଆଜିର ସମ୍ପାଦକୀୟ** ନକଲି ବାଟ


# ଶିକ୍ଷକଙ୍କ ପାଇଁ ଟିଇଟି ପାସ୍ ବାଧ୍ୟତାମୂଳକ

ନୂଆଦିଲ୍ଲୀ/ଭୁବନେଶ୍ୱର (ସୁଚିସ୍ମିତା ସାହୁ),୧।୯

ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଚାହୁଁଥିବା ଏବଂ ଚାକିରିରେ ଥିବା ଶିକ୍ଷକ ପଦୋନ୍ନତି ପାଇଁ ଆଶାୟୀ ଥିଲେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ରେ କୃତକାର୍ଯ୍ୟ ହେବା ବାଧ୍ୟତାମୂଳକ ବୋଲି ସୁପ୍ରିମକୋର୍ଟ ସୋମବାର ରାୟ ଦେଇଛନ୍ତି। ତେବେ ଯେଉଁ ଶିକ୍ଷକମାନେ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ (ଆର୍‌ଟିଇ ଆକ୍ଟ) ଲାଗୁ ହେବା ପୂର୍ବରୁ ନିଯୁକ୍ତ ହୋଇଛନ୍ତି ଏବଂ ଚାକିରି ଶେଷ ହେବାକୁ ୫ ବର୍ଷରୁ ଅଧିକ ସମୟ ରହିଛି, ସେମାନଙ୍କୁ ଟିଇଟି ପାସ୍ ପାଇଁ ସର୍ବୋଚ୍ଚ ଅଦାଲତ ୨ ବର୍ଷ ସମୟ ଦେଇଛନ୍ତି। ତେବେ ସଂଖ୍ୟାଲଘୁ ସ୍କୁଲଗୁଡ଼ିକରେ ଆର୍‌ଟିଇ ଆଇନ କାର୍ଯ୍ୟକାରିତା ପ୍ରସଙ୍ଗରେ ବୃହତ୍ତର ଖଣ୍ଡପୀଠ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସେଠାର ଶିକ୍ଷକମାନଙ୍କ ପାଇଁ ଟିଇଟି ଆବଶ୍ୟକତା ଲାଗୁ ହେବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ୨୦୧୧ ଜୁଲାଇ ୨୯ରେ ଶିକ୍ଷକ ନିଯୁକ୍ତି ପାଇଁ ଟିଇଟି ପାସ୍‌କୁ ବାଧ୍ୟତାମୂଳକ କରିଥିଲେ। ତେବେ ସ୍ଥିତିଗତ ବାସ୍ତବତାକୁ ବିଚାରକୁ ନେଇ ଯେଉଁ ଶିକ୍ଷକମାନଙ୍କର ଚାକିରି ସମୟ ୫ ବର୍ଷରୁ କମ୍ ବାକି ରହିଛି ଏବଂ ପଦୋନ୍ନତି ଚାହୁଁ ନାହାନ୍ତି, ସେମାନଙ୍କ କ୍ଷେତ୍ରରେ ଟିଇଟି ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ନାହିଁ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

ଏସମ୍ପର୍କରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କୁହନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ, ୫ ବର୍ଷରୁ ଅଧିକ ଚାକିରି ସମୟ ଥିବା ଶିକ୍ଷକମାନେ ଟିଇଟି ପରୀକ୍ଷା


☞ ପୃଷ୍ଠା–୨


# ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସେମିକନ୍ ଇଣ୍ଡିଆ- ୨୦୨୫ ସମ୍ମିଳନୀରେ ଯୋଗଦେବେ। ତାଙ୍କ ସାଙ୍ଗରେ ଆଇଟି ସଚିବ ଏବଂ ମନ୍ତ୍ରୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି। ସେହିପରି ଆସନ୍ତା ୩ରେ ଓଡ଼ିଶା ଭବନଠାରେ ଓମ୍‌ଫେଡର ଏକ ନୂଆ ୟୁନିଟ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିପାରନ୍ତି। ସେହିପରି ଆସନ୍ତା ୪ ତାରିଖରେ ମୁଖ୍ୟମନ୍ତ୍ରୀ ଜିଏସ୍‌ଟି କାଉନସିଲ୍ ବୈଠକରେ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସେ ଆସନ୍ତା ୪ ତାରିଖ ସନ୍ଧ୍ୟା କିମ୍ବା ୫ ତାରିଖ ସକାଳୁ ଫେରିପାରନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ତାଙ୍କର ଏହି ୪ ଦିନିଆ ଗସ୍ତ କାଳରେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁମାନଙ୍କୁ ଭେଟିବେ ସେନେଇ ସ୍ପଷ୍ଟ ଭାବେ କିଛି ସୂଚନା ମିଳିନାହିଁ।

# ବଢ଼ିଛି ବଜେଟ ଖର୍ଚ୍ଚ, କମିଛି ଆୟ

## ୫ବର୍ଷରେ ଦୁଇଗୁଣ ବଢ଼ିଛି ଏସ୍‌ଜିଏସ୍‌ଟି; କମିଛି ପଞ୍ଜୀକରଣ ଆୟ

ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)




ପ୍ରମୁଖ ମହାଲେଖାକାରଙ୍କ ପକ୍ଷରୁ ଏକ୍‌ଜିଟ୍ କନ୍‌ଫରେନ୍ସ ୨୦୨୪-୨୫ରେ ପ୍ରଦତ୍ତ ତଥ୍ୟ।

ରାଜ୍ୟରେ ଭାଜପା ସରକାର ୨୦୨୪ ଜୁନ୍‌ରେ କ୍ଷମତାକୁ ଆସିବା ପରେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଓ ଭିତ୍ତିଭୂମି ସୁଦୃଢ଼ କ୍ଷେତ୍ରରେ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ ବୋଲି ଯେଉଁ କୁହାଯାଉଥିଲା ତାହା ବାସ୍ତବରେ ସତ୍ୟ ନୁହେଁ। ପୂର୍ବର ବିଜେଡି ସରକାରଙ୍କ ତୁଳନାରେ ରାଜ୍ୟ ସରକାରଙ୍କ ଗତ ଆର୍ଥିକବର୍ଷରେ ଖର୍ଚ୍ଚ ବଢ଼ିଛି। ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୨୦୨୪-୨୫ରେ ୩ ପ୍ରତିଶତ ଖର୍ଚ୍ଚ ଅଧିକ ହୋଇଛି। ହେଲେ ଏହି ଅବଧି ମଧ୍ୟରେ ରାଜ୍ୟ ରାଜକୋଷକୁ ଯେତିକି ପରିମାଣର ରାଜସ୍ୱ ମିଳିବା କଥା ତାହା ମିଳିନାହିଁ। ୭ ପ୍ରତିଶତ ରାଜସ୍ୱ କମ୍ ମିଳିଛି ବୋଲି ନିକଟରେ ପ୍ରମୁଖ ମହାଲେଖାକାର ସୁବା. ଆର୍‌ଙ୍କ ଏକ୍‌ଜିଟ୍ କନ୍‌ଫରେନ୍ସରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ରାଜ୍ୟ ସରକାରଙ୍କ ବଜେଟ ଆକଳନ ୧ଲକ୍ଷ ୫୭ହଜାର ୭୬୨କୋଟି ଟଙ୍କା ରହିଥିବାବେଳେ ସେଥିରୁ ୧ଲକ୍ଷ ୪୮ହଜାର ୮୩୨କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା; ଯାହାକି ପୂର୍ବ ସରକାରଙ୍କ ଖର୍ଚ୍ଚ ହାର ୯୪% ରହିଥିଲା। ମାତ୍ର ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ୧ଲକ୍ଷ ୬୬ହଜାର ୯୨୩କୋଟି ଟଙ୍କାର ବଜେଟ ଆକଳନ କରିଥିବାବେଳେ ସେଥିରୁ ୧ଲକ୍ଷ ୬୧ହଜାର ୩୧୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହା କି ୯୭%।

ଅନ୍ୟପକ୍ଷରେ ୨୦୨୩-୨୪ ଆର୍ଥିକବର୍ଷରେ ୧ଲକ୍ଷ ୮୪ହଜାର ୫୦୦କୋଟି ଟଙ୍କାର ବଜେଟ ଆକଳନ କରାଯାଇଥିଲା। ଉକ୍ତ ବର୍ଷ ୧ଲକ୍ଷ ୭୯ହଜାର ୫୯୩ କୋଟି ଟଙ୍କାର ରାଜସ୍ୱ ସରକାର ପାଇଥିଲେ, ଯାହାକି ସମୁଦାୟ ୯୭% ରାଜସ୍ୱ ସରକାରଙ୍କୁ ମିଳିଥିଲା। ହେଲେ ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ଯେଉଁ ବଜେଟ ଆକଳନ କରିଥିଲେ ସମାନ ପରିମାଣର ରାଜସ୍ୱ ସରକାରଙ୍କୁ ମିଳିପାରିନାହିଁ। ଉକ୍ତ ଆର୍ଥିକବର୍ଷ ରାଜ୍ୟ ସରକାରଙ୍କ ବଜେଟ ଆକଳନ ୨ଲକ୍ଷ ୪ହଜାର ୫୦୦ କୋଟି ଟଙ୍କା ରହିଥିବାବେଳେ ୧ଲକ୍ଷ ୮୩ହଜାର ୯୬୩ କୋଟି ଟଙ୍କାର ରାଜସ୍ୱ ମିଳିଥିଲା, ଯାହାକି ୯୦%। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସରକାର ୭ ପ୍ରତିଶତ କମ୍ ରାଜସ୍ୱ ପାଇଥିବା ସମ୍ମିଳନୀରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୦-୨୧ରେ ରାଜ୍ୟ ସରକାର ନିଜସ୍ୱ କ୍ଷେତ୍ର ରାଜ୍ୟ ସାମଗ୍ରୀ ଓ ସେବାକର(ଏସ୍‌ଜିଏସ୍‌ଟି)ରୁ ଯେତିକି ରାଜସ୍ୱ ପାଇଥିଲେ ତାହା ୨୦୨୪-୨୫ ଆର୍ଥିକବର୍ଷ ବେଳକୁ ପ୍ରାୟ ଦୁଇଗୁଣ ବଢ଼ିଛି। ହେଲେ ଜମି ପଞ୍ଜୀକରଣ କ୍ଷେତ୍ରରୁ ରାଜ୍ୟ ସରକାର ଉକ୍ତ ଅବଧି ମଧ୍ୟରେ ଯେତିକି ରାଜସ୍ୱ


☞ ପୃଷ୍ଠା–୨


# ଗ୍ରୋସେରି ଦୋକାନୀଙ୍କୁ ୧୪୧ କୋଟିର ଟିକସ ନୋଟିସ

ବୁଲନ୍ଦସର,୧।୯

ଉତ୍ତର ପ୍ରଦେଶର ବୁଲନ୍ଦସରସ୍ଥିତ ନୟାଗଞ୍ଜ ଅଞ୍ଚଳରେ ଥିବା ଏକ ଛୋଟ ଗ୍ରୋସେରି ଦୋକାନର ମାଲିକ ସୁଧୀରଙ୍କୁ ଆୟକର ବିଭାଗ ୧୪୧ କୋଟି ଟଙ୍କାର ଟିକସ ନୋଟିସ ପଠାଇଛି। ନିଜ ଛୋଟ ଗ୍ରୋସେରି ଦୋକାନକୁ ଚଳାଇ ପରିବାରର ଭରଣ ପୋଷଣ କରୁଥିବା ସୁଧୀରଙ୍କୁ ଗତ ଜୁଲାଇ ୧୦ରେ ଏହି ନୋଟିସ ଆସିଛି। ସେ ସମୁଦାୟ ୧୪୧ କୋଟି ୩୮ ଲକ୍ଷ ୪୭ ହଜାର ୧୨୬ ଟଙ୍କାର ବିକ୍ରୟ କରିଛନ୍ତି ବୋଲି ଆୟକର ବିଭାଗ ପକ୍ଷରୁ ତାଙ୍କୁ ଏକ ଟିକସ ନୋଟିସ ଆସିଥିଲା, ଯାହାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

ସାଇବର ଅପରାଧୀମାନେ ତାଙ୍କ ପାନ୍ କାର୍ଡର ଦୁରୁପଯୋଗ କରି ଦିଲ୍ଲୀରେ ୬ କମ୍ପାନୀକୁ ସ୍ଥାପନ କରିଛନ୍ତି। ତେଣୁ ତାଙ୍କୁ ଏପରି ନୋଟିସ ଆସିଥିବା ସୁଧୀର କହିଛନ୍ତି। ଏହି କମ୍ପାନୀଗୁଡ଼ିକ ଦ୍ୱାରା ଅନେକ କୋଟି ଟଙ୍କାର ଠକେଇ କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ୨୦୨୨ରେ ଏ ସଂକ୍ରାନ୍ତରେ ତାଙ୍କୁ ଆୟକର ବିଭାଗ ପକ୍ଷରୁ ଏକ ନୋଟିସ ଆସିଥିଲା, ଯାହାର ଉତ୍ତର ସେ ରଖିଥିଲେ। ତାଙ୍କ ପାନ୍ କାର୍ଡକୁ ବ୍ୟବହାର କରାଯାଇ ଖୋଲାଯାଇଥିବା କମ୍ପାନୀଗୁଡ଼ିକ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା ନେଇ ସେତେବେଳେ ସେ ଆୟକର ବିଭାଗକୁ ଜଣାଇଥିଲେ। ଏହା ସତ୍ତ୍ୱେ ମଧ୍ୟ ଆୟକର ବିଭାଗ ତାଙ୍କୁ ୧୪୧ କୋଟି ଟଙ୍କାର ନୋଟିସ ପଠାଇଥିବା ସୁଧୀର କହିଛନ୍ତି। ଉକ୍ତ ନୋଟିସ ଆସିବା ପରେ ତାଙ୍କ ପାନ୍ କାର୍ଡର ଦୁରୁପଯୋଗ ହେଉଥିବା ନେଇ ସେ ସ୍ଥାନୀୟ ଖୁର୍ଜା ଥାନାରେ ଅଭିଯୋଗ କରିଛନ୍ତି। ସୁଧୀରଙ୍କ ପାନ୍ କାର୍ଡକୁ ବ୍ୟବହାର କରି ସ୍ଥାପନ ହୋଇଥିବା କମ୍ପାନୀଗୁଡ଼ିକ ବିରୋଧରେ ଠକେଇ ଏବଂ ଜାଲିଆତି ମାମଲା ରୁଜୁ କରାଯାଇଛି ବୋଲି ପୋଲିସ କହିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ପାନ୍ କାର୍ଡ ଜାଲିଆତିରେ ଜଣେ ବ୍ୟକ୍ତି ବେଆଇନ ଭାବରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଶେଲ୍ କମ୍ପାନୀ ସ୍ଥାପନ


☞ ପୃଷ୍ଠା–୨





ୟୁପି ବୁଲନ୍ଦସରର ଗ୍ରୋସେରି ଦୋକାନ ମାଲିକ ସୁଧୀର ଆୟକର ନୋଟିସ୍ ଦେଖାଉଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ ଟା ।
- ଆଇଫରେଷ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ ଏବଂ ରିପୋର୍ଟ ରିଲିଜ୍, ସ୍ଥାନ: ଲେମନ୍ ଟ୍ରୀ, ସମୟ: ସକାଳ ୯ ଟା ୩୦ ।
- ଅଲ୍ ଓଡ଼ିଶା ରଜକ ମହାସଂଘ ପକ୍ଷରୁ ୨ୟ ବାର୍ଷିକ ଅଧିବେଶନ ଓ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ ଟା ।
- ନ୍ରିତ୍ୟାଞ୍ଜଳୀ ପକ୍ଷରୁ ନ୍ରିତ୍ୟାଞ୍ଜଳୀ ସମ୍ମାନ ଏବଂ ନାଟ୍ୟ ପୁରୁଷ ସମ୍ମାନ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ଭାରତୀୟ ମଜଦୂର ସଂଘ ପକ୍ଷରୁ ଓଡ଼ିଶାର ଗରିବ ରୋଗୀ ଏବଂ ନିଜ କର୍ମଚାରୀଙ୍କ ପ୍ରତି ଆପୋଲୋ ହସ୍ପିଟାଲ ଦ୍ୱାରା ହେଉଥିବା ଅନ୍ୟାୟ ବିରୋଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ରାଜ୍ୟ କାର୍ଯ୍ୟାଳୟ, ବିଏମ୍‌ସି, ଭିଏ-୨୩/୩, ୟୁନିଟ୍ ୨, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ ଟା ।
- ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଏନ୍‌ଏଚ୍ ୫୫ର ରିଜିଓନାଲ୍ ମ୍ୟାନେଜରଙ୍କ ମିଥ୍ୟା ପ୍ରତିଶ୍ରୁତି, ତଦାରଖରେ ଅବହେଳା ଓ ଦୁର୍ନୀତି ବିରୋଧରେ ଘେରାଉ, ସ୍ଥାନ: ଆଞ୍ଚଳିକ ଅଫିସ୍, ସମୟ:ପୂର୍ବାହ୍ନ ୧୧ ଟା ।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ରଜତ କୁମାର କରଙ୍କ ୯୨ତମ ଜୟନ୍ତୀ ପାଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର
- ମଧ୍ୟସ୍ଥତା ତାଲିମ କର୍ମଶାଳାର ତୃତୀୟ ଦିବସ, ସ୍ଥାନ: ଜିଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।

## ଭଦ୍ରକ
- ୬୯ତମ ବୀମା ସପ୍ତାହ ଦିବସ ପାଳନ, ସ୍ଥାନ: ବନ୍ତଛକ ଜୀବନବୀମା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ।
- ବ୍ଲକସ୍ତରୀୟ କ୍ରୀଡ଼ାର ଉଦ୍‌ଯାପନୀ, ସ୍ଥାନ: ମାଞ୍ଚୁରୀ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା ।

## କେନ୍ଦୁଝର
- ଡିଏମ୍‌ଏଫ୍ ଉଦ୍ୟମର ଶୁଭାରମ୍ଭ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଜନଶୁଣାଣି କାର୍ଯ୍ୟକ୍ରମ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ : ପୂର୍ବାହ୍ନ ୧୧ ଟା ।
- ଦ୍ୱିତୀୟ ଚକ୍ଷୁ ଅପରେସନ ଥିଏଟର ଉଦ୍‌ଘାଟନ, ସ୍ଥାନ: କେନ୍ଦୁଝର ଏଲ୍‌ଭି ପ୍ରସାଦ ଚକ୍ଷୁ ହସ୍ପିଟାଲ, ସମୟ: ଅପରାହ୍ନ ୨ଟା ୩୦ ।
- ଶ୍ରୀ ମହାବୀର ମନ୍ଦିରରେ ନାମ ସଂକୀର୍ତ୍ତନ, ସ୍ଥାନ : ହାବଳେଶ୍ୱର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦ ।

## ମୟୂରଭଞ୍ଜ
- ମହିଳା ପ୍ରାର୍ଥୀଙ୍କ ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୭ଟା ।
- ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ନଗର ବ୍ଲକ୍, ସମୟ:ପୂର୍ବାହ୍ନ ୧୦ଟା ।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ସାଧାରଣ ସଭା ଓ ପୁରସ୍କାର ବିତରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର,ସମୟ: ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର
- ଜିଲାସ୍ତରୀୟ ଭାରୋତ୍ତଳନ, ବାସ୍କେଟବଲ, ସୁଇମିଂ ପ୍ରତିଯୋଗିତ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୭ଟା ୩୦ ।
- ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ସମ୍ପ୍ରସାରଣ ସଂପର୍କିତ ବୈଠକ, ସ୍ଥାନ: ଆରଡିସି ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା ।

## ଗଞ୍ଜାମ
- ଜୋନାଲସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଋଷିକୁଲ୍ୟା ଷ୍ଟାଡିୟମ, କାଳଷଣ୍ଡପୁର ଓ ପ୍ରଗତି ବିଦ୍ୟାପୀଠ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ସକାଳ ୯ ଟା ।

## ଜଗତ୍‌ସିଂହପୁର
- ଜିଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା ସମିତି (ଦିଶା) ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆଳିଜଙ୍ଗା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ୩ୟ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ ଟା ।
- କଂଗ୍ରେସ ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ସୃଜନ ଅଭିଯାନ, ସ୍ଥାନ: ନୟାଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ପ୍ରବଚନରେ କପିଳ ଦେବହୁତି ସମ୍ବାଦ, ଦକ୍ଷଯଜ୍ଞ ଓ ପ୍ରହଲ୍ଲାଦ ଚରିତ, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା
- ଏଆଇସିସି ପର୍ଯ୍ୟବେକ୍ଷକ ରିଜୱାନ ଅର୍ଶଦ ଏବଂ ରାୟଗଡା ଜିଲାର ବିଧାୟକଙ୍କ ସଂଗଠନ ସୃଜନ ଅଭିଯାନକୁ ନେଇ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଟାଉନ ହଲ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

## ନବରଙ୍ଗପୁର
- ଶ୍ରୀଅର୍ଣ୍ଣ ଅଭିଯାନ ପ୍ରକଳ୍ପ ଆନୁକୁଲ୍ୟରେ ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ ପ୍ରଦର୍ଶନ, ସ୍ଥାନ: ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।

## କୋରାପୁଟ
- ଜିଲାପାଳଙ୍କ ନନ୍ଦପୁର ଓ ସେମିଳିଗୁଡା ବ୍ଲକ ପରିଦର୍ଶନ, ସ୍ଥାନ: ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା ।
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା ।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା ।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭୀମ ଭୋଇ ଉଦ୍ୟାନ ନିକଟସ୍ଥ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା ।

## ରାଉରକେଲା
- ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ।
- ଗୃହ ବଣ୍ଟନରେ ଅନିୟମିତା ନେଇ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଡିଏ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୩୦ ।
- ବାସନ୍ତୀ ଦୁର୍ଗାପୂଜା ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ୟୁଥ୍ କ୍ଲବ ପରିସର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁନ୍ଦରଗଡ଼
- ରୋଟାରୀ କ୍ଲବ ପକ୍ଷରୁ ନୈତିକ ମୂଲ୍ୟବୋଧ ବିଷୟରେ ଆଲୋଚନା ଚକ୍ର,ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା୩୦ ।
- କବି ବିନୋଦ ଚନ୍ଦ୍ର ନାଏକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ:ସନ୍ଧ୍ୟା ୬ଟା ।
- କବି ବିନୋଦ ଚନ୍ଦ୍ର ନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା୩୦ ।

## ବରଗଡ଼
- ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଝାରବନ୍ଧ,ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ମା' ମାଣିକେଶ୍ୱରୀଙ୍କ ନିକଟରେ ଲାଗିବ ନବାନ୍ନ, ପ୍ରସାଦ ବଣ୍ଟନ, ସ୍ଥାନ: ଭବାନୀପାଟଣା ମାଣିକେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା ୪୫ ।

## ବୌଦ୍ଧ
- ଗେହ୍ଲାମା କଳାନିକେତନର ନୂଆଖାଇ ଭେଟ୍‌ଘାଟ୍ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ବୌଦ୍ଧ, ସମୟ:ପୂର୍ବାହ୍ନ ୧୧ଟା ।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା ।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପୂଜା ପେଣ୍ଡାଲ, ସମୟ: ରାତି ୮ଟା ।

## ସୁବର୍ଣ୍ଣପୁର
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ:ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦ ।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫ ।

## ନୂଆପଡ଼ା
- ଭିଡିଓ କନଫରେନ୍ସ ମାଧ୍ୟମରେ ନୂତନ ଏଡିଜେ କୋର୍ଟ ଉଦ୍‌ଘାଟନ, ସ୍ଥାନ: ଖଡିଆଳ କୋର୍ଟ ପରିସରରେ କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା ୪୫ ।
- ପ୍ରଦେଶ କଂଗ୍ରେସ ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଖୁଣ୍ଟିଆ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସଙ୍ଗଠନ ଶ୍ରୀଜନ ଅଭିଯାନକୁ ନେଇ ଜିଲାସ୍ତରୀୟ କଂଗ୍ରେସ କର୍ମକର୍ତ୍ତାଙ୍କ ଆଲୋଚନା, ସ୍ଥାନ: କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦିନଟି ହସଖୁସିରେ କଟିବା ସହ ସାମାଜିକ ସ୍ତରରେ ସମ୍ମାନର ଅଧିକାରୀ ହେବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଏବଂ ସମସ୍ୟା ମଧ୍ୟ ସମାଧାନ ହେବ । ଅଶ୍ୱିନୀ ନକ୍ଷତ୍ର ସକାଶେ ବିଶେଷ ଭ୍ରମଣଜନିତ ଅବସାଦ ଦେଖାଦେଇପାରେ । ବାଣିଜ୍ୟ, ବ୍ୟବସାୟ କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିବାର ସୂଚନା ପରିଲକ୍ଷିତ ହେବ ।

**ବୃଷ**
ପ୍ରିୟଜନଙ୍କ ସାନ୍ନିଧ ଲାଭକରି ଆନୁଷ୍ଠାନିକ କାମ ସକାଶେ ଧାଁ ଦୌଡ଼ କରିବାକୁ ପଡ଼ିପାରେ । ଯାତ୍ରା ସମୟରେ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ । ମୃଗଶିରା ନକ୍ଷତ୍ର ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି । ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବା ଆଶା ରହିଛି ।

**ମିଥୁନ**
ଆରଦ୍ରା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସମ୍ପନ୍ନ କରିବେ । ଅର୍ଥନୈତିକ କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖାଦେବ । ପରିବାର ସଦସ୍ୟଙ୍କୁ ସନ୍ଦେହ କରି ଅଯଥା ପାରିବାରିକ ବାତାବରଣକୁ ଅସ୍ଥିର କରିପାରନ୍ତି । ଜମିଜମା ସମ୍ପର୍କିତ ସମସ୍ୟା, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, କାମରେ ପ୍ରତୀକ୍ଷାକୁ କେନ୍ଦ୍ରକରି କ୍ଷୋଭ ପ୍ରକାଶ କରିବେ ।

**କର୍କଟ**
ଅଶ୍ଳେଷା ନକ୍ଷତ୍ର ଆଜି କାର୍ଯ୍ୟବ୍ୟସ୍ତତା କାରଣରୁ ଘର କାମ କରିବାକୁ ସମୟ ପାଇବେ ନାହିଁ । ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ଦୁଶ୍ଚିନ୍ତା ଦୂରହେବ । ବନ୍ଧୁ ଗହଣରେ ଆକସ୍ମିକ ଜଣେ ପ୍ରିୟଜନଙ୍କ ଦେଖା ମନକୁ ହାଲୁକା କରିଦେବ । ଆଜିର ଯାତ୍ରା, ବ୍ୟବସାୟିକ ସ୍ଥିତି ଏବଂ ଫଳପ୍ରଦ ଆଲୋଚନାରୁ ଖୁସି ଅନୁଭବ କରିବେ ।

**ସିଂହ**
ନିଜର କେତେକ କାମକୁ ପରିବାରର ସଦସ୍ୟ ମାନେ ମଧ୍ୟ ବିରୋଧ କରିପାରନ୍ତି । ଭୁଲ୍ ବୁଝାମଣା ଲାଗି ରହିବା କାରଣରୁ ବନ୍ଧୁବର୍ଗରେ ମଧ୍ୟ ଅଶାନ୍ତ ବାତାବରଣ ସୃଷ୍ଟିହେବ । ଅବଶ୍ୟ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ କୌଣସି ଅସୁବିଧା ହେବନାହିଁ । ଅବଶ୍ୟ ଚନ୍ଦ୍ରଙ୍କ ପ୍ରଭାବରୁ ବ୍ୟୟବହୁଳ କରାଇ କାମ ହାସଲ କରିବେ ।

**କନ୍ୟା**
ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟହାନି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ । ସମସ୍ୟାର ସମାଧାନ କ୍ଷେତ୍ରରେ କିଛିନା କିଛି ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପଡ଼ିବ । ନିଜ ନିଜର ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି । ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

**ତୁଳା**
ଆଜି ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ । ସ୍ୱାତୀ ନକ୍ଷତ୍ର ସମ୍ପର୍କୀୟଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ । ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବା ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ, କଳା, ସାହିତ୍ୟ, ସଙ୍ଗୀତ ସମାରୋହରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ ।

**ବିଛା**
ଅନୁରାଧା ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ୟବସାୟ, ଯାତ୍ରା, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଆସିପାରେ । ସଭାସମିତି, ବନ୍ଧୁମିଳନ, ଆନୁଷ୍ଠାନିକ କାର୍ଯ୍ୟ ଓ ମନୋରଞ୍ଜନାଦି କାମରେ ସଫଳତା ହାସଲ କରିବେ ।

**ଧନୁ**
ଆଜି ଶାରୀରିକ ସୁସ୍ଥତା ସହ ବ୍ୟବସାୟିକ ଦିଗରେ ମଧ୍ୟ ସଫଳତା ମିଳିବ । ମୂଳା ନକ୍ଷତ୍ର ସକାଶେ ଈର୍ଷା ପରାୟଣ ବନ୍ଧୁଙ୍କ କାର୍ଯ୍ୟ ଅସନ୍ତୋଷଜନକ ରହିବ । ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇପାରନ୍ତି । ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମ୍ମାନିତ ହେବେ ।

**ମକର**
ଆଜି ଚନ୍ଦ୍ରଙ୍କ ଶୁଭତ୍ୱ ପ୍ରତ୍ୟେକ କାର୍ଯ୍ୟରେ ସଫଳତା, ବୈଷୟିକ ଅଭିବୃଦ୍ଧି ଓ ସମସ୍ୟା ସମାଧାନରେ ସହାୟକ ହେବ । ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି । ପରିଜନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି । କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ଲାଗି ରହିବ ।

**କୁମ୍ଭ**
ଆଜି ପୂର୍ବଭାଦ୍ରପଦ ନକ୍ଷତ୍ର ବନ୍ଧୁମିଳନ ସହ ଦେବଦର୍ଶନ, ପୂଜାର୍ଚ୍ଚନା ଦିଗରେ ନିଷ୍ଠାବାନ୍ ହୋଇପାରନ୍ତି । ପାରିବାରିକ ସ୍ତରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିବ । ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ । ରାଜନୈତିକ ପରିସ୍ଥିତି କ୍ରମଶଃ ଜଟିଳ ହୋଇପାରେ ।

**ମୀନ**
ଆଜି ବନ୍ଧୁଙ୍କ ସହ ନୂତନ କର୍ମାରମ୍ଭ ସକାଶେ ଲାଗି ପଡ଼ିବେ । ରେବତୀ ନକ୍ଷତ୍ର ଆଧ୍ୟାତ୍ମିକ ଗ୍ରହ ପ୍ରଭାବରେ ଧର୍ମକାର୍ଯ୍ୟ, ସତ୍‌ସଙ୍ଗ ଦିଗକୁ ମନ ବଳାଇପାରନ୍ତି । ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ । ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ ।

ଆଜି ସେପ୍ଟେମ୍ବର ୨ ତାରିଖ, ବିଶ୍ୱ ନାରିକେଳ ଦିବସ, ଶ୍ରୀମନ୍ଦିରରେ କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣିଖିଆ, ମଥୁରାହାଟ ଜୁର, ମଥୁରାବିଜୟ ଯାତ୍ରା, ଭାଦ୍ରବ ଶୁକ୍ଳ ଦଶମୀ ମଙ୍ଗଳବାର । ରାଶିନକ୍ଷତ୍ର-ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୮।୪୦ ଗତେ, ଘ.୧୦।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ରାହୁକାଳ ।

# ଆୟୁଷ ହସ୍ପିଟାଲରେ ମିଳିବ ନିଦାନ ସେବା

ଭୁବନେଶ୍ୱର,୧।୯(ବନ୍ଦନା ସେଠୀ)

ଖୁବ୍‌ଶୀଘ୍ର ଆୟୁଷ ହସ୍ପିଟାଲ ଏବଂ ଡିସ୍‌ପେନ୍‌ସାରିରେ ନିଦାନ ସେବା (ରୋଗ ଚିହ୍ନଟ ଲାଗି ବିଭିନ୍ନ ପରୀକ୍ଷା) ପାଇବେ ରୋଗୀ । ପ୍ରଥମଥର ପାଇଁ ଆୟୁର୍ବେଦିକ ଏବଂ ହୋମିଓପାଥି ଚିକିତ୍ସାରେ ଏହି ସେବା ମିଳିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ସୂଚନା ଦେଇଛନ୍ତି । ରାଜ୍ୟରେ ଥିବା ଉଭୟ ହୋମିଓପାଥି ଏବଂ ଆୟୁର୍ବେଦିକର ୯ ମେଡିକାଲ କଲେଜ ଏବଂ ୧୧ଶହରୁ ଊର୍ଦ୍ଧ୍ୱ ଆୟୁଷ ଡିସ୍‌ପେନ୍‌ସାରିରେ ନିଦାନ ସେବା ମାଗଣାରେ ଉପଲବ୍ଧ ହେବ । ପୂର୍ବରୁ ଆୟୁଷ ଡିସ୍‌ପେନ୍‌ଶାରିରେ କେବଳ ଲକ୍ଷଣ ଦେଖି ଡାକ୍ତର ମେଡିସିନ୍ ଦେଉଥିଲେ । ମାତ୍ର ଏବେ ଜଣେ ରୋଗୀର ମେଡିକାଲ ଟେଷ୍ଟ ହେବା ପରେ ସେହି ରିପୋର୍ଟ ଦେଖି ମେଡିସିନ୍ ନେଇପାରିବେ । ଚିକିତ୍ସା କ୍ଷେତ୍ରରେ ଅଗ୍ରଗତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରାୟ ୧ମାସ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁ ହୋଇଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଥିଲା ପୁଅ ସଭାରେ ଜିଣେ**
**ବୁଦ୍ଧି ଥିଲା ପୁଅ ପୋଷଇ ପଣେ।**

ବାପର ସାହାଯ୍ୟ ସମର୍ଥନ ପାଇଲେ ପୁଅର ସାହସ ଦ୍ୱିଗୁଣିତ ହୋଇଯାଏ । ଉତ୍ସାହ ପ୍ରେରଣା ପାଇଲେ ନିଜକୁ ହେୟ ମନେ ନ କରି ଆଗକୁ ବଢ଼ିଚାଲିଥାଏ । ସେହିପରି ତା'ର ଆତ୍ମବଳ, ଆତ୍ମବିଶ୍ୱାସ ବଢ଼ିଯିବା ସହ ସବୁ କ୍ଷେତ୍ରରେ ବିଜୟ ଲାଭ କରିବାର ସମ୍ଭାବନା ମଧ୍ୟ ବଢ଼ିଯାଇଥାଏ । ସେହିପରି ବୁଦ୍ଧିମନ୍ତ ପୁଅ ଯେକୌଣସି ଉପାୟରେ ମଧ୍ୟ ନିଜ ପରିବାର ପ୍ରତିପୋଷଣ କରିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ବଜ୍ରର ବାଣ**
**ଘଇତା ଉପରେ ମାଇପ ଟାଣ।**

ସ୍ୱାମୀ ନିକମା ବା ଅପାରଗ ହେଲେ ସ୍ତ୍ରୀର ଆଧିପତ୍ୟ ବଢ଼ିଯାଇଥାଏ । ଏପରିସ୍ଥଳେ ସ୍ତ୍ରୀ ନିଜ ସ୍ୱାମୀ ଆଗରେ ଟାଣପଣ ଦେଖେଇ ହେବା ସହ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଶ୍ରୀମନ୍ଦିର ପରିସରରେ ଖୋଲିଲା ସ୍ତନ୍ୟପାନ ଗୃହ

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ସୋମବାରଠାରୁ ଖୋଲିଛି ମାତୃ ଶିଶୁ ସ୍ତନ୍ୟପାନ ଗୃହ । ଫଳରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଛୋଟ ଶିଶୁଙ୍କୁ ଧରି ଆସୁଥିବା ମା'ମାନେ ଏଣିକି ଆଉ ଅସୁବିଧା ଭୋଗିବେ ନାହିଁ । ମା'ମାନେ ଏହି ଗୃହକୁ ଯାଇ ଆରାମରେ ସେମାନଙ୍କ ଛୋଟ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇପାରିବେ । ଶ୍ରୀମନ୍ଦିର ପରିସରସ୍ଥ ଶାଖା କାର୍ଯ୍ୟାଳୟ ତଳେ ଶୀତତାପ ନିୟନ୍ତ୍ରିତ ଏକ ଗୃହରେ ଏହି ବ୍ୟବସ୍ଥା କରାଯାଇଛି । ଏକକାଳୀନ ୪ଜଣ ମହିଳା ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ । ସେଠାରେ ଦୁଇଜଣ ମହିଳା ଜେଟିପି ଏବଂ ମେଡିକାଲ ଟିମ୍ ମଧ୍ୟ ନିୟୋଜିତ କରାଯାଇଛି । ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା



ଜିଲାପାଳ ଦିବ୍ୟରଞ୍ଜନ ପରିଡ଼ା କହିଛନ୍ତି, ମା ଏବଂ ଶିଶୁଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପରିସରରେ ମାତୃ ଶିଶୁ ସ୍ତନ୍ୟପାନ କକ୍ଷ ଖୋଲାଯିବା ଲାଗି ବିଭିନ୍ନ ମହଲରେ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା । ଏଥିଲାଗି ସ୍ଥାନ ନିରୂପଣ କରାଯାଇ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଛି । ମେଡିକାଲ ଟିମ୍, ସ୍ୱେଚ୍ଛାସେବୀ ଏବଂ ଜେଟିପିଙ୍କୁ ନିୟୋଜିତ କରାଯାଇଛି । ଯଦି କିଛି ଅସୁବିଧା ହେବ, ପ୍ରଶାସନ ପକ୍ଷରୁ ତା'ର ସମାଧାନ କରାଯିବ ବୋଲି ଜିଲାପାଳ ପରିଡ଼ା କହିଛନ୍ତି । ସରକାରଙ୍କ ଏହି ପଦକ୍ଷେପକୁ ଉଭୟ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି । ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ମଧ୍ୟ ମାତୃଶିଶୁ ସ୍ତନ୍ୟପାନ ଗୃହ ଖୋଲାଯିବାର ଆବଶ୍ୟକତା ରହିଛି ବୋଲି ସେମାନେ ମତ ଦେଇଛନ୍ତି । ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତ୍ୟେକ ଦିନ ଅନେକ ମା' ଛୋଟ ପିଲାଙ୍କୁ ଧରି ଆସିଥାନ୍ତି । ତେବେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ପାଇଁ ଶିଶୁମାନଙ୍କୁ ମା'ମାନେ ସ୍ତନ୍ୟପାନ କରାଇବାରେ ସମସ୍ୟା ଭୋଗିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ମାତୃ ସ୍ତନ୍ୟପାନ ଗୃହ ଖୋଲାଯିବାକୁ ବିଭିନ୍ନ ମହଲରେ ଦାବି କରାଯାଇଆସୁଥିଲା । ଏହାପରେ ଏହି ଗୃହ ଖୋଲାଯିବା ନେଇ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସୂଚନା ଦେଇଥିଲେ ।

# ଓଡ଼ିଶାରେ କାର୍ଯ୍ୟକାରୀ ହେବ 'କ୍ୱାଡ୍ ସିଟି' ଯୋଜନା

ଭୁବନେଶ୍ୱର,୧।୯(ସୁନିତ୍ ମିଶ୍ର/ବନ୍ଦନା ସେଠୀ)

**ଭୁବନେଶ୍ୱର, ପୁରୀ, କଟକ ଓ ପାରାଦୀପକୁ ସଂଯୋଗ କରିବ ପ୍ରଥମ ଅର୍ଥନୈତିକ କ୍ଷେତ୍ର**

ରାଜ୍ୟର ପ୍ରମୁଖ ସହରଗୁଡ଼ିକୁ ଅର୍ଥନୀତିକ ଅଭିବୃଦ୍ଧି ସହ ବିଶ୍ୱ ପ୍ରତିଯୋଗିତାର ଏକ ଶକ୍ତିଶାଳୀ ଇଞ୍ଜିନରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ 'କ୍ୱାଡ୍ ସିଟି' ଯୋଜନା ଆରମ୍ଭ ହୋଇଛି । ଏହି ପଦକ୍ଷେପର ଏକ ଅଂଶ ଭାବରେ ରାଜ୍ୟର ଜିଡିପିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ସହରଗୁଡ଼ିକୁ କ୍ଲଷ୍ଟର କରି ସମନ୍ୱିତ ଅର୍ଥନୀତିକ କ୍ଷେତ୍ର ସୃଷ୍ଟି କରିବାକୁ ଯୋଜନା ରହିଛି । ପ୍ରଥମ ଅର୍ଥନୀତିକ କ୍ଷେତ୍ର ଭୁବନେଶ୍ୱର, ପୁରୀ, କଟକ ଏବଂ ପାରାଦୀପକୁ ସଂଯୋଗ କରିବ । ସେହିପରି ସୁନାବେଡା, କୋରାପୁଟ, ବରଗଡ଼ ଏବଂ ସମ୍ବଲପୁରକୁ ସଂଯୋଗ କରି ଆଉ ଏକ ଅର୍ଥନୀତିକ କ୍ଷେତ୍ର ବିକଶିତ କରାଯିବ । ଏହି ଦୃଷ୍ଟିକୋଣକୁ ପୂରଣ କରି ସମୃଦ୍ଧ ସହର ପ୍ରୟାସ ଆରମ୍ଭ କରାଯାଇଛି । ଏହା ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର୍)ର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସକ୍ରିୟ ସହର-ଶିଳ୍ପ କରିଡର ଭାବରେ ପରିକଳ୍ପନା କରାଯାଇଛି । ଏହି ଯୋଜନାରେ ସମ୍ବଲପୁର-ଝାରସୁଗୁଡ଼ା-ବରଗଡ଼, କୋରାପୁଟ-ସୁନାବେଡ଼ା-ଜୟପୁର ଏବଂ କେନ୍ଦୁଝର-ଯୋଡ଼ା-ବଡବିଲ ଭଳି ଅନ୍ୟାନ୍ୟ ପ୍ରମୁଖ ହବ୍‌କୁ ବିସ୍ତାର କରିବା ପ୍ରସ୍ତାବ ଦିଆଯାଇଛି । ଏହାବ୍ୟତୀତ ଅନୁଗୋଳ, ବଲାଙ୍ଗୀର, ଭଦ୍ରକ, ବ୍ୟାସନଗର, କେନ୍ଦୁଝର, ବାରିପଦା, ରାୟଗଡ଼ା ଏବଂ ରାଉରକେଲା ସମେତ ଶିଳ୍ପ କ୍ଲଷ୍ଟର ଆଖପାଖରେ ଥିବା ୮ଟି ସହରକୁ ମଡେଲ ସହର ଭାବରେ ବିକଶିତ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଏନେଇ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି, ଓଡ଼ିଶାର କ୍ୱାଡ୍ ସିଟି କାର୍ଯ୍ୟକ୍ରମ ସମୃଦ୍ଧ ସହର ଯୋଜନା ସହିତ ସହରାଞ୍ଚଳ ବିସ୍ତାର କରିବା ସହ ଆର୍ଥିକ କାରବାର, ଶିଳ୍ପ ସୁଯୋଗ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ଅଞ୍ଚଳଗୁଡ଼ିକ ଜାତୀୟ ଏବଂ ବିଶ୍ୱ ଅର୍ଥନୀତିରେ ଓଡ଼ିଶାର ଭୂମିକାକୁ ବୃଦ୍ଧି କରିବା ସହିତ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ଢାଞ୍ଚା ପ୍ରଦାନ କରିବ । ପରସ୍ପର ସଂଯୁକ୍ତ ଅର୍ଥନୈତିକ କ୍ଷେତ୍ର ଏବଂ ସ୍ଥାୟୀ ସହରାଞ୍ଚଳ-ଶିଳ୍ପ କରିଡର ସୃଷ୍ଟି କରି ଓଡ଼ିଶା ଏହାର ସହରଗୁଡ଼ିକୁ ନବସୃଜନ, ବାଣିଜ୍ୟ ଏବଂ ସମୃଦ୍ଧିର ଭବିଷ୍ୟତ ପ୍ରସ୍ତୁତ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ କରୁଥିବା ପାଢୀ ମତ ରଖିଛନ୍ତି ।

ପ୍ରଥମ ପୃଷ୍ଠାରୁ...

## ବଢ଼ିଛି ବଜେଟ୍ ଖର୍ଚ୍ଚ...

ପାଉଥିଲେ ତାହା ଅପେକ୍ଷାକୃତ ହ୍ରାସ୍ ପାଇଛି । ୨୦୨୦-୨୧ରେ ରାଜ୍ୟ ସରକାର ଏସ୍‌ଜିଏସ୍‌ଟିରୁ ୧୩ ହଜାର ୪୩କୋଟି ଟଙ୍କା ପାଇଥିବାବେଳେ ୨୦୨୧-୨୨ରେ ୧୬ହଜାର ୩୯୨କୋଟି, ୨୦୨୨-୨୩ରେ ୧୮ହଜାର ୬୦୧ କୋଟି, ୨୦୨୩-୨୪ରେ ୨୩ହଜାର ୮୯୬କୋଟି ଏବଂ ୨୦୨୪-୨୫ରେ ଏହା ବଢ଼ି ୨୫ହଜାର ୬୧କୋଟିରେ ପହଞ୍ଚିଛି । ସେହି ତୁଳନାରେ ରାଜ୍ୟ ସରକାର ଜମିଜମା ପଞ୍ଜୀକରଣରୁ ଯେତିକି ରାଜସ୍ୱ ପାଇବା କଥା ତାହା ପାଇ ନାହାନ୍ତି । ୨୦୨୦-୨୧ରେ ରାଜ୍ୟ ସରକାର ୨,୯୪୨ କୋଟି ଟଙ୍କାର ରାଜସ୍ୱ ପଞ୍ଜୀକରଣରୁ ପାଇଥିବାବେଳେ ଏହା ୨୦୨୧-୨୨ରେ ୨,୪୧୯ କୋଟିକୁ ହ୍ରାସ୍ ପାଇଥିଲା । ସେହିପରି ୨୦୨୨-୨୩ରେ ଏହା ହ୍ରାସ୍ ପାଇ ୧,୯୯୭ କୋଟିରେ ପହଞ୍ଚିଥିବାବେଳେ ୨୦୨୩-୨୪ରେ ଟିକିଏ ବଢ଼ି ୨ହଜାର ୧୨୭ କୋଟିରେ ପହଞ୍ଚିଥିଲା । ମାତ୍ର ୨୦୨୪-୨୫ ଆର୍ଥିକବର୍ଷ ଏହା ପୁଣି ୧,୯୮୭ କୋଟି ଟଙ୍କାକୁ ହ୍ରାସ୍ ପାଇଥିବା ତଥ୍ୟରୁ ଜଣାଯାଇଛି ।

## ଶିକ୍ଷକଙ୍କ ପାଇଁ ଟିଇଟି...

ଦେବା ବାଧ୍ୟତାମୂଳକ । ଯଦି ପରୀକ୍ଷାରେ ପାସ୍ କରି ନ ପାରିବେ ତେବେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ । ଏହି ରାୟ ଓଟିଇଟି ନିୟମ ଲାଗୁହେବା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ଉପରେ ଲାଗୁ କରା ନ ଯାଉ । ଓଟିଇଟି ପରୀକ୍ଷାକୁ ଶିକ୍ଷକ ସଂଘ ସ୍ୱାଗତ କରୁଛି । ଓଟିଇଟି ପରୀକ୍ଷା ଲାଗୁହେବା ପରେ ପ୍ରମୋଶନ୍ ଓ ନିଯୁକ୍ତି କ୍ଷେତ୍ରରେ ଏହି ନିୟମ ଲାଗୁକରାଯାଉ । ପ୍ରମୋସନ କ୍ଷେତ୍ରରେ କୌଣସି ପରିବନ୍ଧକ ରଖା ନ ଯାଉ । ଏହା ବିରୋଧରେ ଶିକ୍ଷକ ସଂଘ ପକ୍ଷରୁ ଚ୍ୟାଲେଞ୍ଜ କରାଯିବ ।

ସେହିପରି ଓଡିଶା ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କୁହନ୍ତି, ଯେଉଁ ଶିକ୍ଷକମାନେ ଆର୍‌ଟିଇ ନିୟମରେ ନିଯୁକ୍ତ ପାଇଥିବେ କିମ୍ବା ସେପ୍ଟେମ୍ବର ୨୦୧୧ ପରେ ନିଯୁକ୍ତି ହୋଇଥିବେ, ସେମାନେ ୨ବର୍ଷ ମଧ୍ୟରେ ଟିଇଟି ପରୀକ୍ଷା ଦେବେ । ୨୦୧୧ ମସିହା ପୂର୍ବରୁ ଏବଂ ପରେ ଯେଉଁ ଶିକ୍ଷକମାନେ ପଦୋନ୍ନତି ପାଇଥିବେ, ସେମାନେ ଟିଇଟି ପରୀକ୍ଷା ଦେଲେ ତାଙ୍କର ପଦୋନ୍ନତି ହେବ । ପଦୋନ୍ନତି ପାଇଁ ଟିଇଟି ପରୀକ୍ଷାର ଆବଶ୍ୟକତା ରହିଛି । ଏହି ରାୟ ମହାରାଷ୍ଟ୍ର ଶିକ୍ଷକଙ୍କ ପାଇଁ ରହିଛି । ଏଥିପାଇଁ ଓଡିଶାର ଶିକ୍ଷକମାନେ ବ୍ୟସ୍ତ ହେବାର ନାହିଁ ।

## ଗ୍ରୋସେରି ଦୋକାନୀଙ୍କୁ...

କରିବା, ଋଣ ପାଇବା କିମ୍ବା ଟିକସ ଫାଙ୍କିବା ଆଦି ପାଇଁ ଅନ୍ୟ ଜଣଙ୍କର ପାନ୍ ବିବରଣୀକୁ ବ୍ୟବହାର କରିଥାନ୍ତି । ସାଧାରଣତଃ ଅପ୍ରତ୍ୟାଶିତ ଭାବେ ଟିକସ ନୋଟିସ ଆସିବା ପରେ ଯାଇ ପୀଡ଼ିତମାନେ ଏପରି ଠକେଇର ସମ୍ମୁଖୀନ ହୋଇଥିବା ନେଇ ଜାଣିପାରିଥାନ୍ତି । ଏପରି ବିପଦକୁ କମ୍ କରିବା ପାଇଁ ନିୟମିତ ଭାବେ କ୍ରେଡିଟ୍ ରିପୋର୍ଟକୁ ଯାଞ୍ଚ୍ କରିବା ଓ ଆଧାର ସହ ପାନ୍ କାର୍ଡକୁ ଲିଙ୍କ୍ କରିବା ନିତାନ୍ତ ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି ।

# ଭାରତର ସେମିକଣ୍ଡକ୍ଟର ବିପ୍ଳବ


ଅଶ୍ୱିନୀ ବୈଷ୍ଣବ

ପ୍ରାରମ୍ଭିକ ଦିନଗୁଡ଼ିକରେ କମ୍ପ୍ୟୁଟରଗୁଡ଼ିକ ବିଶାଳ ମେଶିନ ଥିଲା, ଯାହା ପ୍ରାୟତଃ ଗୋଟିଏ କୋଠରିକୁ ଅଧିକାର କରୁଥିଲା। ସେହି ସମୟରେ ସେଗୁଡ଼ିକ ହଜାର ହଜାର ଭାକ୍ୟୁମ ଟ୍ୟୁବ୍ ଦ୍ୱାରା ଚାଲୁଥିଲା ଏବଂ 'ଅନ୍-ଅଫ୍' ସ୍ୱିଚ୍ ପରି କାମ କରୁଥିଲା, ଯାହାକି ଆଜି ଆମେ ବ୍ୟବହାର କରୁଥିବା ଚମକଦାର ଡିଭାଇସ୍‌ଠାରୁ ଅଧିକ ପୁରୁଣା ଟେଲିଫୋନ୍ ଏକ୍ସଚେଞ୍ଜ ପରି ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ଆପଣଙ୍କ ନଖଠାରୁ ଛୋଟ ଏକ ଚିପ୍ ଭିତରେ ଅଧିକ ଶକ୍ତି ରହିଛି ଯାହା ବିଲିୟନ ଟ୍ରାଞ୍ଜିଷ୍ଟର ଦ୍ୱାରା ଚାଳିତ। ଏହି ଚିପ୍‌ଗୁଡ଼ିକ ଆପଣଙ୍କ ମୋବାଇଲ ଫୋନ୍, କାର୍, ଟ୍ରେନ୍, ଫ୍ରିଜ୍, ଟିଭି, ସ୍କୁଟି, ଫ୍ୟାକ୍ଟ୍ରି ମେଶିନ, ବିମାନ ଏବଂ ମହାକାଶରେ ଥିବା ସାଟେଲାଇଟ୍‌ଗୁଡ଼ିକୁ ଚଳାଇଥାଏ। ଏହା ଏତେ ଛୋଟ ଯେ, ଏବେ ଏହା ଏକ ସ୍ମାର୍ଟମୁଦି ମାଧ୍ୟମରେ ଆପଣଙ୍କ ଆଙ୍ଗୁଠିରେ ରହି ଆପଣଙ୍କ ହୃଦୟର ସ୍ୱାସ୍ଥ୍ୟାବସ୍ଥାକୁ ଟ୍ରାକ୍ କରିପାରୁଛି। ଏହା ହେଉଛି ସେମିକଣ୍ଡକ୍ଟରର ଯାଦୁ।

**ପ୍ରଗତି ପାଇଁ ସେମିକଣ୍ଡକ୍ଟର**

ଏକ ରାଷ୍ଟ୍ରର ବିକାଶ ପାଇଁ, ତାହାର ବୃଦ୍ଧିକୁ ଆକାର ଦେଉଥିବା ମୁଖ୍ୟ କ୍ଷେତ୍ରଗୁଡ଼ିକରେ ଦକ୍ଷତା ହାସଲ କରିବା ଅତ୍ୟାବଶ୍ୟକ। ଏହି ମୌଳିକ କ୍ଷେତ୍ରଗୁଡ଼ିକ ମଧ୍ୟରେ ଷ୍ଟିଲ୍, ବିଦ୍ୟୁତ୍, ଟେଲିକମ୍, ରସାୟନ, ପରିବହନ ଏବଂ ସେମିକଣ୍ଡକ୍ଟର ରହିଛି। ସେମିକଣ୍ଡକ୍ଟର ହେଉଛି ସେହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ କ୍ଷେତ୍ର। ଆମେ ବ୍ୟବହାର କରୁଥିବା ପ୍ରାୟ ସବୁଥିରେ, ଯେପରିକି ସ୍ମାର୍ଟଫୋନ୍, କାର୍, ଟ୍ରେନ୍, ଚିକିତ୍ସା ଉପକରଣ, ପ୍ରତିରକ୍ଷା ବ୍ୟବସ୍ଥା, ବିଦ୍ୟୁତ୍ ଗ୍ରୀଡ୍, ସାଟେଲାଇଟ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା ଆଦିରେ ଲୁଚି ରହିଥିବା ଇଞ୍ଜିନ ହେଉଛନ୍ତି ସେମାନେ। ସେମିକଣ୍ଡକ୍ଟର ଶିଳ୍ପ ହେଉଛି ଏକ ମୌଳିକ ଏବଂ କୌଶଳଗତ ଶିଳ୍ପ। ଯେପରି ଇସ୍ପାତ କାରଖାନା, ପୋଲ ଓ ରେଳପଥ ନିର୍ମାଣର ଆଧାର ହୋଇଥାଏ, ସେହିପରି ସେମିକଣ୍ଡକ୍ଟର ଡିଜିଟାଲ ଅର୍ଥନୀତିର ଭିତ୍ତିଭୂମି। ଚିପ୍ ବିନା ଆଧୁନିକ ଯୋଗାଯୋଗ, ଡାଟା ପ୍ରୋସେସିଂ, କୃତ୍ରିମ ବୁଦ୍ଧିମତ୍ତା, ଅକ୍ଷୟ ଶକ୍ତି ପ୍ରଣାଳୀ ଏବଂ ସୁରକ୍ଷିତ ପ୍ରତିରକ୍ଷା ବ୍ୟବସ୍ଥା ସମ୍ଭବ ନୁହେଁ। ଯଦି ଗୋଟିଏ ରାଷ୍ଟ୍ର ସେମିକଣ୍ଡକ୍ଟର ଡିଜାଇନ ଓ ଉତ୍ପାଦନ କରିପାରେ ନାହିଁ, ତେବେ ତାକୁ ସ୍ୱାସ୍ଥ୍ୟସେବାଠାରୁ ନେଇ ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ ମୌଳିକ ଆବଶ୍ୟକତା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡ଼ିଥାଏ। ତେଣୁ, ସେମିକଣ୍ଡକ୍ଟରରେ ଶକ୍ତିଶାଳୀ ହେବା ଏକ ଶିଳ୍ପଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଆମ ନିଜର ଭବିଷ୍ୟତକୁ ନିଜେ ଆକାର ଦେବାର ସଙ୍କଳ୍ପ।

**ରଣନୈତିକ ଏବଂ ଭୂ-ରାଜନୈତିକ ଆବଶ୍ୟକତା**

ଚିପ୍‌ର ମହତ୍ତ୍ୱ କେତେ ଅଧିକ ତାହା କୋଭିଡ୍-୧୯ ମହାମାରୀ ସ୍ପଷ୍ଟ କରିଦେଇଥିଲା। ବିଶ୍ୱ ଚିପ୍ ଯୋଗାଣ ଶୃଙ୍ଖଳା ବିଫଳହେବା କାରଣରୁ ବିଭିନ୍ନ ଶିଳ୍ପର ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଥିଲା। ଏହି ବ୍ୟାଘାତ ହେତୁ ହଜାର ହଜାର କୋଟି ଟଙ୍କାର ଉତ୍ପାଦନ କ୍ଷତି ହୋଇଥିଲା। ଫଳରେ ଅଟୋ ଶିଳ୍ପ, ନେଟ୍‌ୱାର୍କିଂ ଡିଭାଇସ୍, ଘରୋଇ ଇଲେକ୍ଟ୍ରୋନିକ୍ସ ଆଦି କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲେ। ସେମିକଣ୍ଡକ୍ଟର ଆଜି ବିଶ୍ୱ ଭୂ-ରାଜନୀତିର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ଚିପ୍ ନିର୍ମାଣ କେବଳ କିଛି ଅଞ୍ଚଳରେ କେନ୍ଦ୍ରୀଭୂତ ହେବା ହେତୁ ଛୋଟରୁ ଛୋଟ ବ୍ୟାଘାତ ମଧ୍ୟ ବିଶ୍ୱବ୍ୟାପୀ ପ୍ରଭାବ ପକାଇପାରେ। କେଉଁଠି ବିଦ୍ୟୁତ୍ ସେବାରେ ବ୍ୟାଘାତ କିମ୍ବା ଅନ୍ୟ କେଉଁଠି କାରଖାନାରେ ଦୁର୍ଘଟଣା ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳକୁ ବାଧାଗ୍ରସ୍ତ କରିପାରେ। ଏହା କେବଳ ଶିଳ୍ପଗୁଡ଼ିକୁ ଧୀମା କରିଦେଉନାହିଁ, ବରଂ ବିଶ୍ୱ ଅର୍ଥନୀତି ଓ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରୁଛି।

'ବିରଳ ଭୂ-ଚୁମ୍ବକ' (Rare Earth Magnet) ଉପରେ ସାମ୍ପ୍ରତିକ ଧ୍ୟାନ ଏକ କଟୁ ସତ୍ୟକୁ ମନେପକାଇଦିଏ ଯେ, ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଉପରେ ନିୟନ୍ତ୍ରଣ କିପରି ବିଶ୍ୱ ଶକ୍ତିକୁ ଆକାର ଦେଇପାରେ। ସେହିପରି, ସେମିକଣ୍ଡକ୍ଟର ଡିଜିଟାଲ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ହୋଇପଡ଼ିଛି।

**ଚାହିଦା ବୃଦ୍ଧି**

ଭବିଷ୍ୟତରେ ସେମିକଣ୍ଡକ୍ଟରର ଚାହିଦା ବଢ଼ିବାକୁ ଯାଉଛି। ଆମର ନିଜସ୍ୱ ବୈଦ୍ୟୁତିକ-ଯନ୍ତ୍ର ବ୍ୟବହାର ଓ ଉତ୍ପାଦନ ଅଭୂତପୂର୍ବ ଗତିରେ ବିସ୍ତାରିତ ହେଉଛି। ଆଜି ଭାରତରେ ୬୫ କୋଟିରୁ ଅଧିକ ସ୍ମାର୍ଟଫୋନ୍ ବ୍ୟବହାରକାରୀ ଅଛନ୍ତି ଏବଂ ଆମର ବୈଦ୍ୟୁତିକ-ଯନ୍ତ୍ର ଉତ୍ପାଦନ ବାର୍ଷିକ ୧୨ ଲକ୍ଷ କୋଟିର ସୀମା ଛୁଇଁପାରୁଛି। ଏହା ସହ ଆମେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)-ଆଧାରିତ ସିଷ୍ଟମ, ଡାଟା ସେଣ୍ଟର ଏବଂ ଇଲେକ୍ଟ୍ରିକ୍ ଯାନବାହନ ବିକାଶ କରୁଛୁ ଯାହା ସେମିକଣ୍ଡକ୍ଟର ଚିପ୍ ଆବଶ୍ୟକ କରେ। ଉଭୟ ଚାହିଦା ଏବଂ ନବୋନ୍ମେଷରେ ଏହି ଉତ୍ଥାନ କାରଣରୁ ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ନିଜର ସ୍ଥାନ ସୁରକ୍ଷିତ କରିବା ଭାରତ ପାଇଁ ଆବଶ୍ୟକ ହୋଇ ପଡ଼ିଛି।

**ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ଭବିଷ୍ୟତ**

ଦଶନ୍ଧି ଧରି ଭାରତକୁ କୁହାଯାଉଥିଲା ଯେ ଏହା ସେମିକଣ୍ଡକ୍ଟରରେ ବସ୍ ମିସ୍ କରିଛି। ଏହା ଆଉ ସତ୍ୟ ନୁହେଁ। 'ଭାରତ ସେମିକଣ୍ଡକ୍ଟର ମିଶନ' ଅଧୀନରେ ୧୦ଟି ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ଅନୁମୋଦନ ମିଳିଛି, ଯାହାଫଳରେ ପ୍ଲାଣ୍ଟଗୁଡ଼ିକର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଅଗ୍ରସର ହେଉଛି।

ଆଜି, ଆମେ ଆତ୍ମବିଶ୍ୱାସର ସହ କହିପାରିବା ଯେ, ଚଳିତ ବର୍ଷ ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଚିପ୍ ଉତ୍ପାଦନ ହେବ। ସାନନ୍ଦର ଏକ ୟୁନିଟ୍‌ରେ ପାଇଲଟ ଉତ୍ପାଦନ ଲାଇନ ଆରମ୍ଭ ହୋଇସାରିଛି ଏବଂ ୧ ବର୍ଷ ମଧ୍ୟରେ ଆମେ ଆଉ ଚାରୋଟି ୟୁନିଟ୍ ଉତ୍ପାଦନ ଆରମ୍ଭ କରିବା ପାଇଁ ଆଶା ରଖିଛୁ।

ଆପ୍ଲାଇଡ୍ ମେଟେରିଆଲ୍ସ , ଲାମ୍ ରିସର୍ଚ୍ଚ, ମର୍କ ଏବଂ ଲିଣ୍ଡେ ଭଳି ବିଶ୍ୱ ନେତାମାନେ ସହାୟକ ଫ୍ୟାକ୍ଟ୍ରି ଏବଂ ଯୋଗାଣ ଶୃଙ୍ଖଳାରେ ନିବେଶ କରୁଛନ୍ତି। ଏହି ଆଭିମୁଖ୍ୟ ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ଶିଳ୍ପର ଦୀର୍ଘକାଳୀନ ବୃଦ୍ଧି ଉପରେ ଧ୍ୟାନକୁ ପ୍ରତିଫଳିତ କରେ। ଅତି କମ୍ ସମୟ ମଧ୍ୟରେ ଏହି ବ୍ୟାପକ ସଫଳତା ଅନେକ କାରଣରୁ ମିଳିଛି। ସେଥିମଧ୍ୟରୁ ଆମ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟ ଦୃଷ୍ଟିକୋଣ, କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ଧ୍ୟାନ, ପେସାଦାରଙ୍କ ହାତରେ ନିଷ୍ପତ୍ତି ଗ୍ରହଣ କ୍ଷମତା, ଆନ୍ତର୍ଜାତିକ ସହଯୋଗ ଏବଂ ରାଜ୍ୟ ସରକାରଙ୍କ ଦୃଢ଼ ସମର୍ଥନ ଅନ୍ୟତମ। ଭାରତ ଭବିଷ୍ୟତ ଆଡ଼କୁ ଦ୍ରୁତବେଗରେ ଗତିମାନ ହୋଇଛି। ଆମର ଡିଜାଇନ ଏବଂ ପ୍ରତିଭା ପୁଲ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

**ଡିଜାଇନ ଏବଂ ପ୍ରତିଭା: ଭାରତର ରଣନୈତିକ ସୁବିଧା**

ନୀତି ଏବଂ ନିବେଶ ଭାରତର ପ୍ରକୃତ ଶକ୍ତି – ଏହା ଲୋକମାନଙ୍କୁ ସଶକ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଭାରତରେ ବିଶ୍ୱର ୨୦%ରୁ ଅଧିକ ଡିଜାଇନ କର୍ମଚାରୀ ରହିଛନ୍ତି। ଏକ ଆକଳନ ଅନୁଯାୟୀ, ଆଗାମୀ ଦଶକର ଆରମ୍ଭ ସୁଦ୍ଧା ବିଶ୍ୱରେ ୧ ମିଲିୟନରୁ ଅଧିକ ସେମିକଣ୍ଡକ୍ଟର ପେସାଦାରଙ୍କ ଅଭାବ ଦେଖାଦେବ। ଭାରତ ଏହି ଅଭାବ ପୂରଣ କରିବାକୁ ପ୍ରସ୍ତୁତ ହେଉଛି।

୩୫୦ ଅନୁଷ୍ଠାନ ଏବଂ ଷ୍ଟାର୍ଟଅପ୍‌ରେ ୬୦,୦୦୦ରୁ ଅଧିକ ବ୍ୟବହାରକାରୀ ଭାରତ ସରକାରଙ୍କ ଦ୍ୱାରା ମାଗଣାରେ ପ୍ରଦାନ କରାଯାଇଥିବା ବିଶ୍ୱସ୍ତରୀୟ ଇଲେକ୍ଟ୍ରୋନିକ ଡିଜାଇନ ଅଟୋମେସନ (ଇଡିଏ) ଟୁଲ୍ସ ବ୍ୟବହାର କରୁଛନ୍ତି। କେବଳ ୨୦୨୫ରେ, ଏହାର ବ୍ୟବହାର ୧.୨ କୋଟି ଘଣ୍ଟା ଅତିକ୍ରମ କରିଛି।

ସରକାରଙ୍କ ଦୃଢ଼ ସମର୍ଥନ ସହ ଷ୍ଟାର୍ଟଅପ୍‌ଗୁଡ଼ିକ ଭାରତର ଚିପ୍ ଡିଜାଇନ ଇକୋସିଷ୍ଟମକୁ ଶକ୍ତି ଯୋଗାଉଛନ୍ତି। ମାଇଣ୍ଡଗ୍ରୋଭ ଟେକ୍ନୋଲୋଜିସ୍ ,ଆଇଆଇଟି ମାଡ୍ରାସ୍‌ରୁ ଉଦ୍ଭାବିତ ସ୍ୱଦେଶୀ 'ଶକ୍ତି' ପ୍ରୋସେସର ଉପରେ ଆଧାରିତ ଆଇଓଟି ଚିପ୍ ବିକାଶ କରୁଛି।

ନେତ୍ରାସେମି ନାମକ ଏକ ଷ୍ଟାର୍ଟଅପ୍, ସାମ୍ପ୍ରତିକ ୧୦୭ କୋଟି ଟଙ୍କାର ରେକର୍ଡ ଫଣ୍ଡିଂ ହାସଲ କରିଛି। ଏହା ଭାରତର ସେମିକଣ୍ଡକ୍ଟର ଡିଜାଇନ କ୍ଷେତ୍ରରେ ସବୁଠାରୁ ବଡ଼ ଭିସି ନିବେଶ ମଧ୍ୟରୁ ଗୋଟିଏ, ଯାହା ଏହି କ୍ଷେତ୍ରରେ ନିବେଶକମାନଙ୍କ ବୃଦ୍ଧି ପାଉଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି। ଭାରତ ସରକାରଙ୍କ ଡିଜାଇନ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ (ଡିଏଲ୍‌ଆଇ) ଯୋଜନା ଅଧୀନରେ ଏହିପରି ଅନେକ ଷ୍ଟାର୍ଟଅପ୍‌କୁ ବିକଶିତ କରାଯାଉଛି।

**କ୍ଲାସ୍‌ରୁମ୍‌ରୁ କ୍ଲିନ୍‌ରୁମ୍‌କୁ ଯାତ୍ରା**

ମୋହାଲିରେ ଥିବା ସେମିକଣ୍ଡକ୍ଟର ଲାବରେଟୋରି (ଏସ୍‌ସିଏଲ୍)ରେ ୧୭ଟି ଅନୁଷ୍ଠାନର କଲେଜ ଛାତ୍ରୀଛାତ୍ରମାନେ ଇତିମଧ୍ୟରେ ୨୦ଟି ଚିପ୍ ଉତ୍ପାଦନ କରିଛନ୍ତି। ଆଗାମୀ ମାସଗୁଡ଼ିକରେ ଆହୁରି ଅନେକ ଚିପ୍ ଉତ୍ପାଦନ ହେବ। ଏହି ପ୍ରକାରର ପ୍ରତିଭା ବିକାଶ ଭାରତକୁ ସେମିକଣ୍ଡକ୍ଟର ଶିଳ୍ପରେ ଦୃଢ଼ ସ୍ଥାନରେ ପହଞ୍ଚାଇବ। ଭାରତର ଯୁବ ପ୍ରତିଭା ଯେମିତି କ୍ଲାସ୍‌ରୁମ୍‌ରୁ କ୍ଲିନ୍‌ରୁମ୍‌କୁ ଯାତ୍ରା କରିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଏସ୍‌ସିଏଲ୍‌କୁ ମଧ୍ୟ ଆଧୁନିକୀକରଣ କରାଯାଉଛି।।

ପ୍ରସିଦ୍ଧ ବୈଶ୍ୱିକ କମ୍ପାନୀ ମଧ୍ୟ ଭାରତୀୟ ପ୍ରତିଭାଙ୍କ ଉପରେ ନିବେଶ କରୁଛନ୍ତି। ଲାମ୍ ରିସର୍ଚ୍ଚ ଭାରତରେ ୬୦,୦୦୦ ଇଞ୍ଜିନିୟରଙ୍କୁ ତାଲିମ ଦେବାକୁ ଯାଉଛି। ଆପ୍ଲାଏଡ୍ ମ୍ୟାଟେରିଆଲ୍ସ, ଏଏମ୍‌ଡି ଏବଂ ମାଇକ୍ରୋଚିପ୍ ଆର୍‌ଏଣ୍ଡଡି ପାଇଁ ୧.୧ ବିଲିୟନ ଡଲାର ନିବେଶର ପ୍ରତିଶ୍ରୁତି ଦେଇଛନ୍ତି। ଆଇଆଇଏସ୍‌ସି, ଆଇଆଇଟି, ଏବଂ ଅନ୍ୟମାନଙ୍କ ସହ ଭାଗୀଦାରି ଲାବ୍-ଟୁ-ଫ୍ୟାବ୍ କର୍ମଚାରୀ ପୁଲ୍ ତିଆରିକୁ ନିଶ୍ଚିତ କରୁଛି। ଭାରତ ମଧ୍ୟ ଆମେରିକା, ଜାପାନ, ୟୁରୋପୀୟ ସଂଘ ଏବଂ ସିଙ୍ଗାପୁର ସହ ମିଳିତ ଭାବେ ଭବିଷ୍ୟତ ପାଇଁ-ପ୍ରସ୍ତୁତ ପ୍ରତିଭା ଗଢ଼ିବା ନିମନ୍ତେ କାମ କରୁଛି। ସ୍ଥାନୀୟ ପ୍ରତିଭା ଏବଂ ବିଶ୍ୱ ସହଯୋଗର ଏହି ମିଶ୍ରଣ ନିଶ୍ଚିତ କରୁଛି ଯେ ଭାରତ କେବଳ ନିଜ ପାଇଁ ନୁହେଁ, ବରଂ ବିଶ୍ୱ ଲାଗି ମଧ୍ୟ ନିର୍ମାଣ କରୁଛି।

**ଡିଜିଟାଲ ଇଣ୍ଡିଆରୁ ସେମିକନ୍ ଇଣ୍ଡିଆ**

ଭାରତର ସେମିକଣ୍ଡକ୍ଟର ଯାତ୍ରା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବୃହତ୍ ଦୃଷ୍ଟିକୋଣର ଏକ ଅଂଶ। ଏହା ଡିଜିଟାଲ ଇଣ୍ଡିଆ ମିଶନରୁ ଆରମ୍ଭ ହୋଇ, ଡିଜିଟାଲ ଭିତ୍ତିଭୂମି ନିର୍ମାଣ ସହ ନାଗରିକମାନଙ୍କୁ ସଶକ୍ତ କରିଛି। ଇଣ୍ଡିଆ ଷ୍ଟାକ୍, ୟୁପିଆଇ, ଆଧାର ଏବଂ ଆମର ଟେଲିକମ୍ ନେଟ୍‌ୱର୍କ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରଯୁକ୍ତିର ଶକ୍ତି ପ୍ରଦାନ କରିଛି। ଏହାସହ ଆମେ ଆମର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମକୁ ମଜଭୁତ କରିଛୁ। ଏବେ ଆମେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ ଉପାଦାନ ଏବଂ ଉପକରଣ ପାଇଁ ଉତ୍ପାଦନ ଇକୋସିଷ୍ଟମ ବିକାଶ କରୁଛୁ।

ଆଜିଠୁ ଆରମ୍ଭ ହେଉଥିବା ସେମିକନ୍ ଇଣ୍ଡିଆ ସମ୍ମିଳନୀ ୨୦୨୫, ଏହି ଯାତ୍ରାର ନିରନ୍ତରତାକୁ ସୂଚିତ କରୁଛି। ପ୍ରଧାନମନ୍ତ୍ରୀ ଆଜି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି ବର୍ଷ ପ୍ରାୟ ୪୮ଟି ଦେଶରୁ ୫୦୦ରୁ ଅଧିକ ବିଶ୍ୱସ୍ତରୀୟ ଶିଳ୍ପ ନେତାମାନେ ଅଂଶଗ୍ରହଣ କରୁଛନ୍ତି, ଯାହା ଗତ ବର୍ଷ ପ୍ରାୟ ୧୦୦ ଥିଲା। ଅନିଶ୍ଚିତତା ସହ ସଂଘର୍ଷ କରୁଥିବା ବିଶ୍ୱ ପାଇଁ ସ୍ଥିର ଭାରତ ଏକ ଆଶାର କିରଣ।

ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଏବଂ ମାଲେସିଆର ସମର୍ପିତ ପ୍ୟାଭିଲିୟନଗୁଡ଼ିକ ଅର୍ଥପୂର୍ଣ୍ଣ ସହଯୋଗକୁ ଆଗେଇନେବେ। ଆମେ ବିଶ୍ୱର ଶିଳ୍ପଜଗତ ଏବଂ ଯୁବ ପ୍ରତିଭାଙ୍କ ମଧ୍ୟରେ ବି-ଟୁ-ବି ଆଲୋଚନା, ବୁଝାମଣା, ଏବଂ ଭାଗୀଦାରି ମଧ୍ୟ କରିବୁ।

**'ଉତ୍ପାଦ ରାଷ୍ଟ୍ର'**

ଆମର ଲକ୍ଷ୍ୟ ହେଉଛି ଭାରତକୁ ଏକ ଉତ୍ପାଦନଭିତ୍ତିକ ରାଷ୍ଟ୍ରରେ ପରିଣତ କରିବା। ଆମ ସେମିକଣ୍ଡକ୍ଟର କାରଖାନାର ଉତ୍ପାଦ ଟେଲିକମ୍, ଆଟୋମୋଟିଭ, ଡାଟା ସେଣ୍ଟର, ଗ୍ରାହକ ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଇଲେକ୍ଟ୍ରୋନିକ୍ସ ପରି ଜରୁରୀ କ୍ଷେତ୍ରଗୁଡ଼ିକୁ ସେବା ଯୋଗାଇବ। କେବଳ ଭାରତ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ। ଆଗାମୀ ଦଶକ ମଧ୍ୟରେ ଆମର ସେମିକଣ୍ଡକ୍ଟର ୟୁନିଟ୍‌ଗୁଡ଼ିକ ପରିପକ୍ୱତା ଏବଂ ବିସ୍ତାର ହାସଲ କରିବେ। ଭାରତ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳା ପାଇଁ ଏକ ପ୍ରତିଯୋଗୀ କେନ୍ଦ୍ର ଭାବେ ଉଭାହେବାକୁ ପ୍ରସ୍ତୁତ।

**– ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ**




# 'ଓଡ଼ିଶା ଯାତ୍ରୀ' ଆପ୍‌ରେ ଆମ ବସ୍, ଚିଲିକା ବୋଟିଂ ପାଇଁ ମିଳିବ ଟିକେଟ

ଭୁବନେଶ୍ୱର, ୧୯ (ବନ୍ଦନା ସେଠୀ)

'ଓଡ଼ିଶା ଯାତ୍ରୀ' ଆପ୍ ମାଧ୍ୟମରେ ଆମ ବସ୍ ଏବଂ ସାତପଡା ଚିଲିକା ବୋଟିଂ ପାଇଁ ଯାତ୍ରୀମାନେ ଟିକେଟ କିଣିପାରିବେ। ପର୍ଯ୍ୟଟକ ଓ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ ତଥା ସହଜ କରିବା ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ନୂଆ ସୁବିଧାକୁ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି।

'ଆମ ବସ୍ ସେବା' ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ ବୁକିଂ କରି ଯାତ୍ରୀମାନେ ସୁରକ୍ଷିତ ଯାତ୍ରାର ଲାଭ ପାଇପାରିବେ। ସେହିପରି ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ାଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଞ୍ଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡ୍ରୋଏଡ୍ ପ୍ଲାଟ୍‌ଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବାବେଳେ ଆଇଓଏସ୍‌ରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତ୍ତିକରି ଟିକେଟ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ। ଏ ସମ୍ପର୍କରେ ସୂଚନା ଦେଇ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ କହିଛନ୍ତି, 'ଓଡ଼ିଶା ଯାତ୍ରୀ' କେବଳ ଏକ ଡିଜିଟାଲ ସେବା ନୁହଁ, ଯାତ୍ରୀଙ୍କୁ ସାର୍ବଜନୀନ, ଟେକ୍ନୋଲୋଜିଭିତ୍ତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇ ଦେବାର ସଂକଳ୍ପ। ଏହି ଡିଜିଟାଲ ପ୍ଲାଟ୍‌ଫର୍ମ ସହାୟତାରେ ବସ୍ ସେବା ଏବଂ ବୋଟିଂ ଗୋଟିଏ କ୍ଲିକ୍‌ରେ ଉପଲବ୍ଧ ହୋଇପାରିବ।




# ୮ରୁ ଆର୍‌ଆଇ, ଅମିନ ପରୀକ୍ଷା

ଭୁବନେଶ୍ୱର,୧୯(ସୁଚିସ୍ମିତା ସାହୁ)

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ଅମିନ, ସହକାରୀ ରାଜସ୍ୱ ନିରୀକ୍ଷକ(ଏଆର୍‌ଆଇ), ଏସ୍‌ଏଫ୍‌ଏସ୍ ଏବଂ ଆଇସିଡିଏସ୍ ସୁପରଭାଇଜର ପଦ ପାଇଁ ପ୍ରିଲିମ ପରୀକ୍ଷା ଅକ୍ଟୋବର ୮ରୁ ଆରମ୍ଭ ହେବ। ଏହା ନଭେମ୍ବର ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିପାରେ। ଏ ସମ୍ପର୍କରେ ଆୟୋଗ ପକ୍ଷରୁ ସୋମବାର ବିଜ୍ଞପ୍ତି ଜାରି କରାଯାଇଛି। ପରୀକ୍ଷା ତାରିଖ, ସ୍ଥାନ ଏବଂ କେନ୍ଦ୍ର ସମ୍ପର୍କିତ ତଥ୍ୟ ପ୍ରବେଶ ପତ୍ରରେ ଉଲ୍ଲେଖ କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଏସବୁ ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଦୀର୍ଘଦିନ ଧରି ଆନ୍ଦୋଳନ ଓ ବିରୋଧ ହେବାରୁ ପ୍ରିଲିମ ପରୀକ୍ଷାରେ ସମସ୍ତ ବିଦ୍ୟାର୍ଥୀଙ୍କୁ ପାସ୍ କରିଦିଆଯାଇଥିଲା। ହେଲେ କେତେଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅନିୟମିତତା ଯୋଗୁ ପରୀକ୍ଷାକୁ ରଦ୍ଦ କରିବାକୁ ନେଇ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟ ଏହାର ସାନି ପରୀକ୍ଷା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ପାଇଁ ଆବେଦନ ୮କୁ ବୃଦ୍ଧି

ଭୁବନେଶ୍ୱର,୧୯(ସୁଚିସ୍ମିତା ସାହୁ)

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଆବେଦନର ଶେଷ ତାରିଖ ଅଗଷ୍ଟ ୩୦ ରହିଥିଲା। ସାମ୍ବାଦିକଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଆବେଦନର ଶେଷ ତାରିଖକୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଯୋଜନା ଦ୍ୱାରା କର୍ମଜୀବୀ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଚଳିତ ବର୍ଷ ନୂତନ ଏବଂ ନବୀକରଣ ନିମନ୍ତେ ଅନଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି। ଇଚ୍ଛୁକ ସାମ୍ବାଦିକମାନେ www.owjws.odisha.gov.inରେ ଆବେଦନ କରିପାରିବେ।






ନାସ୍ତିକତା ହେଲା ଭଗବାନଙ୍କ ସମ୍ବନ୍ଧେ ଯେଉଁ ଉର୍ଦ୍ଧ୍ୱତମ ଉପଲବ୍ଧି – ତା'ର ଛାୟା ବା ଅନ୍ଧକାର ଦିଗ। ଆମେ ଭଗବାନଙ୍କର ଯାହା କିଛି ସଂଜ୍ଞା ଦେଉ ନା କାହିଁକି, ପ୍ରତୀକ ହିସାବରେ ସର୍ବଦା ତାହା ସତ୍ୟ ହେଲେ ବି, ଯଦି ଆମେ ତାକୁ ପୂର୍ଣ୍ଣସଂଜ୍ଞା ହିସାବରେ ଗ୍ରହଣକରୁ –ତେବେ ତାହା ମିଥ୍ୟା ହୋଇଯିବ। ନାସ୍ତିକ ଓ ଅଜ୍ଞେୟବାଦୀ ଆମର ଏଇ ଭୁଲଟିକୁ ସ୍ମରଣ କରାଇ ଦିଅନ୍ତି। –ଶ୍ରୀଅରବିନ୍ଦ



# ନକଲି ବାଟ

ପ୍ରତିବର୍ଷ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଏମ୍‌ବିବିଏସ୍, ବିଡିଏସ୍ ଏବଂ ଆୟୁଷ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସର୍ବଭାରତୀୟ ସ୍ତରରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) କରାଯାଉଛି। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ଏହା ୨୦୧୩ରୁ ଆରମ୍ଭ କରାଯାଇ ପ୍ରତିବର୍ଷ ଯୋଗ୍ୟ ପ୍ରାର୍ଥୀଙ୍କୁ ନାମ ଲେଖା ପାଇଁ ଚୟନ କରାଯାଉଛି। ଏହି ପ୍ରକ୍ରିୟାରେ କିଛି ବର୍ଷ ହେବ ଅନେକ ତ୍ରୁଟିକୁ ନେଇ ଅଭିଯୋଗ ଉଠୁଛି। ଚଳିତବର୍ଷ ଅଗଷ୍ଟ ଶେଷ ସପ୍ତାହରେ ବହିର୍ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ) ସହଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନକଲି ନନ୍-ରେସିଡେଣ୍ଟ ଇଣ୍ଡିଆନ(ଏନଆର୍‌ଆଇ) ସାର୍ଟିଫିକେଟରେ ମୁଖ୍ୟତଃ ଘରୋଇ କଲେଜଗୁଡ଼ିକରେ ମେଡ଼ିକାଲ ପାଠ୍ୟକ୍ରମରେ ନାମ ଲେଖାଯାଇଥିବା ଘଟଣାକୁ ସାମ୍ନାକୁ ଆଣିଛି। ଡାକ୍ତରୀ ପାଠ୍ୟକ୍ରମରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସମେତ ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ପାଖାପାଖି ୧୮,୦୦୦ ସିଟ୍‌ରେ ନାମଲେଖାଇବା ପାଇଁ ନକଲି ସାର୍ଟିଫିକେଟ ଦାଖଲ ହୋଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୭୦୬ ମେଡିକାଲ କଲେଜ ମଧ୍ୟରୁ ୩୮୬ଟି ସରକାରୀ ଥିବା ବେଳେ ବେସରକାରୀ ସଂଖ୍ୟା ୩୨୦। ଏଥିରେ ମୋଟ ୧, ୧୮, ୧୪୮ ସିଟ୍ ରହିଛି। ସେଥିରୁ ସରକାରୀ ହେଉଛି ୫୯,୭୮୨ ଓ ବେସରକାରୀ ସିଟ୍ ସଂଖ୍ୟା ୫୮,୩୬୬। ଯଦି ନକଲି ସାର୍ଟିଫିକେଟ ଦେଇ ମେଡିକାଲ ସିଟ୍‌ରେ ହେରଫେର କଥାକୁ ଦେଖାଯାଏ, ତେବେ ସମୁଦାୟ ବେସରକାରୀ ସିଟ୍‌ର ପାଖାପାଖି ୩୦ ପ୍ରତିଶତ ଗଡ଼ବଡ଼ ହୋଇଛି। ଏହି ପରିପ୍ରେକ୍ଷୀରେ ମେଡିକାଲ ସିଟ୍‌ର ଆବଣ୍ଟନ ଢାଞ୍ଚାକୁ ଦେଖିଲେ ନିଟ୍ ମାଧ୍ୟମରେ ଆସିଥିବା ମେଧାବୀମାନେ ଦେଶର ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଥାଆନ୍ତି। ଘରୋଇ ମେଡିକାଲକୁ ମିଳିଥିବା ସିଟ୍ ମଧ୍ୟରୁ ଏନ୍‌ଆର୍‌ଆଇ କୋଟା ଥାଏ। ଏହି କୋଟା ସିଟ୍‌ରେ ପାଇବାକୁ ହେଲେ ବିଦେଶରେ ରହୁଥିବା ଏନ୍‌ଆର୍‌ଆଇଙ୍କ ସମ୍ପର୍କୀୟ ଏଠାରେ ସମ୍ପୃକ୍ତ ସିଟ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥାଆନ୍ତି। ଏପରିକି ଏହି ସିଟ୍ ହାତେଇବା ଲାଗି ନକଲି ଏନ୍‌ଆର୍‌ଆଇ ସାର୍ଟିଫିକେଟ ଯୋଗାଡ଼ କରିବା ଦେଖାଯାଉଛି। ଏଠାରେ ସ୍ପଷ୍ଟ କରାଯାଇପାରେ ଯେ ଏହି ସିଟ୍ ଯୋଗୁ ମେଧାବୀଙ୍କ ଆସନ ପାଇବାରେ ଫରକ୍ ପଡ଼େ ନାହିଁ। କିନ୍ତୁ ମେରିଟ୍ ଲିଷ୍ଟରେ ଅପେକ୍ଷାକୃତ ତଳେ ଥାଇ ଏନ୍‌ଆର୍‌ଆଇ କୋଟା ପାଇବାକୁ ଯୋଗ୍ୟ ଥିବା ବିଦ୍ୟାର୍ଥୀ ବଞ୍ଚିତ ହୋଇଥାଆନ୍ତି।

ଏବେ ଧରାଯାଇଥିବା କେତେକ ଘଟଣାକୁ ଯାଞ୍ଚ କରାଯିବାରୁ ଜଣାପଡ଼ିଛି ଯେ, ଅନେକ ସାର୍ଟିଫିକେଟରେ ଆମେରିକାର ନକଲି ରୋଟାରୀ ସିଲ୍ ବ୍ୟବହାର କରାଯାଇଛି। ଏପରିକି ଜଣେ ଏନ୍‌ଆର୍‌ଆଇଙ୍କ ତଥ୍ୟକୁ ତାଙ୍କ ସମ୍ପର୍କ ବାହାରର ଥିବା ଅନେକ ପ୍ରାର୍ଥୀଙ୍କ କ୍ଷେତ୍ରରେ ଉପଯୋଗ କରାଯାଇଛି। ଏଜେଣ୍ଟମାନେ କଲେଜଗୁଡ଼ିକ ସହ ସମ୍ପର୍କ ସ୍ଥାପନ ପୂର୍ବକ ବିପୁଳ ଅର୍ଥ କାରବାରର ସୁଯୋଗ ସୃଷ୍ଟି କରି ଏଭଳି ଠକାମି ପଦ୍ଧତିର ସୂତ୍ରଧର ପାଲଟିଛନ୍ତି। ଏହାକୁ ଲକ୍ଷ୍ୟ କରି ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ପ୍ରତ୍ୟେକେ ଏନ୍‌ଆର୍‌ଆଇ ସାର୍ଟିଫିକେଟ ନାମଲେଖା ପାଇଁ ଯୋଗ୍ୟ କି ନୁହଁ, ତାହା ଯାଞ୍ଚ କରିବା ପାଇଁ ଭାରତୀୟ ଦୂତାବାସଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସମାନ ଭାବେ ଏମ୍‌ଇଏ ବାହାରେ ଥିବା ତାହାର ମିଶନଗୁଡ଼ିକୁ ନୂତନ ନିର୍ଦ୍ଦେଶନାମା ଜାରି କରି ଦୃଢ଼ ପଦକ୍ଷେପ ନେବା ଲାଗି କୁହାଯାଇଛି।

ସୂଚନାଯୋଗ୍ୟ ଯେ, ମେଡିକାଲ ଓ ଡେଣ୍ଟାଲ ପାଠ୍ୟକ୍ରମରେ ଏନ୍‌ଆର୍‌ଆଇ କୋଟାରେ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ପଞ୍ଜାବ ସରକାର ସେଠାକାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାହାକୁ ଅଗ୍ରାହ୍ୟ କରିଦେବା ପରେ ସରକାର ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ୨୫ ସେପ୍ଟେମ୍ବର ୨୦୨୪ରେ ଶୀର୍ଷ କୋର୍ଟ ମଧ୍ୟ ତାହାକୁ ଖାରଜ କରି ଦର୍ଶାଇଥିଲେ ଯେ, ଏହା ହେଉଛି ଟଙ୍କା ରୋଜଗାରର ଏକ ପଦ୍ଧତି। ଯୋଗ୍ୟ ପ୍ରାର୍ଥୀଙ୍କୁ ପଛକୁ ରଖି ଏନ୍‌ଆର୍‌ଆଇ କୋଟାରେ ନାମ ଲେଖାଇବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏବେ ଏହି କୋଟା ବନ୍ଦ କରାଯିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ସୁପ୍ରିମକୋର୍ଟଙ୍କ ଏହି କଥାକୁ ସ୍ପଷ୍ଟ କରିବାକୁ ହେଲେ ଏଠି କୁହାଯାଇପାରେ ଯେ, ବାସ୍ତବରେ ଅପେକ୍ଷାକୃତ ମେଧାବୀ ଏହାଦ୍ୱାରା ପ୍ରଭାବିତ ହେବେ।

ଦେଖିବାକୁ ଗଲେ କେବଳ ନକଲି ଏନ୍‌ଆର୍‌ଆଇ ସାର୍ଟିଫିକେଟ ବିଷୟ ନୁହେଁ, ଗତ କିଛି ବର୍ଷ ହେଲା ମେଡିକାଲ ପ୍ରବେଶିକା ପରୀକ୍ଷାରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଆସୁଛି। ନିକଟ ଅତୀତରେ ପ୍ରଶ୍ନପତ୍ର ଲିକ୍ ଠାରୁ ଆରମ୍ଭ କରି ନକଲି ପ୍ରାର୍ଥୀ ଅସଲି ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ଦେବା ବିଷୟ ସାମ୍ନାକୁ ଆସିଥିଲା। ଉଦାହରଣସ୍ୱରୂପ, ୨୦୨୪ରେ ରାଜସ୍ଥାନ, ଦିଲ୍ଲୀ, ବିହାର ଏବଂ ଓଡ଼ିଶାରୁ ନକଲି ପ୍ରାର୍ଥୀଙ୍କ ସମେତ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଏହାପାଇଁ ପ୍ରଚୁର ଅର୍ଥ କାରବାର ହୋଇଥିବା ବିଷୟ ଜଣାପଡ଼ିଥିଲା। ଏଭଳି ବେଆଇନ କାର୍ଯ୍ୟର ମୁଖ୍ୟ କାରଣ ହେଉଛି ମେଡିକାଲ ପଢ଼ିବା ପାଇଁ ସିଟ୍‌ଟିଏ ପାଇବାକୁ ଶିକ୍ଷାରେ ଶ୍ରେଷ୍ଠତ୍ୱ ପ୍ରତିପାଦନର ଏକମାତ୍ର ବାଟ ବୋଲି ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଧରିନେଇଛନ୍ତି। ଅଭିଭାବକମାନେ ଏମିତି ଆତୁରିଆ ଯେ, ଯେକୌଣସି ଉପାୟରେ ତାହା ହାସଲ କରିବା ସକାଶେ ଚେଷ୍ଟା କରୁଛନ୍ତି। ବଡ଼ବଡ଼ିଆଙ୍କ ପର୍ଯ୍ୟାପ୍ତ ଅର୍ଥ ଥିବାରୁ ସେମାନେ ମେଡିକାଲ ସିଟ୍‌ଟିଏ ସହଜରେ କିଣିପାରୁଛନ୍ତି। ଆର୍ଥିକ ଦୃଷ୍ଟିରୁ ମଧ୍ୟମ ଧରଣର ସବଳ ଥିବା ବ୍ୟକ୍ତି ସ୍ଥଳବିଶେଷରେ 'ଡାକ୍ତରୀ' ନିଶାରେ ଧାଉଁଛନ୍ତି। ତେବେ ମେଧା ନ ଥିବା ପିଲାଙ୍କ ମାତାପିତା ଯେନତେନ ପ୍ରକାରେଣ ସିଟ୍ ହାସଲ ପାଇଁ ଏନ୍‌ଆର୍‌ଆଇ ବାଟ ଧରି ଘରୋଇ ମେଡିକାଲ କଲେଜକୁ ପଶିଯିବାକୁ ଚେଷ୍ଟା କରୁଛନ୍ତି।

ଶେଷରେ ଏତିକି କୁହାଯାଇପାରେ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଭାବେ ସ୍ୱାଗତଯୋଗ୍ୟ। କୌଣସି ଏନ୍‌ଆର୍‌ଆଇ କୋଟା ରହିବା ଉଚିତ ନୁହେଁ। ବାସ୍ତବରେ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠରେ କୌଣସି କୋଟାର ଆବଶ୍ୟକତା ନାହିଁ। କେବଳ ଉଚ୍ଚକୋଟୀର ମେଧାବୀ ବିଦ୍ୟାର୍ଥୀ ଏହି ଦୁଇଟି ପେସାରେ ଭର୍ତ୍ତି ହେବା ଦରକାର।

# ଉପକୂଳରେ ସୁରକ୍ଷା ପ୍ରାଚୀର



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମ୍ପ୍ରତି ତାମିଲନାଡୁର କୁଡାଲୋର ଜିଲାରେ ସରକାରଙ୍କ ଆନୁକୂଲ୍ୟରେ 'ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଉପକୂଳ ଅବକ୍ଷୟର ପ୍ରଭାବକୁ ରୋକିବା ନିମନ୍ତେ ଜୈବ-ଢାଲ ସୃଷ୍ଟି' ଶୀର୍ଷକ ଏକ ପ୍ରକଳ୍ପ (୨୦୨୫ରୁ ୨୦୨୮) କାର୍ଯ୍ୟକାରୀ ହେଉଛି, ଯେଉଁଥିରେ ୬୦ ହେକ୍ଟର ହେନ୍ତାଳବନ ସୃଷ୍ଟି ଏବଂ ୨୦ ହେକ୍ଟର ଅନ୍ୟ ସହନଶୀଳ ଜାତିର ବୃକ୍ଷରୋପଣ ଅନ୍ତର୍ଭୁକ୍ତ। ରାଜ୍ୟର ବନ ବିଭାଗ ସ୍ଥାନୀୟ ସମ୍ପ୍ରଦାୟମାନଙ୍କର ସମ୍ପୃକ୍ତିରେ ବିସ୍ତୃତ ଉପକୂଳ ଅଞ୍ଚଳରେ ହେନ୍ତାଳ ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟ ଅବ୍ୟାହତ ରଖିଛି। ବିଶ୍ୱବ୍ୟାଙ୍କ ତଥା ଅନ୍ୟ ଉତ୍ସରୁ ଲବ୍ଧ ପାଣ୍ଠିର ବିନିଯୋଗରେ ସରକାର 'ଗ୍ରାମ୍ୟ ହେନ୍ତାଳବନ ପରିଷଦ' ମାଧ୍ୟମରେ ଲୁଣା ଜଙ୍ଗଲ ପ୍ରସାରଣ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ଦୃଷ୍ଟାନ୍ତ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଉପକୂଳ ସୁରକ୍ଷା ନିମନ୍ତେ ଅତ୍ୟାବଶ୍ୟକ ଥିବା ପ୍ରାକୃତିକ ସବୁଜ ପ୍ରାଚୀର ସୃଷ୍ଟିର ଗୁରୁତ୍ୱକୁ ପ୍ରତିପାଦିତକରେ। ଏହା ସୁସ୍ପଷ୍ଟ ଯେ ଜଳବାୟୁ ସଙ୍କଟ ଆମ ସମୟର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପରିବେଶୀୟ ଆହ୍ୱାନ ମଧ୍ୟରେ ଶୀର୍ଷତମ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ଏହାଦ୍ୱାରା ସୃଷ୍ଟ ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ଅତ୍ୟନ୍ତ ଦୁର୍ବଳ ଓ ସମ୍ବେଦନଶୀଳ। ସମୁଦ୍ର ପତ୍ତନର ବୃଦ୍ଧି, ଝଡ଼ବାତ୍ୟାର ବାରମ୍ବାରତା, ଉପକୂଳ ଅବକ୍ଷୟ ଏବଂ ଲୁଣାପାଣିର ପ୍ରବେଶ ଉପକୂଳରେ ଅବସ୍ଥିତ ପରିସଂସ୍ଥା, ମାନବ ସମ୍ପ୍ରଦାୟ ଏବଂ ଅର୍ଥନୀତି ନିମନ୍ତେ କ୍ରମଶଃ ବ୍ୟାପକ ବିପର୍ଯ୍ୟୟର କାରଣ ପାଲଟୁଛି। ଏପରି ସଙ୍କଟ ସହ ଖାପ ଖୁଆଇବା ନିମନ୍ତେ ବିଶ୍ୱ ସହନୀୟ ଏବଂ ପ୍ରକୃତି-ଆଧାରିତ ସମାଧାନର ସନ୍ଧାନରେ ଥିବାବେଳେ ଉପକୂଳରେ ଜୈବ-ଢାଲ ସୃଷ୍ଟିର ଉଦ୍ୟମ ଏକ ଶକ୍ତିଶାଳୀ ଏବଂ ପରିବେଶ ଅନୁକୂଳ ପ୍ରତିରକ୍ଷା ବ୍ୟବସ୍ଥା ଭାବରେ ଉଭାହୋଇଛି।

ଜୈବ-ଢାଲ ହେଉଛି ଏକ ସୁରକ୍ଷା ପ୍ରାଚୀର ଯାହା ଘନ ଉଦ୍ଭିଦରାଜି, ଯେପରିକି ଉପକୂଳବର୍ତ୍ତୀ ହେନ୍ତାଳବନ, ଲୁଣିଆ ସନ୍ତସନ୍ତିଆ ଅଞ୍ଚଳ, ବାଲୁକା ସ୍ତୁପ, ଝାଉଁ ଓ କିଆବଣ ଏବଂ ଅନ୍ୟ ଜଙ୍ଗଲ ଦ୍ୱାରା ଗଠିତ। ଏହି ପ୍ରାକୃତିକ ପ୍ରଣାଳୀଗୁଡ଼ିକ ସମୁଦ୍ର ଏବଂ ମାନବ ବସତି ମଧ୍ୟରେ ବଫର ଅଞ୍ଚଳ ଭାବରେ କାର୍ଯ୍ୟ ସମ୍ପାଦନକରି ଉତ୍ତାଳ ତରଙ୍ଗ, ଘୂର୍ଣ୍ଣିଝଡ଼ ଏବଂ ସୁନାମିର ପ୍ରଭାବକୁ ହ୍ରାସ କରନ୍ତି। କଂକ୍ରିଟ ସମୁଦ୍ର ପ୍ରାଚୀର କିମ୍ବା ଅନ୍ୟାନ୍ୟ ଇଞ୍ଜିନିୟରିଂ ଭିତ୍ତିଭୂମି ତୁଳନାରେ ଜୈବ-ଢାଲଗୁଡ଼ିକ ବହୁବିଧ ଲାଭ ପ୍ରଦାନ କରନ୍ତି: ଏଗୁଡ଼ିକ କମ୍ ଖର୍ଚ୍ଚରେ ସ୍ଥାପିତ, ଆତ୍ମନିର୍ଭରଶୀଳ, ଜୈବବିବିଧତାରେ ସମୃଦ୍ଧ ଏବଂ ସମୟକ୍ରମେ ପରିବେଶଗତ ପରିବର୍ତ୍ତନ ସହ ଖାପ ଖୁଆଇବାରେ ସକ୍ଷମ। କେନ୍ଦ୍ରାପଡ଼ାର ସାତଭାୟା ଅଞ୍ଚଳ ହେନ୍ତାଳବନର ଅନୁପସ୍ଥିତିରେ ସମୁଦ୍ରର ଆଁ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ଲୀନ ହୋଇସାରିଛି ଏବଂ ସରକାର ପ୍ରଭାବିତ ଲୋକମାନଙ୍କୁ ସ୍ଥାନାନ୍ତରିତକରି ନିକଟସ୍ଥ ବଗପାଟିଆ ପୁନର୍ବାସ କଲୋନିରେ ୨୦୧୮ରୁ ଅବସ୍ଥାପିତ କରିଛନ୍ତି। ଅନ୍ୟପକ୍ଷରେ, ନିକଟସ୍ଥ ପେଣ୍ଠ ଉପକୂଳରେ ଅବକ୍ଷୟ ପ୍ରଶମନ ଉଦ୍ଦେଶ୍ୟରେ ୩୯କୋଟି ଟଙ୍କା ବ୍ୟୟରେ



୨୦୧୬ରେ ନିର୍ମିତ ହୋଇଥିବା ଜିଓ-ସିନ୍ଥେଟିକ୍ ଟ୍ୟୁବ୍ ସୁରକ୍ଷା ପ୍ରତିବନ୍ଧକ ଏବେ କ୍ରମଶଃ ଅବକ୍ଷୟିତ ହେବାରେ ଲାଗିଛି। ଏହା ସୂଚିତ୍‌କରେ ଯେ ପ୍ରାକୃତିକ ଜୈବ-ଢାଲ ଅଧିକ ପ୍ରଭାବଶାଳୀ, ଯାହା ସମୁଦ୍ର ଢେଉର ଶକ୍ତିକୁ ଶୋଷଣକରି ଜଳ ପ୍ରବାହର ବେଗକୁ ନିମ୍ନଗାମୀକରେ। ହେନ୍ତାଳ ବୃକ୍ଷମାନେ ସେମାନଙ୍କର ଜଟିଳ ଚେର ପ୍ରଣାଳୀ ଦ୍ୱାରା ଉପରମାଟି ସ୍ତରକୁ ଧରି ରଖି ମୃତ୍ତିକା ଅବକ୍ଷୟକୁ ପ୍ରତିରୋଧ କରନ୍ତି। ଘୂର୍ଣ୍ଣିଝଡ଼ କିମ୍ବା ବାତ୍ୟା ଭଳି ଗମ୍ଭୀର ପାଣିପାଗ ବିପର୍ଯ୍ୟୟ ସମୟରେ, ଏହି ଉଦ୍ଭିଦ ଢାଲ ପ୍ରତିବନ୍ଧ ରୂପେ ଝଡ଼ର ପ୍ରବାହକୁ ଧୀରକରି ଲୁଣିପାଣିର ଆଭ୍ୟନ୍ତରୀଣ ମଧୁରଜଳ ଉତ୍ସ ଏବଂ କୃଷି ଜମିରେ ପ୍ରବେଶକୁ ରୋକିଥାନ୍ତି।

ବୈଜ୍ଞାନିକ ଅଧ୍ୟୟନ ସୂଚାଏ ଯେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୁଣା ଜଙ୍ଗଲ ଦ୍ୱାରା ସୁରକ୍ଷିତ ସ୍ଥାନଗୁଡ଼ିକ ଅସୁରକ୍ଷିତ ଅଞ୍ଚଳ ତୁଳନାରେ ବହୁତ କମ୍ କ୍ଷତିଗ୍ରସ୍ତ ହୋଇଥାନ୍ତି। ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛି, ଓଡ଼ିଶାର ଐତିହାସିକ ୧୯୯୯ ମସିହାର ମହାବାତ୍ୟା ପ୍ରଭାବରେ ଯେତେବେଳେ ଉପକୂଳସ୍ଥ ଜଗତ୍‌ସିଂହପୁର ଜିଲା ବିନାଶର ଚରମସୀମାରେ ଉପନୀତ ହୋଇ ବହୁମୂଲ୍ୟ ଜୀବନ ତଥା ପର୍ଯ୍ୟାପ୍ତ ଧନସମ୍ପତ୍ତି କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲା, ସେତେବେଳେ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲା ସମୃଦ୍ଧ ଭିତରକନିକା ହେନ୍ତାଳ ବନର ଉପସ୍ଥିତି କାରଣରୁ ବହୁଳ ଭାବେ ସୁରକ୍ଷିତ ରହିଥିଲା। ଅନୁରୂପ ଭାବେ, ୨୦୦୪ ମସିହାରେ ଭାରତ ମହାସାଗରରେ ସୃଷ୍ଟ ଭୟଙ୍କର ସୁନାମିର ପ୍ରତିଫଳରେ, ହେନ୍ତାଳବନ ଥିବା ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ତୁଳନାତ୍ମକ କମ୍ ମୃତାହତ ଏବଂ ସମ୍ପତ୍ତି କ୍ଷୟକ୍ଷତି ଘଟିଥିଲା। ଓଡ଼ିଶାରେ ୨୫୯.୦୬ ବର୍ଗ କି.ମି. ହେନ୍ତାଳ ବନ ରହିଥିଲା ବେଳେ ସର୍ବାଧିକ ରହିଛି କେନ୍ଦ୍ରାପଡ଼ା ଜିଲାରେ (୨୧୨.୬୯ ବର୍ଗ କି.ମି.), ଯାହା ଭାରତର ଦ୍ୱିତୀୟ ବୃହତ୍ତମ ହେନ୍ତାଳବନ ଭିତରକନିକାକୁ ଅନ୍ତର୍ଭୁକ୍ତକରେ। ରିପୋର୍ଟ ଅନୁଯାୟୀ ୨୦୧୧ରୁ ୨୦୨୧ ମଧ୍ୟରେ ଓଡ଼ିଶାର ଲୁଣା ଜଙ୍ଗଲ ୩୭ ବର୍ଗ କି.ମି. ବୃଦ୍ଧି ପାଇଥିଲେ ସୁଦ୍ଧା ଆଜିର ଜଳବାୟୁ ସଙ୍କଟ ପରିସ୍ଥିତିରେ ରାଜ୍ୟର ୪୮୦ କି.ମି. ଉପକୂଳରେ ଏପରି ଜଙ୍ଗଲର ଆୟତନ ଯଥେଷ୍ଟ ଅଧିକ ହେବା ପ୍ରୟୋଜନୀୟ।

ଜୈବ-ଢାଲ ସୃଷ୍ଟିକରିବା କେବଳ ପ୍ରତିରକ୍ଷା ପ୍ରସଙ୍ଗରେ ନୁହେଁ; ଏହି ପରିସଂସ୍ଥାଗୁଡ଼ିକ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କ୍ଷୁଣ୍ଣ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଲୁଣାଜଙ୍ଗଲ, ସମୁଦ୍ର ଘାସ ଏବଂ ଲୁଣିଆ ସନ୍ତସନ୍ତିଆ ସ୍ଥାନ ହେଉଛି ଉତ୍କୃଷ୍ଟ ଅଙ୍ଗାରକ ଭଣ୍ଡାର (କାର୍ବନ ସିଙ୍କ୍)। ସେମାନେ ବାୟୁମଣ୍ଡଳରୁ ପ୍ରଚୁର ପରିମାଣରେ ଅଙ୍ଗାରକାମ୍ଳ ଶୋଷଣକରି ସଂରକ୍ଷିତ କରନ୍ତି, ଯେଉଁ ପ୍ରକ୍ରିୟାକୁ 'ନୀଳ ଅଙ୍ଗାରକ' ସିକ୍ୱେଷ୍ଟ୍ରେସନ ରୂପେ ଆଖ୍ୟାୟିତ କରାଯାଏ। ଅତଏବ, ଏହି ପରିସଂସ୍ଥାଗୁଡ଼ିକର ପୁନରୁଦ୍ଧାର ଏବଂ ସଂରକ୍ଷଣ, ଉଭୟ ଜଳବାୟୁ ଅନୁକୂଳନ ତଥା ପ୍ରଶମନ ପ୍ରୟାସକୁ ସମର୍ଥନ କରେ। ଅଧିକନ୍ତୁ, ଜୈବ-ଢାଲଗୁଡ଼ିକ ବିଭିନ୍ନ ସାମୁଦ୍ରିକ ଏବଂ ସ୍ଥଳଚର୍ ଜୀବଜାତିଙ୍କୁ ବାସସ୍ଥଳୀ ପ୍ରଦାନ ପୂର୍ବକ ଜୈବବିବିଧତାକୁ ପ୍ରୋତ୍ସାହିତ କରନ୍ତି। ହେନ୍ତାଳ ପରିସଂସ୍ଥା ମତ୍ସ୍ୟ ଉତ୍ପାଦନକୁ ସମର୍ଥନ, ସ୍ଥାନୀୟ ସମ୍ପ୍ରଦାୟର ଜୀବିକା ନିର୍ବାହରେ ଯୋଗଦାନ ଏବଂ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରେ। ସୁସ୍ଥ ଉପକୂଳୀୟ ପରିସଂସ୍ଥା ମଧ୍ୟ ପ୍ରକୃତି ପର୍ଯ୍ୟଟନକୁ ପ୍ରୋତ୍ସାହିତକରେ, ଯାହା ପରିବେଶୀୟ ହିତସାଧନ ସହ ଆର୍ଥିକ ଲାଭ ଉପଲବ୍ଧ କରାଏ।

ଜୈବ-ସୁରକ୍ଷା ପ୍ରାଚୀରରୁ ଉପଲବ୍ଧ ହିତଗୁଡ଼ିକ ଉତ୍ତମ ରୂପେ ହୃଦୟଙ୍ଗମ ହେଉଥିଲେ ସୁଦ୍ଧା ଏହାର କାର୍ଯ୍ୟାନ୍ୱୟନ ଅନେକ ଆହ୍ୱାନର ସମ୍ମୁଖୀନ ହୁଏ। ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ପ୍ରାୟତଃ ଘନ ଜନବସତିପୂର୍ଣ୍ଣ ଏବଂ ଅତ୍ୟଧିକ ବିକଶିତ ହୋଇଥିବା କାରଣରୁ ପ୍ରାକୃତିକ ପରିସଂସ୍ଥାଗୁଡ଼ିକର ଉନ୍ନତି ନିମନ୍ତେ ଖୁବ୍ କମ୍ ପରିସର ଉପଲବ୍ଧ ହୁଏ। ଭୂମି ବ୍ୟବହାରରେ ବିବାଦ, ପର୍ଯ୍ୟାପ୍ତ ପାଣ୍ଠିର ଅଭାବ, ସମ୍ପ୍ରଦାୟ ସଚେତନତାର ଦୁର୍ବଳ ସ୍ଥିତି ଏବଂ ସର୍ବୋପରି ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉଛି ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ। ତଥାପି ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ମାଧ୍ୟମରେ ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ସମ୍ଭବପର । ଏଥିରେ ଅନ୍ତର୍ଭୁକ୍ତ ଥିବା ପଦକ୍ଷେପଗୁଡ଼ିକ ହେଉଛି ପରିସଂସ୍ଥା-ଆଧାରିତ ଅନୁକୂଳନ ରଣନୀତିକୁ ନୀତିଗତ ସମର୍ଥନ ପ୍ରଦାନ, ଉପକୂଳବର୍ତ୍ତୀ ଉଦ୍ଭିଦରାଜିର ପୁନରୁଦ୍ଧାର ଏବଂ ସୁରକ୍ଷାରେ ସମ୍ପ୍ରଦାୟର ଅଂଶଗ୍ରହଣ, ଜୈବ-ଢାଲର ସ୍ୱାସ୍ଥ୍ୟ ଏବଂ ପ୍ରଭାବର ବୈଜ୍ଞାନିକ ମୂଲ୍ୟାଙ୍କନ ଏବଂ ଦୀର୍ଘକାଳୀନ ପରିଚାଳନାକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶିକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ। ଏଥିସହ ଜୈବ-ଢାଲଗୁଡ଼ିକୁ ସ୍ଥାନୀୟ ପରିସ୍ଥିତି ସହ ଉପଯୁକ୍ତ କରିବା ନିମନ୍ତେ ସତର୍କତାର ସହିତ ଯୋଜନା ପ୍ରଣୟନ କରାଯିବା ପ୍ରୟୋଜନୀୟ। ଉଦ୍ଭିଦ ଜାତି ସବୁର ଚୟନ, ଚାରାରୋପଣ କୌଶଳ ଅବଲମ୍ବନ ଏବଂ ଗୃହୀତ ରକ୍ଷଣାବେକ୍ଷଣ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସ୍ଥାନ ଅନୁଯାୟୀ କାର୍ଯ୍ୟକାରୀ ହେବା ବାଞ୍ଛନୀୟ।

ସାମ୍ପ୍ରତିକ ସମୟରେ ଜଳବାୟୁ ପ୍ରଭାବ ସବୁ ତ୍ୱରାନ୍ୱିତ ହେଉଥିବା ପରିପ୍ରେକ୍ଷୀରେ ଜୈବ-ଢାଲଗୁଡ଼ିକ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ସୁରକ୍ଷା ଦେବା ନିମନ୍ତେ ଏକ ପ୍ରତିଶ୍ରୁତିପୂର୍ଣ୍ଣ, ସ୍ଥାୟୀ ରଣନୀତିକୁ ପ୍ରତିନିଧିତ୍ୱ କରନ୍ତି। ସେମାନେ ପରିବେଶୀୟ ପୁନରୁଦ୍ଧାରକୁ ଜଳବାୟୁ ଅନୁକୂଳନ ସହ ସଂଯୁକ୍ତ କରନ୍ତି ଏବଂ ଏକ ତ୍ରିସ୍ତରୀୟ ବିଜୟ ପ୍ରଦାନ କରନ୍ତି: ସମ୍ପ୍ରଦାୟକୁ ସୁରକ୍ଷା ଦେବା, ଜୈବବିବିଧତାର ବୃଦ୍ଧି ଘଟାଇବା ଏବଂ ଅଙ୍ଗାରକକୁ ସଂରକ୍ଷିତ କରିବା। ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ସ୍ୱଳ୍ପ ମୂଲ୍ୟ-ଆଧାରିତ ଏବଂ ଦୀର୍ଘସ୍ଥାୟୀ ପ୍ରତିକାରର ଅନ୍ୱେଷଣରେ ଥିବାରୁ ଜାତୀୟ ଏବଂ ସ୍ଥାନୀୟ ଅନୁକୂଳନ ଯୋଜନାରେ ପ୍ରକୃତି-ଆଧାରିତ ସମାଧାନ, ଯେପରିକି ଜୈବ-ଢାଲ ସୃଷ୍ଟିରେ ନିବେଶକୁ ପ୍ରାଥମିକତା ପ୍ରଦାନ ଆବଶ୍ୟକ। ପ୍ରକୃତି ବିରୋଧରେ କାର୍ଯ୍ୟ ସମ୍ପାଦନ କରିବା ପରିବର୍ତ୍ତେ ପ୍ରକୃତି ସମର୍ଥନରେ କାର୍ଯ୍ୟ ସମ୍ପନ୍ନକରି ଆମେ ବିଶ୍ୱବ୍ୟାପୀ ଉପକୂଳବର୍ତ୍ତୀ ଅଞ୍ଚଳ ନିମନ୍ତେ ଏକ ଅଧିକ ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିପାରିବା।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# ସାହିତ୍ୟ ବି ଦିଏ



ଧ୍ରୁବ ଚରଣ ଘିବେଲା

ବ୍ୟକ୍ତିଗତ ଭାବେ ସାହିତ୍ୟ କରିବାରେ କିଛି ଅସୁବିଧା ନ ଥାଏ। ଖାଲି ସମୟ ଦେବା ଦରକାର। ପଢ଼ିବା ପାଇଁ, ଲେଖିବା ପାଇଁ। ସମୟ ଦେଇ ସାହିତ୍ୟ ଚାଷ କରିବା, ସାହିତ୍ୟ ଚାଷରେ ରହିବା, ସାହିତ୍ୟ ଲେଖିବା, ସାହିତ୍ୟ ଚଷିବା ଏସବୁ ସମ ଅର୍ଥବୋଧକ କାମରେ ରହିବା। ସାହିତ୍ୟ ଚାଷ ନିଜେ କରୁ କରୁ ସମୟ ସୁଅରେ ପୁଣି ସାହିତ୍ୟ କାର୍ଯ୍ୟକ୍ରମ ସ୍ଥାନୀୟ ଭାବେ କରିବା ପାଇଁ କିଏ କିଏ ଉଦ୍ୟମ ଆରମ୍ଭ କରନ୍ତି। ଅନୁଷ୍ଠାନ ତିଆରି କରିବାର ପ୍ରୟାସ କରନ୍ତି। ସମଧର୍ମା ସତୀର୍ଥଙ୍କ ସହିତ ଆଳାପ ଆଲୋଚନା କରି ଅନୁଷ୍ଠାନ ଗଢ଼ିବାର ପ୍ରାରମ୍ଭିକ ପଦକ୍ଷେପ ନିଅନ୍ତି। ଏକାଠି ବସାଉଠା କରିବାର ପ୍ରକ୍ରିୟା ଆରମ୍ଭ କରନ୍ତି। ଖଟି ତିଆରି କରନ୍ତି। ଖଟିରେ ହାଜିରା ପକାନ୍ତି। ଚା ପିଅନ୍ତି। ଚା ପିଆ ଭିତରେ ସାହିତ୍ୟ କଥା ହୁଅନ୍ତି। ଅନୁଷ୍ଠାନର ପଞ୍ଜୀକରଣ ପୂର୍ବରୁ ବିଧିବଦ୍ଧ ଭାବେ ଅନୁଷ୍ଠାନ ଆଗ ଗଢ଼ନ୍ତି। ଅନୁଷ୍ଠାନର ନାଁ ରଖନ୍ତି। କର୍ମକର୍ତ୍ତା ଚୟନ କରନ୍ତି। ତା'ପରେ ପଞ୍ଜୀକରଣ କରାଇ ନିଅନ୍ତି। ସଭିଏ ଏକାଠି ହେବା ପାଇଁ ସାହିତ୍ୟ ଆସର ଆରମ୍ଭ କରନ୍ତି। କବିତା ପାଠ କରନ୍ତି। ସାହିତ୍ୟ ଉପରେ ଆଲୋଚନା କରନ୍ତି। ଏମିତି ସାହିତ୍ୟ କରୁ କରୁ ନାଁକରା ହୁଅନ୍ତି।

ସେସବୁ କରିବା ପାଇଁ ସମୟ ନିହାତି ଦେବାକୁ ହୁଏ। ପକେଟରୁ ଅର୍ଥ କାଢ଼ିବାକୁ ପଡ଼େ। ବିନା ଅର୍ଥରେ କୌଣସି କାର୍ଯ୍ୟକ୍ରମ କରିବା ସମ୍ଭବ ନୁହେଁ। ସମ୍ପୃକ୍ତ ସମସ୍ତଙ୍କ ସହଯୋଗରେ ବିଭିନ୍ନ ସାହିତ୍ୟ କାର୍ଯ୍ୟକ୍ରମ ହାତକୁ ନିଅନ୍ତି ଓ ତା'ର ସଫଳ ରୂପାୟନ କରନ୍ତି ସାହିତ୍ୟ କାର୍ଯ୍ୟକ୍ରମ ଆୟୋଜନ କରି। ଆଜିର ଦିନରେ ଯାହା କର, ଟଙ୍କା ଆଗ ଦରକାର। ଅବଶ୍ୟ ''ଇଚ୍ଛା ଥିଲେ ଉପାୟ ଆସେ'' ନ୍ୟାୟରେ ସାଧୁ ଉଦ୍ୟମ ତଥା ଉଦ୍‌ଯୋଗରେ ରହିଲେ ଟଙ୍କା ସବୁବେଳେ ବାଧକ ହୁଏ ନାହିଁ। ଟଙ୍କା ଯୋଗାଡ଼ ହୋଇଯାଏ। ଅନୁଷ୍ଠାନର ସଦସ୍ୟଙ୍କ ଅନୁଷ୍ଠାନ ପ୍ରତି ସକାରାତ୍ମକ ସଦିଚ୍ଛା ଅନୁଷ୍ଠାନକୁ ଆଗେଇ ନେଇଥାଏ। ବିଭିନ୍ନ ସାହିତ୍ୟ ସମ୍ପର୍କିତ କାର୍ଯ୍ୟକ୍ରମର ସଫଳ ଆୟୋଜନ ଅନୁଷ୍ଠାନର ସ୍ଥିତିକୁ ସୂଚାଇବା ସହିତ ତା'ର ଗତିଶୀଳତା ପ୍ରଦାନ କରିଥାଏ। ଧୀରେ ଧୀରେ ସେ ଅନୁଷ୍ଠାନର ପରିଚୟ ପ୍ରତିଷ୍ଠା ପାଏ। ଅନୁଷ୍ଠାନର ପ୍ରଚାର ଓ ପ୍ରସାର ମଧ୍ୟ ହୁଏ କାର୍ଯ୍ୟକ୍ରମ ମାଧ୍ୟମରେ।

ସବୁ ଲେଖକ ତ ନିଜ ଲେଖା ମାଧ୍ୟମରେ ପରିଚୟ ସୃଷ୍ଟି କରିଥାନ୍ତି। ଅନୁଷ୍ଠାନ ଜରିଆରେ ବି



ପରିଚୟ ପାଆନ୍ତି ଆନୁଷ୍ଠାନିକ ପଦ ପଦବୀ ମଣ୍ଡନ କରି। କେଉଁଠି ଅନୁଷ୍ଠାନ ତରଫରୁ ପ୍ରତିନିଧିତ୍ୱ କରିପାରନ୍ତି ଯୋଗ ଦେବା ପାଇଁ। ଲେଖକ ବିଭିନ୍ନ ସ୍ଥାନକୁ ଯାଇ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ଯୋଗ ଦେଉଛନ୍ତି। ଅନ୍ୟଠି ଅନ୍ୟ ମଞ୍ଚରେ କବିତା ପଢ଼ିବାର ସୁଯୋଗ ପାଆନ୍ତି। ଏସବୁ ସାହିତ୍ୟ କାମରୁ ଯେଉଁ ଯେଉଁମାନେ ଖୁସି ପାଆନ୍ତି, ସେଇ ସେଇମାନେ ସାହିତ୍ୟ କରିପାରନ୍ତି। ସାହିତ୍ୟ କରି ଖୁସି ଅନୁଭବ କରିବା ଓ ଖୁସି ସାଉଁଟିବା ଆଣେ ବଡ଼ ଉପଲବ୍ଧି। ଯିଏ ଯିଏ କିଛି ପାଇବା ଆଶାରେ ସାହିତ୍ୟ କରନ୍ତି /କରୁଛନ୍ତି, ସେମାନେ କେତେ ଖୁସି ଥାଆନ୍ତି ସାହିତ୍ୟ ଭିତରେ ରହି, ସେକଥା ସେମାନେ ନିଜେ ଜାଣନ୍ତି। ପୁରସ୍କାର ପଛରେ ଲେଖକ କେବେ ବି ନ ରହିବା କଥା। ଧରାକରା ପୁରସ୍କାର କେଉଁଠୁ ହାତେଇ ନେଇ ନିଜକୁ ନିଜେ ଠକିବା କଥା।

ଥରେ ଜଣେ ଲେଖକ ଗୋଟେ ବଡ଼ ଅନୁଷ୍ଠାନର ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ କବିତା ପଢ଼ିବାର ସୁଯୋଗ ପାଇଲେ। ବଡ଼ ସାହିତ୍ୟ ମଞ୍ଚରେ କବିତା ପଢ଼ି ଖୁସି ଅନୁଭବ କଲେ ସେ ଲେଖକ ପୁଣି ଅନେକ କବିଙ୍କ ଗହଣରେ। ସେ କବିଙ୍କ ପାଇଁ ସେଇ ଖୁସି ଥିଲା ଅବ୍ୟକ୍ତ। କବିତା ପଢ଼ି ମଞ୍ଚ ତଳକୁ ଓହ୍ଲେଇ ଆସିଲା ପରେ ମଞ୍ଚ ତଳେ ବସିଥିବା ଜଣେ କର୍ମକର୍ତ୍ତା ତାଙ୍କ ହାତକୁ ବଢ଼ାଇ ଦେଇଥିଲେ ଗୋଟେ ଛୋଟ ଖାମ୍। ଗୋଟେ ପ୍ରଶସ୍ତି ପତ୍ର। ତା' ସାଙ୍ଗକୁ ଏକ ବ୍ୟାଗ। ବ୍ୟାଗ ଭିତରେ ଥିଲା ଗୋଟେ କଲମ ଓ ଗୋଟେ ଛୋଟ ନୋଟ ଖାତା। ପରେ ସେ ଖାମ୍ ଖୋଲି ଦେଖିଥିଲେ ତା' ଭିତରେ ଥିଲା ଦି' ଖଣ୍ଡ ପାଞ୍ଚ ଶହ ଟଙ୍କିଆ ନୋଟ। ସେ କବି ପ୍ରଥମ ଥର ପାଇଁ କବିତା ପଢ଼ି ପାରିତୋଷିକ ସହିତ ଖାତା, କଲମ, ପ୍ରଶସ୍ତି ପତ୍ର ଓ ବ୍ୟାଗ ପାଇ ବହୁତ ଖୁସି ହେଉଥିଲେ। ମନକୁ ମନ ସେ ଖୁସିରେ କହି ପକାଇଥିଲେ ''ସାହିତ୍ୟ ବି ଦିଏ''। ତେବେ ସାହିତ୍ୟ ନିଏ ଯେମିତି, ଦିଏ ମଧ୍ୟ। ନିଜ ସତୀର୍ଥ ବନ୍ଧୁଙ୍କୁ ସେ କବି କହିଥିଲେ ସାହିତ୍ୟ କାର୍ଯ୍ୟକ୍ରମ ପାଇଁ ଦେବାକୁ ବେଳେ ବେଳେ କୁନ୍ଥୁ କୁନ୍ଥୁ ହୁଅ। ହେଲେ ସାହିତ୍ୟ, ସାଗର ଭଳି ଅବିକଳ ନ ଫେରାଇଲେ ଭିନ୍ନ ଆକାରରେ ଫେରାଇପାରେ। କେଉଁଠି ପାରିତୋଷିକ ବି ମିଳିପାରେ। କିଛି ନ ହେଲେ କବିତା ଲେଖୁଥିବାରୁ କବିର ପରିଚୟ ତ ମିଳେ। କବିତା ପାଠ କାର୍ଯ୍ୟକ୍ରମରେ ପଠିତ କବିତା ଶୁଣି କିଏ ତାକୁ ତାରିଫ କଲେ, ତାହା କବି ପାଇଁ ପୁରସ୍କାର ସ୍ୱରୂପ ମନେ କରାଯାଇପାରେ। ସାହିତ୍ୟରୁ ସିଧାସଳଖ ଟଙ୍କା ଖୋଜି ବସିଲେ ହେବ ନାହିଁ। ଆଗ ଖୁସି ଖୋଜିବା, ଖୁସି ସାଉଁଟିବା। କେଉଁଠି କବିତା ପଢ଼ି ପାରିତୋଷିକ ପାଇଲେ ଆହ୍ଲାଦିତ ହେବା। ଆସନ୍ତୁ, ସତ ସାହିତ୍ୟ କରିବା। ନିରୁତା ଖୁସି ସୁଖ ପାଇବା। ଆଉ ସେଇ ଖୁସିରେ ତଲ୍ଲୀନ ରହିବା ଚିରକାଳ।

**ବଉଦରାଜ, ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

## ଏଇ ଭାରତରେ

ହିମାଚଳପ୍ରଦେଶର ରିଭା ସୁଦ୍ ଜୈବିକ ପଦ୍ଧତିରେ ଡ୍ରାଗନଫ୍ରୁଟ୍ସ ଚାଷ କରୁଛନ୍ତି। ଏହାକୁ ନେଇ ସେ ୧ କୋଟି ଟଙ୍କାର ବ୍ୟବସାୟିକ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଛନ୍ତି। ସେ ଡ୍ରାଗନଫ୍ରୁଟ୍ସକୁ ସ୍ଥାନୀୟ ଅଞ୍ଚଳରେ କେ.ଜି. ପ୍ରତି ୨୦୦ ଟଙ୍କାରେ ବିକ୍ରି କରିବା ସହ ସେଥିରୁ ଜୁସ୍ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ରିଭା ଫାର୍ମର୍ସ ପ୍ରଡ୍ୟୁସର୍ ଅର୍ଗାନାଇଜେଶନ(ଏଫ୍‌ପିଓ) 'ହିମ୍ ଟୁ ହମ୍' ପ୍ରତିଷ୍ଠା କରିଛନ୍ତି। ଏହି ସଂସ୍ଥା ସହ ସେ ହିମାଚଳପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରାଖଣ୍ଡ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଚାଷୀଙ୍କୁ ସାମିଲ କରିଛନ୍ତି। ସେମାନେ ମଧ୍ୟ ଡ୍ରାଗନଫ୍ରୁଟ୍ସ ଚାଷ, ପ୍ରୋସେସିଂ ଓ ବ୍ୟବସାୟରେ ରିଭାଙ୍କୁ ସାହାଯ୍ୟ କରୁଛନ୍ତି। ରିଭା ଥାଇଲାଣ୍ଡ ଓ ତାଇୱାନରୁ ପ୍ରଥମେ ୨୦୦୦ ଡ୍ରାଗନଫ୍ରୁଟ୍ସ ଚାରା ଆଣି ୫ ଏକରରେ ଲଗାଇଥିଲେ। ପରେ ଚାଷକୁ ୭୦ ଏକରକୁ ବଢ଼ାଇଛନ୍ତି ଓ ଏବେ ଫାର୍ମରେ ୩୦,୦୦୦ ଗଛ ଅଛି। ସେ ମଧ୍ୟ ଅଶ୍ୱଗନ୍ଧା ଓ ସଜନା ଚାଷ କରି ସେଥିରୁ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨ ସେପ୍ଟେମ୍ବର ୧୯୭୬**

- ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜନସେବୀ ରାଧାମୋହନ ମହାପାତ୍ରଙ୍କ ୭୮ ବର୍ଷ ବୟସରେ ପରଲୋକ।
- ନନ୍ଦିନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳ ଏକ ପ୍ରଗତିଶୀଳ ଓ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରି ରାଜ୍ୟର ସରକାରୀ ଡାକ୍ତରମାନଙ୍କ ଘରୋଇ ଚିକିତ୍ସା ବ୍ୟବସାୟ ବନ୍ଦ କରିଦେଇଛନ୍ତି।

## ଚିରନ୍ତନୀ

କ୍ଳିଷ୍ଟ ଧରାର ଶୀତ ସାଧନା
ଦୁର୍ଦ୍ଦିନ କ୍ଷତ ଶତ ବାସନା
ଚଞ୍ଚଳ ଗୀତ ଆଜି କବିର
ମୁଗ୍ଧ ଚେତନା ଅନୁଭବୀର
ଫଗୁଣର ସୁରଭିତ ଅବିର
ସୁନା କରିଦେବ ସବୁ ବେଦନା ।
–(ଫଗୁଣ ଜ୍ୟୋସ୍ନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 1 | | | | | | | |
| | 2 | | 6 | 8 | | | | |
| 3 | | | | | 7 | | 8 | |
| | | | | 5 | | | | |
| 8 | | | | | | | 7 | |
| 9 | 5 | 3 | | | | | 2 | |
| | 9 | 5 | | 1 | 3 | 4 | | |
| | | | | | | | | 1 |
| | | | 8 | 7 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 5 | 2 | 8 | 1 | 4 | 7 | 6 |
| 1 | 7 | 4 | 6 | 9 | 3 | 2 | 5 | 8 |
| 8 | 2 | 6 | 5 | 7 | 4 | 3 | 9 | 1 |
| 2 | 4 | 8 | 7 | 6 | 9 | 1 | 3 | 5 |
| 5 | 9 | 3 | 4 | 1 | 8 | 6 | 2 | 7 |
| 6 | 1 | 7 | 3 | 5 | 2 | 8 | 4 | 9 |
| 4 | 8 | 1 | 9 | 2 | 7 | 5 | 6 | 3 |
| 3 | 6 | 9 | 1 | 4 | 5 | 7 | 8 | 2 |
| 7 | 5 | 2 | 8 | 3 | 6 | 9 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ କଥାରେ ରାଜନୀତି

ମହାଶୟ,
ସମୟ ଥିଲା, ରାଜନୀତିକୁ ଲୋକେ ଶ୍ରେଷ୍ଠ ନୀତି ବୋଲି କହୁଥିଲେ। ଏବେ କଥା କଥାରେ ରାଜନେତାମାନେ କହୁଛନ୍ତି ସବୁ କଥାକୁ ରାଜନୀତି କରନାହିଁ। ଏହାର ଅର୍ଥ ବୁଝିହୁଏ ନାହିଁ। ରାଜନୀତିର ଉତ୍ତରଣ ହୋଇଛି କି ଅବନତି ଘଟିଛି। ବଳଙ୍ଗା ଝିଅର ଆତ୍ମାହୁତି ଅତ୍ୟନ୍ତ ଦୁଃଖଦ ହେଲେ ବି ରହସ୍ୟମୟ ହୋଇ ରହିଗଲା। କିଏ ତାକୁ ନିଆଁ ଲଗାଇଲା, ପୋଲିସ ଅଭିଯୁକ୍ତଙ୍କୁ ଧରିପାରିଲାନି। ପୀଡ଼ିତା ମଧ୍ୟ ବାରମ୍ବାର ବୟାନ ବଦଳାଇଲା। ସରକାର ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ଭୁବନେଶ୍ୱର ଏମ୍‌ସରୁ ଦିଲ୍ଲୀ ଏମ୍‌ସ ପର୍ଯ୍ୟନ୍ତ ଏୟାର ଲିଫ୍ଟ କରି ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଦିଲ୍ଲୀ ଏମ୍‌ସରେ ଡାକ୍ତରମାନେ ମଧ୍ୟ ନିଜର ସାଧ୍ୟମତେ ଚିକିତ୍ସା କରିଥିଲେ, ଅଥଚ ପୀଡ଼ିତା ବଞ୍ଚିପାରିଲା ନାହିଁ। ବିରୋଧୀ ଦଳ ନେତାମାନେ ବିଭିନ୍ନ ପ୍ରକାରର ବୟାନବାଜି କଲେ। ସର୍ବଶେଷରେ ପୀଡ଼ିତାଙ୍କ ବାପା କହିଲେ, ପୋଲିସ ,ସରକାର ଏବଂ ଡାକ୍ତରମାନେ ସେମାନଙ୍କର କାର୍ଯ୍ୟରେ କୌଣସି ହେଳା ପ୍ରଦର୍ଶନ କରିନାହାନ୍ତି। ଏ ଘଟଣାକୁ ନେଇ କେହି ରାଜନୀତିକରଣ ନ କରନ୍ତୁ। ମୋ ଝିଅକୁ ଫେରି ପାଇବା ମୋ ଭାଗ୍ୟରେ ନ ଥିଲା।

**–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା

**ଦେଶର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତିକୁ ଗୁରୁତ୍ୱ**

**ସମ୍ବଲପୁର,୧୯(ପ୍ରମୋଦ ବହିଦାର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପଦେଷ୍ଟା ତରୁଣ କପୁର ସମ୍ବଲପୁର ଗସ୍ତରେ ଆସି ଜିଲାର ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ସୋମବାର ସମୀକ୍ଷା କରିଛନ୍ତି। ସେ ହୀରାକୁଦ ଜଳଭଣ୍ଡାର ପରିଦର୍ଶନ ସମୟରେ ଏଠାରେ ସ୍ୱତନ୍ତ୍ର ପୁଞ୍ଜିନିବେଶ ସହାୟତା(ଏସ୍‌ଏସ୍‌ସିଆଇ) ଯୋଜନା ଅଧୀନରେ ଜାରି ରହିଥିବା ନିର୍ମାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ଦେଖିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ତାଙ୍କୁ ହୀରାକୁଦ ପର୍ଯ୍ୟଟନ ଉନ୍ନୟନ ପ୍ରୟାସ ଅଧୀନରେ ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେହିପରି ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କାର୍ଯ୍ୟଗୁଡ଼ିକୁ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ହୀରାକୁଦକୁ ଯଥାଶୀଘ୍ର ରାଜ୍ୟ ତଥା ଦେଶର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରାଯାଇପାରିବ ବୋଲି କପୁର କହିଥିଲେ। ଏହାବ୍ୟତୀତ ସେ ସମ୍ବଲପୁର ରିଂରୋଡ୍, ରେଳଷ୍ଟେସନର ପୁନଃବିକାଶ, ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସହିତ ଭୀମମଣ୍ଡଳୀର ସାଂସ୍କୃତିକ ଐତିହ୍ୟଭିତ୍ତିକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା କପୁର ରବିବାର ଦେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏହି ଅଭୟାରଣ୍ୟର ପରିବେଶ ମୋତେ ବେଶ୍ ଚମକୃତ କରିଛି। ଯାହା ମୋ' ପାଇଁ ଚିରସ୍ମରଣୀୟ ହୋଇରହିବ। ଏଠାକାର ପରିବେଶରେ ପ୍ରାଣୀଙ୍କ ମଧ୍ୟରେ ଜୈବ ବିବିଧତା ତଥା ସେମାନେ ଅବାଧରେ ସୁସ୍ଥତାର ସହିତ ବିଚରଣ କରୁଥିବା ପରିଲକ୍ଷିତ ହୋଇଛି। ଏଠାରେ ପ୍ରକୃତି ଓ ପର୍ଯ୍ୟଟନ ମଧ୍ୟରେ ଉତ୍ତମ ସନ୍ତୁଳନ ଦୃଶ୍ୟମାନ ହୋଇଛି। ଏହି ଅଭୟାରଣ୍ୟର ଆହୁରି ବିକାଶ ପାଇଁ ସମ୍ଭାବନା ରହିଛି। ଯଦ୍ୱାରା ଏହାକୁ ଭାରତର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ କରିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ତେବେ ଏଥିରେ ସ୍ଥାନୀୟ ଲୋକଙ୍କ ସହଯୋଗ ଦରକାର। ଏହି ପରିଦର୍ଶନ ସମୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଡ. ଅଂଶୁପ୍ରଜ୍ଞା ଦାସଙ୍କ ସହିତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


ଦେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନବେଳେ ବିଭିନ୍ନ ଅଧିକାରୀଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ତରୁଣ କପୁର।

## ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ: ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ପୁରସ୍କୃତ

**ନୂଆପଡ଼ା,୧୯ (ମକାରୁ ବେମାଲ)**

ନୂଆପଡ଼ା ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଗୁରୁବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମଠାରେ ଶତାଧିକ କ୍ରୀଡ଼ାବିତ, ବୁଦ୍ଧିଜୀବୀ, କ୍ରୀଡା ସଂଗଠକ ଉପସ୍ଥିତ ରହି ହକି ଖେଳର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ତ୍ରିଦିବସୀୟ ଉତ୍ସବରେ ବିଭିନ୍ନ ପ୍ରକାର କ୍ରୀଡା ସହ ବହୁବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନୂଆପଡା ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ମୁଖ୍ୟ ଅତିଥି, ବିଶିଷ୍ଟ କ୍ରୀଡ଼ାବିତ ଓ କ୍ରୀଡା ସଂଗଠକ ସରୋଜ କୁମାର ସାହୁ, ପ୍ରକାଶ କୁମାର ସାହୁ, ଅମିତ ଗୋହିଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ଓ ଅତିଥିମାନେ ଦିବସର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। କନିଷ୍ଠ ବର୍ଗରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଅମିତ କୁମାର ସାହୁ ଓ ମୋହିତ ଜୈନ ଚାମ୍ପିୟନ ହୋଇଥିଲେ। ସେହିପରି ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ହୋଇଥିବା ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ଯାଜ୍ଞସେନି ମହାପାତ୍ର ପ୍ରଥମ, ଚୁମା ପଟେଲ ଦ୍ୱିତୀୟ ଓ ସୁମତି ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମ୍ୟୁଜିକ ଚେୟାର ଖେଳରେ ରାଣୀ ଦଣ୍ଡସେନା ପ୍ରଥମ, ଚୁନେରୀ ସାହୁ ଦ୍ୱିତୀୟ ଓ ଝରଣା ରାଉତ ତୃତୀୟ ହାସଲ କରିଥିଲେ। ନୂଆପଡ଼ା ଉପଜିଲାପାଳ ସୁର୍ମି ସୋରେନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଡବଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ପ୍ରକାଶ କୁମାର ସାହୁ ଓ ଅମିତ ଗୋହିଲ ଚାମ୍ପିୟନ ହୋଇଥିଲେ। ଟେବୁଲ ଟେନିସ ଏକକ ପ୍ରତିଯୋଗିତାରେ ରାଜେନ୍ଦ୍ର ପ୍ରସାଦ ବଡେଇ ଚାମ୍ପିୟନ ହୋଇଥିଲେ। ସେହିପରି ୨୮ ତାରିଖରେ ଖରିଆରଠାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଶଟ୍‌ପୁଟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ରବିବାର ସକାଳ ୮ ଘଣ୍ଟା ସମୟରେ ନୂଆପଡାରେ ଏକ ସାଇକେଲ ରାଲି ଆୟୋଜିତ ହେଇଥିଲା।


ବିଭିନ୍ନ କ୍ରୀଡ଼ାରେ କୃତୀ ପ୍ରତିଯୋଗୀମାନେ।

## ନିଖୋଜ ମାମଲା ହତ୍ୟାରେ ପରିଣତ ହେଲା

**୩ ଅଭିଯୁକ୍ତ କୋର୍ଟ ଚାଲାଣ**

**ଲାଞ୍ଜିଗଡ଼, ୧୯ (ରମେଶ ଚନ୍ଦ୍ର ନାୟକ)**



କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ମନସ୍ତରା ଗାଁର ବୃଦ୍ଧ ଏକୁନା ମାଝୀ(୭୪)ଙ୍କୁ ଗୁଣିଗାରେଡି ସନ୍ଦେହରେ ହତ୍ୟା ଅଭିଯୋଗରେ ପୋଲିସ ୩ ଅଭିଯୁକ୍ତ ମନସ୍ତରା ଗାଁର ନରେଶ ମାଝୀ (୨୬), ଚକ୍ର ମାଝୀ (୨୨) ଓ ମୁରଲୀ ମାଝୀ(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତିନିଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ବୃଦ୍ଧ ଏକୁନା ୨୮ ତାରିଖରୁ ନିଖୋଜ ହୋଇଥିଲେ। ଏହାକୁ ନେଇ ପୁଅ ମଙ୍ଗଳା ମାଝୀ ୨୮ ତାରିଖରେ ବିଶ୍ୱନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଗାଁକୁ ଯାଇ ତଦନ୍ତ ଚଲାଇଥିଲା। ୪ ଦିନ ପରେ ବୃଦ୍ଧଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇଥିଲା। ଗୁଣିଗାରେଡି ସନ୍ଦେହରେ ଗତ ୩୧ ତାରିଖରେ ଅଭିଯୁକ୍ତମାନେ ବୃଦ୍ଧଙ୍କୁ ହତ୍ୟା କରି ନିକଟସ୍ଥ ଜଙ୍ଗଲର ଏକ ଗଛରେ ଝୁଲାଇ ଦେଇଥିବା ଖବର ମିଳିଥିଲା। ଖବର ପାଇ କେସିଙ୍ଗା ଏସଡ଼ିପିଓ ସନ୍ଦୀପ କୁମାର ମାଝୀ, ଲାଞ୍ଜିଗଡ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ ଏବଂ ବିଶ୍ୱନାଥପୁର ଥାନା ପୋଲିସ ରବିବାର ସନ୍ଧ୍ୟାରେ ଘଟଣା ସ୍ଥଳରୁ ବୃଦ୍ଧଙ୍କ ମୃତଦେହ ଜବତ କରିବା ସହ ସେଇ ମନସ୍ତରା ଗାଁର ତିନିଜଣ ଯୁବକଙ୍କୁ ଥାନାକୁ ଆଣିଥିଲେ। ପଚରାଉଚୁରା ପରେ ଅଭିଯୁକ୍ତ ତିନିଜଣ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ମାମଲା (ନଂ.୫୭/୨୫)ରେ ରୁଜୁ କରି ପୋଲିସ ବିଏନ୍‌ଏସ୍ ଧାରା ୧୦୩(୧)/୩(୫) ଅନୁଯାୟୀ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବର ପ୍ରକାଶ କରିଛନ୍ତି।

## ଆମଠାପଡ଼ାଠାରେ 'ବଣମଲ୍ଲୀ' ସାଂସ୍କୃତିକ ଉତ୍ସବ

**ବଘିଅପଡ଼ା,୧୯(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା ଅନ୍ତର୍ଗତ ବଘିଆପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆମଠାପଡ଼ାଠାରେ 'ୟାରା' ଓ ଆମଠାପଡ଼ା ଯୁବକ ସଂଘର ମିଳିତ ସହଯୋଗରେ ସୋମବାର ବଣମଲ୍ଲୀ - ୨୦୨୫ ଆଞ୍ଚଳିକ, ସାଂସ୍କୃତିକ ଓ ପୁରାତନ ନୃତ୍ୟ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଚାରାରୋପଣ କରି ଆମଠାପଡ଼ା ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଙ୍କୀର୍ତ୍ତନ ପରିବେଷଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଞ୍ଚଳିକ କଳାକାରମାନେ ଶବର, ବୀଣାକାର, କୃଷ୍ଣଗୁରୁ, ଘୁଡୁକା ଆଦି ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମଧ୍ୟ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ 'ୟାରା'ର ମୁଖ୍ୟ ଉପଦେଷ୍ଟା କାର୍ତ୍ତିକେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଏବିଡିଓ ସୁବାସ ସାମଲ ସମ୍ମାନିତ ଅତିଥି ଭାବରେ ରିତାକାନ୍ତି ବରିଆରସିଂହ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ବୌଦ୍ଧ, ବସନ୍ତ କୁମାର ସାହୁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବୌଦ୍ଧ, ଭାସ୍କର ଆଚାର୍ଯ୍ୟ, ବିଏମ୍ ଡିସିବି ବ୍ୟାଙ୍କ ବୌଦ୍ଧ ଶାଖା ତଥା ବଡ଼ିବି ଚାମ୍ପିୟନ ଓଡ଼ିଶା, ପୋଡ଼ କାଷ୍ଟ ଚିଫ ଗାଁ ମୁଖିଆ ଅଶେଷ ଦନାୟକ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ନିମନ୍ତ୍ରିତ କଳାକାରମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଗ୍ରାମର ସର୍ବ ବରିଷ୍ଠ ବିଷ୍ଣୁ ଚରଣ ଦନାୟକ, ସଙ୍କୀର୍ତ୍ତନ ଗାୟକ ଓ ଏ ବର୍ଷ ମାଟ୍ରିକରେ ସର୍ବାଧିକ ନମ୍ବର ରଖିଥିବା ଆଶିଷ ଦନାୟକ, ସଂକୀର୍ତ୍ତନ କଣ୍ଠ ଶିଳ୍ପୀ ସତ୍ୟନାରାୟଣ ଦନାୟକଙ୍କୁ ସ୍ୱତନ୍ତ୍ର ଭାବରେ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଭାସ୍କର ଆଚାର୍ଯ୍ୟ, ବିଏମ୍ ଡିସିବି ବ୍ୟାଙ୍କ ବୌଦ୍ଧ ଶାଖା ତଥା ବଡ଼ିବି ଚାମ୍ପିୟନ ଓଡ଼ିଶା ମଞ୍ଚରେ ଆଶିଷ ଦନାୟକଙ୍କୁ ଏ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବାରୁ ପାଞ୍ଚ ହଜାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ଯୁବ କେନ୍ଦ୍ରର ସି. ଆର୍.ପି ଧରଣୀଧର ଲଉରିଆଙ୍କ ନେତୃତ୍ୱରେ ଅନ୍ନ ଅଭିଯାନ ତରଫରୁ ଏକ ମାଣ୍ଡିଆ ଖାଦ୍ୟ ଷ୍ଟଲର ବ୍ୟବସ୍ଥା ହୋଇଥିଲା। ଏଥି ସହିତ କ୍ୟୁବ ବେବୀ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ମଧୁର ସଙ୍ଗୀତ ମେଲୋଡି ବୌଦ୍ଧ ଗ୍ରୁପର କଳାକାରମାନଙ୍କ ଦ୍ୱାରା ଏକ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଧୀର କୁମାର ଦୀପ ମଞ୍ଚ ପରିଚାଳନା କରିଥିବା ବେଳେ ଆମଠାପଡ଼ା ଗ୍ରାମର ସମସ୍ତ ଭଦ୍ରବ୍ୟକ୍ତି, ଯୁବକ ସଂଘର ସମସ୍ତ ସଦସ୍ୟ ଓ ୟାରା ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଧରଣୀଧର ଲଉରିଆ ଧନ୍ୟବାଦ ଅର୍ପଣ କରିଥିଲେ।


ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

**ରିଷିଡ଼ା,୧୯ (ସୁଶାନ୍ତ ମଲ୍ଲିକ)**

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ବମକ ଗାଁର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉଦ୍ୟମ ମାଝି। ସୂଚନା ଅନୁଯାୟୀ ସକାଳ ପ୍ରାୟ ୧୦ଟା ସମୟରେ ଉଦ୍ୟମ ନିଜ ବିଲରୁ ଘରକୁ ଫେରୁଥିଲେ। ଏହି ସମୟରେ ସେ ଘର ସମ୍ମୁଖରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ସପୋର୍ଟ ପାଇଁ ଦିଆଯାଇଥିବା ତାର ସଂସ୍ପର୍ଶରେ ଆସି ଅଚେତ ହୋଇ ପଡ଼ିଥିଲେ। ପରେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ମ. ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

**ଘଣ୍ଟାପଡ଼ା,୧୯(ପ୍ରଭାତ କୁମାର ସାହୁ)**

କଣ୍ଟାମାଳ ବ୍ଲକ ତାଲବେଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କପିଳାସ ବଗର୍ତ୍ତୀ (୮ବର୍ଷ)। କପିଳାସ ରାତିରେ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସୋନପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।


**PRANANATH COLLEGE (AUTONOMOUS), KHORDHA**
NAAC Accredited 'A' Level
**New e-Admission in P.G.**
SAMS Phase-II
Prananath College (Autonomous), Khordha announces opening of new P.G. courses in
**Political Science - 32 seats**
**Physics - 16 seats**
**Odia - 32 seats**
Candidates with CPET - 2025 score may apply online in SAMS : **pg.samsodisha.gov.in / www.samsodisha.gov.in**
**Last date - 03.09.2025**
Sd./- PRINCIPAL


## ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଙ୍କ ସଫଳତା

**ଲୋଇସିଂହା,୧୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିକଟସ୍ଥ ରାଣୀସର୍ଡା ପଞ୍ଚାୟତ ଅର୍ଡା ଗ୍ରାମର ଗରିବ ମେଧାବୀ ଛାତ୍ରୀ ଚନ୍ଦ୍ରକାନ୍ତୀ କର୍ମୀ ଡାକ୍ତରୀ ପ୍ରବେଶିକ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଭୀମସାର ବୁର୍ଲା ମେଡିକାଲରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମା'ଉର୍ମି କର୍ମୀ ଜଣେ ଗୃହିଣୀ, ବାପା ତରଣୀ କର୍ମୀ ଜଣେ ଚାଷୀ। ଚନ୍ଦ୍ରକାନ୍ତୀ ପ୍ରାଥମିକ ଶ୍ରେଣୀରୁ ଜଣେ ମେଧାବୀ ଛାତ୍ରୀ। ୨୦୧୯ ମସିହାରେ ତରଭା ବ୍ଲକ ମେଣ୍ଡା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ କରିଥିବାବେଳେ ୨୦୨୨ ରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନ ପଢ଼ି ପାସ କରିଥିଲେ। ଏହାପରେ ଭୁବନେଶ୍ୱରରେ ଏକ ଘରୋଇ ବିଦ୍ୟାଳୟରେ କୋଚିଂ କରି ଏହି ସଫଳତା ହାସଲ କରିଥିବା ଜଣାପଡ଼ିଛି। ଅଭିଭାବକ, ଗ୍ରାମବାସୀ ଏବଂ ତାଙ୍କୁ ଶିକ୍ଷାଦାନ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।


ଚନ୍ଦ୍ରକାନ୍ତୀ କର୍ମୀ।

## ଭାଜପା ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ

**ନୂଆପଡ଼ା,୧୯ (ମକାରୁ ବେମାଲ)**

ବିହାର ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସ ପକ୍ଷରୁ ଏକ ରାଲି କରାଯାଉଥିଲା। ସେହି ସମୟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ବିରୋଧରେ ଅଶ୍ଳୀଳ ମନ୍ତବ୍ୟ ଦେଇ ଅସମ୍ମାନ କରିଛନ୍ତି ବୋଲି ନୂଆପଡ଼ା ଭାଜପା ଅଭିଯୋଗ ଆଣିଛି। ଏହାକୁ ବିରୋଧ କରି ଭାଜପା କର୍ମକର୍ତ୍ତା ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ରାହୁଲ ପ୍ରଧାନମନ୍ତ୍ରୀଙ୍କଠାରେ କ୍ଷମା ନ ମାଗିଲେ ଆଗାମୀ ଦିନରେ ଭୟାଭହ ଆନ୍ଦୋଳନ ହେବ ବୋଲି ଭାଜପା ଜିଲା ସଭାପତି କମଲେଶ ଦୀକ୍ଷିତ କହିଛନ୍ତି। ଏହି ସମୟରେ ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ସରୋଜ କୁମାର ସାହୁ, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସୁଶାନ୍ତ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।


କୁଶ ପୁତ୍ତଳିକା ଦାହ କରୁଛନ୍ତି ଭାଜପା କର୍ମକର୍ତ୍ତା।

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିଲେ

**ନୂଆଁଖାଇ ଭେଟଘାଟ୍‌ରେ ଯୁବ ପ୍ରତିଭାକୁ ସମ୍ବର୍ଦ୍ଧନା ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ**


କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଉଛନ୍ତି ଯୁବ ପ୍ରତିଭା।

**ଲୋଇସିଂହା,୧୯ (ସୁଶାନ୍ତ ବାରିକ)**

ରବିବାର ସର୍ବଭାରତୀୟସ୍ତରରେ ୨୩ଟି ସର୍ବସାଧାରଣ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ୧୨୫ ତମ ମନକି ବାତ ଶୁଣିବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହିକ୍ରମରେ ଓଡିଶାର ଏକମାତ୍ର ସ୍ଥାନ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରୁଗୁଡିଖାଲ ଠାରେ ଏହି କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ଜନସାଧାରଣ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟକଙ୍କ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନୂଆଁଖାଇର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏକତା ସୂତ୍ରରେ ବାନ୍ଧି ରଖିବାର ପର୍ବ ହେଉଛି ନୂଆଁଖାଇ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ନୂଆଁଖାଇ ସମାଜରେ ସ୍ନେହ,ଶ୍ରଦ୍ଧା ଓ ଭାତୃତ୍ୱର ଭାବ ବୃଦ୍ଧି କରିବାର ଏକ ଅନନ୍ୟ ଅବସର ବୋଲି ସେ କହିଥିଲେ। ପ୍ରତିବର୍ଷ ନବାନ୍ନ ସରିବା ପରେ ପଡୁଥିବା ପ୍ରଥମ ରବିବାରରେ ଏପରି ନୂଆଁଖାଇ ଭେଟଘାଟ ଆୟୋଜନ ହେବ ବୋଲି ମନ୍ତ୍ରୀ ମହାଲିଙ୍ଗ ଘୋଷଣା କରିଥିଲେ। ମାନବ ସମାଜ ବଞ୍ଚିଥିବା ଯାଏ ନୂଆଁଖାଇ ପରମ୍ପରା ବଞ୍ଚି ରହିବ ବୋଲି ମନ୍ତ୍ରୀ ମହାଲିଙ୍ଗ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଦେଇ ମନ୍ତ୍ରୀ ସମ୍ମାନିତ କରିଥିଲେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଲୋଇସିଂହା ବ୍ଲକ ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ,ବାଦିମୁଣ୍ଡା ସରପଞ୍ଚ କିରନ ସାହୁ ,ବାଦିବାହାଲ ସମିତି ସଭ୍ୟ ଅଜିତ ବେହେରା ତାଙ୍କ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ମନ୍ତ୍ରୀ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।


**GOVERNMENT OF ODISHA** No.O-674
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
No. : 3114 Date : 25.08.2025
**NATIONAL COMPETITIVE BIDDING THROUGH GePNIC e_Procurement Notice**
1. Name of the work : Construction of Road Works - 13 Nos.
2. Class of contractor : "B" Class, "A" Class & Special of (Odisha PWD) or relevant class of other licensing authority.
3. Estimated Cost : Varies from Rs.75.66 Lakhs to Rs. 831.02 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 12/2025-26 | 03.09.2025 at 11.00 A.M. | 23.09.2025 up to 5.00 P.M. | 22.09.2025 up to 2.00 P.M. | 24.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
Sd./- Chief Construction Engineer, RW Circle, Sunabeda
OIPR-25182/11/0072/2526



**GOVERNMENT OF ODISHA** No.O-672
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
No. : 3112 Date : 25.08.2025
**NATIONAL COMPETITIVE BIDDING THROUGH GePNIC e_Procurement Notice**
1. Name of the work : Construction of Weir (Bridge) Works - 02 Nos.
2. Class of contractor : "B" Class & "A" Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.100.16 Lakhs to Rs.122.34 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 14/2025-26 | 03.09.2025 at 11.00 A.M. | 17.09.2025 up to 5.00 P.M. | 16.09.2025 up to 2.00 P.M. | 18.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
Sd./- Chief Construction Engineer, RW Circle, Sunabeda
OIPR-25182/11/0074/2526



**GOVERNMENT OF ODISHA** No.A-558
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, NAYAGARH**
e-Procurement Notice
BID IDENTIFICATION NO. - SEMIDN - 07/2025-26
Letter No. - 2251 Dated - 26.08.2025
Name of work : Improvement to Check Dams under Imp. to Check Dam grant during the year 2025-26
No. Works : 10 (Ten)
Estimated Cost : Varies from Rs. 4.08 lakh to Rs. 6.72 lakh Approximately
Class of Contractor : Class "D" & "C"
Tender paper Cost : **Rs. 2000.00 & 4000.00 (Non-refundable)**
Period of completion : 01 (One) Calendar month
Availability of Bid documents : From 10.00 A.M. of **03.09.2025** to 17.00 hrs of **09.09.2025** in website (www.tendersodisha.gov.in)
Time of receipt of bid through online : From 10.00 A.M. of **03.09.2025** to 17.00 hrs of **09.09.2025** through online
Date of opening of bid documents : At 11.00 hrs of **10.09.2025** in the O/o S.E., M.I. Division, Nayagarh
Date of Transparent Lottery (if cases arise) : **At 11.00 hrs onwards of Dt. 17.09.2025**
Digital signature certificate : The bidder must posses compatible digital signature certificate (DSC) of Class - II or Class - III
The detail tender call notice can also be seen in the DOWR website : http/dowrorissa.gov.in.
Name and address of the OIT : Office of Superintending Engineer, M.I. Division, Nayagarh, Tel No. (06753)291009, e-mail - eemidivisionnayagarh@gmail.com
Further details can be seen from the e-Procurement market place, http//www.tendersodisha.gov.in
Sd./- Superintending Engineer M.I. Division, Nayagarh
OIPR-32260/11/0022/2526



**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND) PIN: 828123**
e-tender Notice - BIT/10/2025-26/Trans/Civil1
Reference Number: BIT/10/2025-26/Trans/Civil1
Dated :- 31-08-2025
Tender ID: 2025_DHTE_104469_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and installation of Laboratory Equipment of Transport Engineering Lab for Civil Department BIT Sindri, Dhanbad, Jharkhand. |
| 3 | Document download start date | 02-09-2025 |
| 4 | Document download end date | 02-09-2025 |
| 5 | Bid submission end date | 23-09-2025 |
| 6 | Bid opening date | 24-09-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in
Sd/- Director, B.I.T., Sindri
PR.NO.361011 Higher Education,Technical Education and Skill Development Department(25-26):D

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା

## ଦେଶର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତିକୁ ଗୁରୁତ୍ୱ

ସମ୍ବଲପୁର,୧।୯(ପ୍ରମୋଦ ବହିଦାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପଦେଷ୍ଟା ତରୁଣ କପୁର ସମ୍ବଲପୁର ଗସ୍ତରେ ଆସି ଜିଲାର ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ସୋମବାର ସମୀକ୍ଷା କରିଛନ୍ତି। ସେ ହୀରାକୁଦ ଜଳଭଣ୍ଡାର ପରିଦର୍ଶନ ସମୟରେ ଏଠାରେ ସ୍ୱତନ୍ତ୍ର ପୁଞ୍ଜିନିବେଶ ସହାୟତା(ଏସ୍‌ଏଏସ୍‌ସିଆଇ) ଯୋଜନା ଅଧୀନରେ ଜାରି ରହିଥିବା ନିର୍ମାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ଦେଖିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ତାଙ୍କୁ ହୀରାକୁଦ ପର୍ଯ୍ୟଟନ ଉନ୍ନୟନ ପ୍ରୟାସ ଅଧୀନରେ ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେହିପରି ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କାର୍ଯ୍ୟଗୁଡ଼ିକୁ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ହୀରାକୁଦକୁ ଯଥାଶୀଘ୍ର ରାଜ୍ୟ ତଥା ଦେଶର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରାଯାଇପାରିବ ବୋଲି କପୁର କହିଥିଲେ। ଏହାବ୍ୟତୀତ ସେ ସମ୍ବଲପୁର ରିଂରୋଡ୍‌, ରେଳଷ୍ଟେଶନର ପୁନଃବିକାଶ, ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସହିତ ଭୀମମଣ୍ଡଳୀର ସାଂସ୍କୃତିକ ଐତିହ୍ୟଭିତ୍ତିକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା କପୁର ରବିବାର ଡେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏହି ଅଭୟାରଣ୍ୟର ପରିବେଶ ମୋତେ ବେଶ୍ ଚମତ୍କୃତ କରିଛି। ଯାହା ମୋ' ପାଇଁ ଚିରସ୍ମରଣୀୟ ହୋଇରହିବ। ଏଠାକାର ପରିବେଶରେ ପ୍ରାଣୀଙ୍କ ମଧ୍ୟରେ ଜୈବ ବିବିଧତା ତଥା ସେମାନେ ଅବାଧରେ ସୁସ୍ଥତାର ସହିତ ବିଚରଣ କରୁଥିବା ପରିଲକ୍ଷିତ ହୋଇଛି। ଏଠାରେ ପ୍ରକୃତି ଓ ପର୍ଯ୍ୟଟନ ମଧ୍ୟରେ ଉତ୍ତମ ସନ୍ତୁଳନ ଦୃଶ୍ୟମାନ ହୋଇଛି। ଏହି ଅଭୟାରଣ୍ୟର ଆହୁରି ବିକାଶ ପାଇଁ ସମ୍ଭାବନା ରହିଛି। ଯଦ୍ୱାରା ଏହାକୁ ଭାରତର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ କରିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ତେବେ ଏଥିରେ ସ୍ଥାନୀୟ ଲୋକଙ୍କ ସହଯୋଗ ଦରକାର। ଏହି ପରିଦର୍ଶନ ସମୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଡ. ଅଂଶୁପ୍ରଜ୍ଞା ଦାସଙ୍କ ସହିତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ଡେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନବେଳେ ବିଭିନ୍ନ ଅଧିକାରୀଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ତରୁଣ କପୁର।

# ନାରୀଗଣ ଭଗବତ ଅଭିମୁଖୀ ହେଲେ ଦିବ୍ୟଯୁଗ ସମ୍ଭବ

## ଜିଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ

ବରଗଡ଼,୧।୯(ପ୍ରେମାନନ୍ଦ ଖମାରୀ)

ନାରୀମାନେ ଭଗବତ ଅଭିମୁଖୀ ହେଲେ ଦିବ୍ୟଯୁଗ ସମ୍ଭବ। ବରଗଡ଼ ଜିଲା ବିଜେପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ମାତୃତୀର୍ଥ ପରିସରରେ ରବିବାର ଆୟୋଜିତ ଜିଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀରେ ଆଲୋଚକଗଣ ମତପ୍ରକାଶ କରିଥିଲେ। ସାଧକ ଶ୍ରୀଧର ସାହୁ ମାତୃପତାକା ଉତ୍ତୋଳନ କରିଥିଲେ। ପ୍ରାଚୀ ମାଝୀ, ନେହା ପଧାନ, ସନ୍ଧ୍ୟାରାଣୀ ମେହେର, ପ୍ରାଚୀ ନାଏକ, ଗିତିକା ମହାକୁର, ଦୀପାଞ୍ଜଳୀ ମେହେର, ଶାନ୍ତି ମେହେର ବନ୍ଦେ ମାତରମ ସଙ୍ଗୀତ ଗାନ କରିଥିଲେ। ଆୟୋଜିତ ଜିଲାସ୍ତରୀୟ ସମ୍ମିଳନୀକୁ ସଙ୍ଗୀ ମଣ୍ଡଳ ସଂଯୋଜକ ପ୍ରଫୁଲ୍ଲ ପଣ୍ଡା ଉଦ୍‌ଘାଟନ କରିଥିଲେ। ଜିଲା ମହିଳା ପାଠଚକ୍ରର ସଙ୍ଗଠକ ଜୟନ୍ତୀ ସିଂଙ୍କ ସଂଯୋଜନାରେ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଲଳିତା ପ୍ରଧାନ ଦୁର୍ଗା ସ୍ତୋତ୍ର, ରାଜଲକ୍ଷ୍ମୀ ମହାରଣା ମାତୃ ପୁସ୍ତକ, ସୀମାଞ୍ଜଳୀ ସ୍ୱାଇଁ ମାତୃ ମନ୍ତ୍ର ଉଚ୍ଚାରଣ କରିଥିଲେ। ମମତା ଦାସ ଜୀବନର ଲକ୍ଷ୍ୟ, ବୈଜୟନ୍ତୀ ଧରୁଆ ଶ୍ରୀମା, ଆହ୍ଲାଦିନୀ ଦଳାଇ ଶ୍ରୀଅରବିନ୍ଦ, ତପସିନୀ ମହାପାତ୍ର ଶ୍ରୀଅରବିନ୍ଦ ପାଠଚକ୍ର, ପ୍ରତିମା ଗୁରୁ ନାମଜପ ବିଷୟରେ ଆଲୋଚନା କରିଥିଲେ। ଶ୍ରୀଧର ସାହୁ ଓ ରମେଶ ଚନ୍ଦ୍ର ସାହୁ ଆଲୋଚନା ଚକ୍ରର ଉପସଂହାର କରିଥିଲେ। ଶକୁନ୍ତଳା ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା କମିଟି ସଦସ୍ୟ ରାଜେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଲକ୍ଷ୍ମୀପ୍ରିୟା ରାଉତଙ୍କ ସଂଯୋଜନାରେ ଦ୍ୱିତୀୟ ଅଧିବେଶନରେ ଦିବ୍ୟଯୁଗ ସ୍ଥାପନ ଓ ନାରୀ ଶୀର୍ଷକ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ କୁମାର ପଣ୍ଡା ଓ ଅଧ୍ୟାପକ ରାଧାକାନ୍ତ ମିଶ୍ର ଆଲୋଚକଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦେବାର୍ଚ୍ଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗତୀ ମଣ୍ଡଳ ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଂଯୋଜନାରେ ଆଲୋଚନା ହୋଇଥିଲା। ସଭାପତି ଲୋକନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ଗଡ଼ତିଆ ମାତୃ ପତାକା ଅବତରଣ କରିଥିଲେ। ଏଥିରେ ଜିଲାର ୧୨ବ୍ଲକର ୩୦ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମେତ ମହିଳା ପାଠଚକ୍ରର କର୍ମୀ ଅପାଭାଇ ଯୋଗଦେଇଥିଲେ।




ଜିଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀରେ ଛାତ୍ରୀମାନେ ସଙ୍ଗୀତ ଗାନ କରୁଛନ୍ତି।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର




ଅଭିଯୋଗ ଶୁଣାଣି ଚାଲିଛି।

ଭଟଲି,୧।୯(ବିଜୟ ମେହେର)

ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ, ଭଟଲି ବିଡିଓ ପ୍ରମୋଦ ଚନ୍ଦ୍ର ମେହେର ଏବଂ ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ୫୨ ଅଭିଯୋଗ ମଧ୍ୟରୁ ୪୧ଟି ବ୍ୟକ୍ତିଗତ ଏବଂ ୧୧ ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଆମଠାପଡ଼ାଠାରେ 'ବଣମଲ୍ଲୀ' ସାଂସ୍କୃତିକ ଉତ୍ସବ

ବଘିଅପଡ଼ା,୧।୯(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ଅନ୍ତର୍ଗତ ବଘିଆପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆମଠାପଡ଼ାଠାରେ 'ୟାରା' ଓ ଆମଠାପଡ଼ା ଯୁବକ ସଂଘର ମିଳିତ ସହଯୋଗରେ ସୋମବାର ବଣମଲ୍ଲୀ – ୨୦୨୫ ଆଞ୍ଚଳିକ, ସାଂସ୍କୃତିକ ଓ ପୁରାତନ ନୃତ୍ୟ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଚାରାରୋପଣ କରି ଆମଠାପଡ଼ା ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଙ୍କୀର୍ତ୍ତନ ପରିବେଷଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଞ୍ଚଳିକ କଳାକାରମାନେ ଶବର, ବୀଣାକାର, କୃଷ୍ଣଗୁରୁ, ଘୁଡୁକା ଆଦି ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମଧ୍ୟ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ 'ୟାରା'ର ମୁଖ୍ୟ ଉପଦେଷ୍ଟା କାର୍ତ୍ତିକେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଏବିଡିଓ ସୁବାସ ସାମଲ ସମ୍ମାନିତ ଅତିଥି ଭାବରେ ରିତାକାନ୍ତି ବଳିଆରସିଂହ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ବୌଦ୍ଧ, ବସନ୍ତ କୁମାର ସାହୁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବୌଦ୍ଧ, ଭାସ୍କର ଆଚାର୍ଯ୍ୟ, ବିଏମ୍ ଡିସିବି ବ୍ୟାଙ୍କ ବୌଦ୍ଧ ଶାଖା ତଥା ବଡ଼ିବି ଚାମ୍ପିୟନ ଓଡ଼ିଶା, ପୋଡ଼ କାଷ୍ଟ ଚିଫ ଗାଁ ମୁଖିଆ ଅଶେଷ ଦନୟକ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ନିମନ୍ତ୍ରିତ କଳାକାରମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଗ୍ରାମର ସର୍ବ ବରିଷ୍ଠ ବିଷ୍ଣୁ ଚରଣ ଦନାୟକ, ସଙ୍କୀର୍ତ୍ତନ ଗାୟକ ଓ ଏ ବର୍ଷ ମାଟ୍ରିକରେ ସର୍ବାଧିକ ନମ୍ବର ରଖିଥିବା ଆଶିଷ ଦନାୟକ, ସଂକୀର୍ତ୍ତନ କଣ୍ଠ ଶିଳ୍ପୀ ସତ୍ୟନାରାୟଣ ଦନାୟକଙ୍କୁ ସ୍ୱତନ୍ତ୍ର ଭାବରେ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଭାସ୍କର ଆଚାର୍ଯ୍ୟ, ବିଏମ୍ ଡିସିବି ବ୍ୟାଙ୍କ ବୌଦ୍ଧ ଶାଖା ତଥା ବଡ଼ିବି ଚାମ୍ପିୟନ ଓଡ଼ିଶା ମଞ୍ଚରେ ଆଶିଷ ଦନାୟକଙ୍କୁ ଏ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବାରୁ ପାଞ୍ଚ ହଜାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ଯୁବ କେନ୍ଦ୍ରର ସି. ଆର୍.ପି ଧରଣୀଧର ଲଉରିଆଙ୍କ ନେତୃତ୍ୱରେ ଅନ୍ନ ଅଭିଯାନ ତରଫରୁ ଏକ ମାଣ୍ଡିଆ ଖାଦ୍ୟ ଷ୍ଟଲର ବ୍ୟବସ୍ଥା ହୋଇଥିଲା। ଏଥି ସହିତ କ୍ୟୁବ ବେବୀ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ମଧୁର ସଙ୍ଗୀତ ମେଲୋଡି ବୌଦ୍ଧ ଗ୍ରୁପର କଳାକାରମାନଙ୍କ ଦ୍ୱାରା ଏକ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଧୀର କୁମାର ଦୀପ ମଞ୍ଚ ପରିଚାଳନା କରିଥିବା ବେଳେ ଆମଠାପଡ଼ା ଗ୍ରାମର ସମସ୍ତ ଭଦ୍ରବ୍ୟକ୍ତି, ଯୁବକ ସଂଘର ସମସ୍ତ ସଦସ୍ୟ ଓ ୟାରା ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶେଷରେ ଧରଣୀଧର ଲଉରିଆ ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

ରିଷିଡ଼ା,୧।୯ (ସୁଶାନ୍ତ ମଲ୍ଲିକ)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ବମକ ଗାଁର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉଦ୍ୟମ ମାଝି। ସୂଚନା ଅନୁଯାୟୀ ସକାଳ ପ୍ରାୟ ୧୦ଟା ସମୟରେ ଉଦ୍ୟମ ନିଜ ବିଲରୁ ଘରକୁ ଫେରୁଥିଲେ। ଏହି ସମୟରେ ସେ ଘର ସମ୍ମୁଖରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ସପୋର୍ଟ ପାଇଁ ଦିଆଯାଇଥିବା ତାର ସଂସ୍ପର୍ଶରେ ଆସି ଅଚେତ ହୋଇ ପଡ଼ିଥିଲେ। ପରେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ମ. ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

ଘଣ୍ଟାପଡ଼ା,୧।୯(ପ୍ରଭାତ କୁମାର ସାହୁ)

କଣ୍ଟାମାଳ ବ୍ଲକ ତାଳବେଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କପିଳାସ ବଗର୍ତ୍ତୀ (୮ବର୍ଷ)। କପିଳାସ ରାତିରେ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସୋନପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବୌଦ୍ଧ ପୋଲିସରେ ଅଦଳବଦଳ

ବୌଦ୍ଧ,୧।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୋଲିସରେ ଅଦଳବଦଳ ହୋଇଥିବା ଜଣାପଡିଛି। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଜିଲାର ୩ ଥାନାର ଅଧିକାରୀଙ୍କୁ ବଦଳି କରିଛନ୍ତି। ବୌଦ୍ଧ ଥାନାଧିକାରୀ ରଞ୍ଜିତ କୁମାର ମୁନୀଙ୍କୁ କଣ୍ଟାମାଳ ଥାନାଧିକାରୀ, କଣ୍ଟାମାଳ ଥାନାଧିକାରୀ ଭାବାନନ୍ଦ ପ୍ରଧାନଙ୍କୁ ହରଭଙ୍ଗା ଥାନାଧିକାରୀ ଏବଂ ହରଭଙ୍ଗା ଥାନାଧିକାରୀ ନଳିନୀକାନ୍ତ ଦାସଙ୍କୁ ବୌଦ୍ଧ ଥାନାଧିକାରୀ ଭାବେ ବଦଳି କରାଯାଇଛି।

# ନିର୍ଦ୍ଧାରିତ ସମୟରେ କାମ ସମ୍ପୂର୍ଣ୍ଣ କର

## ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ



ସଚିବ ଅରବିନ୍ଦ ଅଗ୍ରୱାଲ ରୁଗୁଡ଼ିପାଲି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ସୋନପୁର,୧।୯(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ସୁବର୍ଣ୍ଣପୁର ଜିଲା ପାଇଁ ନିଯୁକ୍ତ ନୋଡାଲ ଅଫିସର ତଥା ଉଚ୍ଚଶିକ୍ଷା ବିଭଗର ସଚିବ ଅରବିନ୍ଦ ଅଗ୍ରୱାଲ ସୋମବାର ଦୁଇଦିନିଆ ଜିଲା ଗସ୍ତରେ ଆସିଛନ୍ତି। ସୋମବାର ଅଗ୍ରୱାଲା ପ୍ରଥମେ ତରଭା ଏନଏସି ଅନ୍ତର୍ଗତ ୱାର୍ଡ ନମ୍ବର ୧ ଗଡଭିତର ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। କେନ୍ଦ୍ର ପରିସରରେ କିଚେନ ଗାର୍ଡେନ ପାଇଁ ଅଙ୍ଗନବାଡ଼ି କର୍ମୀଙ୍କୁପରାମର୍ଶ ଦେଇଥିଲେ। ପରେ ତରଭା ପିଏମ୍‌ଶ୍ରୀ ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକଙ୍କ ସହିତ ବିଦ୍ୟାଳୟର ପରୀକ୍ଷା ଫଳ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ବର୍ଗ ଛାତ୍ରୀଛାତ୍ରଙ୍କ ବୃତ୍ତି ରାଶି ମଞ୍ଜୁର ଓ ବିତରଣ ଉପରେ ଆଲୋଚନା କରିଥିଲେ। ସ୍ମାର୍ଟକ୍ଲାସ ରୁମ, ବିଜ୍ଞାନ ପରୀକ୍ଷାଗାର, ଭୋକେଶନାଲ ଲ୍ୟାବ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ପାଇଁ ରୋଷେଇ ଗୃହ ଓ ହର୍ବାଲ ଗାର୍ଡେନ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନରେ ରନ୍ଧା ଅଣ୍ଡା ବିତରଣ ଓ ବିଜ୍ଞାନ ପରୀକ୍ଷାଗାର ପରିଚାଳନା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ୩୯ କୋଟି ୧୨ଲକ୍ଷ ୩୬ ହଜାର ଟଙ୍କା ବ୍ୟୟ ଅଟକଳରେ ପାଣିମୁରାଠାରେ ତେଲ ନଦୀ ଉପରେ ପାଣିମୁରାରୁ କାମଘାଟ ପଞ୍ଚାୟତ ସମିତି ରାସ୍ତାର ନିର୍ମାଣାଧୀନ ବ୍ରିଜ ନିର୍ମାଣ କାର୍ଯ୍ୟ ଅଗ୍ରଗତିର ତଦାରଖ କରିଥିଲେ। ଏହି କାର୍ଯ୍ୟକୁ ଆଗାମୀ ବର୍ଷକ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପରେ ସଚିବ ଅଗ୍ରୱାଲ ସୋନପୁର ବ୍ଲକ ସାଗରପାଲି ସେବାଶ୍ରମ ପରିଦର୍ଶନ କରିଥିଲେ। ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ସହିତ କଥା ହେବା ସହିତ ସାଙ୍ଗରେ ବସି ସଚିବ ମଧ୍ୟାହ୍ନଭୋଜନ କରିଥିଲେ। ସାଗରପାଲିଠାରେ ମିଶନ ଶକ୍ତି ଓ ଓରମାସ ଦ୍ୱାରା ସରକାରୀ ଋଣ ସହାୟତା ଆନୁକୂଲ୍ୟରେ ପରିଚାଳିତ ଜୟ ହନୁମାନ ବୁଣାକାର ଉତ୍ପାଦକ ଗୋଷ୍ଠୀକୁ ପରିଦର୍ଶନ କରିଥିଲେ। ବୁଣାକାରମାନଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ପାଟ ଶାଢ଼ୀ ଦେଖିଥିଲେ। ଶାଢ଼ୀର ମାର୍କେଟିଂ ଓ ଅନଲାଇନ ବିକ୍ରୟ ଉପରେ ସେ ଆଲୋଚନା କରିଥଲେ। ସୋନପୁର ବ୍ଲକ ହରଡ଼ଖୋଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ସରକାରଙ୍କ ସୁଭଦ୍ରା ଯୋଜନା, ଜାତୀୟ ସାମାଜିକ ସୁରକ୍ଷା ଯୋଜନା, ମଧୁବାବୁ ପେନସନ ଯୋଜନା, ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ମୁଖ୍ୟମନ୍ତ୍ରୀ କିଶାନ ଯୋଜନାର ଲାଭ ଓ ସୁବିଧା ହିତାଧିକାରୀ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ପ୍ରାଥମିକ କୃଷି ସମବାୟ ସଂସ୍ଥା ଦ୍ୱାରା ବିନା ସୁଧରେ ଦିଆଯାଉଥିବା ଋଣ ଓ ପରିଶୋଧ ବିଷୟରେ ହିତାଧିକାରୀ ଓ ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ। ପରେ ରୁଗୁଡ଼ିପାଲି ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁ , ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ଏବଂ କିଶୋରୀ ବାଳିକାଙ୍କୁ ଦିଆଯାଉଥିବା ସୁବିଧା ମିଳୁଛି କି ନାହିଁ ଅନୁଧ୍ୟାନ କରିଥିଲେ। ସେଠାରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା କାର୍ଡ ପାଇଥିବା ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସଚିବଙ୍କ ଗସ୍ତ ସମୟରେ ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପରାଜ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ସଚିବ ଅଗ୍ରୱାଲ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଉନ୍ନୟନମୂଳକ କାର୍ଯ୍ୟ ଓ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଏଂ ଅଗ୍ରଗତି ଉପରେ ସେ ସମୀକ୍ଷା କରିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟରେ ସମ୍ପାଦନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

# ରାସ୍ତା ମରାମତି କଲେ ସ୍ୱେଚ୍ଛାସେବୀ

ବରଗଡ଼,୧।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଭଟଲି ଛକରୁ ଜିଲା ମୁଖ୍ୟ ଚିକିତ୍ସାଳୟ, ଭଟଲି, ଅମ୍ବାଭୋନା ତଥା ପଡ଼ୋଶୀ ଛତିଶଗଡ଼କୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାର ବରଗଡ଼ ରାଣାପ୍ରତାପ ସ୍କୁଲ ପାଖ ଓଭରବ୍ରିଜ ତଳେ ରାସ୍ତା ଦୀର୍ଘ ଦିନ ହେଲା ଶୋଚନୀୟ ଅବସ୍ଥାରେ ପଡି ରହିଥିଲା। ବର୍ଷା ସମୟରେ ପାଖାପାଖି ଦୁଇରୁ ତିନିଫୁଟ ପାଣି ଜମି ରହୁଥିଲା। ଜନ ପ୍ରତିନିଧି ଏବଂ ପ୍ରଶାସନର ଦୃଷ୍ଟିରେ ପଡୁଥିବା ସତ୍ତ୍ୱେ ସେଥିପ୍ରତି ଆଖି ବୁଜି ଦେଇଥିଲେ । ଫଳରେ ରାସ୍ତା ମରାମତି ହୋଇ ପାରି ନ ଥିଲା। ପ୍ରତ୍ୟକ ଦିନ ଏଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲା । ତେବେ ସୋମବାର ସକାଳୁ ବରଗଡ଼ ସଂଯୁକ୍ତ କୃଷକ ସଂଗଠନ, ସଂକଳ୍ପ ପରିବାର, କୋଶଳ ସେନା ସଂଗଠନ ସମେତ ସ୍ଥାନୀୟ ଖବରଦାତା, ସ୍ୱେଚ୍ଛାସେବୀ ନିଜ ଅର୍ଥଦାନ ଓ ଶ୍ରମଦାନ କରି ଉକ୍ତ ରାସ୍ତାର ମରାମତି କରିଛନ୍ତି। ଉକ୍ତ ରାସ୍ତାର ମରାମତି ସମୟରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଶତାଧିକ ଲୋକ ପହଞ୍ଚି ରାସ୍ତା ମରାମତିରେ ସାମିଲ ହୋଇଥିଲେ। ଦୁଇ ଘଣ୍ଟା ପରିଶ୍ରମ ପରେ ଉକ୍ତ ରାସ୍ତାର ମରାମତି ସମ୍ପୂର୍ଣ୍ଣ ହୋଇଥିଲା। ସ୍ୱେଚ୍ଛାସେବୀଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ସ୍ୱେଚ୍ଛାସେବୀମାନେ ରାସ୍ତା ମରାମତି କରୁଛନ୍ତି।


**PRANANATH COLLEGE (AUTONOMOUS), KHORDHA**

NAAC Accredited 'A' Level

**New e-Admission in P.G.**

SAMS Phase-II

Prananath College (Autonomous), Khordha announces opening of new P.G. courses in

**Political Science - 32 seats**
**Physics - 16 seats**
**Odia - 32 seats**

Candidates with CPET - 2025 score may apply online in SAMS : **pg.samsodisha.gov.in / www.samsodisha.gov.in**

**Last date - 03.09.2025**

Sd./- PRINCIPAL



**GOVERNMENT OF ODISHA** No.O-674
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

No. : 3114 Date : 25.08.2025

**NATIONAL COMPETITIVE BIDDING THROUGH GePNIC e_Procurement Notice**

1. Name of the work : Construction of Road Works - 13 Nos.
2. Class of contractor : "B" Class, "A" Class & Special of (Odisha PWD) or relevant class of other licensing authority.
3. Estimated Cost : Varies from Rs.75.66 Lakhs to Rs. 831.02 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 12/2025-26 | 03.09.2025 at 11.00 A.M. | 23.09.2025 up to 5.00 P.M. | 22.09.2025 up to 2.00 P.M. | 24.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, RW Circle, Sunabeda

OIPR-25182/11/0072/2526



**GOVERNMENT OF ODISHA** No.O-672
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

No. : 3112 Date : 25.08.2025

**NATIONAL COMPETITIVE BIDDING THROUGH GePNIC e_Procurement Notice**

1. Name of the work : Construction of Weir (Bridge) Works - 02 Nos.
2. Class of contractor : "B" Class & "A" Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.100.16 Lakhs to Rs.122.34 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 14/2025-26 | 03.09.2025 at 11.00 A.M. | 17.09.2025 up to 5.00 P.M. | 16.09.2025 up to 2.00 P.M. | 18.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, RW Circle, Sunabeda

OIPR-25182/11/0074/2526



**GOVERNMENT OF ODISHA** No.A-558
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, NAYAGARH**

e-Procurement Notice

BID IDENTIFICATION NO. - SEMIDN - 07/2025-26

Letter No. - 2251 Dated - 26.08.2025

| | | |
|---|---|---|
| Name of work | : | Improvement to Check Dams under Imp. to Check Dam grant during the year 2025-26 |
| No. Works | : | 10 (Ten) |
| Estimated Cost | : | Varies from Rs. 4.08 lakh to Rs. 6.72 lakh Approximately |
| Class of Contractor | : | Class "D" & "C" |
| Tender paper Cost | : | **Rs. 2000.00 & 4000.00 (Non-refundable)** |
| Period of completion | : | 01 (One) Calendar month |
| Availability of Bid documents | : | From 10.00 A.M. of **03.09.2025** to 17.00 hrs of **09.09.2025** in website (www.tendersodisha.gov.in) |
| Time of receipt of bid through online | : | From 10.00 A.M. of **03.09.2025** to 17.00 hrs of **09.09.2025** through online |
| Date of opening of bid documents | : | At 11.00 hrs of **10.09.2025** in the O/o S.E., M.I. Division, Nayagarh |
| Date of Transparent Lottery (if cases arise) | : | **At 11.00 hrs onwards of Dt. 17.09.2025** |
| Digital signature certificate | : | The bidder must posses compatible digital signature certificate (DSC) of Class - II or Class - III |

The detail tender call notice can also be seen in the DOWR website : http/dowrorissa.gov.in.
Name and address of the OIT : Office of Superintending Engineer, M.I. Division, Nayagarh, Tel No. (06753)291009, e-mail - eemidivisionnayagarh@gmail.com
Further details can be seen from the e-Procurement market place, http//www.tendersodisha.gov.in

Sd./- Superintending Engineer, M.I. Division, Nayagarh

OIPR-32260/11/0022/2526



**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND) PIN: 828123**

e-tender Notice - BIT/10/2025-26/Trans/Civil1
Reference Number: BIT/10/2025-26/Trans/Civil1
Dated :- 31-08-2025
Tender ID: 2025_DHTE_104469_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and installation of Laboratory Equipment of Transport Engineering Lab for Civil Department BIT Sindri, Dhanbad, Jharkhand. |
| 3 | Document download start date | 02-09-2025 |
| 4 | Document download end date | 02-09-2025 |
| 5 | Bid submission end date | 23-09-2025 |
| 6 | Bid opening date | 24-09-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders. gov. in

Sd/-
Director, B.I.T., Sindri

PR.NO.361011 Higher Education,Technical Education and Skill Development Department(25-26):D

## ଜିଆର୍ଏସ୍ ପଦବୀରେ ନିଯୁକ୍ତି ପାଇଁ ଦାବି

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର)- ଦେବଗଡ଼ ଜିଲାର ୨୦୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଗ୍ରାମ ରୋଜଗାର ସେବକ(ଜିଆର୍ଏସ୍) ପଦବୀ ନିମନ୍ତେ ୧ ବର୍ଷ ତଳେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୩୦ରୁ ଊର୍ଦ୍ଧ୍ୱ ପ୍ରାର୍ଥିନୀ, ପ୍ରାର୍ଥୀଙ୍କ ନାମ ସର୍ଟ ଲିଷ୍ଟେଡ୍ କରାଯାଇଥିଲା। ଇତିମଧ୍ୟରେ ୧ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୋମବାର ଜିଲାର ବହୁସଂଖ୍ୟକ ଆଶାୟୀ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଥିବା ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ତୁରନ୍ତ ଚୂଡାନ୍ତ ମେରିଟ୍ ଲିଷ୍ଟ ପ୍ରକାଶ କରିବା ସହ ନିଯୁକ୍ତି ପ୍ରଦାନ ଦାବିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ସ୍ମାରକପତ୍ର ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନବେଳେ ଆଶାୟୀଙ୍କ ପକ୍ଷରୁ ଜୁନାସ ଲାକ୍ରା, ଫକୀର ମୋହନ ନାୟକ, ବର୍ଷା କୁମୁରା ଓ ପଦ୍ମିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆଁଖାଇ ଭେଟ୍ଘାଟ୍ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୧୯(ଆଶିଷ ରଞ୍ଜନ ଦାଶ)- ଉତ୍କଳ ଶୈବ ପୂଜକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍ଘାଟ୍ ପାଇଁ ଝାଡ଼େଶ୍ୱର ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୨ ତାରିଖରେ ଝାଡ଼େଶ୍ୱର ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଅନେକ ସଦସ୍ୟା, ସଦସ୍ୟଙ୍କ ସହ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଯୋଗଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଉତ୍କଳ ଶୈବ ପୂଜକ ସଂଘ ଝାରସୁଗୁଡ଼ା ଶାଖାର ସଭାପତି ସରୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଶୋକ କୁମାର ମହାପାତ୍ର, ଅଶ୍ୱିନୀ ମହାପାତ୍ର, ମୀନକେତନ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

### ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୧୯ (ଆଶିଷ ରଞ୍ଜନ ଦାଶ)


ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

ଝାରସୁଗୁଡ଼ା ଜିଲା ମୁଖ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୨ଟି ସାମୁହିକ ଓ ୩୯ଟି ବ୍ୟକ୍ତିଗତ ଅଭିଯୋଗ ଆଗତ ହୋଇଥିଲା। ବିଶେଷକରି ସାଲେଟିକ୍ରାରେ ବେଆଇନ ଭାବେ ସରକାରୀ ଜମି ଜବରଦଖଲ, ୧୪ ନମ୍ବର ୱାର୍ଡ ବଢ଼େଇମୁଣ୍ଡାରେ ସର୍ବସାଧାରଣ ଜମି ଉପରେ ପୌରପାଳିକା ପକ୍ଷରୁ କରାଯାଉଥିବା ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି, ଭୁରକାମୁଣ୍ଡା ଗ୍ରାମକୁ ବିସ୍ଥାପିତ କରାଯିବା, କୁରେବଗା ଖେଳପଡ଼ିଆ ନିର୍ମାଣ ବାବଦକୁ ସମ୍ପୃକ୍ତ ଏସ୍ଏଚ୍ଜିକୁ ପ୍ରାପ୍ୟ ପ୍ରଦାନ, ୧୯ଖଣ୍ଡ ମୌଜାରେ ଯୁକ୍ତ ୩ କଲେଜ ସ୍ଥାପନ, ଏନ୍ଏଲ୍ସି କମ୍ପାନୀ ପକ୍ଷରୁ ଚାକିରି ଓ କ୍ଷତିପୂରଣ ସମ୍ପର୍କିତ ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ଅଭିଯୋଗଗୁଡିକର ତର୍ଜମା କରାଯାଇ ସମସ୍ୟା ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଚିକିତ୍ସା ସହାୟତା ବାବଦକୁ ଜଣଙ୍କୁ ରେଡ୍କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଭାରପ୍ରାପ୍ତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଂଶୁ ରୁତ୍, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗଣେଶ ମେଳାକୁ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବା ଅଭିଯୋଗ


ଖବରଦାତା ସମ୍ମିଳନୀରେ କାଉନସିଲର।

ଦେବଗଡ଼,୧୯(ଶଶାଙ୍କ ଶେଖର ଝାଙ୍କର)

- କମିଟିକୁ ୬ କାଉନସିଲରଙ୍କ ନିନ୍ଦା
- ଅଭିଯୋଗକୁ ଖଣ୍ଡନ କଲେ କମିଟି ସଭାପତି

ଦେବଗଡ଼ର ଗଣପର୍ବ ଭାବେ ପରିଚିତ ସାର୍ବଜନୀନ ଗଣେଶ ମେଳାକୁ କମିଟି ପକ୍ଷରୁ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜଙ୍କୁ ନିମନ୍ତ୍ରଣ କରାଯାଇନାହିଁ। ଏହାକୁ ନେଇ ପୌର ପରିଷଦର ବହୁ କାଉନସିଲରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କମିଟି ପକ୍ଷରୁ ଭୋଜଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ନିମନ୍ତ୍ରଣ କରାଯାଇ ନ ଥିବା ଅଭିଯୋଗ କରିବା ସହ ୧୧ ୱାର୍ଡବିଶିଷ୍ଟ ପୌର ପରିଷଦର ୬ ଜଣ କାଉନସିଲର ନିନ୍ଦା କରିଛନ୍ତି। ସୋମବାର ପୌର ପରିଷଦ କାଉନସିଲ ହଲ୍ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୬ ନମ୍ବର ୱାର୍ଡର ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ଓ ୫ ଜଣ ଭାଜପା କାଉନସିଲର ଉପସ୍ଥିତ ରହି ସାର୍ବଜନୀନ ଗଣେଶ ମେଳା କମିଟିର ଏଭଳି ମନୋଭାବକୁ ଦୃଢ ନିନ୍ଦା କରିଥିଲେ। ସଫଳତାର ସହିତ ପୂଜା ପାଇଁ ପୌର ପରିଷଦ ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି। ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ପୌରାଧ୍ୟକ୍ଷ ଭୋଜ ସଫେଇ କାର୍ଯ୍ୟକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଛନ୍ତି। ଏଭଳି ପରିସ୍ଥିତିରେ କମିଟି ସମସ୍ତ ପ୍ରକାର ସୌଜନ୍ୟତା ଭୁଲି ଭାରପ୍ରାପ୍ତ ପୌରାଧ୍ୟକ୍ଷଙ୍କୁ ନିମନ୍ତ୍ରଣ ପତ୍ରଟିଏ ଦେବାକୁ ଉଚିତ୍ ମଣିନାହିଁ। ମେଳା କମିଟି ପକ୍ଷରୁ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ କାଉନସିଲରଙ୍କୁ ନିମନ୍ତ୍ରଣପତ୍ର ଜରିଆରେ ନିମନ୍ତ୍ରଣ କରାଯାଇଛି। ମାତ୍ର ଭୋଜଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବା କାଉନସିଲରମାନେ ଅଭିଯୋଗ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କାଉନସିଲର ପିଙ୍କିରାଣୀ ସାହୁ, ମଧୁସୂଦନ ବାଘ, ସରୋଜିନୀ ମୁଣ୍ଡା, ଈରିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଲ ଉପସ୍ଥିତ ଥିଲେ। ଏନେଇ ସାର୍ବଜନୀନ ଗଣେଶ ମେଳା କମିଟି ସଭାପତି ରାଜକିଶୋର ଦାସ କହିଛନ୍ତି, କମିଟି ପକ୍ଷରୁ ୧୩୦୦ରୁ ଊର୍ଦ୍ଧ୍ୱ ନିମନ୍ତ୍ରଣ ପତ୍ର ବିତରଣ କରାଯାଇଛି। ସମସ୍ତଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ନିମନ୍ତ୍ରଣ ପତ୍ର ଦେବା ସମ୍ଭବ ନୁହେଁ କି ସମୟ ବି ନାହିଁ। କାରଣ ପୂଜା ଦାୟିତ୍ୱ କମିଟିକୁ ମିଳିବା ପାଇଁ ମାତ୍ର ୨୮ ଦିନ ଥିଲା। ଏଣୁ ଅନ୍ୟମାନଙ୍କ ଭଳି ଭୋଜଙ୍କୁ ମଧ୍ୟ କୋରିୟର ସର୍ଭିସ ଯୋଗେ ନିମନ୍ତ୍ରଣପତ୍ର ପଠାଯାଇଥିଲା। ମାତ୍ର କୌଣସି କାରଣରୁ ଯଦି ସେ ପାଇନାହାନ୍ତି ତେବେ ଏହା କମ୍ୟୁନିକେଶନ ଗ୍ୟାପ୍ ଜନିତ ହୋଇପାରିଥାଏ। ଅନ୍ୟପକ୍ଷରେ ଭୋଜ କମିଟିର ଜଣେ ସକ୍ରିୟ ସଦସ୍ୟ ଏବଂ ପୌର ପରିଷଦ ଜରିଆରେ ସେ ସମସ୍ତ ସାହାଯ୍ୟ ସହଯୋଗ କରୁଛନ୍ତି। ଏଭଳି ପରିସ୍ଥିତିରେ କାଉନସିଲରମାନଙ୍କ ଅଭିଯୋଗ ଦୁର୍ଭାଗ୍ୟଜନକ ଏବଂ ରାଜନୈତିକ ଅଭିସନ୍ଧିମୂଳକ ହୋଇଥାଇପାରେ ବୋଲି ଦାସ କହିଛନ୍ତି।

## ୭୧ ଗୋରୁଙ୍କ ବେକରେ ଲାଗିଲା ରେଡିୟମ ବେଲ୍ଟ

### ଦୁର୍ଘଟଣା ରୋକିବାକୁ ପ୍ରୟାସ

ଝାରସୁଗୁଡ଼ା, ୧୯(ଆଶିଷ ରଞ୍ଜନ ଦାଶ)

ବିଭିନ୍ନ ସମୟରେ ରାସ୍ତାରେ ଗୋରୁପଲ ଶୋଇରହିବାରୁ ଗାଡ଼ି ଚଳାଚଳରେ ସମସ୍ୟା ହେଉଛି। ବିଶେଷକରି ରାତିବେଳା ରାସ୍ତା ମଝିରେ ଗୋରୁ ଶୋଇରହୁଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଫଳରେ ଗାଡ଼ିଚାଳକ ଗୁରୁତର ହେଉଥିବାବେଳେ ଗୋରୁମାନେ ମଧ୍ୟ ଆହତ ହେଉଥିବା ନଜିର ରହିଛି। ଏଣୁ ଦୁର୍ଘଟଣା ଏଡାଇବା ପାଇଁ ଝାରସୁଗୁଡ଼ାର ଅନୁଭବ ଫାଉଣ୍ଡେଶନ ପକ୍ଷରୁ ଏକ ପଦକ୍ଷେପ ନିଆଯାଇଛି। ଫାଉଣ୍ଡେଶନର ସଦସ୍ୟମାନେ ରବିବାର ରାତିରେ ବେହେରାମାଲ, ବଡ଼ମାଲ, ସାପଡ଼ା, ଖେରୁଆଲ, ଶ୍ରୀପୁରା ଅଞ୍ଚଳର ରାସ୍ତାରେ ବୁଲୁଥିବା ୭୧ଟି ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ଲଗାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍ର ଅନୁଭବ ତ୍ରିପାଠୀ, ସୋମନାଥ ବିଶ୍ୱାଳ, ସମ୍ପିତ କୁମାର ପାଣିଗ୍ରାହୀ, ଅଙ୍କିତ୍ ପାଣି, କୁନା ପଣ୍ଡା, ରାଜା ପାଣିଗ୍ରାହୀ ଓ ସତ୍ୟ ନାଏକ ଉପସ୍ଥିତ ଥିଲେ।

## ମହିମା ଡିଗ୍ରୀ କଲେଜରେ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ଲଖନପୁର, ୧୯(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ବେଦାନ୍ତ କମ୍ପାନୀର ମିଳିତ ଆନୁକୂଲ୍ୟରେ ମହିମା ଡିଗ୍ରୀ କଲେଜ ପ୍ରାଙ୍ଗଣରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁରର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା, ଭୁବନେଶ୍ୱରସ୍ଥିତ ଓସେପାର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁ, ମହିମା ଡିଗ୍ରୀ କଲେଜ ଅଧ୍ୟକ୍ଷ ରମଣୀ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ, ଟିକେଶ୍ୱର ଜଗତ, ସେକ୍ସନ ଅଫିସର ସଦାନନ୍ଦ ପଧାନ ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମଶାଳାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ହେଲେ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବେ। ବିଶେଷକରି ଉପସ୍ଥିତ ଶିକ୍ଷାବିତ୍ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରତିଦିନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସରଳ ଭାଷାରେ ପଢାଇବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିଦ୍ୟାଳୟ-ବିଦ୍ୟାଳୟ ମଧ୍ୟରେ ଉତ୍ତମ ଶିକ୍ଷା ବ୍ୟବସ୍ଥା ସହିତ ମେଧାବୀ ଛାତ୍ରୀଛାତ୍ର ସୃଷ୍ଟି କରିବା ପାଇଁ ପ୍ରତିଯୋଗିତାପୂର୍ଣ୍ଣ ଶିକ୍ଷାଦାନକୁ ଅନେକ ଗୁରୁତ୍ୱ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୦୦ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁଙ୍କ ଉଦ୍ୟମରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାର ଇଚ୍ଛାଶକ୍ତି ଓ ବେଦାନ୍ତ କମ୍ପାନୀ ସହଯୋଗରେ ଆଗାମୀ ଦିନରେ ଏକ ମାଇଲ ଷ୍ଟୋନ ଭାବରେ କାର୍ଯ୍ୟକାରୀ କରିବ ବୋଲି ସ୍ଥାନୀୟ ଶିକ୍ଷାବିତ୍ ମତପ୍ରକାଶ କରିଛନ୍ତି।

## ରୌପ୍ୟ ଜୟନ୍ତୀ ଉପଲକ୍ଷେ ୧୦୦୧ ଚାରାରୋପଣ



ଦେବଗଡ଼,୧୯(ଶଶାଙ୍କ ଶେଖର ଝାଙ୍କର)- ବାରକୋଟ ବ୍ଲକ ବଳମ ଗ୍ରାମପଞ୍ଚାୟତ ଅଧୀନ ବଳମ ଆଦର୍ଶ ଖେଳପଡିଆ ଚତୁଃପାର୍ଶ୍ୱ ଏବଂ ଶ୍ରୀରାମ ମନ୍ଦିର ନିକଟରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜାଗୃତି କ୍ଲବ୍ ଦୁର୍ଗାପୂଜା କମିଟିର ରୌପ୍ୟଜୟନ୍ତୀ ଉପଲକ୍ଷେ କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। କମିଟି ସଭାପତି ପ୍ରଦୀପ କୁମାର ମୁଣ୍ଡା, ସମ୍ପାଦକ ମହେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବଳମ ସେକ୍ସନର ଫରେଷ୍ଟର ସୁବାସ ଚନ୍ଦ୍ର ଦେହୁରୀ ଶୁଭାରମ୍ଭ କରିଥିଲେ। କ୍ଷେତ୍ରବାସୀ ପ୍ରଧାନ, ସଞ୍ଜୀବ କୁମାର ଶତପଥୀ, ରଞ୍ଜିତ୍ କୁମାର ପ୍ରଧାନ, ସୁଶାନ୍ତ କୁମାର ସାହୁ, ଶଙ୍କର ପ୍ରସାଦ ନାୟକ, ଶ୍ରୀଧର ଦୀପ, ଧୀରେନ ବେହେରା, ଦିଲୀପ ବେହେରାଙ୍କ ସମେତ କମିଟିର ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇ ବିଭିନ୍ନ କିସମର ୧୦୦୧ ଚାରାରୋପଣ କରିଥିଲେ।

## ଶ୍ରୀମଦ୍ ଭଗବଦ୍ ସପ୍ତାହ କାର୍ଯ୍ୟକ୍ରମ ଉଦ୍ଘାଟିତ

ଲଖନପୁର, ୧୯(ଗୌତମ ସାହୁ)

ଲଖନପୁର ବ୍ଲକ ଅଧୀନ ସାଗରପାଲି ଗ୍ରାମ ନଖୁବାବା ମଠରେ ୬୮ତମ ଶ୍ରୀମଦ୍ ଭଗବଦ୍ ସପ୍ତାହ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଶିବମନ୍ଦିର ନିକଟ ପୋଖରୀରୁ କଳସ ଶୋଭାଯାତ୍ରା ବାହାରି ମଠରେ ପହଞ୍ଚିବା ପରେ ଶୁଭ ଅଧିବାସ କାର୍ଯ୍ୟକ୍ରମ ହୋଇଥିଲା। ସୋମବାର ସକାଳେ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ଭାଗବତ ପାଠ କରାଯାଇଥିଲା। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏଠାରେ ଭାଗବତ ପଠନ ଏବଂ ସନ୍ଧ୍ୟାରେ ହରିନାମ ସଂକୀର୍ତ୍ତନ ହେବ। ପଣ୍ଡିତ ଚନ୍ଦ୍ରଭାନୁ ନାଏକ ପୂଜାର୍ଚ୍ଚନା କରିଛନ୍ତି। କର୍ତ୍ତା ଭାବେ ରୁଦ୍ରପ୍ରତାପ ବିଶ୍ୱାଳ, ଷଡ଼ବୈଷ୍ଣବ ଭାବରେ ଗୋପୀନାଥ ବାଗ, ସମାରୁ ମୁଣ୍ଡା, ଟିକେଲାଲ ସା, ନାରେନ ପଧାନ, ବିଜେନ୍ଦ୍ର ବାଗ, ମଣି ବଗର ଦାୟିତ୍ୱ ତୁଲାଉଛନ୍ତି। ସାଗରପାଲି, ଭଅଁରଖୋଲ, ଠେବରା, ଡୁଡୁଗା, କଦମଡ଼ିହି, କୁଲିଆବେର୍ଣ୍ଣି, ଦୁଆନମୁଣ୍ଡା, ସିଂହାରପୁର, ବାଘମୁଣ୍ଡା ସମେତ ଆଖପାଖ ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଓସେପା ଯୁଗ୍ମ ନିର୍ଦ୍ଦେଶିକା


ଶିରିଆପାଲି ସ୍କୁଲ ପରିଦର୍ଶନରେ ଆସିଥିବା ଓସେପା ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ।

ଝାରସୁଗୁଡ଼ା, ୧୯(ଆଶିଷ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ ୨ ଦିନିଆ ଝାରସୁଗୁଡ଼ା ଜିଲା ପରିଦର୍ଶନରେ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ପ୍ରଥମ ଦିନରେ ସେ ଶିରିଆପାଲି ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଲାବିରା ସରକାରୀ ଉଚ୍ଚ ବିଦ୍ୟାଳୟ, ତାଲମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଆଲୁମ୍ନି କମିଟିର ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ବିଷୟରେ ସମୀକ୍ଷା କରିବା ସହିତ ଶ୍ରେଣୀଗୃହରେ ପାଠପଢ଼ା ନିରୀକ୍ଷଣ କରିଥିଲେ। ଏହାପରେ ସେ ଲଇକେରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଗସ୍ତକରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଲଇକେରାସ୍ଥିତ କେବିଜେ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ପିଏମ୍ଶ୍ରୀ ସ୍କୁଲ ଯୋଜନା ଅଧୀନରେ ନିର୍ମାଣାଧିନ କୋଠା ଏବଂ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ବିଦ୍ୟାଳୟଗୁଡିକର ଉନ୍ନତି ନିମନ୍ତେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ଏବଂ ଜିଲା ଶିକ୍ଷା ବିଭାଗର ଅଧିକାରୀଙ୍କ ସହିତ ସେ ଗଠନମୂଳକ ଆଲୋଚନା କରିଥିଲେ। ଏହି ପରିଦର୍ଶନରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଶିକ୍ଷା ଅଧିକରୀ ପ୍ରଦୀପ୍ତ କୁମାର ସା, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ଓ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ସାମିଲ ଥିଲେ।

## ୨୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଭିଯୋଗ ଶୁଣାଣି କରୁଛନ୍ତି।

ଦେବଗଡ଼,୧୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୮ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ଲୋକକଳା ଗ୍ରାମର ଉନ୍ନତୀକରଣ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ମରାମତି, ଜମିବାଡ଼ି ବିବାଦ, ସୁଭଦ୍ରା ଯୋଜନା, ନୂତନ ରାସ୍ତା ଓ ଚିକିତ୍ସା ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି, ଉପଜିଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


**PRANANATH COLLEGE (AUTONOMOUS), KHORDHA**
NAAC Accredited 'A' Level
**New e-Admission in P.G.**
SAMS Phase-II
Prananath College (Autonomous), Khordha announces opening of new P.G. courses in
**Political Science - 32 seats**
**Physics - 16 seats**
**Odia - 32 seats**
Candidates with CPET - 2025 score may apply online in SAMS : **pg.samsodisha.gov.in / www.samsodisha.gov.in**
**Last date - 03.09.2025**
Sd./- PRINCIPAL

**GOVERNMENT OF ODISHA** No.O-674
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
No. : 3114 Date : 25.08.2025
**NATIONAL COMPETITIVE BIDDING THROUGH GePNIC e_Procurement Notice**
1. Name of the work : Construction of Road Works - 13 Nos.
2. Class of contractor : "B" Class, "A" Class & Special of (Odisha PWD) or relevant class of other licensing authority.
3. Estimated Cost : Varies from Rs.75.66 Lakhs to Rs. 831.02 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 12/2025-26 | 03.09.2025 at 11.00 A.M. | 23.09.2025 up to 5.00 P.M. | 22.09.2025 up to 2.00 P.M. | 24.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
Sd./- Chief Construction Engineer, RW Circle, Sunabeda
OIPR-25182/11/0072/2526

**GOVERNMENT OF ODISHA** No.O-672
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com
No. : 3112 Date : 25.08.2025
**NATIONAL COMPETITIVE BIDDING THROUGH GePNIC e_Procurement Notice**
1. Name of the work : Construction of Weir (Bridge) Works - 02 Nos.
2. Class of contractor : "B" Class & "A" Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.100.16 Lakhs to Rs.122.34 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 14/2025-26 | 03.09.2025 at 11.00 A.M. | 17.09.2025 up to 5.00 P.M. | 16.09.2025 up to 2.00 P.M. | 18.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
Sd./- Chief Construction Engineer, RW Circle, Sunabeda
OIPR-25182/11/0074/2526

**GOVERNMENT OF ODISHA** No.A-558
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, NAYAGARH**
e-Procurement Notice
BID IDENTIFICATION NO. - SEMIDN - 07/2025-26
Letter No. - 2251 Dated - 26.08.2025
Name of work : Improvement to Check Dams under Imp. to Check Dam grant during the year 2025-26
No. Works : 10 (Ten)
Estimated Cost : Varies from Rs. 4.08 lakh to Rs. 6.72 lakh Approximately
Class of Contractor : Class "D" & "C"
Tender paper Cost : **Rs. 2000.00 & 4000.00 (Non-refundable)**
Period of completion : 01 (One) Calendar month
Availability of Bid documents : From 10.00 A.M. of **03.09.2025** to 17.00 hrs of **09.09.2025** in website (www.tendersodisha.gov.in)
Time of receipt of bid through online : From 10.00 A.M. of **03.09.2025** to 17.00 hrs of **09.09.2025** through online
Date of opening of bid documents : At 11.00 hrs of **10.09.2025** in the O/o S.E., M.I. Division, Nayagarh
Date of Transparent Lottery (if cases arise) : **At 11.00 hrs onwards of Dt. 17.09.2025**
Digital signature certificate : The bidder must posses compatible digital signature certificate (DSC) of Class - II or Class - III
The detail tender call notice can also be seen in the DOWR website : http/dowrorissa.gov.in.
Name and address of the OIT : Office of Superintending Engineer, M.I. Division, Nayagarh, Tel No. (06753)291009, e-mail - eemidivisionnayagarh@gmail.com
Further details can be seen from the e-Procurement market place, http//www.tendersodisha.gov.in
Sd./- Superintending Engineer M.I. Division, Nayagarh
OIPR-32260/11/0022/2526

**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND) PIN: 828123**
e-tender Notice - BIT/10/2025-26/Trans/Civil1
Reference Number: BIT/10/2025-26/Trans/Civil1
Dated :- 31-08-2025
Tender ID: 2025_DHTE_104469_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and installation of Laboratory Equipment of Transport Engineering Lab for Civil Department BIT Sindri, Dhanbad, Jharkhand. |
| 3 | Document download start date | 02-09-2025 |
| 4 | Document download end date | 02-09-2025 |
| 5 | Bid submission end date | 23-09-2025 |
| 6 | Bid opening date | 24-09-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders. gov. in
Sd/- Director, B.I.T., Sindri
PR.NO.361011 Higher Education,Technical Education and Skill Development Department(25-26):D

# ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭବାନୀପାଟଣା,୧୯(ଉତ୍ତମ କୁମାର ଦାଶ): ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲା କୋର୍ଟ ପରିସରରେ ଆସନ୍ତା ୧୩ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣ ସଚିବ ସ୍ମିଗ୍ଧା ପଣ୍ଡା ଏହି ସୂଚନା ଦେଇଛନ୍ତି । ବିଚାରପତିମାନେ ଏହି ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜୀକୃତ ହୋଇଥିବା ଦେୱାନି, ଫୌଜଦାରୀ, ପାରିବାରିକ, ମୋଟର ଯାନ ଦୁର୍ଘଟଣା,ବ୍ୟାଙ୍କ ଋଣ ଜନିତ ମାମଲାଗୁଡିକର ଫଇସଲା କରିବେ। ଏହାସହ ଅବହେଳିତ, ଦରିଦ୍ର ଶ୍ରେଣୀ, ଗ୍ରାମାଞ୍ଚଳର ଲୋକେ ଏହି ଅଦାଲତରେ ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ। ଲୋକ ଅଦାଲତ ମାଧ୍ୟମରେ ଅସମାହିତ ମୋକଦ୍ଦମାୟର ଫଇସଲା କରାଯିବ। ଜନସାଧାରଣ କୌଣସି ଭୟଭୀତ ନ ହୋଇ ଏହାର ସୁଯୋଗ ନେବାକୁ କୁହାଯାଇଛି । ଏହି ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଆଇନସେବା ପ୍ରାଧିକରଣ, ଧର୍ମଗଡ଼ ତାଲୁକ ଆଇନ ସେବା ସମିତି, ଏମ.ରାମପୁର, କେସିଙ୍ଗା, କୋକସରା, ଜୟପାଟଣା, ଜୁନାଗଡ଼, ଥୁଆମୂଳ ରାମପୁର ସହ ଯୋଗାଯୋଗ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।

# କଳାହାଣ୍ଡି ଗଡ଼ଜାତ ଅଞ୍ଚଳରେ ନୂଆଁଖାଇ ଆଜି



ମା' ମାଣିକେଶ୍ୱରୀ ମନ୍ଦିର ।



ଭବାନୀପାଟଣାରେ ସ୍ୱତନ୍ତ୍ର ନୂଆଁଖାଇ ବଜାରରେ ଲୋକଙ୍କ ଭିଡ଼।

ଭବାନୀପାଟଣା,୧୯ (ଉତ୍ତମ କୁମାର ଦାଶ)

## ଭବାନୀପାଟଣାରେ ବସିଲା ସ୍ୱତନ୍ତ୍ର ନୂଆଁଖାଇ ବଜାର

ନୂଆଁଖାଇ କଳାହାଣ୍ଡି ଜିଲାର ଏକ ମୁଖ୍ୟ ପରମ୍ପରା। ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲାରେ ସପ୍ତମୀ ତିଥିରେ ନୂଆଁଖାଇ ପାଳନ ହେଉଥିବାବେଳେ କଳାହାଣ୍ଡିରେ ପ୍ରତିପଦାଠାରୁ ଆରମ୍ଭ ହୋଇ ଦଶହରା ଦଶମୀ ପର୍ଯ୍ୟନ୍ତ ଚାଲିଥାଏ। ମଙ୍ଗଳବାର ଜିଲାର ଗଡ଼ଜାତ ଅଞ୍ଚଳରେ ନୂଆଁଖାଇ ପାଳନ ହେବ। ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କଠାରେ ମଙ୍ଗଳବାର ସକାଳେ ନବାନ୍ନ ଲାଗି ନେଇ ଲଗ୍ନ ସ୍ଥିର ହୋଇଛି। ମା'ଙ୍କ ନିକଟରେ ନବାନ୍ନ ଲାଗିବା ପରେ ଗଡ଼ଜାତ ଅଞ୍ଚଳର ଭବାନୀପାଟଣା ସମେତ ଲାଞ୍ଜିଗଡ଼, ଜୟପାଟଣା, ମଦନପୁର ରାମପୁର, ମହୁଲପାଟଣା, କର୍ଲାପାଟ ଓ ମାଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳ ରାମପୁରରେ ନୂଆଖାଇ ପାଳନ ହେବ। ଏଥିପାଇଁ ଗଡ଼ଜାତ ଅଞ୍ଚଳର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି।

ସାଧାରଣତଃ ଗଣେଶ ପୂଜା ପରଦିନ ଅର୍ଥାତ୍ ପଞ୍ଚମୀକୁ ନୂଆଁଖାଇ ରୂପେ ପଶ୍ଚିମ ଓଡ଼ିଶାରେ ପାଳନ କରାଯାଏ। କିନ୍ତୁ କଳାହାଣ୍ଡିର ଗଡ଼ଜାତ ଅଞ୍ଚଳରେ ଏହାକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ। ମଙ୍ଗଳବାର ସକାଳ ୮ଟା ୪୫ରୁ ୯ଟା ୦୫ ମଧ୍ୟରେ ବିଧି ଅନୁଯାୟୀ ମା' ମାଣିକେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହେବ। ୯ଟା ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲା ରହିବ। ସକାଳ ୧୦ଟା ୫୫ରୁ ଅପରାହ୍ନ ୧ଟା ମଧ୍ୟରେ ନୂଆଁ ଖାଇବେ ଗଡ଼ଜାତ ଅଞ୍ଚଳବାସୀ। ଶୁକ୍ଳପକ୍ଷ ଦଶମୀ ତିଥିରେ ମା'ଙ୍କ ପାଖରେ ଏହି ନବାନ୍ନ ଲାଗି ହୋଇଥାଏ। ଏଥିଲାଗି ସୋମବାର ଗଡ଼ଜାତ ଅଞ୍ଚଳରେ ଲୋକେ ପ୍ରସ୍ତୁତିରେ ଲାଗିପଡିଛନ୍ତି। ନୂଆ ସାମଗ୍ରୀ ବ୍ୟବହାର ହେବା ପରମ୍ପରା ରହିଥିବାରୁ ଭବାନୀପାଟଣାରେ ବସିଛି ସ୍ୱତନ୍ତ୍ର ନୂଆଁଖାଇ ବଜାର। ନୂଆଁଧାନ, ଚୂଡ଼ା, ବିଭିନ୍ନ ପତ୍ର ସମେତ ସାମଗ୍ରୀ କିଣିବାରେ ସଭିଏଁ ବ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା। ନୂଆଁଖାଇକୁ ନେଇ ଚାରିଆଡେ ଉତ୍ସାହର ମାହୋଲ ଥିବାବେଳେ ବ୍ୟବସାୟୀ ମଧ୍ୟ ବ୍ୟବସାୟକୁ ନେଇ ବେଶ ଖୁସି ଅଛନ୍ତି। ଏ ନେଇ ଭବାନୀପାଟଣା ବାସିନ୍ଦା ରାମ ଲିଙ୍ଗା ଆଚାରି କହନ୍ତି, ପଞ୍ଚମୀ ତିଥିରେ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପାଳନ ହୋଇଥିବା ବେଳେ ଦଶମୀ ତିଥିରେ ଭବାନୀପାଟଣାରେ ନୂଆଁଖାଇ ପାଳନ ହେବ। ଏଥିପାଇଁ ଆମେ ନୂଆଁଧାନ, ଚୂଡ଼ା ସହ ବିଭିନ୍ନ ପନିପରିବା ନେଉଛୁ। ମା' ମାଣିକେଶ୍ୱରୀଙ୍କ ନୀତିନିୟମ ଅନୁଯାୟୀ ଆମେ ନୂଆଁ ଖାଇବୁ। ସମସ୍ତେ ଏକାଠି ବସି ନୂଆଁଖାଇବାର ମଜା ନେବୁ ବୋଲି କହିଛନ୍ତି। ଭବାନୀପାଟଣାର ଅନ୍ୟଜଣେ ବାସିନ୍ଦା ନରେନ୍ଦ୍ର ଦାସ କହିଛନ୍ତି ଯେ, ନୂଆଁଖାଇ ହେଉଛି ପଶ୍ଚିମ ଓଡ଼ିଶାର ଗଣପର୍ବ। ଆମେ ଦଶମୀ ତିଥିରେ ନୂଆଁଖାଇ ପାଳନ କରୁଛୁ। ଆମର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କଠାରେ ନବାନ୍ନ ଲାଗିହେବା ପରେ ସମସ୍ତ ଗଡ଼ଜାତ ଅଞ୍ଚଳରେ ନୂଆଁଖାଇ ପାଳନ ହେବ। ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହେବାକୁ ଥିବାରୁ ସୋମବାର ଆମେ ବଜାରରୁ ସମସ୍ତ ସାମଗ୍ରୀ କିଣାକିଣି କରୁଛୁ ବୋଲି ସେ ପ୍ରକାଶ କରିଛନ୍ତି।

# ଅରଫାନ୍‌ଙ୍କୁ ମିଳିଲା କୃତ୍ରିମ ଅଙ୍ଗ

ଭବାନୀପାଟଣା,୧୯(ଉତ୍ତମ କୁମାର ଦାଶ)

## ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତୁରା ଦୀପ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୩୦ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୧୧ ବ୍ୟକ୍ତିଗତ ଓ ୧୮ ସାମୂହିକ ରହିଥିଲା। ୧୫ ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେସ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ କେସିଙ୍ଗାର ଅରଫାନ ଖାଁନ୍‌ଙ୍କୁ ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଆତ୍ୟାଧୁନିକ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଅରଫାନ କେସିଙ୍ଗା ଓଡିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ଗତ ୫ ବର୍ଷ ତଳେ ଏକ ଟ୍ରକ୍ ଚପାରେ ତାଙ୍କର ଗୋଟିଏ ଗୋଡ଼ କଟିଯାଇଥିଲା।



ଅଧିକାରୀମାନଙ୍କ ଉପସ୍ଥିତିରେ ଅରଫାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଉଛି।

# ତୀର ମାରିଥିବା ଯୁବକଙ୍କ ମୃତଦେହ ଗଛରେ ଝୁଲୁଛି

ନୂଆପଡ଼ା,୧୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ସୁନାବେଡା ଅଭୟାରଣ୍ୟର ଯୋଗୀମୁଣ୍ଡା ଗାଁରେ ଗତ ମଙ୍ଗଳବାର ଜଣେ ଯୁବକ ୩ ଜଣଙ୍କୁ ତୀର ମାଡ଼କରି ଫେରାର ହୋଇଯାଇଥିଲେ। ସୋମବାର ସମ୍ପୃକ୍ତ ଯୁବକ ଲାଲଧର ପହରିଆ (୪୫)ଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଛନ୍ତି। ସନ୍ଧ୍ୟା ହୋଇଯିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାହିଁ। ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଅପରାହ୍ନରେ ଯୋଗୀମୁଣ୍ଡା ଗାଁର ଲାଲଧର ହାତରେ ଧନୁତୀର ଧରି ଜଙ୍ଗଲପଟୁ ଘରକୁ ଫେରୁଥିଲେ। ସେହି ସମୟରେ ଶୁକ୍ରବାରୀ ପହରିଆ (୪୫) ଘରୁ ବାହାରୁଥିବା ସମୟରେ ଲାଲଧର ତାଙ୍କୁ ତୀରରେ ଆକ୍ରମଣ କରିଥିଲେ। ପରେ ମଙ୍ଗଳୁ ପହରିଆ (୪୬) ସାମ୍ନାକୁ ଆସିଯିବାରୁ ତାଙ୍କୁ ମଧ୍ୟ ତୀର ମାଡ କରିଥିଲେ। ଏହା ପରେ ମା'ବାପା ଛେଉଣ୍ଡ ସନ୍ତୋଷ ପହରିଆ (୧୪) ପାଇଖାନାରୁ ଫେରୁଥିବା ବେଳେ ଲାଲଧର ତାଙ୍କୁ ତୀର ମାଡ କରି ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଆହତମାନଙ୍କୁ ଖଟିଆରେ ୩ କିମି ବୋହି ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଶୁକ୍ରବାରୀ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ। ସନ୍ତୋଷ ଓ ମଙ୍ଗଳୁ ଗୁରୁତର ଥିବାରୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନେ ଅସ୍ତ୍ରୋପଚାର କରି ସନ୍ତୋଷଙ୍କ ପେଟରୁ ତୀର ବାହାର କରିଥିଲେ । ବର୍ତ୍ତମାନ ସେମାନେ ସୁସ୍ଥ ଥିବା ଜଣା ପଡିଛି। ସୋମବାର ଗାଁର କିଛି ଲୋକ ବୋରରା ଡଙ୍ଗରକୁ ଗାଈ, ଛେଳି ଚରାଇବା ପାଇଁ ଯାଇଥିବା ସମୟରେ ଏକ ଗଛରେ ଲାଲଧରଙ୍କ ଝୁଲନ୍ତା ମୃତଦେହ ଦେଖି ଗାଁ ଲୋକଙ୍କୁ ଖବର କରିଥିଲେ । ଗାଁ ଲୋକେ କୋମନା ପୋଲିସକୁ ଖବର ଦେଇଥିଲେ ମଧ୍ୟ ସନ୍ଧ୍ୟା ହୋଇଯିବାରୁ ପୋଲିସ ସେଠାରେ ପହଞ୍ଚିନାହିଁ। ମଙ୍ଗଳବାର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବ। ଏହା ହତ୍ୟା କି ଆତ୍ମହତ୍ୟା ଅସ୍ପଷ୍ଟ ରହିଛି । ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।



ମହିଳା ଓ ପୁରୁଷ ଧାରଣାରେ ବସିଛନ୍ତି।

# ମଦ, ଗଞ୍ଜେଇ ବିକ୍ରି ବନ୍ଦ ଦାବିରେ ଧାରଣା

ନୂଆପଡ଼ା,୧୯ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଟାନୱାଟ ପଞ୍ଚାୟତ ରତିପାଲି ଗାଁରେ ବେଆଇନ ଭାବରେ ଦେଶୀ, ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ ଓ କୋରେକ୍ସ ବିକ୍ରୟ ହେଉଛି। ଏହାକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ଜିଲା ଅବକାରୀ, ପୋଲିସ ପ୍ରଶାସନଠାରେ ଅଭିଯୋଗ କରିଛନ୍ତି। ଏପରି କି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଶେଷରେ ବାଧ୍ୟହୋଇ ସୋମବାର ସ୍ଥାନୀୟ ସରପଞ୍ଚ ଜୟରାମ ସତନାମୀଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବା ସଦ୍‌ଭାବନା ସଭାଗୃହ ସମ୍ମୁଖରେ ଧାରଣାରେ ବସିଥିଲେ। ଏହା ଜାଣିବା ପରେ ଉପଜିଲାପାଳ ସୁର୍ମି ସୋରେନ, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଓଆଇସି ହିରାବତୀ ଥାର୍ଟି, ସଦର ଥାନା ଅଧିକାରୀ ଗଙ୍ଗାଧର ମେହେର ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ । ଗ୍ରାମବାସୀ କ୍ଷୋଭ ପ୍ରକାଶ କରି ଗାଁରେ ୬ଟି ଦେଶୀ ଓ ବିଦେଶୀ ମଦ ଦୋକାନ ସାଙ୍ଗକୁ ଗଞ୍ଜେଇ ଓ କୋରେକ୍ସ ବିକ୍ରୟ ହେଉଛି। ଏହାକୁ ସେବନ କରି ଅଧିକାଂଶ ଘରେ ପାରିବାରିକ ଅଶାନ୍ତି ଦେଖାଦେଉଛି। ଗାଁରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଇବା ସହ ସ୍କୁଲ ପିଲାଙ୍କ ଉପରେ ପ୍ରଭାବ ପଡୁଛି। ତେଣୁ ତୁରନ୍ତ ମଦବିକ୍ରି ବନ୍ଦ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ପାଇଁ ଦାବି କରିଥିଲେ। ଅଧିକାରୀମାନେ ମଦ ଦୋକାନ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ସପ୍ତାହେ ଭିତରେ କୌଣସି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ ରତିପାଲି ଗାଁରେ ୨ ଶହରୁ ଊର୍ଦ୍ଧ୍ୱ ପରିବାରରେ ପ୍ରାୟ ୧୨ ଶହ ଲୋକ ବସବାସ କରୁଛନ୍ତି।

# ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କଲା ଭାଜପା

ଭବାନୀପାଟଣା,୧୯(ଉତ୍ତମ କୁମାର ଦାଶ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ମା'ଙ୍କ ନାମରେ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଶାଳୀନ ମନ୍ତବ୍ୟ ଦେବା ଘଟଣାକୁ ନେଇ ସୋମବାର କଳାହାଣ୍ଡି ଜିଲା ଭବାନୀପାଟଣା ଗାନ୍ଧୀ ଛକଠାରେ ଭାଜପା ପକ୍ଷରୁ ରାହୁଲଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଜିଲା ସଭାପତି ଯୁଗଳ କିଶୋର ପୋଦ୍ଦଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, ଗତ କିଛିଦିନ ହେବ ବିହାର ନିର୍ବାଚନ ପୂର୍ବରୁ ସାଧାରଣ ଜନତାଙ୍କ ମନରେ ବିଭ୍ରାନ୍ତ ସୃଷ୍ଟି କରିବା ପାଇଁ କଂଗ୍ରେସ ନେତା ଓ ତା'ର ସହଯୋଗୀ ଦଳ ନିର୍ବାଚନ କମିଶନ ଦ୍ୱାରା ଲାଗୁ ହୋଇଥିବା ଏସ୍‌ଆଇଆର୍ ବିରୋଧରେ ଜନସଭା ଆୟୋଜନ କରି ଭୋଟରଙ୍କୁ ବିଭ୍ରାନ୍ତ କରିବା ପାଇଁ ଅପଚେଷ୍ଟା ଚଳାଇଥିବା ଭାଜପା ଅଭିଯୋଗ ଆଣିଛି। ବିହାର ଜନତାଙ୍କ ସମର୍ଥନ ମିଳୁ ନ ଥିବା କାରଣରୁ ନିରାଶ ହୋଇ ଶେଷରେ ପ୍ରଧାନମନ୍ତ୍ରୀ ଓ ତାଙ୍କ ମା'ଙ୍କ ଉପରେ ଅଶାଳୀନ ମନ୍ତବ୍ୟ ଦେଉଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଛି, ଯାହାକୁ ଭାଜପା କଡ଼ା ନିନ୍ଦା କରିଛି। ଏହାକୁ ନେଇ ତୁରନ୍ତ ରାହୁଲ କ୍ଷମା ମାଗନ୍ତୁ ନଚେତ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଜିଲା ସଭାପତି ପୋଦ୍ଦ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ, ନଗର ସଭାପତି ଚିତ୍ତ ରଞ୍ଜନ ପାତ୍ର, ପୂର୍ବତନ ନଗର ସଭାପତି ସନ୍ତୋଷ ବିଶି, ଜିଲା ସ୍ୱଚ୍ଛ ଭାରତ ସଂଯୋଜକ ଲୋକନାଥ ଦୁର୍ଗା ,ଯୁବମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିବ୍ୟ ଜ୍ୟୋତି ମୁଣ୍ଡ, ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ପ୍ରଦୀପ ଦାସ, ହିମାଂଶୁ ବିଶାଳ, ଜିଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ ପ୍ରମୁଖଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।




ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

# ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ, ୨ ଗିରଫ

ଖଡ଼ିଆଳ,୧୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରାଣୀମୁଣ୍ଡା ଗ୍ରାମରେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ୨ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୁପ୍ତେ ହାତୀ (୨୮) ଓ ଡିସେନ ହାତୀ (୨୧)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଅଗଷ୍ଟ ୨୯ ତାରିଖରେ ରାଣୀମୁଣ୍ଡା ଗ୍ରାମ ହାତୀପଡ଼ାର ଭୋଳେଶ୍ୱର ନାଗଙ୍କୁ ପୂର୍ବ ଶତ୍ରୁତାରୁ ଗୁପ୍ତେ ଓ ଡିସେନ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ଅବସ୍ଥାରେ ପରିବାର ଲୋକେ ଭୋଳେଶ୍ୱରଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକ୍ରମଣ ଯୋଗୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୨୫/୨୫) ରୁଜୁ କରି ସମ୍ପୃକ୍ତ ୨ ଯୁବକଙ୍କୁ କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ହରେକୃଷ୍ଣ ଜାନି ପ୍ରକାଶ କରିଛନ୍ତି।

# ୬୪ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ନୂଆପଡ଼ା,୧୯ (ମକାରୁ ବେମାଲ)

ସ୍ଥାନୀୟ ସଦ୍‌ଭାବନା ସଭା ଗୃହଠାରେ ସୋମବାର ଜିଲାପାଳ ମଧୁସୂଦନ ଦାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂହଙ୍କ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୪ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରୁ ୪୪ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ରହିଥିଲା। ଏହିସବୁ ଅଭିଯୋଗ ଉପରେ ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ପତୋରା ଗାଁର ଅସହାୟ ମହିଳା କମଳା ଦେବୀ ବର୍ମାଙ୍କୁ ରେଡକ୍ରସ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ସୁର୍ମି ସୋରେନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭରତ ଲାଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଶେଖ ନସିମ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା ।




ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

# ବିଶ୍ୱବିଦ୍ୟାଳୟର ଶୈକ୍ଷିକ ମାନ ବୃଦ୍ଧି କରେ ଗବେଷଣା

ଭବାନୀପାଟଣା,୧୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ ସ୍ୱତନ୍ତ୍ର ଅତିଥି, ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ମୁଖ୍ୟବକ୍ତା ଓ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରପ୍ରାପ୍ତ କୁଳପତି ଡ. ନାଥ ନିଜ ବକ୍ତବ୍ୟରେ ଗବେଷଣା ହିଁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ମାନ ବୃଦ୍ଧି କରେ ବୋଲି କହିଥିଲେ। କୁଳସଚିବ ଡ. ଗୁଣନିଧି ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିତ୍ତ ନିୟନ୍ତ୍ରକ ସୁରେଶ ପିଡିସିକା ବିଶ୍ୱବିଦ୍ୟାଳୟର ଆର୍ଥିକ ବ୍ୟବସ୍ଥା ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ




ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିଗଣ।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ୫ମ ପ୍ରତିଷ୍ଠା ଦିବସ

ପ୍ରଫେସର ଜୟସ୍ୱାଲ କଳାହାଣ୍ଡିର ପ୍ରାକୃତିକ ପରିବେଶ, ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ଭୂୟସୀ ପ୍ରଶଂସା କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ନ୍ୟୁଜ ବୁଲେଟିନ ଲୋକାର୍ପଣ ସହ ଆଲୁମ୍ନି କର୍ନର ଉଦ୍‌ଘାଟନ ହୋଇଥିଲା। ସାଂସଦ ମାଳବିକା ଦେବୀଙ୍କ କରକମଳରେ ଷ୍ଟାଫ କ୍ୱାର୍ଟର୍ସ ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାରେ ବିଭିନ୍ନ ବିଭାଗରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ନେଟ୍, ଜେଆର୍‌ଏଫ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଏବଂ ଗବେଷଣା, ପୁସ୍ତକ ପ୍ରକାଶନ ଓ ଆର୍ଟିକିଲ ପ୍ରକାଶନରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧ୍ୟାପିକାଅଧ୍ୟାପକ ଓ ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନା କରିଥିବା କର୍ମଚାରୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ଓ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କଲା ମାହେଶ୍ୱରୀ ସେନା
**ଅଜିତ ଖଣ୍ଡଗିରି ହତ୍ୟା ଘଟଣା**

**ବୀରମହାରାଜପୁର,୧।୯(ଯୁଗଳ କିଶୋର ମିଶ୍ର):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମାହେଶ୍ୱରୀ ସେନା ପକ୍ଷରୁ ମୈତ୍ରୀ ସଦନଠାରେ ହତ୍ୟାକାଣ୍ଡର ଶିକାର ହୋଇଥିବା ଅଜିତ ଖଣ୍ଡଗିରିଙ୍କ ବିୟୋଗରେ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସଂସଦ ସମ୍ପାଦକ ଭୂଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ଜିଲା ଡୁମାଳ ସମାଜ ସଭାପତି ଅଶ୍ୱିନୀ କୁମାର ମହାକୁଡ଼ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସବଡିଭିଜନାଲ ସ୍ପୋର୍ଟିଂ କ୍ଲବ ସଭାପତି ପର୍ଶୁରାମ ଦେହେରୀ, ମାହେଶ୍ୱରୀ ସେନା କର୍ମକର୍ତ୍ତା ସୁଧାଂଶୁ କର୍ଣ୍ଣ, ଜିତେନ୍ଦ୍ର ମେଣ୍ଡିଲି, କାହ୍ନୁ ମହାକୁର, ପ୍ରକାଶ ପ୍ରଧାନ, ବିକାଶ ମହାକୁର, ଆଲୋକ ଦେହେରୀ, ଭଗବାନ କର୍ଣ୍ଣ ପ୍ରମୁଖ ସ୍ୱର୍ଗତ ଅଜିତଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ହତ୍ୟାକାଣ୍ଡ ସହ ଜଡ଼ିତ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଥିଲା। ସୂଚନାଯୋଗ୍ୟ ବୀରମହାରାଜପୁର ଥାନା ବାଘମାରିର ଅଜିତ ଓ ଚମ୍ପାମାଳର ସୂର୍ଯ୍ୟକୁମାର ପ୍ରଧାନ କୌଣସି କାମରେ ମେଣ୍ଡାମାଲ ଗାଁକୁ ଗତ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଯାଇଥିବାବେଳେ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ଅଜିତଙ୍କ ମୃତ୍ୟୁ ଘଟିଥିବାବେଳେ ସୂର୍ଯ୍ୟକୁମାର ଗୁରୁତର ହୋଇଥିଲେ।

### ୮ ଫୁଟିଆ ଅଜଗର ଉଦ୍ଧାର

**ପାଇକମାଳ,୧।୯(ବଡ଼ ଶତପଥୀ):** ପାଇକମାଳ ଭାରତ ପେଟ୍ରୋଲିୟମ ପାଖରେ କେନ୍ଦୁଭଟ୍ଟା ଛକ ନିକଟରେ ସୋମବାର ସକାଳେ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ଉକ୍ତ ଅଜଗର ସାପକୁ ପାଇକମାଳ ସ୍ନେକ ହେଲ୍ପ ଲାଇନ ଚିମନଲାଲ କଟାପଲିଆ ଓ ବନବିଭାଗ ମିଳିତ ଭାବରେ ଉଦ୍ଧାର କରି ନିକଟସ୍ଥ ଗନ୍ଧମାର୍ଦ୍ଦନ ପର୍ବତ ଉପରେ ଛାଡ଼ିଦେଇଥିଲେ। ସାପଟି ୮ ଫୁଟ ଲମ୍ବା ଥିବା ବେଳେ ୧୩ କେଜି ଓଜନ ଥିଲା ବୋଲି ବନ ବିଭାଗ ସୂଚନା ଦେଇଛି।

### ନୃସିଂହନାଥ ରାମଚଣ୍ଡୀ ମନ୍ଦିରରେ ନୂଆଁଖାଇ ଭେଟ୍‌ଘାଟ୍

**ପାଇକମାଳ,୧।୯(ବଡ଼ ଶତପଥୀ):** ପାଇକମାଳ ନୃସିଂହନାଥ ପୀଠନିକଟରେ ଥିବା ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ କୁଳିତା ଜାତିର ପ୍ରାୟ ଶହେ ଗୋଟି ପରିବାରରୁ ତିନି ଶହ ଲୋକଙ୍କ ଏକତ୍ରିତ ହୋଇ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ଅତିଥିମାନେ ଯୋଗ ଦେଇ ସମାଜର ବିକାଶ ଓ ମନ୍ଦିର ଉନ୍ନତି ଦିଗରେ ସମସ୍ତଙ୍କୁ ଏକତା ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ, ମହୁଲପାଲି କେନ୍ଦ୍ର ସଭାପତି ଯୁବରାଜ ପ୍ରଧାନ, ଅନିତା ଭୋଇ, ଡ.ଅଦ୍ୱିତୀୟ କେଶରୀ ବାରିକ, ପ୍ରଭାତ ବିଶାଳ, ଚତୁର୍ଭୁଜ ସାହୁ, ପୁରୁଷୋତ୍ତମ ପ୍ରଧାନ, ଲିଙ୍ଗ ପ୍ରଧାନ, ବିନୋଦ ବିଶ୍ୱାଳ, ଯୋଗେନ୍ଦ୍ର ଭୋଇ, ତେଜରାଜ ସାହୁ ମତ ରଖିଥିଲେ। ଏହି ନୂଆଁଖାଇ କାର୍ଯ୍ୟକ୍ରମ ରାମଚଣ୍ଡୀ ମନ୍ଦିରର ଯୁବସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଯୁବ ସଙ୍ଗଠନ ମୁକ୍ତି ପୀଠ ସମ୍ପାଦକ ଭୁବନେଶର ସା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

**ପଦ୍ମପୁର,୧।୯(ପ୍ରଦୀପ୍ତ ଦାଶ):** ଅନ୍ୟାନ୍ୟ ପଛୁଆ ବର୍ଗ ବରଗଡ଼ ଜିଲାର ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ ପଦ୍ମପୁର ଏକଲବ୍ୟ ଅଫିସରେ ଜିଲା ଓବିସି ମଞ୍ଚର ସଭାପତି ସପ୍ତସିନ୍ଧୁ ବଗର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆଗାମୀ ୨୧.୯.୨୫ ମଙ୍ଗଳବାର କରିବାକୁ ସ୍ଥିର କରାଯାଇଛି। ଏଥିରେ ବରଗଡ଼ ଜିଲାର ସମସ୍ତ ବ୍ଲକର ମୁଖ୍ୟ ସମେତ ସମସ୍ତ କର୍ମକର୍ତ୍ତା ଯୋଗଦାନ କରିବାକୁ ନିମନ୍ତ୍ରଣ କରାଯିବା ନେଇ ସ୍ଥିର ହୋଇଛି। ଆଗାମୀ ଦିନରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ସଙ୍ଗଠିତ କରି ସାମ୍ବିଧାନିକ ଅଧିକାର ପାଇଁ ଲଢ଼େଇ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ସଭାରେ ପ୍ରଦୀପ ପଧାନ, ଉପେନ୍ଦ୍ର ସାହୁ, ପ୍ରୀତମ ମେହେର, ଅଶୋକ ଦାନୀ, ଚିନ୍ତାମଣି ସାହୁ, ରାଜେନ୍ଦ୍ର ସାହୁ, ଖଗେଶ୍ୱର ବିଶ୍ୱାଳ, ମାନସ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଆର୍‌ସିଏସ୍‌ଙ୍କ ଅଫିସରେ ତାଲା ପକାଇ ଆନ୍ଦୋଳନ

**ପଞ୍ଜୀକରଣ ବ୍ୟବସ୍ଥାକୁ ନେଇ ତାତିଲେ ଚାଷୀ**

**ବରଗଡ଼,୧।୯(ପ୍ରେମାନନ୍ଦ ଖମାରୀ)**



ସମବାୟ ଉପ ନିବନ୍ଧକଙ୍କ ଅଫିସ ଆଗରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି।

ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ରାଜ୍ୟ ସରକାରଙ୍କ ପଞ୍ଜୀକରଣ ବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ତୁଟିନାହିଁ। ପଞ୍ଜୀକରଣ ଅବଧି ସରିଯିବା କାରଣରୁ ଅନେକ ଚାଷୀ ପଞ୍ଜୀକୃତ ହୋଇପାରିନାହାନ୍ତି। ଅନ୍ୟପକ୍ଷେ ଚାଷୀମାନେ ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ଦାବି କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବରଗଡ଼ ଜିଲାର ଚାଷୀମାନେ ପୁଣି ତାତି ଉଠିଛନ୍ତି। ଏହି କ୍ରମରେ ସୋମବାର ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ବରଗଡ଼ ସମବାୟ ଉପନିବନ୍ଧକ (ଡିଆର୍‌ସିଏସ୍)ଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯାଇଥିଲା। ପଞ୍ଜୀକରଣ ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ସଙ୍ଗଠନର ଅଭିଯୋଗ ଅନୁସାରେ, ଗତ ୨୬ତାରିଖରେ ପ୍ରଥମେ ବରଗଡ଼ ଜିଲାପାଳ ଏବଂ ପରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏବଂ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ଚାଷୀ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ଚାଷୀମାନଙ୍କ ସହିତ ଆଲୋଚନା କରିବା ପରେ ପ୍ରକୃତ ଚାଷୀ ପଞ୍ଜୀକରଣରୁ ବାଦ୍ ପଡିବେ ନାହିଁ ଏବଂ ଜିଲାପାଳ ଯେଉଁ ରିପୋର୍ଟ ଦେବେ, ସେହି ଆଧାରରେ ପଞ୍ଜୀକରଣ ଅବଧି ବଢିବ ବୋଲି କହିଥିଲେ। ସେହିପରି ୨ଦିନ ତଳେ ମୁଖ୍ୟମନ୍ତ୍ରୀ ମଧ ସମସ୍ତ ଯୋଗ୍ୟ ଚାଷୀ ପଞ୍ଜୀକରଣ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ଇତିମଧ୍ୟରେ ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଚାଷୀମାନେ ସମବାୟ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସି ପଞ୍ଜୀକରଣ ସମ୍ପର୍କରେ ପଚାରିଥିଲେ। ମାତ୍ର ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଚାଷୀ ପ୍ରତିନିଧିମାନେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟାଳୟରୁ ବାହାର କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ୩ଘଣ୍ଟା ପରେ ସମବାୟ ଉପ ନିବନ୍ଧକ ଯୁଗଳ ଦାଶ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ ସିଧାସଳଖ କାର୍ଯ୍ୟାଳୟକୁ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଗତ ଡିସେମ୍ବର ୨୫ତାରିଖ ପର୍ଯ୍ୟନ୍ତ ଯେଉଁ ଚାଷୀମାନେ ସମବାୟ ସମିତିରେ ନିଜର କାଗଜପତ୍ର ଦେଇଛନ୍ତି, ସେମାନେ ନିଶ୍ଚିତ ପଞ୍ଜୀକୃତ ହୋଇ ପାରିବେ ବୋଲି ସେ କହିଥିଲେ। ଏହାପରେ ସଙ୍ଗଠନ ପକ୍ଷରୁ ତାଲା ଖୋଲି ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନା ମୁତାବକ ଆସନ୍ତା ଗୁରବାର ସୁଦ୍ଧା ପଞ୍ଜୀକରଣ ପୁଣି ଆରମ୍ଭ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସଙ୍ଗଠନ ତରଫରୁ ଚେତାବନୀ ଦିଆଯାଇଛି। ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ସୁଦାମ ପାତ୍ର, ନିରଞ୍ଜନ ପଧାନ, ସୁରେଶ ନେକାଣ୍ଡି, ସୁରେଶ କର୍ଣ୍ଣ, ରବିଶଙ୍କର ପଧାନ, କରଣ ସାହୁ, ଈଶାନ୍ତ ଭୋଇ, ମନୋଜ ଖମାରୀ, କୋଶଳ ସେନାର ବୀରବଳ ମହାକୁଡ଼ଙ୍କ ସମେତ ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୧।୯(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ଶିବିରରେ ଯୋଗଦାନ କରି ୪୮ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୩୮ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଥିଲା। ଗୋଟିଏ ଦରଖାସ୍ତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଥିଲା। ଅନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସଞ୍ଜିବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ।

# ସଂସ୍କୃତ ବଞ୍ଚିଲେ ସଂସ୍କୃତି ବଞ୍ଚିବ


ସଂସ୍କୃତ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ଅତାବିରା,୧।୯(ଯୁଧିଷ୍ଠିର ମହାପାତ୍ର)**

ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ମୂଳାଧାର ସଂସ୍କୃତ ବଞ୍ଚିଲେ ଆମ ସଂସ୍କୃତି ବଞ୍ଚିବ ବୋଲି ଅତାବିରା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ସୋମବାର ମତ ପ୍ରକାଶ ପାଇଛି। ବ୍ଲକ ସଭାପତି ଦିଲ୍ଲୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସୁଧୀର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ ଯୋଗ ଦେଇ ସଂସ୍କୃତ ଭାଷାର ମହନୀୟତା ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ କାର୍ତ୍ତିକ ବାଗ ପ୍ରଧାନ ଶିକ୍ଷକ ମନୋଜ ହରିପାଲ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବାଗ ଲବ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଯୋଗ ଦେଇ ସଂସ୍କୃତ ଭାଷା ସଂସ୍କୃତିର ମୂଳାଧାର ବୋଲି ଉଲ୍ଲେଖ କରି ସଂସ୍କୃତ ପ୍ରତି ଆଦର ରହିବା ଉଚିତ୍ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ସଂସ୍କୃତ ନାଟକ, ନୃତ୍ୟ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଘନଶ୍ୟାମ ପଣ୍ଡା, କିରଣ ବିଶାଳ, ମୋହନ ମେହେର, ଅରୁଣ ପଣ୍ଡା ପ୍ରମୁଖ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମାଳୟା ଭୋଇ, ସଗାରିକା ଦାସ, ମିଳି ଦାସ, ଜ୍ୟୋର୍ତିମୟ, ସୁଷମା ସାହୁ, ଶୁଭଶ୍ରୀ ବାରିକ, ସରିତା ପଣ୍ଡା ପ୍ରମୁଖଙ୍କ ସମେତ ଅତାବିରା ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ମେଦିନୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଡିଓଙ୍କୁ ପାଇକମାଳ ପାଚିକା ପାଚକ ସଂଘର ଦାବିପତ୍ର



ଦାବ ପୂରଣ ନେଇ ପାଚିକାମାନଙ୍କ ଶୋଭାଯାତ୍ରା।

**ପାଇକମାଳ,୧।୯(ବଡ଼ ଶତପଥୀ)**

ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ପାଚକ ରାଜ୍ୟ ସଂଘ ଆନୁକୂଲ୍ୟରେ ପାଇକମାଳ ଶାଖା ବ୍ଲକର ପାଚିକା ପାଚକ ସଂଘ ୩ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଞ୍ଜଳି ଯାଦବ, ବ୍ଲକ ସଭାନେତ୍ରୀ ଉର୍ମିଳା ମେହେରଙ୍କ ନେତୃତ୍ୱରେ ନୃସିଂହନାଥ ଧର୍ମଶାଳା ସମ୍ମିଳନୀ କକ୍ଷରେ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ପାଚକ ରାଜ୍ୟ ସଂଘ, ପାଇକମାଳ ବ୍ଲକ ଶାଖା ସଭ୍ୟମାନଙ୍କୁ ନେଇ ସଭା ପ୍ରଥମେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ଉପସଭାନେତ୍ରୀ ସୁମିତ୍ରା ରଥ, ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଞ୍ଜଳି ଯାଦବ, ରାଜ୍ୟ ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର, ରାଜ୍ୟ ସମ୍ପାଦକ ବିଜୟ ରଥ, ବ୍ଲକ ସଭାନେତ୍ରୀ ଉର୍ମିଳା ମେହେର, ପଦ୍ମପୁର ସଭାନେତ୍ରୀ ଇନ୍ଦ୍ରାବତୀ ନାୟକ, ସମ୍ପାଦିକା ରିନା ପ୍ରଧାନ, ଉପସଭାନେତ୍ରୀ ସୈଦାମିନୀ ମାହାର, ଭାଗ୍ୟଶ୍ରୀ ସାହୁ, ରମାଦେବୀ ଭୁଏଁ ପ୍ରମୁଖ ଉପସ୍ଥିତ ଥିଲେ। ପାଚିକାମାନେ ଦୀର୍ଘ ୨୭/୨୮ ବର୍ଷ ଧରି ପିଏମ୍ ପୋଷଣ ମଧ୍ୟାହ୍ନଭୋଜନ ଯୋଜନାରେ କାର୍ଯ୍ୟକରି ଆସୁଛନ୍ତି। କିନ୍ତୁ ସେମାନଙ୍କ ପାରିଶ୍ରମିକ ତୁଳନାରେ ବହୁତ କମ ମଜୁରି ମିଳୁଛି। ଏଥିପାଇଁ ଦୈନିକ ସର୍ବନିମ୍ନ ମଜୁରି ୪୬୨ ଟଙ୍କା ଦିଆଯାଉ । ପରିଚୟ ପତ୍ର, ନିଯୁକ୍ତି ପତ୍ର, ଅବସରକାଳୀନ ଭତ୍ତା, ମୃତ୍ୟୁ କାଳୀନ ସହାୟତା, ୬୦ ବର୍ଷ ବୟସରେ ଅବସର ଆଦି ଦାବି ପୂରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଧର୍ମଶାଳାରେ ସଭା ସମାପ୍ତ ହେଲା ପରେ ସମସ୍ତେ ଏକ ବିରାଟ ରାଲିରେ ବ୍ଲକ କାର୍ଯ୍ୟାଳୟ ଯାଇ ସେଠାରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶେଷରେ ଉର୍ମିଳା ମେହେର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଘନାମାଲରେ ଆସ ଆମେ ସ୍କୁଲ ଯିବା କାର୍ଯ୍ୟକ୍ରମ

**ପଦ୍ମପୁର ୧।୯ (ପ୍ରଦୀପ୍ତ ଦାଶ)**

ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲ ତରଫରୁ 'ଆସ ଆମେ ସ୍କୁଲ ଯିବା ଅଭିଯାନ' କାର୍ଯ୍ୟକ୍ରମରେ ଏକ ସଚେତନତା ପଦଯାତ୍ରା ସୋମବାର ଗାଁ ପରିକ୍ରମା କରିଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପଦଯାତ୍ରା ପରେ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସଭ୍ୟାସଭ୍ୟମାନଙ୍କୁ ନେଇ 'ଆସ ଆମେ ସ୍କୁଲ ଯିବା ଅଭିଯାନ' ଉପରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ପଳସାପାଲି ଗ୍ରାମପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗ୍ରାମରେ ଅଧାରୁ ପାଠପଢା ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଇବା ସହିତ ଶିକ୍ଷାର ମାନ ବୃଦ୍ଧି କରିବାରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଦୁଇ ଜଣ ଦିବ୍ୟାଙ୍ଗ ପିଲା ଓ ଜଣେ ସାଧାରଣ ବର୍ଗର ପିଲାକୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଇବା ସହିତ ଶିକ୍ଷାର ମାନ ବୃଦ୍ଧି କରିବାରେ ସରକାରଙ୍କ ଉଦ୍ୟମକୁ ସଫଳ କରାଇପାରିଛନ୍ତି।

# ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗୃହୀତ


ଡ୍ରାଇଭର ମହାସଂଘର ଶୋଭାଯାତ୍ରା।

**ସୋହେଲା,୧।୯(ଅଶ୍ୱିନୀ କୁମାର ପାତ୍ର)**

**ଜିଲାସ୍ତରୀୟ ଡ୍ରାଇଭର ଦିବସ**

ସୋହେଲାରେ ସୋମବାର ଜିଲାସ୍ତରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ଡ୍ରାଇଭର ମହାସଂଘ ଏବଂ ନିଷ୍ଠା ପରିବାର ମିଳିତ ଭାବେ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଏଥିରେ ୪୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସକାଳେ ବରଗଡ଼ ଜିଲାର ୧୨ବ୍ଲକରୁ ଡ୍ରାଇଭରମାନେ ସୋହେଲା ଦୁର୍ଗା ମନ୍ଦିର ପରିସରରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ସାପ୍ତାହିକ ବଜାରକୁ ଯାଇଥିଲେ। ଡ୍ରାଇଭର ମହାସଂଘର ଜଲା ସଭାପତି ନୀଳାମ୍ବର ସାହୁ, ଉପ ସଭାପତି ସୁରୁ ବାରିହା, ସମ୍ପାଦକ ସୁଦାମ ରଥ, ସହ ସମ୍ପାଦକ ବୁଲୁ ବଗର୍ତ୍ତି, କୋଷାଧ୍ୟକ୍ଷ ସୁମନ୍ତ ମେଣ୍ଡୁଲି, ଉପଦେଷ୍ଟା ଆଶ୍ରମ ଖମାରୀ, ସୁଶାନ୍ତ ଦେବଗୁରୁ, ସୁମନ୍ତ ବାରିହା, ଦିଲୀପ ସାହୁ, ବାମଦେବ ନାୟକ, ଶିଶିର କଲେତ, କଳ୍ପବଟ ପାଢ଼ୀ, ଶେଷ ନାୟକ, ସୁଧାକର ପଧାନ, ନରେଶ କାଣ୍ଡି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# କଂଗ୍ରେସ ବିରୋଧରେ ଭାଜପାର ବିକ୍ଷୋଭ

**ଡୁଙ୍ଗୁରିପାଲି, ୧।୯(ଦୀନବନ୍ଧୁ ସୁନା)**

ଅଗଷ୍ଟ ୨୭ ତାରିଖ ବିହାରରେ ଭୋଟ ଅଧିକାର ଶୋଭାଯାତ୍ରା ଅବସରରେ ଆୟୋଜିତ ଏକ ସଭାରେ କଂଗ୍ରେସ ନେତୃବୃନ୍ଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦ କରି ସୋମବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ନିକଟ ଚାରିଛକଠାରେ ଜିଲା ଭାଜପା ସାଧାରଣ ସମ୍ପାଦକ ତଥା ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଅଶୋକ ପୂଜାରୀ, ଡୁଙ୍ଗୁରିପାଲି ମଣ୍ଡଳ ସଭାପତି ପ୍ରବୀର ସାହୁ, ଶୁଖା ମଣ୍ଡଳ ସଭାପତି ସୁନିଲ ବେହେରା, ରଥ ସାହୁ, ଉମାକାନ୍ତ ସାହୁ, ନିମାଇ ସାହୁ, ବାସୁଦେବ ନାଏକ, ସୁଦାମ ସାହୁ, ସହଲା ସରପଞ୍ଚ ପଟୁଆରୀ ପଧାନ, ପବିତ୍ର ସାହୁ, ଧିରେନ ପଧାନ, ସୁଦାମନାଏକ,ଯୁବରାଜ ବିଶ୍ୱାଳ, ମଧୁସୂଦନ ମେହେର, ବେଣୁଧର ମେହେର, ପଞ୍ଚୁ ମଟାରୀ, ଶିବରାଜ ବେହେରା, ଦେବରାଜ ବେହେରା, ଅକ୍ଷୟ ପଧାନ, କୁନା ବାରିକ ଉପସ୍ଥିତ ଥିଲେ।

### କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ଶିକ୍ଷୟିତ୍ରୀ କଲେ ସହାୟତା

**ଅତାବିରା,୧।୯( ଯୁଧିଷ୍ଠିର ମହାପାତ୍ର)**

ଆଧୁନିକତା ସଭ୍ୟତାଠାରୁ ଅନେକ ଦୂରରେ ରହି ସୋମବାର ଅତାବିରା ବ୍ଲକ ଅନ୍ତର୍ଗତ ଟୋପ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ, କବୟିତ୍ରୀ ତଥା ସାମାଜିକ କର୍ମୀ ଅନୁସୂୟା ଦେବତା ଜନ୍ମଦିନ ପାଳିଛନ୍ତି। ନା କାଟିଲେ କେକ୍ ନା ହେଲା ହୋଟେଲରେ ଭୋଜିଭାତ, କିଛି ଅଲଗା ପ୍ରକାରରେ ପାଳନ ହେଲା ଜନ୍ମଦିନ। ଆଧୁନିକ ଦୁନିଆରେ ନିଜ ଜନ୍ମଦିନ ପାଳନ କରିବା ପାଇଁ ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏକ ନିଆରା ଢଙ୍ଗରେ ଶିକ୍ଷୟିତ୍ରୀ ପାଳନ କରିଛନ୍ତି ତାଙ୍କର ଜନ୍ମଦିନ। ସେ ଅତାବିରା ଝାଉଁ ନଦୀ କୂଳରେ ଥିବା କୁଷ୍ଠାଶ୍ରମର ଅନ୍ତେବାସୀଙ୍କ ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇ ନେଇଛନ୍ତି ତାଙ୍କର ଆଶୀର୍ବାଦ। ଅସାଧ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ନିଜ ଜନ୍ମ ମାଟି, ଗାଁ, ପରିବାରଠାରୁ ବାସନ୍ଦ ହୋଇ ଅଭିଶପ୍ତ ଜୀବନ ଯାପନ କରୁଥିବା ଲୋକଙ୍କ ମୁହଁରେ ହସ ଟିକିଏ ଦେବା ତା ଦୂରର କଥା ତାଙ୍କ ପାଖକୁ ଯିବାକୁ ଲୋକେ ଘୃଣା କରିଥାନ୍ତି। ସେହି ଅସହାୟ ବ୍ୟକ୍ତିମାନଙ୍କର ଦୁଃଖ ସୁଖର ସାଥୀ ହୋଇ ରହିବ ପାଇଁ ଶିକ୍ଷୟିତ୍ରୀ ଅନେକ ବର୍ଷ ହେଲା ଆପ୍ରାଣ ଚେଷ୍ଟା କରି ଆସୁଛନ୍ତି । ଆଜି ସେମାନଙ୍କୁ ନୂତନ ବସ୍ତ୍ର, ଶୁଖିଲା ଖାଦ୍ୟ ବଣ୍ଟନ କରି ତାଙ୍କ ସହ ସମୟ ବିତାଇ ଥିଲେ ଶିକ୍ଷୟିତ୍ରୀ ଅନୁସୂୟା। ଏଥିରେ ଖୁବ ଆନନ୍ଦ ପାଆନ୍ତି ବୋଲି ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି।


କୁଷ୍ଠାଶ୍ରମରେ ଶିକ୍ଷୟିତ୍ରୀ ସହାୟତା ପ୍ରଦାନ କରୁଛନ୍ତି

# ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ନୂଆଁଖାଇ ଭେଟ୍‌ଘାଟ୍

**ବରପାଲି, ୧।୯(ଚିତ୍ତରଞ୍ଜନ ସାହୁ)**


ମଞ୍ଚାସୀନ ଅତିଥି।

ବରପାଲି ଅନ୍ତର୍ଗତ ବିଶିପାଲିଠାରେ କୁଏହୁଲା ପକ୍ଷରୁ ଗୋଟିଏ ଦିନରେ ନୂଆଁଖାଇ ପାଳନ ପଛର ମହାନାୟକ, ଲୋକ ମହୋତ୍ସବର ଜନକ, କିମ୍ବଦନ୍ତୀ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସରଜୁ କୁଅଁରଙ୍କ ପ୍ରାରମ୍ଭିକ ସଙ୍ଗୀତ ପରେ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଧକ୍ଷ ଅରକ୍ଷିତ ଚନ୍ଦ୍ର ମହାନନ୍ଦ, ଦିଲିପ କୁମାର ସାହୁ ସଭାପତିତ୍ୱ କରିଥିଲେ। ଆଶିଷ ପ୍ରଧାନଙ୍କ ସଂଯୋଜନାରେ ମୁଖ୍ୟଅତିଥି ବିଜେପୁର ବିଧାୟକ ସନତ ଗଡତିଆ, ସମ୍ମାନିତ ଅତିଥି ଶିକ୍ଷାବିତ ଗୋବିନ୍ଦ ପ୍ରଧାନ, ଡ ମନୋରଞ୍ଜନ ବାଗ, ବିଜେପି ନେତା ପ୍ରଶାନ୍ତ କୁମାର ସାହୁ, ଇନ୍ଦ୍ରମଣି କୁମ୍ଭାର, ମୂଖ୍ୟବକ୍ତା ଅଧାପିକା ବୈଜୟନ୍ତୀ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଗ୍ରାମବାସୀଙ୍କ ଅନୁରୋଧରେ ଗୁରୁଙ୍କ ଅନ୍ୟତମ କର୍ମଭୂମି ବିଶିପାଲିରେ ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସଂଗିତା ଦିପ ଏବଂ ସନ୍ତୋଷିନୀ ନାଗଙ୍କ ସଂଯୋଜନାରେ 'ଗୋଟିଏ ଦିନରେ ନୂଆଁଖାଇ ଏବଂ ଗୁରୁ ଭଗବାନ ସାହୁ' ଶିର୍ଷକ କବିତା ଆସରରେ କବି ଉଦ୍ଧବ ବାରୀକ, ଟିକେଲାଲ ରାଉତ,ସୁଦାମ ସାହୁ,ବିକ୍ରମ ସାହୁ,ମନୋଜ ବାଗ, ସୁଦାମ ସୁନା,ଫଗୁନୁ କୁମ୍ଭାର, ରମେଶ ଚନ୍ଦ୍ର ସାହୁ,ରୋଷନ ସାହୁ, କବିତା ରାଣୀ ଝାଙ୍କର ସମେତ ବହୁ କବି କବିତା ପାଠ କରିଥିଲେ, ଦଣ୍ଡ ରତ୍ନ ବିପିନ ଜାଲଙ୍କୁ ଗୁରୁ ଭଗବାନ ସାହୁ ସ୍ମୃତି ସମ୍ମାନ ଏବଂ ବରିଷ୍ଠ କବି ଭିକାରୀ ଚରଣ ପ୍ରଧାନଙ୍କୁ ଗୁରୁ ଭଗବାନ ସାହୁ ସ୍ମାରକୀ ସମ୍ମାନରେ ସମ୍ମାନୀତ କରିବା ସହିତ ବହୁ ପ୍ରତିଭାଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଇନ୍ଦ୍ରମଣି କୁମ୍ଭାରଙ୍କ ଲୋକକଳା ସଂସ୍କୃତି ପୁସ୍ତକ ଉନ୍ମୋଚନ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିରାଟ ଜନସମାଗମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଧନ୍ୟବାଦ ଅର୍ପଣ କରିଥିଲେ ଅନିଲ କୁମାର ସାଇଁ, କାର୍ଯ୍ୟକ୍ରମ ଆୟୋଜନରେ ଶୈଳବାଳା ମହାନନ୍ଦ,ଗଣେଶ ରାମ ମହାନନ୍ଦ, ସୁଦାମ ସାହୁ, ସୁରେନ୍ଦ୍ର କୁମ୍ଭାର, ଲିଙ୍ଗରାଜ ସିକା ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

ସେହିପରି ବରପାଲି ବ୍ଲକ ଅନ୍ତର୍ଗତ ସିର୍କି ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ ଘାଟ-୨୦୨୫ ସଂଘର ସଭାପତି ପ୍ରଦୀପ କୁମାର ପଧାନ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଭା ଭୋଜରାଜ ଦୀପ ସଞ୍ଚାଳନ କରିଥିବା ବେଳେ କୃତାର୍ଥ ସେଠ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ଅଧ୍ୟାପକ ସରୋଜ କୁମାର ଦାଶ, ମୁଖ୍ୟ ବକ୍ତା ଭାବରେ କବି ତେଜୁରୁ ବାରିକ, ସମ୍ମାନିତ ଅତିଥି ଭାବେ କବି କିଶୋର ସାହୁ ଓ ଗ୍ରାମ୍ୟ କମିଟି ସଭାପତି ଗତିକୃଷ୍ଣ ତ୍ରିପାଠୀ ଯୋଗଦାନ କରିଥିଲେ। ତେଜରାଜ ବାଗ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ବୃଦ୍ଧ ମୃତ

**ହେମଗିର,୧।୯(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନାସ୍ଥିତ ଚନ୍ଦନଡୁଲା ପୋଖରୀରେ ବୁଡ଼ି ସୋମବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହେମଗିର ଗ୍ରାମର ଟିକେଶ୍ୱର ବିଶାଳ(୬୨)। ମିଳିଥିବା ସୂଚନା ଅନୁସାରେ, ହେମଗିରସ୍ଥିତ ଚନ୍ଦନଡୁଲା ପୋଖରୀକୁ ଟିକେଶ୍ୱର ଅପରାହ୍ନ ୩ଟାରେ ଗାଧୋଇବା ପାଇଁ ଯାଇଥିଲେ। ପାଣିରେ ବୁଡ଼ି ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ବନ୍ଧବାହାଲ ପଞ୍ଚାୟତ ସ୍ତରୀୟ ଜନଶୁଣାଣି

**ବାଲିଶଙ୍କରା,୧।୯(ସତ ସେଠ୍):** ବାଲିଶଙ୍କରା ବ୍ଲକ ବନ୍ଧବାହାଲ ପଞ୍ଚାୟତ ପରିସରରେ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୂପେଶ ନାଏକ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ସମ୍ମାନିତ ଅତିଥିଭାବେ ଜିପିଇଓ ପାସ୍କାଲ ଲାକ୍ରା, ଜେଇ କିଶୋରକାନ୍ତି ଚୌହାନ, ଏଡିଓ ସସ୍ମିତା ବାଘ ଯୋଗଦେଇଥିଲେ। ମୋଟ ୩୫ଟି ଅଭିଯୋଗ ହୋଇଥିଲା। ସରପଞ୍ଚ ଶୋଭାସିନି ଦଣ୍ଡସେନାଙ୍କ ସଭାପତିତ୍ୱରେ ଚାଲିଥିବା ଶୁଣାଣିକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ ପଟେଲ ପରିଚାଳନା କରିଥିଲେ। ବ୍ଲକର କୃଷି, ମତ୍ସ୍ୟ ଏପରି ସମସ୍ତ ଲାଇନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ତୀର ମାରିଥିବା ଯୁବକଙ୍କ ମୃତଦେହ ଗଛରେ ଝୁଲୁଛି

**ନୂଆପଡ଼ା,୧।୯ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ଥାନା ସୁନାବେଡା ଅଭୟାରଣ୍ୟର ଯୋଗୀମୁଣ୍ଡା ଗାଁରେ ଗତ ମଙ୍ଗଳବାର ଜଣେ ଯୁବକ ୩ ଜଣଙ୍କୁ ତୀର ମାଡ଼କରି ଫେରାର ହୋଇଯାଇଥିଲେ। ସୋମବାର ସମ୍ପୃକ୍ତ ଯୁବକ ଲାଲଧର ପହରିଆ (୪୫)ଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଛନ୍ତି। ସନ୍ଧ୍ୟା ହୋଇଯିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାହିଁ। ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଅପରାହ୍ନରେ ଯୋଗୀମୁଣ୍ଡା ଗାଁର ଲାଲଧର ହାତରେ ଧନୁତୀର ଧରି ଜଙ୍ଗଲପଟୁ ଘରକୁ ଫେରୁଥିଲେ। ସେହି ସମୟରେ ଶୁକ୍ରୁବାରୀ ପହରିଆ (୪୫) ଘରୁ ବାହାରୁଥିବା ସମୟରେ ଲାଲଧର ତାଙ୍କୁ ତୀରରେ ଆକ୍ରମଣ କରିଥିଲେ। ପରେ ମଙ୍ଗଳୁ ପହରିଆ (୪୬) ସାମ୍ନାକୁ ଆସିଯିବାରୁ ତାଙ୍କୁ ମଧ୍ୟ ତୀର ମାଡ କରିଥିଲେ। ଏହା ପରେ ମା'ବାପା ଛେଉଣ୍ଡ ସନ୍ତୋଷ ପହରିଆ (୧୪) ପାଇଖାନାରୁ ଫେରୁଥିବା ବେଳେ ଲାଲଧର ତାଙ୍କୁ ତୀର ମାଡ କରି ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଆହତମାନଙ୍କୁ ଖଟିଆରେ ୩ କିମି ବୋହି ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଶୁକ୍ରୁବାରୀ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ। ସନ୍ତୋଷ ଓ ମଙ୍ଗଳୁ ଗୁରୁତର ଥିବାରୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନେ ଅସ୍ତ୍ରୋପଚାର କରି ସନ୍ତୋଷଙ୍କ ପେଟରୁ ତୀର ବାହାର କରିଥିଲେ । ସୋମବାର ଗାଁର କିଛି ଲୋକ ବୋରରା ଡଙ୍ଗରକୁ ଗାଈ, ଛେଳି ଚରାଇବା ପାଇଁ ଯାଇଥିବା ସମୟରେ ଏକ ଗଛରେ ଲାଲଧରଙ୍କ ଝୁଲନ୍ତା ମୃତଦେହ ଦେଖି ଗାଁ ଲୋକଙ୍କୁ ଖବର କରିଥିଲେ । ଗାଁ ଲୋକେ କୋମନା ପୋଲିସକୁ ଖବର ଦେଇଥିଲେ ମଧ୍ୟ ସନ୍ଧ୍ୟା ହୋଇଯିବାରୁ ପୋଲିସ ସେଠାରେ ପହଞ୍ଚିନାହିଁ। ମଙ୍ଗଳବାର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବ।

# ୭ ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ

**ବଡ଼ଗାଁ,୧।୯(ଅଶୋକ ଷଡଙ୍ଗୀ)**


ସିଡିପିଓଙ୍କୁ ଅଭିଯୋଗପତ୍ର ଦିଆଯାଉଛି।

**ଆଇସିଡିଏସ ସୁପରଭାଇଜରଙ୍କ ବିରୋଧରେ ଅଭିଯୋଗ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଇସିଡିଏସ ସୁପରଭାଇଜରଙ୍କ ବିରୋଧରେ ଅଙ୍ଗନୱାଡ଼ି କର୍ମୀମାନେ ଜିଲା ପ୍ରଶାସନଠାରେ ଅଭିଯୋଗ କରି ନିରାଶ ହୋଇଥିଲେ। ଶେଷରେ ସେମାନେ ସୋମବାର ବଡ଼ଗାଁ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ସୁଜାତା ବେକଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଛନ୍ତି। ଏଥିରେ ଅଙ୍ଗନୱାଡ଼ି କର୍ମୀ ଅନୁ ନାଏକ, ରୁକ୍ମିଣୀ ନାଏକ, ଯଶୋବନ୍ତୀ ଭିତ୍ରିଆ, ଗୀତାଞ୍ଜଳି ଭୋଇ, ଗୌରୀ ପଟେଲ, ଏରେନ ଡୁଙ୍ଗଡୁଙ୍ଗ, ମିନାକ୍ଷୀ ସାହୁ, ସଂଯୁକ୍ତା ଦାସ, ମାଳତୀ ସିଂ, ମୈଥିଳୀ ପ୍ରଧାନଙ୍କ ସହିତ ମୋଟ ୧୮ ଜଣ ଓ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର ଆସୋସିଏଶନର କର୍ମକର୍ତ୍ତା ଅଞ୍ଜଳି ମାଝୀ, ସୂର୍ଯ୍ୟ କିଷାନ, ରାଜକୁମାରୀ ବଘାରଙ୍କ ଦସ୍ତଖତ ରହିଛି। ଉକ୍ତ ପତ୍ରରେ ଉଲ୍ଲେଖ ରହିଛି, ବଡ଼ଗାଁ ସେକ୍ଟରର ଅଙ୍ଗନୱାଡ଼ି କର୍ମୀମାନେ ସୁପରଭାଇଜର ସୁନନ୍ଦା ବେରିହାଙ୍କ ଅଧୀନରେ କାମ କରିପାରିବେ ନାହିଁ। ତାଙ୍କ ସ୍ଥାନରେ ଅଲଗା ସୁପରଭାଇଜର ଦିଆଯାଉ। ଗତମାସ ୧ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଏହାର ସମାଧାନ କରାଗଲାନାହିଁ। ସେଥିପାଇଁ ଆମେ ସେକ୍ଟର ମିଟିଂ ବର୍ଜନ କରିଛୁ । ୭ ଦିନ ମଧ୍ୟରେ ଯଦି ସମାଧାନ କରି ଅଲଗା ସୁପରଭାଇଜର ଦିଆ ନ ଯାଏ ଚଳିତ ମାସ ୮ ତାରିଖ ଠାରୁ ଆଇସିଡିଏସ ଅଫିସ ସମ୍ମୁଖରେ ବ୍ଲକର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହକର୍ମୀମାନେ କେନ୍ଦ୍ର ବନ୍ଦ କରି ଧାରଣାରେ ବସିବେ ବୋଲି ଉକ୍ତ ପତ୍ରରେ କୁହାଯାଇଛି। ଏହି ଅଭିଯୋଗପତ୍ରର ନକଲ ସୁନ୍ଦରଗଡ ସମାଜ କଲ୍ୟାଣ ଅଧିକାରୀ, ସୁନ୍ଦରଗଡ ଉପ ଜିଲାପାଳ, ବଡ଼ଗାଁ ବିଡ଼ିଓ, ବଡ଼ଗାଁ ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେମାନେ ଆହୁରି ଦର୍ଶାଇଛନ୍ତି, ସେକ୍ଟର ମିଟିଂ ନାଁରେ ସେମାନଙ୍କୁ ମାସକୁ ଦୁଇଥର ଅଫିସ ଡାକି ସାଢ଼େ ୧୦ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ବସାଯାଉଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ଏମ୍‌ଏସ୍‌ର ୧୧ଟି ଖାତା। କିନ୍ତୁ ସେମାନଙ୍କୁ ୭୨ଟି ଖାତା କରିବାକୁ ବାଧ କରାଯାଉଛି। ଏଭଳି ୨୦ଟି ଅଭିଯୋଗ ଦର୍ଶାଯାଇଛି। ଏ ସମ୍ପର୍କରେ ସୁପରଭାଇଜର ସୁନନ୍ଦା ବେରିହାଙ୍କୁ ପଚାରିବାରୁ, ସେ ସରକାରୀ ନିୟମ ଅନୁସାରେ କାମ କରୁଥିବା କହିଛନ୍ତି। ଅଙ୍ଗନୱାଡ଼ି କର୍ମୀଙ୍କ ତ୍ରୁଟି ନେଇ ତାଙ୍କ ପାଖରେ ପ୍ରମାଣ ରହିଥିବା ସେ କହିଛନ୍ତି। ଏ ନେଇ ସିଡିପିଓ ସୁଜାତା ବେକଙ୍କୁ ପଚାରିବାରୁ ସୁପରଭାଇଜରଙ୍କୁ ଗୋଟେ ସେକ୍ଟରରୁ ଅନ୍ୟ ସେକ୍ଟରକୁ ବଦଳି କଲେ ସମସ୍ୟା ହୋଇଥାଏ ବୋଲି ସେ କହିଛନ୍ତି।

# ବ୍ରାଉନ ସୁଗାର ଜବତ, ୭ ଗିରଫ


ପୋଲିସ ଅଧିକାରୀଙ୍କ ସହ ଗିରଫ ହୋଇଥିବା ଅଭିଯୁକ୍ତ।

**ରାଜଗାଙ୍ଗପୁର,୧।୯(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ କୌରଙ୍କ ନିର୍ଦ୍ଦେଶରେ ଅପରେସନ 'ଗଜ'ରେ ସହର ଏବଂ ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଏସଡିପିଓ ବିଭୂତି ଭୂଷଣ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସ୍ଥାନୀୟ ଥାନା ଅଧିକାରୀ ବିଜୟ ଦାଶଙ୍କ ନେତୃତ୍ୱରେ ରବିବାର ସନ୍ଧ୍ୟାରେ ରାଜଗାଙ୍ଗପୁରର ଘୋଘର ରୋଡ଼୍‌ଠାରେ ବ୍ରାଉନ ସୁଗାର ବିକ୍ରି ହେଉଥିବା ଖବର ପାଇଁ ପୋଲିସ ସଦଳବଳ ଘଟଣା ସ୍ଥଳରେ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜଗାଙ୍ଗପୁର ଇଦିଗା ମହଲାର ଏମ୍‌ଡି ସମଦ ଓରଫ ଛୋଟୁ (୩୦), ଏମ୍‌ଡି ନଉସାଦ ଓରଫ ଝେଣ୍ଟୁ (୩୮), ମୁସ୍ତାକ ଅନ୍‌ସାରୀ ଓରଫ ଡବ୍ଲୁ(୨୫), ଏମ୍‌ଡି ସହିଦ ଓରଫ ଗଜନୀ (୩୨), ରାଜଗାଙ୍ଗପୁର ମୋଇନ ବିଲ୍ଡିଂର ଏମ୍‌ଡି ସଲିମ (୩୬), ମକବୁଲ ମସଜିଦ ନିକଟ ଏମ୍‌ଡି ମୁଝାହିଦ୍ଦି ଓରଫ ପୋଲି (୩୦), ଓସିଏଲ୍ ମାର୍କେଟରେ ରହୁଥିବା ରୋହିତ ଶାହା ଓରଫ ଆୟୁଷ ଜୟସ୍ୱାଲ(୨୪)। ପୋଲିସ ସେମାନଙ୍କ ନିକଟରୁ ୨୭ ଗ୍ରାମ ୨୫ ମିଲିଗ୍ରାମ ବ୍ରାଉନ ସୁଗର ଜବତ କରିବା ସହ ନଗଦ ୨୯୦୦ ଟଙ୍କା, ୩ଟି ବାଇକ୍ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୪୫୬/୨୫) ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଏସ୍‌ଡିପିଓ ଭୋଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ବଡ଼ଗାଁ ଥାନା ଏସ୍‌ଆଇ ଖଗପତି ବିଶ୍ୱାଳ, ରାଜଗାଙ୍ଗପୁର ଥାନା ଏସ୍‌ଆଇ ପି ପି ଜେନା, ଅରୁଣ କୁମାର ବେହେରା, ଏଏସ୍‌ଆଇ ସୁଶାନ୍ତ କୁମାର ସେନାପତି, ପି ବିଘ୍ନେଶ୍ୱର ରାଓ, ହେମନ୍ତ କୁମାର ଧିରୁଆ ପ୍ରମୁଖ ସାମିଲ ହୋଇଥିଲେ।

# ୪ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ


ଜନଶୁଣାଣୀଙ୍କୁ ଆସିଥିବା ଗ୍ରାମବାସୀ।

**ସୁନ୍ଦରଗଡ଼/ହେମଗିର,୧।୯ (ଜୟ ନାରାୟଣ ମେଣ୍ଟୁଲି/ଚୈତନ୍ୟ ପଟେଲ)**

ହେମଗିର ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଆମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୮୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୫ଟି ବ୍ୟକ୍ତିଗତ ଏବଂ ୪୫ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୪ଟି ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୨ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା, ଆଇଏଏସ୍ ଶିକ୍ଷା ନବୀଶ ଫାବୀ ରସିଦ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କୁ ମଦ ବିକ୍ରେତାଙ୍କ ହତ୍ୟା ଧମକ

**ବଡ଼ଗାଁ,୧।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମର ଜଣେ ମଦ ବିକ୍ରେତା ପୂର୍ବତନ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କୁ ହତ୍ୟା ଧମକ ଦେଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୨୦ରେ ବଡ଼ଗାଁ ଥାନା ପୋଲିସ ଜଣେ ମଦ ବିକ୍ରେତାଙ୍କ ଘରେ ଚଢ଼ାଉ କରି ମଦ ଜବତ କରିଥିଲା। ଏହି ଘଟଣା ପରେ ପୋଲିସକୁ ଅଧ୍ୟକ୍ଷା ମିଞ୍ଜ ସୂଚନା ଦେଇଥିବା ସନ୍ଦେହ କରି ନୂଆଁଖାଇ ଦିନଠାରୁ ପ୍ରତିଦିନ ସମ୍ପୃକ୍ତ ବ୍ୟକ୍ତି ସନ୍ଧ୍ୟା ହେଲେ ଗାଳି ଗୁଲଜ କରିବା ସହ ତାଙ୍କ ସ୍ୱାମୀ ଓ ଶିଶୁ କନ୍ୟାଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇ ଆସୁଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଗ୍ରାମର ୧୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଜ ଘରେ ଦେଶୀ, ବେଦେଶୀ ମଦ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ଥାନା ଏଏସ୍‌ଆଇ ବିଜୟ କୁମାର କରଙ୍କୁ ପଚାରିବାରୁ, ମଦ ଜବତ କରାଯାଇଥିଲା। ସେ ଆଉ ମଦ ବିକ୍ରି କରିବେ ନାହିଁ ବୋଲି ଲେଖିଥିଲେ। ଏହା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଏସ୍‌ଆଇ କର କହିଛନ୍ତି।

### ପଞ୍ଚାୟତ ସ୍ତରୀୟ ଜନଶୁଣାଣି

**ବଡ଼ଗାଁ,୧।୯(ଅଶୋକ ଷଡଙ୍ଗୀ) :** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଡୁଡାଲଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଅଂଶଗ୍ରହଣ କରି ଅଭିଯୋଗ ଶୁଣିବା ସହ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ତହସିଲଦାର ଝରଣା ପ୍ରଧାନ, ସିଡିପିଓ ସୁଜାତା ବେଗ, ବଡ଼ଗାଁ ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀ ଡ.ସାରଦା ପ୍ରସନ୍ନ ଜେନାଙ୍କ ସହିତ ବ୍ଲକ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଜନ ଶୁଣାଣୀରେ ଡୁଡାଲଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ଅଂଶଗ୍ରହଣ କରି ବ୍ଲକ ପ୍ରଶାସନ ସମ୍ମୁଖରେ ସମସ୍ୟା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଡୁଡାଲଗା ସରପଞ୍ଚ ସୁଦୀପ ବାଡା ପରିଚାଳନା କରିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲିଲିମାରାଣୀ ଧମେଲ ସହଯୋଗ କରିଥିଲେ।

# ଭାଙ୍ଗିଲା ଘର, ଖାଇଲା ଚାଉଳ

**କୁତ୍ରା,୧।୯(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ପଞ୍ଚାୟତର କଟଙ୍ଗଝରିଆ ଗ୍ରାମରେ ସୋମବାର ରାତି ୯ ଟାରେ ଏକ ଗୋଠ ଛଡା ଦନ୍ତା ହାତୀ ଗ୍ରାମର ଅରୁଣ ତିର୍କୀଙ୍କ ଘର ଭାଙ୍ଗିବା ସହ ଚାଉଳ ଖାଇଦେଇଛି। ଏହି ଗୋଟିଏ ଦନ୍ତା ହାତୀପଲରୁ ଅଲଗା ହୋଇ ଖାଦ୍ୟ ଅନ୍ୱେଷଣରେ ଭିନ୍ନ ଅଞ୍ଚଳରେ ଉପଦ୍ରବ କରୁଛି। ପଞ୍ଚରା, କଟଙ୍ଗଝରିଆ, ପତ୍ରାପଡା ଅଞ୍ଚଳରେ ଘୁରି ବୁଲି ଧାନ କ୍ଷେତରେ ପସି ଧାନ ଖାଉଛି। ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ ୨ ଦିନ ତଳେ ୪ ଜଣଙ୍କ ଘର ଭାଙ୍ଗିଥିଲା।

# ଆଥ୍‌ଲେଟ ସୁସ୍ମିତାଙ୍କୁ ସମ୍ବର୍ଦ୍ଧନା



ସୁସ୍ମିତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କୁତ୍ରା,୧।୯(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରତୋଲା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆଥଲେଟ ସୁସ୍ମିତା ତିଗାଙ୍କୁ ସୋମବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୁସ୍ମିତା ଗତ ଜୁନରେ ଆମେରିକାର ବିରମିଙ୍ଗହାମଠାରେ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ଆଥଲେଟିକ୍ସରେ ଭାରତରୁ ପ୍ରତିନିଧିତ୍ୱ କରି ୨ଟି ସ୍ୱର୍ଣ୍ଣପଦକ, ୨ଟି ରୌପ୍ୟପଦକ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରି ସୁନ୍ଦରଗଡ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଆଗରୁ ମଧ୍ୟ ଚାଇନା ତଥା ଅନ୍ୟାନ୍ୟ ଦେଶରେ ନିଜର ଖେଳ ପ୍ରଦର୍ଶନ କରି ସୁନାମ ଅର୍ଜନ କରିଛନ୍ତି। ତାଙ୍କ ଘର କୁତ୍ରା ବ୍ଲକ ଅନ୍ତର୍ଗତ ଲତାଲଗା ନିକଟବର୍ତ୍ତି ପାହାଡ ପାଦ ଦେଶରେ। ସୁସ୍ମିତା ୨୦୧୭ରେ ୧୦ମ ଶ୍ରେଣୀ ପାସ କରି ସ୍ପୋର୍ଟ୍ସ ହଷ୍ଟେଲରେ ରହି ପାଠ ପଢ଼ିବା ସହ ଖେଳ ଶିକ୍ଷା ଗ୍ରହଣ କରିଥିଲେ। ୨୦୨୪ରେ ସ୍ପୋର୍ଟ୍ସ କୋଟାରେ ପୋଲିସ କନଷ୍ଟେବଲ ଭାବେ ଯୋଗ ଦେଇଥିଲେ। ୨୦୨୩ରେ ଲକ୍ଷ୍ନୌରେ ଖେଲୋ ଇଣ୍ଡିଆ ମାଧ୍ୟମରେ ନିଜର ଖେଳ ପ୍ରଦର୍ଶନ କରି ଗୋଲ୍ଡ ମେଡାଲ ପାଇଥିଲେ। ୨୦୨୨-୨୩ରେ ତାମିଲନାଡୁରେ ଖେଳି ସିଲ୍‌ଭର ମେଡାଲ ପାଇଥିଲେ। ୨୦୨୪ରେ ବ୍ରୋଞ୍ଜ ମେଡାଲ ପାଇଛନ୍ତି। ସୁସ୍ମିତା ନିଜ ବିଦ୍ୟାଳୟ ବିରତୋଲା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟକୁ ଆସିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତି କାଲୋଙ୍କ ଅଧ୍ୟକ୍ଷତାରେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କେଉଁଭଳି ଭାବେ ସେ ସଂଘର୍ଷ କରି ଏହି ଜାଗାରେ ପହଞ୍ଚିଛନ୍ତି ତାହା ପ୍ରକାଶ କରିଥିଲେ। ଏହାସହିତ ବିଦ୍ୟାଳୟର ଖେଳ ଶିକ୍ଷକ ମହେନ୍ଦ୍ର କଲସେରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସେ ବର୍ତ୍ତମାନ ଚାକିରି କରିବା ସହିତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ କୋଚିଂ ନେଉଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା


ଅତିଥିଙ୍କ ସହ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

**ସୁନ୍ଦରଗଡ,୧।୯(ଜୟ ନାରାୟଣ ମେଣ୍ଟୁଲି)**

ଲେଫ୍ରିପଡା ବ୍ଲକ ନୂଆଡିହି ଟଙ୍କଧର ହାଇସ୍କୁଲଠାରେ ଏକ ଦିବସୀୟ ଜୋନ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥିଭାବରେ ଟିପିଡବ୍ଲ୍ୟୁ ସମ୍ବଲପୁର ସିଏସଆର ମୁଖ୍ୟ ଅରୁଣ ମାରାଣ୍ଡି, ଟିପିଡବ୍ଲ୍ୟୁ, ସୁନ୍ଦରଗଡ ନିର୍ବାହୀ ଅଧିକାରୀ, ଏଆଇଏଫଫ ମ୍ୟାଚ କମିଶନର ଓ ଓଡିଶା ଫୁଟବଲ ଆସୋସିଏଶନର ରେଫରୀ ମୁଖ୍ୟ ଦୁର୍ଗା ମାଧବ ନାଏକ, ପ୍ରଶିକ୍ଷକ ପ୍ରସନ୍ନ ଠାକୁରଙ୍କ ସମେତ ବିଭିନ୍ନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ନୂଆଡିହି ଟଙ୍କଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଘନଶ୍ୟାମ ପଟେଲ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ପ୍ରତିଯୋଗିତାରେ ୫ ଟି ହାଇସ୍କୁଲର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଖୋଖୋ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ଓ ୧୭ବର୍ଷରୁ କମ ବର୍ଗରେ ୨୦ ଟି ଟିମ ଭାଗ ନେଇଥିବା ବେଳେ କବାଡି ପ୍ରତିଯୋଗିତାରେ ମଧ୍ୟ ୨୦ ଟି ଟିମ ଭାଗ ନେଇଥିଲେ। ସେହିପରି ଫୁଟବଲ ପ୍ରତିଯୋଗିତାରେ ୧୭ବର୍ଷରୁ କମ ବର୍ଗର ଛାତ୍ରମାନଙ୍କର ୫ଟି ଟିମ ଭାଗ ନେଇଥିଲେ। ଖୋଖୋ ଖେଳକୁ ରେଫରି ସଲିଲ ପଟେଲ, ବିଶ୍ୱରଞ୍ଜନ ପଟେଲ ଓ ଭବାନୀ ଶଙ୍କର ଛତ୍ରାନ ପରିଚାଳନା କରିଥିବା ବେଳେ କବାଡି ଖେଳକୁ ବିଜୟଲକ୍ଷ୍ମୀ ପଟେଲ ଓ ମନୀଷା ପଟେଲ ପରିଚାଳନା କରିଥିଲେ। ସେହିପରି ଫୁଟବଲ ଖେଳକୁ ଡୋଲାମଣି ଭୈଷାଲ, ଦୁର୍ବାଦଳ ପଟେଲ ଓ ରମେଶ ଭୈଷାଲ ପରିଚାଳନା କରିଥିଲେ।

# ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

**କୁତ୍ରା,୧।୯(ଦେବାଶିଷ ସାହୁ)**

**୨୦ ମିଟର ଘୋଷାଡି ନେଲା**

ସୁନ୍ଦରଗଡ ଜିଲା କୁତ୍ରା ଥାନା ସମ୍ମୁଖ ୧୦ ନମ୍ବର ରାଜ୍ୟ ରାଜପଥ ଉପରେ ସୋମବାର ଅପରାହ୍ନ ପ୍ରାୟ ଅଢେଇଟାରେ ପିକଅପ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ବଡ଼ଗାଁ ଥାନା ଅନ୍ତର୍ଗତ ଝଟେଲବୁଡ ଗ୍ରାମର ସୁକୁୱାନ ଆଇନ୍ଦ(୪୪)। ଖବର ଲେଖାହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଘଟଣା ସ୍ଥଳରୁ ପିକ୍‌ଅପ୍ ଭ୍ୟାନ ଚାଳକ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ସୁକୁୱାନ ବାଇକ୍ ଯୋଗେ ସୁନ୍ଦରଗଡ ପଟରୁ ଆସୁଥିବା ବେଳେ କୁତ୍ରା ଥାନା ନିକଟରେ ଥିବା ବୁଲାଣିରେ ଡିଭାଇଡରରେ ପିଟି ହୋଇ ଛିଟିକି ପଡ଼ିଥିଲେ। ରାଉରକେଲାରୁ ସୁନ୍ଦରଗଡ ଅଭିମୁଖେ ଆସୁଥିବା ଏକ ପିକଅପ ଭ୍ୟାନ ନଂ. ଓଡି ୧୪ ଏଏଫ ୯୭୧୦ ଆଗ ଚକ ଭିତରକୁ ପସିଯାଇଥିଲେ। ଭ୍ୟାନ ତାଙ୍କୁ ୨୦ ମିଟର ଘୋଷାଡି ନେଇଯାଇଥିଲା। ଫଳରେ ତାଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। କୁତ୍ରା ପୋଲିସ ପହଞ୍ଚି ହାଇଡ୍ରା ସାହାଯ୍ୟରେ ପିକ୍‌ଅପ୍ ଭ୍ୟାନ ତଳୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ପଠାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ।

# ସୁନ୍ଦରଗଡ଼ ପୋଲିସ ଚାମ୍ପିୟନ, ଝାରସୁଗୁଡ଼ା ରନର୍ସ ଅପ୍

**ସୁନ୍ଦରଗଡ଼,୧।୯(ଜୟ ନାରାୟଣ ମେଣ୍ଟୁଲି)**



ଅତିଥିଙ୍କ ସହ ଚାମ୍ପିୟନ ଓ ରନର୍ସ ଦଳ।

**ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ**

ସୁନ୍ଦରଗଡ଼ ଷ୍ଟାଡିୟମରେ ଚାଲିଥିବା ୮୦ତମ ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲା ପୋଲିସ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଜିଲା କ୍ରୀଡା ସଂସଦ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ମ୍ୟାଚ ବହୁତ ଉତ୍କଣ୍ଠାପୂର୍ଣ୍ଣ ରହିଥିଲା। ଖେଳର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଉଭୟ ଦଳ କେହି କାହାକୁ ଗୋଲ ଦେଇ ପାରିବାରେ ସକ୍ଷମ ହୋଇ ନ ଥିଲେ। ଶେଷ ପର୍ଯ୍ୟନ୍ତ ଉଭୟ ଦଳ ଭିତରେ ଜୋରଦାର ସଂଘର୍ଷ ଦେଖିବାକୁ ମିଳିଥିଲା। ଶେଷ ପର୍ଯ୍ୟନ୍ତ କୌଣସି ଦଳ ଗୋଲ କରିବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ପେନାଲଟି ହୋଇଥିଲା ଏବଂ ପେନାଲଟି ସୁଟରେ ସୁନ୍ଦରଗଡ଼ ପୋଲିସ ଦଳ ଝାରସୁଗୁଡାକୁ ୪-୩ଗୋଲରେ ପରାସ୍ତ କରି ବିଜେତା ହୋଇଥିଲା।

# ପର୍ଯ୍ୟଟକଙ୍କ ପାଇଁ ହୋମ ଷ୍ଟେ ଯୋଜନା

## ପ୍ରାଥମିକ ପର୍ଯ୍ୟାୟରେ ଗୁଦୁଗୁଦା, ଭୀମମଣ୍ଡଳୀ ସାମିଲ


ଐତିହାସିକ ସ୍ଥଳୀ ଭୀମ ମଣ୍ଡଳୀ।

ସମ୍ବଲପୁର,୧୯ (ଭବାନୀ ଶଙ୍କର ଭୋଇ)

ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟ ସରକାର ସମ୍ବଲପୁରରେ ପର୍ଯ୍ୟଟନ କ୍ଷେତ୍ରକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଉଛନ୍ତି। କୁଚିଣ୍ଡା ଏବଂ ରେଢ଼ାଖୋଲ ଅଞ୍ଚଳରେ ରହିଥିବା ପର୍ଯ୍ୟଟନସ୍ଥଳୀ ନିକଟରେ ଆବଶ୍ୟକ ହୋଟେଲ ବା ରହଣି ସ୍ଥଳୀର ଅଭାବ ଯୋଗୁ ସେହି ଅଞ୍ଚଳରେ ପର୍ଯ୍ୟଟନର ଆବଶ୍ୟକ ବିକାଶ ହୋଇପାରୁନାହିଁ। ସେଥିପାଇଁ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ସମ୍ବଲପୁରର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀଗୁଡିକ ନିକଟରେ ରହିବା ପାଇଁ ହୋମ ଷ୍ଟେ ଯୋଜନା କାର୍ଯ୍ୟକାରୀ କରିବା ଯୋଜନା କରିଛି। ଏହାଦ୍ୱାରା ପର୍ଯ୍ୟଟକମାନେ ସ୍ଥାନୀୟ କଳା, ସଂସ୍କୃତି, ଖାଦ୍ୟପେୟ, ଚଳଣି ବିଷୟରେ ଅବଗତ ହୋଇପାରିବେ।

ପର୍ଯ୍ୟଟନସ୍ଥଳୀ ଆଖପାଖ ଗାଁଗୁଡିକରେ କୌଣସି ବ୍ୟକ୍ତି ନିଜ ଘରେ ପର୍ଯ୍ୟଟକଙ୍କୁ ଆତିଥ୍ୟ ଦେବାର ବ୍ୟବସ୍ଥା କଲେ ତାଙ୍କୁ ପର୍ଯ୍ୟଟନ ବିଭାଗ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବେ। ନିଜ ଘରକୁ ଲାଗି ପର୍ଯ୍ୟଟକଙ୍କ ଆତିଥ୍ୟ ପାଇଁ କିଛି କୋଠରି ତିଆରି କଲେ ସେହି ନିର୍ମାଣର ୩୦ପ୍ରତିଶତ ଖର୍ଚ୍ଚ ପର୍ଯ୍ୟଟନ ବିଭାଗ ପ୍ରଦାନ କରିବ। ଏହି ଯୋଜନାରେ ଜଣେ ବ୍ୟକ୍ତି ୨ରୁ ୬ଟି ପର୍ଯ୍ୟନ୍ତ କୋଠରି ତିଆରି କରି ପାରିବ। ଏଥିପାଇଁ ତାଙ୍କୁ ପର୍ଯ୍ୟଟନ ବିଭାଗ ସହ ଯୋଗାଯୋଗ କରିବାକୁ ପଡିବ। ଏନେଇ ସମ୍ବଲପୁର ଜିଲା ସହ ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଳେଇ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟଟନ ବିଭାଗର ଏକ ନୂଆ ଯୋଜନା ହେଉଛି ହୋମ ଷ୍ଟେ ପଲିସି। ଏହା ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡିକରେ ସଫଳତାର ସହ କାର୍ଯ୍ୟକାରୀ ହୋଇସାରିଛି। ପ୍ରାଥମିକଭାବେ ଏହି ଯୋଜନାରେ କୁଚିଣ୍ଡା ଉପଖଣ୍ଡର ଗୁଦୁଗୁଦା ଜଳପ୍ରପାତ ଓ ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକର ଘୁଷୁରାମାଲ ପଞ୍ଚାୟତରେ ଥିବା ଐତିହାସିକସ୍ଥଳୀ ଭୀମ ମଣ୍ଡଳୀକୁ ସାମିଲ କରାଯାଇଛି। ପର୍ଯ୍ୟଟନସ୍ଥଳୀଗୁଡିକୁ ଲାଗି ରହିଥିବା କେତେକ ପଞ୍ଚାୟତକୁ ଚୟନ କରାଯାଇଥିବା ଦଳାଇ କହିଛନ୍ତି। ଗୁଦୁଗୁଦା ନିକଟସ୍ଥ ସାଲେଭାଡ଼ି ଓ ଭୀମ ମଣ୍ଡଳୀର ଘୁଷୁରାମାଲ, ଗାଁକୁ ପ୍ରାଥମିକ ପର୍ଯ୍ୟାୟରେ ଚୟନ ହୋଇଛି। ଏହି ଅଞ୍ଚଳର ଯେଉଁ ବ୍ୟକ୍ତିବିଶେଷ ଆଗ୍ରହୀ ହେବେ ସେମାନେ ନିଜ ଘର ପାଖରେ ୨ରୁ ୬ଟି ପର୍ଯ୍ୟନ୍ତ ରୁମକୁ ହୋଟେଲ ଷ୍ଟାଇଲରେ ତିଆରି କରି ପାରିବେ ଓ ପର୍ଯ୍ୟଟକମାନଙ୍କୁ ଆତିଥ୍ୟ ପ୍ରଦାନ କରିପାରିବେ। ଏହି ପଲିସି ଅନୁସାରେ ସେହି ବ୍ୟକ୍ତିମାନେ ସେହି ରୁମର ନିର୍ମାଣ, ଇଣ୍ଟେରିୟର ଡିଜାଇନିଂ ହେଉ କି ଅନ୍ୟ ସାଜସଜ୍ଜା କରିବେ। ଏଥିରେ ପର୍ଯ୍ୟଟକମାନଙ୍କଠାରୁ ଆଦାୟ ଟଙ୍କା ଘର ମାଲିକଙ୍କର ହିଁ ରହିବ। ପର୍ଯ୍ୟଟନ ବିଭାଗକୁ କିଛି ଦେବାକୁ ପଡ଼ିବନାହିଁ। ଏ ନେଇ ଜିଲାପାଳ ଓ ବିଡ଼ିଓମାନଙ୍କୁ ନେଇ ପ୍ରାରମ୍ଭିକ ବୈଠକ ସରିଛି। ଏହାଦ୍ୱାରା ଘର ଲୋକେ ପର୍ଯ୍ୟଟକମାନଙ୍କୁ ପର୍ଯ୍ୟଟନ ସ୍ଥଳୀଗୁଡିକୁ ନିଜେ ଭଲଭାବେ ବୁଲେଇ ପାରିବେ ଏବଂ ପର୍ଯ୍ୟଟକମାନେ ସ୍ଥାନୀୟ ଘରୋଇ ଓ ଆଞ୍ଚଳିକ ଖାଦ୍ୟର ମଜା ନେଇପାରିବେ। ସମ୍ବଲପୁର ଜିଲା ଏବେ ଏକ ବଡ଼ ପର୍ଯ୍ୟଟନ ହବ ଭାବେ ଉଭା ହେବାକୁ ବସିଛି। ସମ୍ବଲପୁରର ସମଲେଇ ପ୍ରକଳ୍ପ, ହୀରାକୁଦ ଡ୍ୟାମ, ଡେବରିଗଡ଼ ଅଭୟରାଣ୍ୟ, ସମ୍ବଲପୁର ଚିଡ଼ିଆଖାନା, ଘଣ୍ଟେଶ୍ୱରୀ ପୀଠ, ହୁମା ବକ୍ର ମନ୍ଦିର, ଗୁଦୁଗୁଦା ଏବଂ ଦେବଝରଣ ଜଳ ପ୍ରପାତ, ଭୀମ ମଣ୍ଡଳୀ, ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ଖିଣ୍ଡା, ଉଷାକୋଠି ଅଭୟାରଣ୍ୟ ଆଦି ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ ରହିଛି। ଆଗାମୀ ଦିନରେ ଏହି ଯୋଜନା ଜିଲାର ଅନ୍ୟ ପର୍ଯ୍ୟଟନ ସ୍ଥଳୀଗୁଡିକରେ ମଧ କାର୍ଯ୍ୟକାରୀ ହେବାର ସମ୍ଭବାନ ଦେଖାଦେଇଛି।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି


ଜିଲାପାଳ ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

ସମ୍ବଲପୁର,୧୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନକଉଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଓ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ଯୋଗଦେଇ ଜନସାଧାରଣଙ୍କ ୩୬ଟି ଆବେଦନର ଶୁଣାଣି କରିଥିଲେ। ସେଥିରୁ ୨୮ ବ୍ୟକ୍ତିଗତ, ୮ଟି ସାମୂହିକ ଥିଲା। ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜଣେ ଦୃଷ୍ଟି ବାଧିତଙ୍କୁ ମଧୁବାବୁ ପେନ୍‌ସନ ଯୋଜନା ଅନ୍ତର୍ଗତ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି ଏହି ଯୋଜନାରେ ତାଙ୍କ ନାମକୁ ପଞ୍ଜୀକୃତ କରାଯାଇ ଆଶାବାଡ଼ି ପ୍ରଦାନ କରାଯାଇଥିଲା।

# ଫାର୍ମରୋଡ଼ ଦୁର୍ଗାପୂଜା କମିଟି ଗଠିତ

## ବିଦ୍ୟାଧର ସଭାପତି, ବିକାଶ ସମ୍ପାଦକ ମନୋନୀତ

ସମ୍ବଲପୁର,୧୯(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ଅନ୍ତର୍ଗତ ଫାର୍ମରୋଡ଼ ଦୁର୍ଗାପୂଜା ପାଇଁ ନୂତନ କମିଟି ଗଠିତ ହୋଇଛି। ଫାର୍ମରୋଡ଼ ପୂଜା ମଣ୍ଡପରେ ରବିବାର ଚଳିତବର୍ଷ ଦୁର୍ଗାପୂଜା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ପୂଜା ଅୟୋଜନ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଚଳିତବର୍ଷ ବରପାଲିରୁ କାରିଗର ଆସି ଏଠାରେ ମା'ଙ୍କ ମୂର୍ତ୍ତି ନିର୍ମାଣ କରିବେ। ସେହିପରି ଲାଇଟ ସାଜସଜ୍ଜା ପାଇଁ ତାଳଚେର କାରିଗର ଓ କୋଲକାତାର ଏକ କାରୀଗର ଦଳଙ୍କୁ ମଣ୍ଡପ ସାଜସଜ୍ଜା ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ପୂଜା ପାଇଁ ନୂତନ କମିଟି ସର୍ବସମ୍ମତିକ୍ରମେ ଗଠନ କରାଯାଇଥିଲା। ସଭାପତିଭାବେ ବିଦ୍ୟାଧର ବେହେରା, ଉପସଭାପତି ବାବଲୁ ପଟେଲ୍ ଓ ବିକି ସିଂହ, ସମ୍ପାଦକ ବିକାଶ ପଟ୍ଟନାୟକ, ସହସମ୍ପାଦକ ଦିବ୍ୟଲୋଚନ ଦୋରା ଓ ସତ୍ୟମ ପରୁଆ, କୋଷାଧ୍ୟକ୍ଷଭାବେ ଯୁଧିଷ୍ଠିର ଭୋଇ, ଶଙ୍କର ସିଂହ, ବିକାଶ ପଟେଲ୍ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ଅଶ୍ୱିନୀ ସ୍ୱାଇଁ, ରାଜୁ ଖେତ୍ରୀ, ସୁରୁବାବୁ ମେହେର, ରବି ମନହିରା, ଇଶ୍ୱର ସିଂହ, ନରୋତ୍ତମ ସାହୁ, ଦେବରାଜ ପଟେଲଙ୍କୁ ରଖାଯାଇଛି।

# ନୂଆଁଖାଇ ପରମ୍ପରାକୁ ବଜାୟ ରଖିବା


ଭେଟ୍‌ଘାଟରେ ଉପସ୍ଥିତ ମନ୍ତ୍ରୀ, ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି।

## ମା' ତୋର ସାହାରା ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ଜମନକିରା, ୧୯(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ସଦର ମହକୁମାରେ ମା' ତୋର ସାହାରା ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ସାଢ଼େ ୯ଟାରେ କଳସ ଯାତ୍ରା କରାଯାଇଥିଲା। ମା' ସମଲେଶରୀଙ୍କ ପ୍ରତିଛବିକୁ ଗୌନ୍ତିଆ ହେମନ୍ତ ପଟେଲ କାର୍ଯ୍ୟକ୍ରମ ସ୍ଥାନରେ ସ୍ଥାପନ କରିଥିଲେ। ଅପରାହ୍ନ ସାଢ଼େ ୨ଟାରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥିଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ନୂଆଁଖାଇର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଗଣପର୍ବର ପରମ୍ପରାକୁ ବଜାୟ ରଖିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାଶ, ଆଇଆଇସି ପଦ୍ମାଳୟା ସାହୁ ଉପସ୍ଥିତ ଥିଲେ। ପରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ପଡ଼ିଆବାହାଲର ସ୍ୱୟମ ସାଂସ୍କୃତିକ ମଣ୍ଡପର କଳାକାର ପଦ୍ମିନୀ ଦୋରା, ରବିରତ୍ନ ବାଘ, ସ୍ନେହାଶିଷ ରାଉତ, ଚେତନା ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମା' ବନଦୁର୍ଗା ଡାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲା। ଏଥିର ମୁଖ୍ୟ ଆକର୍ଷଣ ଥିଲା ଝାରସୁଗୁଡ଼ାର ଲହରମନି ଫେଶନ ଶୋ। ଦିଲୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରିୟଙ୍କା ମହାନ୍ତି, ସ୍ମରଣିକା ନାୟକ, ସୋନାଲିକା ପଟ୍ଟନାୟକ ଓ ନିହାରିକା ସାହୁ ବିଚାର ମଣ୍ଡଳୀରେ ସାମିଲ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଆୟୋଜକ କମିଟି ସଭାପତି ଆକାଶ ପଟ୍ଟନାୟକ, ସାଧାରଣ ସମ୍ପାଦକ ଅବିନାଶ ଦାନୀ, ଉପସଭାପତି ପ୍ରୀତମ କୁମାର ଦାନୀ, ଯୁଗ୍ମ ସମ୍ପାଦକ ଜଗନ୍ନାଥ ସାହୁ, ସଭ୍ୟ ରାଜୀବ ସାହୁ, ତପନ ନାଏକ ଓ କ୍ଷେତ୍ରମୋହନ ସାହୁ ପରିଚାଳନା କରିଥିଲେ।

# ନୂଆଁଖାଇ ଭେଟ୍‌ଘାଟ ପାଇଁ କମିଟି ଗଠିତ


ପ୍ରସ୍ତୁତି ବୈଠକରେ ପ୍ରତିଷ୍ଠା ପରିବାରର କର୍ମକର୍ତ୍ତାମାନେ।

ସମ୍ବଲପୁର,୧୯(ପ୍ରମୋଦ ବହିଦାର)

ସମ୍ବଲପୁର ବୁର୍ଲା ଇନ୍ଦ୍ରପ୍ରସ୍ଥ ଭବନରେ ପ୍ରତିଷ୍ଠା ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦେବାଶିଷ ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବହୁ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୭ରେ ସ୍ଥାନୀୟ ଭାରତୀ କ୍ଲବ ପଡିଆରେ ନୂଆଁଖାଇ ଭେଟ୍‌ଘାଟ ଆୟୋଜନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଭେଟ୍‌ଘାଟ୍‌କୁ ସଫଳ କରିବା ପାଇଁ ଆବଶ୍ୟକ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ଆୟୋଜନ କମିଟି ଗଠିତ ହୋଇଥିଲା। ସଭାପତିଭାବେ ବୀରେନ୍ଦ୍ର କୁମାର ନାୟକ, ଉପସଭାପତି ତ୍ରାହିକର ଢୁଙ୍ଗୁରି ଓ ଜୟନ୍ତ କୁମାର ସାହୁ, ସମ୍ପାଦକ ରାମେଶ୍ୱର ସିଂ ଏବଂ କୋଷାଧକ୍ଷ ଭାବେ ସଞ୍ଜୀବ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ଭିମସାରରେ ପୂର୍ବତନ ଅଧକ୍ଷ ପ୍ରଫେସର ବ୍ରଜମୋହନ ମିଶ୍ର, ଆଇନଜୀବୀ ପ୍ରସନ୍ନ କୁମାର ସାହୁ ଓ ଦେବାଶିଷ ନନ୍ଦଙ୍କୁ ଉପଦେଷ୍ଟାଭାବେ ମନୋନୀତ କରାଯାଇଥିଲା। ଉତ୍ସବକୁ ସୂଚାରୁ ରୂପେ ପରିଚାଳନା ପାଇଁ ଅଭ୍ୟର୍ଥନା କମିଟି, ଶୃଙ୍ଖଳା କମିଟି, ମଞ୍ଚ କମିଟି, ଖାଦ୍ୟ କମିଟି ଆଦି ବିଭିନ୍ନ କମିଟି ଗଠନ କରାଯାଇଥିଲା।

# ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ସହକାରୀ ଶିକ୍ଷକ ଭୀମସେନ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ନାକଟିଦେଉଳ, ୧୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଫଟାମୁଣ୍ଡାର ସହକାରୀ ଶିକ୍ଷକ ଭୀମସେନ ପ୍ରଧାନଙ୍କୁ ରବିବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପାଣିଗ୍ରାହୀପାଲି ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଲୋକନାଥ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନାକଟିଦେଉଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କିସିଣ୍ଡା ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ଯଜ୍ଞସେନୀ କୁଅଁର, କିସିଣ୍ଡା କ୍ଲଷ୍ଟରର ସିଆରସିସି କେଦାର ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଇଲିଆଜାର ମାର୍କି ଏବଂ ଅଙ୍ଗନୱାଡ଼ି କର୍ମୀ ନିର୍ମଳା ନାଏକଙ୍କ ସମେତ ସମସ୍ତ ଅତିଥି ବୃନ୍ଦ ପ୍ରଧାନଙ୍କ ଗୁଣଗାନ କରିବା ସହିତ ତାଙ୍କର ଅବସର ସମୟ ସୁଖମୟ କାମନା କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ନାଏକ ଏବଂ ଅଭିଭାବକ ଅଭିଭାବିକା କାର୍ଯ୍ୟକ୍ରମକୁ ଆୟୋଜନ କରିଥିବାବେଳେ ସଭାରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ହିରାଲୋଇ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଜୁଲି ସ୍ୱାଇଁ ମାନପତ୍ର ପାଠ କରିଥିଲେ।

# ଭାରତୀୟ ସଂସ୍କୃତିର ବିକାଶ ଲାଗି ଉଦ୍ୟମ ଲୋଡ଼ା

ସମ୍ବଲପୁର,୧୯(ବି.ଶଙ୍କର)

ଭାରତ ବିକାଶ ପରିଷଦ ହୀରାକୁଦ ଶାଖା ପକ୍ଷରୁ ଭାରତ କୋ ଜାନୋ ଓ ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। କୁଇଜରେ ୫୨୦ଜଣ ଓ ବୃନ୍ଦ ଗାନରେ ୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟ ଅତିଥିଭାବେ ହୀରାକୁଦ ଏଫଆପି ସିଏସଆର ମୁଖ୍ୟ ଜିତେଶ ରଥ ଯୋଗଦେଇ ମହାନ ଭାରତୀୟ ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ସାମଗ୍ରିକଭାବେ କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ହୀରାକୁଦ ଶାଖା ସଭାପତି ସରୋଜକୁମାର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଏଥିସହ ପରିଷଦର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଦିବାକର ମହାନନ୍ଦ, ଯୋଗ ଶିକ୍ଷକ ରାଜେନ୍ଦ୍ର ସାହୁ, ରେଶ୍ମା ଶ୍ରୀକୁମାର, ମଧୁସ୍ମିତା ହୋତା ବିଚାରକଭାବେ ଯୋଗଦେଇ ବୃନ୍ଦଗାନ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ। ପ୍ରତିଯୋଗିତାର ଫଳାଫଳ ବ୍ରହ୍ମାନନ୍ଦ ସାହୁ ଘୋଷଣା କରିଥିଲେ। ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ପ୍ରାନ୍ତସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବା ପାଇଁ ଉତ୍ସାହିତ କରାଯାଇଥିଲା। ସଂସ୍କାର ସଚିବ ରଞ୍ଜନ ପାତ୍ର ସଂସ୍କାର କାର୍ଯ୍ୟ ସମ୍ବନ୍ଧରେ ସୂଚନା ହେଇଥିଲେ। ଶାଖା ସମ୍ପାଦକ ହିମାଂଶୁ ହୋତା, ସେବା ପ୍ରମୁଖ ମନୋଜ ସ୍ୱାଇଁ, ମହିଳା ସହଭାଗିତା ପ୍ରମୁଖ ଶୁଭଶ୍ରୀ ପୃଷ୍ଟି, ବିଶ୍ୱନାଥ ମିଶ୍ର ଗୁରୁଜୀ, କାଜଲ ପ୍ରଧାନ ଓ ରିତୁ ପରିଡ଼ା ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆନନ୍ଦ ବିହାରରେ ଗଣେଶ ଉତ୍ସବ ଉଦ୍‌ଯାପିତ


ଏମ୍‌ସିଏଲ୍ ପରିସରରେ ଗଣେଶ ବିଗ୍ରହ ନିକଟରେ ଆୟୋଜକ ଓ ଶ୍ରଦ୍ଧାଳୁ।

ସମ୍ବଲପୁର,୧୯ (ଭବାନୀ ଶଙ୍କର ଭୋଇ)

ଆନନ୍ଦ ବିହାର ଗଣେଶ ପୂଜା କମିଟି ପକ୍ଷରୁ ଏମ୍‌ସିଏଲ ମୁଖ୍ୟାଳୟ ଆନନ୍ଦ ବିହାରରେ ଗଣେଶ ଉତ୍ସବ ପାଳିତ ହୋଇଯାଇଛି। ପୂଜାର ଦ୍ୱିତୀୟ ଦିବସରେ ମହିଳା ସଦସ୍ୟମାନଙ୍କ ମହମବତୀ ଆଲୋକ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ରବିବାର ରାତିରେ ସଂକୀର୍ତ୍ତନ, ସଙ୍ଗୀତ ଏବଂ ନୃତ୍ୟ ମଧ୍ୟରେ ବିଗ୍ରହକୁ ବିସର୍ଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡିଜେ, ଆଦିବାସୀ ନୃତ୍ୟ, କାଳ ଭୈରବୀ ନୃତ୍ୟ, ଲୋକନୃତ୍ୟ ଗୋଷ୍ଠୀ ସାମିଲ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କଲୋନୀବାସୀ ଯୋଗ ଦେଇଥିଲେ।

# ପଞ୍ଚଶାସନୀ ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍

ସମ୍ବଲପୁର,୧୯(ପ୍ରମୋଦ ବହିଦାର)

ସମ୍ବଲପୁର ଚାରଭାଟିସ୍ଥିତ ପଞ୍ଚଶାସନୀ ବ୍ରାହ୍ମଣ ସମାଜ ଭବନ ପରିସରରେ ହର୍ଷ ଉଲ୍ଲାସର ସହିତ ନୂଆଁଖାଇ ଭେଟ୍ ଉତ୍ସବ ପାଳିତ ହୋଇଯାଇଛି। ସମାଜର ଦିବଙ୍ଗତ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମାଜର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଡ ଶ୍ୟାମସୁନ୍ଦର ଧର ଯୋଗଦେଇ ନୂଆଁଖାଇ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭବେ କୃଷି ବୈଜ୍ଞାନିକ ଅନନ୍ତରାମ ପଣ୍ଡା, ସମ୍ପାଦକ ହୃଷୀକେଶ ବେହେରା, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପତି, ଉପସଭାପତି ବାଳକୃଷ୍ଣ ବିଶ୍ୱାଳ, ପୂର୍ବତନ କୋଷାଧ୍ୟକ୍ଷ ହୃଷୀକେଶ ନାଥ ଅତିଥିଭାବେ ଯୋଗଦେଇ ନୂଆଁଖାଇର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ। ଏହି ଅବସରରେ ହେମନ୍ତ ପାଢୀ, ତୃପ୍ତାମୟୀ ନାଥ, ପଙ୍କଜିନୀ ନାୟକ, ସରୋଜ କୁମାର ନାଥ ସଦସ୍ୟବୃନ୍ଦ ନୂଆଁଖାଇ ଉପରେ ବିଭିନ୍ନ କବିତା ପାଠ କରିଥିବା ବେଳେ କୁନିକୁନି ପିଲାମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସରୋଜ ଧର, ଶ୍ରୀକାନ୍ତ ବିଶ୍ୱାଳ, ସୁବ୍ରତ ପତି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ତୃପ୍ତାମୟୀ ନାଥ ଓ ନିଶିକାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ।


ନୂଆଁଖାଇ ଭେଟ୍ ଉତ୍ସବରେ କୁନି ପିଲାଙ୍କ ସହ ଅତିଥିବୃନ୍ଦ।

# ସମ୍ବଲପୁର ନୂଆଁଖାଇ ଭେଟ୍‌ଘାଟରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

## ସମଲେଇ ମନ୍ଦିରରେ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି

ସମ୍ବଲପୁର,୧୯ (ଭବାନୀ ଶଙ୍କର ଭୋଇ)


ଜିଲା ପ୍ରଶାସନ ସହ ଭାଜପା ନେତୃବର୍ଗ ଆଲୋଚନା କରୁଛନ୍ତି।

ସମ୍ବଲପୁରରେ ଆସନ୍ତା ୬ତାରିଖରେ ହେବାକୁ ଯାଉଛି ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ। ଏଥିପାଇଁ ସୋମବାର ଭାଜପାର ଏକ ପ୍ରତିନିଧି ଦଳ ଧନକଉଡାଠାରେ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଆଲୋଚନା କରିଛି। କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନ ପରେ ଭେଟ୍‌ଘାଟର ମଧ ଗୁରୁତ୍ୱ ରହିଛି। ଏଥିପାଇଁ ପଶ୍ଚିମ ଓଡ଼ିଶାର ପ୍ରଶାସନିକ, ବ୍ୟବସାୟିକ, ସାଂସ୍କୃତିକକେନ୍ଦ୍ର ସମ୍ବଲପୁରଠାରେ ଚଳିତ ବର୍ଷ ରାଜ୍ୟ ସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଦଳ ଅଣ୍ଟା ଭିଡିଛି। ସମଲେଇ ମନ୍ଦିର ସ୍ଥିତ ପାର୍କିଂଠାରେ ଏହି ଭେଟ୍‌ଘାଟ କାର୍ଯ୍ୟକ୍ରମର ଆୟୋଜନ କରାଯିବା ନେଇ ସ୍ଥିର ହୋଇଛି। କଚେରି ରୋଡ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୀଲ ବେହେରାଙ୍କ ସଭାପତିତ୍ୱରେ ପ୍ରସ୍ତୁତି କରାଯାଇଥିଲା। ଭେଟ୍‌ଘାଟ କାର୍ଯ୍ୟକ୍ରମକୁ କିଭଳି ଆକର୍ଷଣୀୟ କରାଯାଇ ପାରିବ ତା ଉପରେ ଉପସ୍ଥିତ କର୍ମୀ ମାନେ ସ୍ୱମତ ରଖିଥିଲେ। ଭାଜପାର ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଦେଇଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡ଼ିଶାର ସମସ୍ତ ଏମ୍‌ପି, ବିଧାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ନାଉରୀ ନାୟକ, ଡ଼.ପ୍ରମୋଦ କୁମାର ରଥ, ସରୋଜ ଦଳପତ, ସୁଶାନ୍ତ କୁମାର ପୁରୋହିତ, ସମୀର ରଞ୍ଜନ ବାବୁ, ଫଣି ଭୂଷଣ ମିଶ୍ର, ଜୟବ୍ରତ ଦେ, ଶୁଭଶ୍ରୀ ମିଶ୍ର ସମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ଜରିଆରେ ସମ୍ବଲପୁର ଅଞ୍ଚଳର କଳା ସଂସ୍କୃତିକୁ ସୁଦୁର ପ୍ରସାରୀ କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ବଲାଙ୍ଗୀର ଜିଲାରେ ସାର କଳାବଜାର



ବିଧାୟକ କଳିକେଶ ନାରାୟଣ ସିଂଦେଓ ସାର କଳାବଜାର ଉପରେ ସମୀକ୍ଷା କରୁଛନ୍ତି।

■ ସାର କଳାବଜାର ଉପରେ ସମୀକ୍ଷା କଲେ କଳିକେଶ

■ ସମସ୍ୟାର ସମାଧାନ ନ ହେଲେ କୃଷି ଅଧିକାରୀ ଅଫିସ ଘେରାଓ ଚେତାବନୀ

ବଲାଙ୍ଗୀର, ୧୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରରେ ସାର କଳା ବଜାର ଏବେ ଉତ୍କଟ ଆକାର ଧାରଣ କରିଛି। ଚାଷୀମାନେ ସାର କଳାବଜାର ଯୋଗୁଁ ପେଶି ହେଉଥିବା ଅଭିଯୋଗ ହେଉଛି। ବଲାଙ୍ଗୀରର ସାର କଳାବଜାର ପ୍ରସଙ୍ଗକୁ ନେଇ ସୋମବାର ଅପରାହ୍ଣରେ ସ୍ଥାନୀୟ ସର୍କିଟ ହାଉସ ଠାରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ସମୀକ୍ଷା କରିଥିଲେ। ଜିଲା କୃଷି ବିଭାଗର ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ସମୀକ୍ଷା କରି ବିଧାୟକ ସିଂଦେଓ ଆଗାମୀ ୫ ଦିନ ମଧ୍ୟରେ ସାର ଅଭାବୀ ସମସ୍ୟାର ଦୂରୀକରଣ କରିବା ସହ ସାର କଳାବଜାର ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଚାଷୀଙ୍କୁ ଠିକଣା ସମୟରେ ସାର ଯୋଗାଣ ନ ହେଲେ ଆଗକୁ ଜିଲା କୃଷି ବିଭାଗ କାର୍ଯ୍ୟାଳୟ ଘେରାଓ କରିବେ ବୋଲି ଚେତାବନୀ ଦେଇଥିଲେ। ବଲାଙ୍ଗୀର ଜିଲାରେ ୨୬୦ ଟଙ୍କାର ସାର କଳାବଜାରରେ ୭୦୦ ଟଙ୍କାରେ ବିକ୍ରୟ ହେଉଥିବା ଅଭିଯୋଗ ହେଉଛି। କୃଷି ବିଭାଗର ସମୀକ୍ଷା ବେଳେ ସାର କଳାବଜାରୀ ଖୁଲମଖୁଲା ଚାଲିଥିବା ଜଣାପଡିଥିଲା। ସୁବର୍ଣ୍ଣପୁର ଜିଲାରେ ୫୦ ପ୍ରତିଶତ ବେସରକାରୀ ଡିଲରକୁ ଓ ୫୦ ପ୍ରତିଶତ ପେକ୍ସକୁ ସାର ଦିଆଯାଉଛି। ଫଳରେ ସରକାରୀ ଦରରେ ସେଠାକାର ଚାଷୀ ସାର ପାଇପାରୁଛନ୍ତି। କିନ୍ତୁ ବଲାଙ୍ଗୀର ଜିଲାରେ କାହିଁକି ଏଭଳି ଓଲଟା ପରିସ୍ଥିତି ହୋଇଛି ଓ କାହା ଇଙ୍ଗିତରେ ଏସବୁ ହୋଇଛି ବୋଲି ସେ ପ୍ରଶ୍ନ କରିଥିଲେ। ବଲାଙ୍ଗୀର ଜିଲାରୁ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଛନ୍ତି। ଏହାସତ୍ତ୍ୱେ ଜିଲାରେ ସାର କଳାବଜାର ଅଭିଯୋଗ ହେଉଛି। ଏହି ସମସ୍ୟାର ସମାଧାନ ପାଞ୍ଚ ଦିନ ମଧ୍ୟରେ ନହେଲେ ଆଗାମୀ ଦିନରେ ବିଜୁ ଜନତା ଦଳ ଜିଲାର କୃଷି ବିଭାଗ କାର୍ଯ୍ୟାଳୟ ଘେରାଓ କରିବା ସହିତ ଚାଷୀଙ୍କ ହକ ପାଇଁ ଲଢେଇକୁ ତୀବ୍ରତର କରି ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ବିଧାୟକ ସିଂଦେଓ କଡା ଚେତାବନୀ ଦେଇଥିଲେ। ଆଜିର ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସୁଶୀଳ କୁମାର ଚାନ୍ଦ, ଲକ୍ଷ୍ମଣ କୁମାର ମେହେର, ସଦର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଗୁଲାପ ବାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କବି ଆଶୁତୋଷ ଠାକୁରଙ୍କୁ ଯୁବ ସାହିତ୍ୟ ସମ୍ମାନ

ବେଲପଡ଼ା, ୧୯( ମନୋଜ ମିଶ୍ର)

ପୁରୀ ସଂସ୍କୃତି ଭବନଠାରେ ସୋନପୁରର ଅଗ୍ରଣୀ ଅନୁଷ୍ଠାନ ଋମକୁଝୁମାନା ପକ୍ଷରୁ ୩୧ ତାରିଖ ଏକ ବର୍ଣ୍ଣାଢ୍ୟ ପରିବେଶରେ ନୂଆଁଖାଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରଭାସ ସିଂହ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଲବମ ଅଭିନେତ୍ରୀ ବିଦ୍ୟୁସ୍ମିତା ଦାସ ଯୋଗ ଦେଇଥିଲେ। ଏହି ଅବସରରେ ବଲାଙ୍ଗିର ଜିଲା ବେଲପଡା ବ୍ଲକ ମଣ୍ଡଳ ଗ୍ରାମର ଆଶୁକବି ଆଶୁତୋଷ ଠାକୁରଙ୍କୁ ଯୁବ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏ ପରିପ୍ରେକ୍ଷୀରେ କବିଙ୍କୁ ବିଭିନ୍ନ ଅନୁଷ୍ଠାନରୁ ଶୁଭେଚ୍ଛାର ସୁଅ ଛୁଟୁଛି। କବି ଆଶୁତୋଷ ଏକାଧାରରେ, ମଞ୍ଚ ପରିଚାଳକ, ସାହିତ୍ୟିକ, ସାମାଜିକ କର୍ମୀ, ଜଣେ ଆଧାତ୍ମିକବାଦୀ।



କବି ଆଶୁତୋଷ ଠାକୁରଙ୍କୁ ଯୁବ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଉଛି।

# ୩୦ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ଟିଟିଲାଗଡ଼, ୧୯ (ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବଲାଙ୍ଗୀର ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣୀରେ ୩୦ଟି ଅଭିଯୋଗ ଦାୟର ହୋଇଛି । ଜିଲାପାଳଙ୍କ ପକ୍ଷରୁ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ପବିତ୍ର ବେହେରା (ରାଜସ୍ୱ), ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଟାଟା କମ୍ପାନୀର ବେପରୁଆ ମନୋଭାବ ନେଇ ତଳେ ଝୁଲୁଥିବା ବିଦ୍ୟୁତ ତାର ସ୍ପର୍ଶରେ ଆସି ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଧ୍ରୁବ ବଗର୍ତ୍ତୀଙ୍କ ବଳଦ, ପ୍ରସନ୍ନ ବାଗଙ୍କ ଗର୍ଭଣୀ ଗାଈର ମୃତ୍ୟୁ ନେଇ ଦୀର୍ଘ ମାସ ପରେ ମଧ୍ୟ ଟାଟା ବିଦ୍ୟୁତ କମ୍ପାନୀ ପକ୍ଷରୁ କୌଣସି କ୍ଷତିପୂରଣ ମିଳିନଥିବା ଅଭିଯୋଗ ପ୍ରକୋଷ୍ଠରେ ଫେରାଦ ହୋଇଥିଲେ । ସଇଁତଲା ବ୍ଲକ ଅନ୍ତର୍ଗତ ଗ୍ରାମର କଲ୍ୟାଣୀ ପୁଟେଲଙ୍କ ୫୨ ଜମିକୁ ଟିଟିଲାଗଡ଼ ସହରର ଜଣେ ପ୍ରତିପତ୍ତିଶାଳୀ ତଥା ଧନାଢ୍ୟ ବ୍ୟକ୍ତି ଆବୋରି ଥିବା ନେଇ ପଞ୍ଚମ ଥର ପାଇଁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଦରଖାସ୍ତ ଆସିଥିଲା । ଅନ୍ୟପକ୍ଷରେ ସାରର ଅଭାବୀ ବିକ୍ରୀ, ୬୦ ବର୍ଷ ହେଲେ ମହିଳା ସରକାରଙ୍କ ସୁଭଦ୍ରା ଯୋଜନାରୁ ବଞ୍ଚିତ ହେଉଥିବା ବେଳେ ସେମାନଙ୍କୁ ଭତ୍ତା ମଧ୍ୟ ପ୍ରଦାନ କରାଯାଉ ନ ଥିବା ନେଇ ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଟିଟିଲାଗଡ଼ ବ୍ଲକ ସଂଘ ସଭାପତି ପୃଥ୍ୱିରାଜ ଚିନାଗୁନ, ସରପଞ୍ଚ ହୃଷିକେଶ ବାଗ, ସରପଞ୍ଚ ପ୍ରତିନିଧି ନିମାଇଁ ବେହେରା, ବେଦବର ନାଗ ପ୍ରମୁଖ ଅଭିଯୋଗ କରିଥିଲେ । ମୁରିବାହାଲ ବ୍ଲକ ଅନ୍ତର୍ଗତ ବେଲପଦର ଗ୍ରାମର ଅଙ୍ଗୁରି ପୋଢ଼ଙ୍କ ସାହା ପାଇଁ କୌଣସି ପୁତ୍ର ସନ୍ତାନ ନଥିବା ବେଳେ ତାଙ୍କୁ ୬୨ ବର୍ଷ ହୋଇଥିବା ନେଇ ଭତ୍ତା ଯୋଜନାରେ ସାମିଲ କରାଯାଇ ନ ଥିବାବେଳେ ବୟସ ଅଧିକ ଥିବା ଦର୍ଶାଇ ସୁଭଦ୍ରା ଯୋଜନାରୁ ବାଦ ଦିଆଯାଇଥିବା ଅଭିଯୋଗ ପ୍ରକୋଷ୍ଠରେ ନ୍ୟାୟ ଭିକ୍ଷା କରିଛନ୍ତି । ଅଭିଯୋଗ ଶୁଣାଣି ଶିବିରରେ ଜିଲା, ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ ତଥା ଟିଟିଲାଗଡ଼ ବିଡ଼ିଓ ଚନ୍ଦ୍ରମଣୀ ନାଗ, ତହସିଲଦାର ସୁଭାଶିଷ ଶତପଥୀ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

# ଧଣ୍ଡାମୁଣ୍ଡାରେ ଜାତୀୟ ମହାସଂଘ ଦିବସ ପାଳିତ



ଡ୍ରାଇଭର ମହାସଂଘର କର୍ମକର୍ତ୍ତା।

ଖପ୍ରାଖୋଲ, ୧୯(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖପ୍ରାଖୋଲ ବ୍ଲକ ଡ୍ରାଇଭର ମହାସଂଘ ତରଫରୁ ଜାତୀୟ ମହାସଂଘ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଧଣ୍ଡାମୁଣ୍ଡା ଶାଖା ସଭାପତି ସୁରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଉଦୟ ସାହୁ ମହାସଂଘ ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ୍ରାଇଭର ମହାସଂଘକୁ କିପରି ଆହୁରି ସଙ୍ଗଠିତ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଖପ୍ରାଖୋଲ ବ୍ଲକ ସମସ୍ତ ଶାଖାର ସଭାପତି, ସମ୍ପାଦକ ଓ ସଦସ୍ୟ ଉପସ୍ଥିତ ଥିଲେ।

# ମଦବିକ୍ରି ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର, ୧୯
(ବୀରେନ୍ଦ୍ର କୁମାର ଝାଙ୍କର)

**ଭୁତିଆରବାହାଲ ଗାଁ**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଭୁତିଆରବାହାଲ ଗାଁରେ ମଦ ଓ ନିଶାଦ୍ରବ୍ୟ ବିକ୍ରି ବନ୍ଦ କରିବାକୁ ଗାଁର ସଚେତନ ନାଗରିକ ଓ ଯୁବବର୍ଗ ସୋମବାର ବଲାଙ୍ଗୀର ଜିଲାପାଳ, ଏସପି ଓ ଅବକାରୀ ଅଧିକାରୀଙ୍କ ଅଫିସକୁ ଆସି ଦାବିପତ୍ର ଦେଇଥିଲେ। ଭୁତିଆରବାହାଲ ଗାଁଟି ସଦର ବ୍ଲକ୍ ଅଞ୍ଚଳର ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ। ଭୁତିଆରବାହାଲ ଉପରେ ଆଖପାଖର ଅନ୍ୟୁନ ୧୦ରୁ ୧୫ଟି ଗାଁର ଜନସାଧାରଣ ବିଭିନ୍ନ କାମ ପାଇଁ ନିର୍ଭରଶୀଳ ଅଟନ୍ତି। ପ୍ରତିଦିନ ଏଠାରେ ସହସ୍ରାଧିକ ଲୋକଙ୍କ ସମାଗମ ହେଉଛି। ତେବେ ଏହି ଗାଁର ସର୍ବସାଧାରଣ ସ୍ଥାନ ଯଥା ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ସଚ୍ଚିଦାନନ୍ଦ ଉଚ୍ଚ ବିଦ୍ୟାଳୟ ପାଖ ଏବଂ ସମ୍ମୁଖରେ ଖୋଲାଖୋଲି ମଦ ଓ ନିଶାଦ୍ରବ୍ୟ ବିକ୍ରୟ ହେଉଥିବାରୁ ଏହା କୋମଳପତି ଛାତ୍ରୀଛାତ୍ର ଏବଂ ଏହି ଅଞ୍ଚଳର ଲୋକଙ୍କ ଉପରେ କୁପ୍ରଭାବ ପଡୁଛି। ମଦୁଆ ଓ ନିଶାଖୋରଙ୍କ ଉତ୍ପାତ ଯୋଗୁଁ ମା'ଭଉଣୀମାନେ ରାସ୍ତାରେ ଯିବା ଆସିବାକୁ ଭୟ କରୁଛନ୍ତି । ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପାଖରେ ମଦବିକ୍ରି ଚାଲୁଥିବାରୁ ଏବଂ ଏହା ବିଦ୍ୟାଳୟର ଶୈକ୍ଷିକ ପରିବେଶ ନଷ୍ଟ କରୁଥିବାରୁ ଅଭିଭାବକମାନେ ନିଜ ଝିଅ ପୁଅଙ୍କୁ ବିଦ୍ୟାଳୟକୁ ଛାଡିବାକୁ ଅମଙ୍ଗ ହେଉଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଦ ବିକ୍ରୟ ଚାଲିଛି। ଏସବୁକୁ ଦୃଷ୍ଟିରେ ରଖି ଗାଁର ସତ୍ୟନାରାୟଣ ଦଣ୍ଡସେନା, ଅପୂର୍ବ କବାଟ, ଡୋଳାମଣି ପୁଟେଲ, ଅକୃର ସାହୁ, ରାଜ କୁମାର ଭୋଇ, ଡାକ୍ତର ଚୌଧୁରୀ, ଦଳ ମଲ୍ଲିକ, ରିଙ୍କୁ ଭୋଇ, ରାଜୁ ଭୋଇ ଓ ଅନ୍ୟ ସଚେତନ ନାଗରିକ, ବୁଦ୍ଧିଜୀବୀମାନେ ସୋମବାର ବଲାଙ୍ଗୀର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଅବକାରୀ ଅଧିକାରୀଙ୍କ ଅଫିସରେ ଭୁତିଆରବାହାଲ ଗାଁରେ ମଦ ଓ ନିଶାଦ୍ରବ୍ୟ ବିକ୍ରି ତୁରନ୍ତ ବନ୍ଦ କରିବା ପାଇଁ ଦାବି ଜଣାଇଥିଲେ। ଗାଁର ସର୍ବସାଧାରଣ ସ୍ଥଳରେ ମଦ, ନିଶାଦ୍ରବ୍ୟ ବିକ୍ରି ଜାରି ରହିଲେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀମାନେ ଜଣାଇଛନ୍ତି।

# ବଢ଼ିଚାଲିଛି କ୍ୱାକ୍‌ଙ୍କ କାର୍ଯ୍ୟକଳାପ

**ସ୍ୱାସ୍ଥ୍ୟ ବିଭାଗ ନୀରବ ଦ୍ରଷ୍ଟା**

ଲାଠୋର, ୧୯(ଭୁବନେଶ୍ୱର ବାରିକ)

ସ୍ୱାସ୍ଥ୍ୟ ହିଁ ସମ୍ପଦ, ସ୍ୱାସ୍ଥ୍ୟ ଠିକ ଥିଲେ ସବୁ ଠିକ। ଏହାକୁ ଦୃଷ୍ଟିରେ ରଖି ଲୋକ କେମିତି ଉତ୍ତମ ସ୍ୱାସ୍ଥ୍ୟ ସହ ସୁସ୍ଥ ସବଳ ରହିବେ ଏବଂ ଏକ ସୁସ୍ଥ ସମାଜ ଗଠନ ହେବ ସେଦିଗରେ ସରକାର ଯତ୍ନବାନ ହୋଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଡ଼ାକ୍ତରଖାନା ସ୍ଥାପନ କରି ସେଠାରେ ତାଲିମପ୍ରାପ୍ତ ଚିକିତ୍ସକ ସହ ମାଗଣାରେ ସମସ୍ତ ପ୍ରକାର ଔଷଧ ମଧ୍ୟ ଯୋଗେଇ ଦେଉଛନ୍ତି। ସରକାର ସାଧାରଣ ଲୋକଙ୍କ ପାଇଁ ଏସବୁ ବ୍ୟବସ୍ଥା କରିଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗର ଅବହେଳା ହେତୁ ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଛତୁ ଫୁଟିଲା ପରି ଦିନକୁ ଦିନ କ୍ୱାକ ସଂଖ୍ୟା ବଢିବା ସହ ତାଙ୍କ କାର୍ଯ୍ୟକଳାପ ମଧ୍ୟ ବଢି ଚାଲିଛି। ସ୍ୱାସ୍ଥ୍ୟ ବିଭାଗ କ୍ୱାକଙ୍କ ଉପରେ ଲଗାମ ଲଗାଇବାରେ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି । ଲାଠୋର ଅଞ୍ଚଳ ଏକ ଆଦିବାସୀ ବହୁଳ ଦାଦନ ପ୍ରବଣ ଅଞ୍ଚଳ । ଏଠିକାର ଲୋକ ସ୍ୱାସ୍ଥ୍ୟ ପ୍ରତି ସେତେଟା ସଚେତନ ନୁହନ୍ତି । ଏହାର ସୁଯୋଗ ନେଇ ଅଞ୍ଚଳରେ ସଂଖ୍ୟାଧିକ ଲୋକ ନିଜକୁ କ୍ୱାକ ସାଜି କିଏ ଖୁଲମଖୁଲା କ୍ଲିନିକ କରି ଲୋକଙ୍କୁ ଚିକିତ୍ସା କରୁଛି ତ ଆଉ କିଏ ଝୁଲାମୁଣା ଧରି ଗାଁକୁ ଗାଁ ବୁଲି ଚିକିତ୍ସା କରୁଛି। ଯେଉଁ କ୍ୱାକମାନେ ଲୋକଙ୍କୁ ଚିକିତ୍ସା କରୁଛନ୍ତି ସେମାନେ କେଉଁଠୁ ତାଲିମ ନେଇଛନ୍ତି, କଣ ତାଙ୍କ ପାଖରେ ଡିଗ୍ରୀ ଅଛି, ଚିକିତ୍ସା କରିବା ପାଇଁ ତାଙ୍କୁ କିଏ ଅନୁମତି ଦେଲା ସ୍ୱାସ୍ଥ୍ୟ ବିଭାଗ ଏସବୁ ତଦାରଖ କରିବା କଥା । ହେଲେ ଏହି ଅଞ୍ଚଳ ପାଇଁ ସ୍ୱାସ୍ଥ୍ୟ ବିଭାଗ ନିଦା ବିଷ୍ଣୁ ସାଜି ନୀରବ ଦ୍ରଷ୍ଟା ଭାବରେ ସବୁ ଦେଖୁଥିଲେ ମଧ୍ୟ ହାତ ବାନ୍ଧି ବସିବା ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ସ୍ୱାସ୍ଥ୍ୟ ବିଭାଗର ନୀରବ ରହିବା ଫଳରେ ଅଞ୍ଚଳର କେତେକ ଔଷଧ ଦୋକାନୀ ନିଜର ସ୍ୱାର୍ଥ ପାଇଁ କ୍ୱାକମାନଙ୍କୁ ହାତ ବାରିସ କରି ବିପୁଳ ପରିମାଣରେ ନିଜ ମେଡିକାଲ ଷ୍ଟୋରରୁ ଔଷଧ ଦେଇ ଚିକିତ୍ସା କରିବା ପାଇଁ ପ୍ରବର୍ତ୍ତାଉଛନ୍ତି ଏବଂ ନିଜେ ମାଲେମାଲ ହେଉଛନ୍ତି । ଅତୀତ ନିକଟରେ କ୍ୱାକଙ୍କ ଭୁଲ ଚିକିତ୍ସା ଯୋଗୁଁ କରୁଆଁଝର ପଞ୍ଚାୟତ ଅଞ୍ଚଳରେ ଏକ ନବ ଜାତ ଶିଶୁର ମୃତ୍ୟୁ ଘଟିଥିବା ଘଟଣା ଉଣା ଅଧିକେ ସମସ୍ତେ ଜାଣିଛନ୍ତି । ଆହୁରି ମଧ୍ୟ ଅନେକ ଏମିତି ଘଟଣା ମାନ ଘଟିଛି । ବର୍ଷେ ଦୁଇ ବର୍ଷ ତଳେ ବେନ୍ଦେର ଗ୍ରାମରେ ଚାଲିଥିବା ଏକ ବେଆଇନ କ୍ଲିନିକ ଉପରେ ଚଢ଼ାଉ କରି ସିଲ୍ କରିବା ସହ ସଂପୃକ୍ତ କ୍ୱାକକୁ ଜେଲ ପଠା ଯାଇଥିଲା । ତାପରେ ଆଉ କୌଣସି କ୍ୱାକ ପ୍ରତି କୌଣସି ପ୍ରକାର କୋଠାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦୃଷ୍ଟି ଗୋଚର ହୋଇ ନାହିଁ । ମାସେ ତଳେ ଖପ୍ରାଖୋଲ ମେଡିକାଲ ଅଫିସର ଇନଚାର୍ଜ ଡା. ସୁରଜ ଦୀପଙ୍କୁ ସାକ୍ଷାତ କରି ଆଲୋଚନା କରାଯାଇଥିଲା । ସେ ତାଙ୍କ ପ୍ରତିକ୍ରିୟାରେ ପ୍ରଶାସନିକ ପ୍ରତିଶ୍ରୁତି ମିଳିଛି ଖୁବ ଶୀଘ୍ର ବେଆଇନ କ୍ଲିନିକ ଉପରେ ଚଢ଼ାଉ କରି ସିଲ କରିବା ସହ କ୍ୱାକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ହେଲେ ମାସେ ବିତି ଗଲା। କୌଣସି ପ୍ରକାର ଚଢ଼ାଉ କିମ୍ବା କାର୍ଯ୍ୟାନୁଷ୍ଠାନ ଦେଖାଗଲା ନାହିଁ । ତେବେ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଜୟନ୍ତୀରେ ଅଭିମନ୍ୟୁ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ଟିଟିଲାଗଡ, ୧୯(ଶରତ ମିଶ୍ର)

ଟିଟିଲାଗଡର ଯୁବନେତା, ପୂର୍ବତନ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ, ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁଙ୍କ ସ୍ୱାମୀ ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ୫୭ତମ ଜୟନ୍ତୀରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। ଟିଟିଲାଗଡ ପୌର ପରିଷଦର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା, ଅରୁଣ ମିଶ୍ର, ଦିଲୀପ ବାଗ, ଟୁଟୁ ବାଗ, ଦୀପକ ବେହେରା, ସରପଞ୍ଚ କୃଷ୍ଣ ହାତୀ, ରଞ୍ଜିତ ପୃଷ୍ଟି, ସୁଧୀର ମିଶ୍ର, କାଉନସିଲର ଗୋପାଲୁ ବେହେରା, ସାବିତ୍ରୀ ବାରିକ, ରମେଶ ବିଶି, ଉମାଦେବି ଅଗ୍ରୱାଲ, ସନ୍ତୋଷ ସିନି ସୁନାନୀ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ରବି ବାଗ, ଓ ଜଗଦୀଶ ବଗର୍ତ୍ତି ପ୍ରମୁଖ ସହ ଶତାଧିକ ବିଜେଡି କର୍ମୀ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।



ଅଭିମନ୍ୟୁ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

# ନଗର କଂଗ୍ରେସ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ନୂଆଁଖାଇ ଏକତା, ଭାଇଚାରାର ସନ୍ଦେଶ ଦିଏ: ସମରେନ୍ଦ୍ର**

ବଲାଙ୍ଗୀର, ୧୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ରବିବାର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଯୁବନେତା ସମରେନ୍ଦ୍ର ମିଶ୍ର ନୂଆଖାଇ ଏକତା ଏବଂ ଭାଇଚାରର ଗଣପର୍ବ ବୋଲି କହିଥିଲେ। ସେ କହିଥିଲେ ଯେ, ଆମ ଅଞ୍ଚଳର ଐତିହ୍ୟ, ପରମ୍ପରା, ଏକତା ଓ ଭାଇଚାରାକୁ ନୂଆଖାଇ ପିଢ଼ି ପିଢ଼ି ଧରି ଅତୁଟ ରଖିଛି। ଏକତା ସୂତ୍ରରେ ବାନ୍ଧି ରଖୁଛି। ଏହି ଉପଲକ୍ଷେ ଆମେ ନିଷ୍ପତ୍ତି ନେବା ଦରକାର ଯେ ଦଳମତ ଜାତି, ବର୍ଣ୍ଣ ଏ ସବୁରୁ ଊର୍ଦ୍ଧ୍ୱରେ ରହି ଆମେ ଯେଉଁ ପରିସ୍ଥିତିରେ ଥିଲେ ବି ସମସ୍ତେ ସମସ୍ତଙ୍କ କାମରେ ଆସିବା ଦରକାର । ସମାଜର ପ୍ରତ୍ୟେକ ବର୍ଗ ଲୋକଙ୍କ ପାଇଁ ଆମେ ଉପଲବ୍ଧ ହେବା ଦରକାର । ସେ ଆହୁରି କହିଥିଲେ ଯେ ଏହା ରାଜନୈତିକ ସମାବେଶ ନୁହେଁ । ଏକାଠି ହୋଇ ଆମ ଭିତରେ ଥିବା ଏକତା ଓ ଭାଇଚାରାକୁ ଆହୁରି ବ୍ୟାପକ କରିବା ନୂଆଖାଇ ସୁଯୋଗ ସୃଷ୍ଟି କରୁଛି। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଅଶୋକ ନନ୍ଦ, ଓମ୍ ପ୍ରକାଶ କୁମ୍ଭାର, ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ଆରତିପ୍ରୀତି ନାଗ, ଉପେନ ଦୀପ, ଜ୍ୟୋତି ନାଗ, ବ୍ରଜ ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲୋଇସିଂହାକୁ ମିଳିଲା ଏନ୍‌ଏସି ମାନ୍ୟତା

**ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ଜଣାଇଲେ କୃତଜ୍ଞତା**

ଲୋଇସିଂହା,୧୯(ସୁଶାନ୍ତ ବାରିକ)

ରବିବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଜିଲା ଲୋଇସିଂହା ସମେତ ୧୬ଟି ସ୍ଥାନକୁ ଏନଏସି ଘୋଷଣା କରିଥିଲେ । ଏହି ଖବର ଜାଣି ଲୋଇସିଂହାବାସୀ ଖୁସିବ୍ୟକ୍ତ କରିଥିଲେ। ସୋମବାର ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନେତୃତ୍ୱରେ ଲୋଇସିଂହା, ବୁର୍ଡା, ହୀରାପୁର ଅଞ୍ଚଳର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଏନଏସି ମାନ୍ୟତା ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲୋଇସିଂହାର ବିକାଶ ଏବଂ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଉକ୍ତ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ସେହିପରି ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ, ସ୍ଥାନୀୟ ବିଧାୟକଙ୍କ ଦୃଢ ନେତୃତ୍ୱବଳରେ ଏହା ସମ୍ଭବପର ହୋଇପାରିଛି। ଲୋଇସିଂହାବସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି । ସୁନ୍ଦର ଏନଏସି ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ଭବ୍ୟ ଏନଏସି କୋଠା ନିର୍ମାଣ କରାଯିବ। ଭୂମିପୂଜନ ଓ ଲୋକାର୍ପଣ ଉତ୍ସବରେ ସେ ସାମିଲ ହେବେ ବୋଲି ମନ୍ତ୍ରୀ ମହାପାତ୍ର କହିଥିଲେ । ସ୍ଥାନୀୟ ବିଧାୟକଙ୍କ ପରାମର୍ଶ କ୍ରମେ ଏନ୍‌ଏସି କାର୍ଯ୍ୟାଳୟ ପାଇଁ ଉପଯୁକ୍ତ ସ୍ଥାନ ଚୟନ କରିବାକୁ ଉକ୍ତ ପ୍ରତିନିଧି ଦଳକୁ କହିଥିଲେ । ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ଲୋଇସିଂହା ସରପଞ୍ଚ ନବକିଶୋର ନାଏକ, ବୁଡା ସରପଞ୍ଚ ସୁଦୀପ ସା, ବିଶ୍ୱକଲ୍ୟାଣ ନାଗରିକ କମିଟି ସମ୍ପାଦକ ପ୍ରଶାନ୍ତ ବେହେରା ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସାହୁ, ଶଙ୍କର ସାହୁ, ହୃଷିକେଶ ବାରିକ, କିଶୋର ସାହୁ ସମେତ ଲୋଇସିଂହା, ବୁର୍ଡା, ହୀରାପୁର ଅଞ୍ଚଳର ପ୍ରତିନିଧି ଥିଲେ ।



ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଓ ପ୍ରତିନିଧି ଦଳ।

# ଶଯ୍ୟାଶାୟୀ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାରରେ ଗାଡ଼ିକୁ ଆଣିଲେ

**ଥୁଡିବାହାଲ ସର୍ଗିପାଲି ରାସ୍ତା ବେହାଲ**

ବେଲପଡା,୧୯ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ବାଗଦୋର ପଞ୍ଚାୟତର ସର୍ଗିପାଲି ଗାଁର ୨୫ ବର୍ଷୀୟ ଝିଅ ମିଥିଲା ଛୁରାଙ୍କ ପାଖରେ ନିଜର କୌଣସି ପ୍ରମାଣପତ୍ର ନ ଥିଲା । ଏଥିପାଇଁ ସେ ଦୀର୍ଘଦିନରୁ ସରକାରୀ ସହାୟତାରୁ ବଞ୍ଚିତ। ତାଙ୍କ ପାଖରେ ଦିବ୍ୟାଙ୍ଗ ସାର୍ଟିଫିକେଟ ନ ଥିବାରୁ ସେ ମଧୁବାବୁ ପେନସନ ଭତ୍ତା ପାଉ ନ ଥିବା ଖବରପାଇ ଉକ୍ତ ପଞ୍ଚାୟତର ଝାଙ୍କ୍ରିପାଲି ଗାଁର ସମାଜସେବୀ ସଂଜିବ ବିଶାଲ ତାଙ୍କ ଘରକୁ ଯାଇଥିଲେ । ଘର ଲୋକ କହିବା ଅନୁସାରେ ଦିବ୍ୟାଙ୍ଗ ମିଥିଳା ଛୁରାଙ୍କ ଆଧାର କାର୍ଡ, ଭୋଟର ଆଇଡି, ଦିବ୍ୟାଙ୍ଗ ସାର୍ଟିଫିକେଟ ନ ଥିଲା । ଏମିତି କି ତାଙ୍କ ପାଖରେ ହୁଇଲ ଚେୟାର ମଧ୍ୟ ନଥିଲା । ସୋମବାର ମିଥିଲାଙ୍କ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଁ ବଲାଙ୍ଗୀର ଯିବାକୁ ଘରୁ ବାହାରି ଥିଲେ । ହେଲେ ରାସ୍ତା ଖରାପ ଯୋଗୁଁ ତାଙ୍କୁ ପ୍ରାୟ ଦେଢ଼ କିମି ପର୍ଯ୍ୟନ୍ତ ହୁଇଲ ଚେୟାର ସାହାଯ୍ୟରେ ଗାଡି ନିକଟକୁ ନେଇଥିଲେ । ଦୀର୍ଘ ଦିନରୁ ସର୍ଗିପାଲି-ଥୁଡିବାହାଲ ରାସ୍ତା କଦର୍ଯ୍ୟ ହୋଇପଡ଼ିଛି। ଏଣୁ ଏହି ରାସ୍ତା ଦିଗରେ କାହାରି ନଜର ନାହିଁ ବୋଲି ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏଭଳି ପରିସ୍ଥିତିରେ ମିଥିଲାଙ୍କ ମା' ନ ଥିବାବେଳେ କେବଳ ବୁଢା ବାପା ହିଁ ସାହାରା। ପ୍ରଥମେ ସମାଜସେବୀ ବିଶ୍ୱାଳ ବେଲପଡା ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ଏବଂ ସୋସିଆଲ ମିଡ଼ିଆ ଏକ୍ସ ମାଧ୍ୟମରେ ସରକାର ଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ବିଡ଼ିଓ ଙ୍କ ଆଦେଶ କ୍ରମେ ବ୍ଲକ ରୁ ଆଧାର ଟିମ ମିଥିଳା ଛୁରାଙ୍କ ଘରକୁ ଯାଇ ଆଧାର ପଞ୍ଜିକରଣ କରିଥିଲେ । ତାଙ୍କର ରାଶନ କାର୍ଡ ନ ଥିବାରୁ ରାଶନ କାର୍ଡ ପାଇଁ ମଧ୍ୟ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଗୋଟିଏ ଦିନରେ ହିଁ ବିଭାଗ ପକ୍ଷରୁ ମିଥିଳା ଛୁରାଙ୍କ ନାଁରେ ରାଶନ କାର୍ଡ ଜାରି କରିଥିଲେ। ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଁ ବଲାଙ୍ଗୀର ଯିବା ପାଇଁ ଅର୍ଥ ଅଭାବ ଯୋଗୁଁ ତାଙ୍କର ସାର୍ଟିଫିକେଟ ହୋଇ ନ ଥିବା ଘର ଲୋକେ କହିଛନ୍ତି । ପୁଣି ଶଯ୍ୟାଶାୟୀ ଦିବ୍ୟାଙ୍ଗଙ୍କୁ ନେବାକୁ ହେଲେ ସ୍ୱତନ୍ତ୍ର ଗାଡିର ଆବଶ୍ୟକ। ତେଣୁ ସମାଜସେବୀ ସଂଜିବ ବିଶାଳ ଫେସବୁକରେ ଆଞ୍ଚଳିକ ରାଜନୈତିକ ଦଳ ତଥା ନେତା ମନ୍ତ୍ରୀମାନଙ୍କୁ ସାହାଯ୍ୟ ମାଗିଥିଲେ । ତାଙ୍କର କାର୍ଯ୍ୟ ଏବଂ ଫେସବୁକ ପୋଷ୍ଟ ଦେଖି ଉକ୍ତ ପଞ୍ଚାୟତର ସରପଞ୍ଚ ପ୍ରଦୀପ ବେହେରା ଗାଡ଼ି ଖର୍ଚ୍ଚ ବହନ କରିବେ ବୋଲି କହିଥିଲେ । ଶେଷରେ ସେପ୍ଟେମ୍ବର ୧ ତାରିଖ ଭିନ୍ନକ୍ଷମ ମିଥିଳା ଛୁରା ଏବଂ ଆଉ ଦୁଇଜଣ ଅସହାୟ ଦିବ୍ୟାଙ୍ଗ ସଙ୍ଗୀତା ସୁନା ଏବଂ ରେବତୀ ନାଏକଙ୍କୁ ସାଙ୍ଗେ ନେଇ ବଲାଙ୍ଗୀର ବଡ଼ ମେଡ଼ିକାଲ ଯାଇ ସେଠାରେ ତିନି ଜଣଙ୍କର ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଁ ବିଭାଗୀୟ ଡାକ୍ତର ଙ୍କୁ ଦେଖାଇ ଥିଲେ । ଏପରି ଅପହଞ୍ଚ ଅଞ୍ଚଳରେ ସାମାଜିକ କ୍ଷେତ୍ରରେ ଲୋକଙ୍କୁ ସାହାଯ୍ୟ କରୁଥିବା ଦେଖି ସଂଜିବ ବିଶାଳଙ୍କୁ ଲୋକେ ପ୍ରଶଂସା କରିଛନ୍ତି ।



ସମାଜସେବୀ ସଞ୍ଜୀବ ବିଶାଳଙ୍କ ସହ ଦିବ୍ୟାଙ୍ଗ ମିଥିଳା ଓ ଗ୍ରାମବାସୀ।

# ଗଞ୍ଜେଇ ସହ ୨ କାର୍ ଜବତ, ୪ ଗିରଫ

**ସୋନପୁର,୧।୯(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ଧରପଗଡ ଜାରି ରହିଛି। ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ବୀରମହାରାଜପୁର ଥାନାର ଧର୍ମଶାଳା ଛକ ଓ ଲଛିପୁର ଥାନାର ସିଆଲି ଛକରେ ଚଢାଉ ହୋଇଥିଲା। ଏଥିରେ ଗଞ୍ଜେଇ ସହ ୨ଟି କାର ଜବତ ହୋଇଛି। ଏହି ଘଟଣାରେ ୪ ଜଣଙ୍କୁ କରାଯାଇଛି। ଜିଲା ମୋବାଇଲ ଟିମ୍ ଓ ବିନିକା ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ସିଆଲି ଛକରେ ତନଖି ସମୟରେ ଏକ ନମ୍ବର ବିହୀନ ମାରୁତି ସୁଜୁକି କାର ଭିତରୁ ୧୫କିଲୋ ୪୦୦ଗ୍ରାମ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୁଡିଆଲି ଗ୍ରାମର ବିକ୍ରମ ପ୍ରଧାନ(୧୯) ଓ ସୋନପୁର ଥାନା କବାଟତଲେଇ ଗ୍ରାମର ଅଖେ ମହାନନ୍ଦ(୪୬)ଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ବିନିକା ଅବକାରୀ ଥାନାରେ ଏକ ମାମଲା(ନଂ.୧୨୬/୨୫) ରୁଜୁ ହୋଇଛି।



ଗିରଫ ୪ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ ୨ କାର।

ସେହିପରି ଜିଲା ମୋବାଇଲ ଟିମ୍ ଓ ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଧର୍ମଶାଳା ଛକରେ ଯାନବାହାନ ତନଖି କରା ଯାଇଥିଲା। ନିଶାନ ଡଟସନ କାର(ନଂ ଡବ୍ଲ୍ୟୁବି୨୬ଟି–୩୯୬୧)କୁ ସନ୍ଦେହରେ ତନଖି ବେଳେ ୧୫କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ପଶ୍ଚିମବଙ୍ଗର କୋଲକାତା ଥାନା ୭୪ସି ଏସଏନ ବାନାର୍ଜି ରୋଡ ଅଞ୍ଚଳର ବିନୋଦ ରାୟ(୪୭) ଓ ବିହାରର ଭେଲଡି ଥାନା ଯାଦବପୁର ଅଞ୍ଚଳର ଅଦ୍ୱେଶ ଯାଦବ(୪୫)ଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ବୀରମହାରାଜପୁର ଅବକାରୀ ଥାନାରେ ଏକ ମାମଲା(ନଂ. ୧୦୦/୨୫)ରୁଜୁ ହୋଇଛି। ଉଭୟ ମାମଲାରେ ଗିରଫ ୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଅବକାରୀ ମୋବାଇଲ ୟୁନିଟ୍ ଇନ୍ସପେକ୍ଟର ହରପ୍ରସାଦ ରଣା, ଏସଆଇ ରାମଚନ୍ଦ୍ର ପଟ୍ଟନାୟକ, ଭରତ ମିଶ୍ର, ବିଶ୍ୱନାଥ ଭୋଇ, ଶାନ୍ତନୁ ପଟ୍ଟନାୟକ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ, ଦେବେନ୍ଦ୍ର ବରିହା ପ୍ରମୁଖ ଚଢାଉରେ ସାମିଲ ଥିଲେ।

## ସିଆଲି, ଧର୍ମଶାଳାରେ ଅବକାରୀ ବିଭାଗ ଧରପଗଡ

# ରୁମକୁ ଝୁମାନା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ



ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବୀରମହାରାଜପୁର, ୧।୯ (ଯୁଗଳ କିଶୋର ମିଶ୍ର )**

ସୁବର୍ଣ୍ଣପୁର ଜିଲାର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ରୁମକୁ ଝୁମାନା ପକ୍ଷରୁ ଶ୍ରୀକ୍ଷେତ୍ରେ ନୂଆଁଖାଇ ଭେଟ୍‌ଘାଟ ପୁରୀ ସଂସ୍କୃତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଶାଶ୍ୱତ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଦିବସବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ନାଚ ଗୀତ ସହିତ ସମ୍ବର୍ଦ୍ଧନା ପର୍ବ ଆୟୋଜନ କରାଯାଇଥିଲା। ଅତିଥିଭାବେ ପୂର୍ବତନ ବରଗଡ ଏମ୍‌ପି ଡ. ପ୍ରଭାସ ସିଂ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବିଦ୍ୟୁସ୍ମିତା ଦାଶ, ଅଶୋକ କୁମାର ପୃଷ୍ଟି, ବାବୁଲ ବିଶି ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ କଳାକାର ଓ ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ତଥା ସୁବର୍ଣ୍ଣପୁର ଜିଲାର ପ୍ରାକ୍ତନ ଉଚ୍ଚଶିକ୍ଷା ପରାମର୍ଶଦାତା ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ଜାଣିବା ପରେ ବରିଷ୍ଠ ନାଗରିକ ସଙ୍ଗଠନ ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ, ସଦସ୍ୟ ଚମରା ମହାକୁର, ଦ୍ୱିତୀକୃଷ୍ଣ ପଣ୍ଡା ଡ଼ ରଥଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୧୮୭ ବୋତଲ କଫ ସିରପ୍ ଜବତ, ୨ ଗିରଫ



ଜବତ କଫ ସିରପ।

**ଉଲୁଣ୍ଡା,୧।୯(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସରକାରୀ ବସ୍‌ଷ୍ଟାଣ୍ଡ ନିକଟରୁ ପୋଲିସ କାର ସହ ୧୮୭ବୋତଲ କଫ ସିରପ୍ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୋନପୁରର କହ୍ନେଇ ଉଗ୍ରେ ଏବଂ ସରୋଜ ବଡଚାଟ। ସୋମବାର ଅପରାହ୍ନରେ କୋଟସମଲେଇ ପଟରୁ ଏକ କାର ଯୋଗେ କଫ ସିରପ ଚୋରା ଚାଲାଣ ହେଉଥିବା ଉଲୁଣ୍ଡା ପୋଲିସକୁ ଖବର ମିଳିଥିଲା। ଆଇଆଇସି ଲିଙ୍ଗରାଜ ସେଠୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ କାର୍‌କୁ ଅଟକାଇ ଡ୍ରଗ୍ସ ଇନ୍ସପେକ୍ଟର ଟିକେଶ୍ୱରି ମାଝି ଏବଂ ଅତିରିକ୍ତ ତହସିଲଦାର ସୋମନାଥ ବେହେରାଙ୍କ ଉପସ୍ଥିତିରେ ଯାଞ୍ଚ ପରେ ୧୮୭ ବୋତଲ କଫ ସିରପ୍ ଥିବା ଜଣାପଡ଼ିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୭/୨୫)ରୁଜୁ ହୋଇଛି। ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସେଠୀ ସୂଚନା ଦେଇଛନ୍ତି।

# ଉଲୁଣ୍ଡାକୁ ଏନ୍ଏସି ଘୋଷଣା ଦାବିରେ ସର୍ବଦଳୀୟ ବୈଠକ



ବୈଠକରେ ଉପସ୍ଥିତ ବିଭିନ୍ନ ଦଳ ଓ ସଙ୍ଗଠନର କର୍ମକର୍ତ୍ତା।

**ଉଲୁଣ୍ଡା, ୧।୯(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାକୁ ଏନଏସି ଘୋଷଣା ଦାବିରେ ସଦର କଲେଜ ପଡିଆରେ ସୋମବାର ସନ୍ଧ୍ୟାରେ ସର୍ବଦଳୀୟବୈଠକ ଅନୁଷ୍ଠିତ ହୋଇଯାଇଛି। ହରିଶଙ୍କର ତରାଇଙ୍କ ଆବାହକତ୍ୱ ଏବଂ ଧର୍ମନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ରାଜନୈତିକ ଦଳ, ବିଭିନ୍ନ ସଙ୍ଗଠନର ସଦସ୍ୟ ଯୋଗଦେଇଥିଲେ। ପୂର୍ବ ବିଜେଡି ସରକାର ରାଜ୍ୟରେ ୫୬ଟି ଏନ୍ଏସି ଘୋଷଣା କରିଥିଲେ। ସେହି ସମୟରେ ଉଲୁଣ୍ଡାକୁ ସାମିଲ କରାଯାଇଥିଲା। ହେଲେ ରାଜ୍ୟରେ ନୂତନ ସରକାର ଆସିବା ପରେ କିଛି ଦିନ ପୂର୍ବରୁ ରାଜ୍ୟରେ ୨୧ଟି ଏନଏସି ଘୋଷଣା କରିଥିଲେ ମଧ୍ୟ ସେହି ତାଲିକାରୁ ଉଲୁଣ୍ଡାକୁ ବାଦ ଦିଆଯାଇଥିଲା। ଏହାକୁ ନେଇ ସର୍ବଦଳୀୟ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅବସରରେ ୧୭ଜଣିଆ ଉଲୁଣ୍ଡା ଏନଏସି କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ଆସନ୍ତା ଦୁଇଦିନ ମଧ୍ୟରେ କ୍ରିୟାନୁଷ୍ଠାନ କମିଟି ଜିଲାପାଳଙ୍କ ଜରିଆରେ ଉଲୁଣ୍ଡାକୁ ଏନଏସି ଘୋଷଣା ଦାବିରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ। ସାତ ଦିନ ମଧ୍ୟରେ ଦାବି ପୂରଣ ନହେଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବା ସହ ଉଲୁଣ୍ଡା ବନ୍ଦ ଡାକରା ଦିଆଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର ବିରୋଧରେ ବିକ୍ଷୋଭ

**ବୀରମହାରାଜପୁର,୧।୯ (ଯୁଗୋଳ କିଶୋର ମିଶ୍ର)**

ବିହାରରେ ଭୋଟ ଅଧିକାର ଯାତ୍ରାବେଳେ ପ୍ରଧାନମନ୍ତ୍ରୀ ନରୋନ୍ଦ୍ର ମୋଦୀଙ୍କ ମା'ଙ୍କ ବିରୋଧରେ କଂଗ୍ରେସ ନେତୃବର୍ଗ ଅପଶବ୍ଦ ବ୍ୟବହାର କରିଥିଲେ। ଏହାର ପ୍ରତିବାଦ କରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଭାଜପା ପକ୍ଷରୁ ମୁର୍ଖୁଣ୍ଡୀଠାରେ ସୋମବାର ପ୍ରତିବାଦ ସଭା କରାଯାଇଥିଲା। ବୀରମହାରାଜପୁର ମଣ୍ଡଳ ସଭାପତି ସୁମନ୍ତ ଜଗଦଲାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ସୁବଳୟା ମଣ୍ଡଳ ସଭାପତି ଅଶୋକ ସାହୁ, ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମିଶ୍ର, ସତ୍ୟମୋହନ ବେଦପାଣି, ବିପିନ ପଣ୍ଡା, ରମେଶ ପଣ୍ଡା, ବାବୁଲା ପଣ୍ଡା, ରାମ କର୍ଣ୍ଣ, ସଞ୍ଜୀବ ପଧାନ, ରକ୍ଷିମଣୀ ପଧାନ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

# ଭାରସାମ୍ୟ ହରାଇ ପିକ୍ଅପ୍ ଦୁର୍ଘଟଣାଗ୍ରସ୍ତ

**ବାଉଁଶୁଣୀ,୧।୯(ଦେବାଶିଷ ନେପାକ)**

ବାଉଁଶୁଣୀ ଥାନା ୫୭ ନମ୍ବର ଜାତୀୟ ରାଜପଥର ବହିରା ନିକଟରେ ସୋମବାର ଅପରାହ୍ନ ୧ଟା ସମୟରେ ଏକ ପିକ୍ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବାଇକ୍ ଓ ଇଟାଗଦାକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୨ଜଣ ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ବୌଦ୍ଧ ପଟରୁ ଉକ୍ତ ପିକଅପ୍ ଭ୍ୟାନ୍ ମନମୁଣ୍ଡା ଆଡକୁ ଯାଉଥିଲା ବେଳେ ବହିରା ଗ୍ରାମର ସଦାଇପୁର ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ମାଡ଼ିଯାଇଥିଲା।



ଦୁର୍ଘଟଣାଗ୍ରସ୍ତ ପିକ୍ଅପ୍ ଭ୍ୟାନ୍।

# ୨୦୦୪ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ମନମୁଣ୍ଡା,୧।୯(ବେଣୁଧର ପ୍ରଧାନ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଜନତା ଉଚ୍ଚ ବିଦ୍ୟାଳୟର ୨୦୦୪ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ବିଦ୍ୟାଳୟ ପରିସରରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରାତନ ଛାତ୍ରୀଛାତ୍ର ଓ ଗୁରୁଜୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମେଶ ପ୍ରସାଦ ନାୟକ ନିଜସ୍ୱ ଲିଖିତ କଳାପଟା କବିତା ବହିରୁ କବିତା ପାଠ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଚଗୀତ ପରିବେଷଣ କରାଯାଇଥିଲା। ଗୁରୁଜୀ ହେମନ୍ତ କ୍ଷେତୀ, ଧନେଶ୍ୱର କ୍ଷେତୀ, ସଚ୍ଚିନ୍ଦ୍ର ସାହୁ, ଭ୍ରମରବର ବିଶୋଇ ଓ ସମସ୍ତ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବନ୍ଧୁମିଳନରେ ଗୁରୁଜୀ ଓ ଛାତ୍ରୀଛାତ୍ର।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର



ଶିବିରରେ ଜନଶୁଣାଣି କରାଯାଉଛି।

**ବୌଦ୍ଧ,୧।୯(ଅଜିତ କୁମାର ବାରିକ)**

ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜନଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୯୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୮୩ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୭ଟି ସାମୂହିକ ଥିଲା। ୫୭ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଜିଲା ରେଡ୍‌କ୍ରସ୍‌ରୁ ୩ ଜଣଙ୍କୁ ୧୧ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହିଳାଙ୍କୁ ରେଶମ ହସ୍ତତନ୍ତ ବୁଣାକାର ତାଲିମ

**ସୋନପୁର,୧।୯(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଓରମାସ୍ ପ୍ରଶିକ୍ଷଣ କେନ୍ଦ୍ର ଠାରେ କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ତାଲିମ(ସମର୍ଥ) ଯୋଜନା ଅଧିନରେ ରେଶମ ହସ୍ତତନ୍ତ ବୁଣାକାର ତାଲିମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ହସ୍ତତନ୍ତ ମନ୍ତ୍ରଣାଳୟର ସେଣ୍ଟ୍ରାଲ ସିଲ୍‌କ ବୋର୍ଡ ସହଯୋଗରେ ଭୁବନେଶ୍ୱର ର ବ୍ରାଇଟ୍ ହ୍ୟୁମାନ ଏକ୍ସନ ଏଣ୍ଡ ଭଏସ(ବିଏଚଏଭି) ପକ୍ଷରୁ ୩୦ଜଣ ମହିଳାଙ୍କୁ ଏହି ତାଲିମ ଦିଆଯାଉଛି। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଉପନିର୍ଦ୍ଦେଶକ ବୟନଶିଳ୍ପ ସତ୍ୟାନନ୍ଦ ବେହେରା ଯୋଗଦାନ କରିଥିଲେ। ରେଶମ ହସ୍ତତନ୍ତ ବୁଣାକାର ତାଲିମ ପରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ରୋଜଗାର କରିପାରିବେ ବୋଲି ବେହେରା କହିଥିଲେ। ସମ୍ମାନିତ ଅତିଥି ଭାବେ ଓରମାସର ଡେପୁଟି ସିଇଓ ସମୀର ନାୟକ, ବୟନ ତତ୍ତ୍ୱାବଧାରକ ସନାତନ ବାସ୍କେ, ବିଏଚ୍‌ଏଭି ନିର୍ଦ୍ଦେଶକ ସୌରଭ କର ଓ ପ୍ରକଳ୍ପ ପରିଚାଳକ ଜଗନ୍ନାଥ ରାଉଳ ଉପସ୍ଥିତ ରହି ୩୨ ଦିନିଆ ପ୍ରାଥମିକ ପ୍ରଶିକ୍ଷଣ ଓ ସରକାରୀ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରାକ୍ତନ ଶିକ୍ଷାର୍ଥୀମାନଙ୍କୁ ବୁଣାକାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଏଚଏଭିର କାର୍ଯ୍ୟକାରୀ ପରିଚାଳକ ଲଳିତ ମେହେର ଓ ଟ୍ରେଡିଙ୍ଗ ମାଷ୍ଟର ମଦନ ମେହେର ପରିଚାଳନା କରିଥିଲେ।



ଜଣେ ମହିଳା ବୁଣାକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ନୂଆଁଖାଇ ଆମ ସଂସ୍କୃତିର ପରିଚୟ

## ଅମରପାଲିରେ ନୂଆଁଖାଇ ଭେଟ୍‌ଘାଟ

**ଅମରପାଲି,୧।୯(ପୀତାମ୍ବର ସାହୁ)**

ବର୍ଷର ପ୍ରଥମ ଫସଲକୁ ଇଷ୍ଟଦେବୀଙ୍କୁ ଅର୍ପଣ କରି ନୂଆଁଖାଇ ପାଳନ କରାଯାଏ। ଏହି ପର୍ବ ଏବେ କେବଳ ପଶ୍ଚିମ ଓଡିଶାରେ ଆଉ ସୀମିତ ହୋଇ ରହିନାହିଁ। ବିଶ୍ୱର ଯେଉଁଠି ବି ଆମ ଲୋକ ରହୁଛନ୍ତି ସେଠାରେ ଏହା ଧୁମଧାମରେ ପାଳନ କରାଯାଉଛି। ନୂଆଁଖାଇ ଆମ ସଂସ୍କୃତିର ପରିଚୟ। ଏହାକୁ ନେଇ ଆମେ ଗର୍ବ କରୁ। ସୁବର୍ଣ୍ଣପୁର ଜିଲଊା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିରେ ନ୍ୟୁ ଷ୍ଟାର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ କାର୍ଯକ୍ରମରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଆୟୋଜକ ସଭାପତି ଗୌରାଙ୍ଗ ଭରାସାଗରଙ୍କ ପୋରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, ଶିକ୍ଷକ ମଦନ ସୁନ୍ଦର ଭୋଇ, ଶିକ୍ଷାବିତ କମଳା ଜଗଦଲା, ରମେଶ ଜଗଦଲା, ସୁବଳ ଜଗଦଲା, ଆୟୋଜକ ସମ୍ପାଦକ ବୈଜନାଥ ଜଗଦଲା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗୌରାଙ୍ଗ ଜଗଦଲା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ମଦନ ସୁନ୍ଦର ଭୋଇଙ୍କ ସମଲେଇ ଭଜନରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏହା ପରେ ଅଞ୍ଚଳର ଲୁଡୁରପଙ୍କ, ମେଣ୍ଡିଲିପାଲି, ଖଇରମାଲ, ଗୌଡଗାଡ, କଷଣ୍ଡା ଆଦି ଗ୍ରାମରୁ ଆସିଥିବା ନୃତ୍ୟଦଳ ସମ୍ବଲପୁରୀ, ଡାଲଖାଇ ଆଦି ନୃତ୍ୟ ପରିବେଷଣ କରିଥିଲେ। ଧନୁ ଭରାସାଗର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହା ଦେଖିବାକୁ ଅଞ୍ଚଳର ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।



ଭେଟ୍‌ଘାଟ୍‌ରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଜଗନ୍ନାଥ ଦାସ ଜୟନ୍ତୀ, ଭାଗବତ କଥାମୃତ ଆଲୋଚନାଚକ୍ର

**ରାଉରକେଲା,୧।୯(ବିପ୍ଳବ ରଞ୍ଜନ ଦାଶ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲାର କେଶବ ନଗରସ୍ଥିତ ସେକ୍ଟର-୬ ଭକ୍ତି ଜ୍ଞାନ ବୈରାଗ୍ୟ ଶାଖା ଆନୁକୂଲ୍ୟରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଓ ଭାଗବତ କଥାମୃତ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁଷ୍ପଲତା ସାହୁଙ୍କ ଆବାହକତ୍ୱ ଓ ଲଳିତା ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଜୟିନୀ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଗବତ କଥାମୃତ ସମ୍ପର୍କରେ ଆଲୋଚନା କରିଥିଲେ। ଭାଗବତକୁ ଓଡ଼ିଆ ଭାଷା ସାହିତ୍ୟର ବିଭବ ବୋଲି ମତ ରଖିବା ସହ ପାରିବାରିକ, ସାମାଜିକ, ଗୋଷ୍ଠୀଗତ ଜୀବନକୁ କିପରି ଉନ୍ନତ କରିଥିଲା ସେ ସମ୍ପର୍କରେ ମୁଖ୍ୟବକ୍ତା ଆଲୋଚନା କରିଥିଲେ। ପ୍ରାରମ୍ଭରେ ପ୍ରମିଳା ଖଣ୍ଡେଇ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଜୟଲକ୍ଷ୍ମୀ ମହାରଣା, ଲିଲି ବେହେରା, ଅଞ୍ଜଳି ନାଥ, କୈଳାଶୀ ସାହୁ, ପଦ୍ମାବତୀ ସାହୁ, ମାମିତା ନାହାକ, ସୁଜାତା ସେଠୀ, ପଙ୍କଜିନୀ ସେଠ୍ ପ୍ରମୁଖ ସହଯୋଗ କରିଥିଲେ। ନୟନାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ଅଫିସ୍ ଘେରିଲା ଭାଜପା

## ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ପ୍ରତି ଅଶାଳୀନ ମନ୍ତବ୍ୟର ପ୍ରତିବାଦ


ଭାଜପା କର୍ମୀମାନେ କଂଗ୍ରେସ ଅଫିସ ଘେରାଉ କରିଛନ୍ତି।


କଂଗ୍ରେସ କର୍ମୀମାନେ ଲଡୁ ଓ ପାଣି ବୋତଲ ଦେଉଛନ୍ତି।

**ରାଉରକେଲା,୧।୯(ବିପ୍ଳବ ରଞ୍ଜନ ଦାଶ)**

- କଂଗ୍ରେସ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ
- ଆନ୍ଦୋଳନକାରୀଙ୍କୁ ଲଡୁ ଓ ପାଣି ବାଣ୍ଟିଲେ କଂଗ୍ରେସ କର୍ମୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ମା'ଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ବିରୋଧ କରି ସୋମବାର ରାଉରକେଲା ଭାଜପା ପକ୍ଷରୁ ସେକ୍ଟର-୨୧ସ୍ଥିତ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା କର୍ମୀମାନେ କଂଗ୍ରେସ ବିରୋଧରେ ନାରାବାଜି କରିଥିଲାବେଳେ କଂଗ୍ରେସ କର୍ମୀମାନେ ସେମାନଙ୍କୁ ପାଣି ବୋତଲ ଓ ଲଡୁ ବାଣ୍ଟିଥିଲେ।

ସୂଚନା ଅନୁସାରେ, ବିହାର ଦରଭଙ୍ଗାରେ ଆୟୋଜିତ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ମା'ଙ୍କ ପ୍ରତି କଂଗ୍ରେସ କର୍ମୀଙ୍କ ଅଶାଳୀନ ମନ୍ତବ୍ୟକୁ ବିରୋଧ କରି ରାଉରକେଲା ଭାଜପା ମହିଳା, ଅଳ୍ପସଂଖ୍ୟକ, ଦଳିତ ଏବଂ ଆଦିବାସୀ ମୋର୍ଚ୍ଚା ପକ୍ଷରୁ ସୋମବାର ପ୍ରତିବାଦ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭାଜପା ନେତା ଓ କର୍ମୀମାନେ ସେକ୍ଟର-୨୧ ମୁଖ୍ୟ ରାସ୍ତାରୁ ଏକ ଶୋଭାଯାତ୍ରାରେ କଂଗ୍ରେସ ଅଫିସ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ନେତ୍ରୀ ପ୍ରମିଳା ଦାସ ଓ ଲତିକା ପଟ୍ଟନାୟକ କହିଥିଲେ, କଂଗ୍ରେସ ଦୀର୍ଘବର୍ଷ ହେଲା କ୍ଷମତାରୁ ଦୂରେଇ ଯାଇଥିବା ଯୋଗୁ ମାନସିକ ସ୍ତରରେ ଅକ୍ଷମ ହୋଇଗଲାଣି। ରାହୁଲ ଗାନ୍ଧୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିକଶିତ ହେଉଥିବା କାର୍ଯ୍ୟଧାରାକୁ ସହି ପାରୁନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରତି କଂଗ୍ରେସ କର୍ମୀଙ୍କ ଏଭଳି ଅଶାଳୀନ ମନ୍ତବ୍ୟକୁ ନେଇ ସେ ପ୍ରତିକ୍ରିୟା ଦେଇ ନ ଥିବାରୁ ରାହୁଲ ଗାନ୍ଧୀ ଓ ତେଜସ୍ୱୀ ଯାଦବଙ୍କ ଇଙ୍ଗିତରେ ଏହା ଘଟିଛି ବୋଲି ଉଭୟ ନେତ୍ରୀ ଅଭିଯୋଗ କରିଥିଲେ। ପରେ ଭାଜପା କର୍ମୀମାନେ କଂଗ୍ରେସ ଅଫିସ ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ରଘୁନାଥପଲ୍ଲୀ ଭାଜପା ପ୍ରଭାରୀ ଦିଲ୍ଲୀପ ଦାସ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ ସଭାପତି ଅଙ୍କୁଶ ବର୍ମା, ପ୍ରକାଶ ପାଶ୍ୱାନ, ରିତ ନାୟକ, ଅଭିଳାଷ ପ୍ରଧାନ, ପ୍ରତାପ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପଟେ କଂଗ୍ରେସ କର୍ମୀମାନେ ଏହି ଘେରାଉକୁ ହାସ୍ୟାସ୍ପଦ ବୋଲି ଦର୍ଶାଇଥିଲେ। ସେମାନେ ପାଲଟା ଭାଜପା ବିରୋଧରେ ନାରାବାଜି କରିବା ସହ ଭାଜପା କର୍ମୀମାନଙ୍କୁ ପାଣି ବୋତଲ ଓ ଲଡୁ ବାଣ୍ଟିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ କହିଛନ୍ତି, ରାହୁଲ ଗାନ୍ଧୀ ଦେଶବାସୀଙ୍କ ଆଗରେ ପ୍ରାମାଣିକ ଦସ୍ତାବିଜ ସହିତ ନରେନ୍ଦ୍ର ମୋଦୀଙ୍କ ଅସଲ ମୁଖା ଖୋଲିଛନ୍ତି। ଯଦି ଭାଜପା ଭୋଟ୍ ଚୋରିନାହିଁ ତେବେ ସ୍ପଷ୍ଟୀକରଣ ଦେବା ବଦଳରେ କଂଗ୍ରେସ କାର୍ଯ୍ୟାଳୟ ଘେରାଉ କରିବା ନିନ୍ଦନୀୟ ବୋଲି ଦାସ କହିଥିଲେ। ସେହିପରି କଂଗ୍ରେସ ନେତା ବିରେନ୍ଦ୍ର ନାଥ ପଟ୍ଟନାୟକ କହିଥିଲେ, ଭାଜପା ଔଷଧ ବିକଳରେ ତାଟିଆ କାମୁଡୁଛି। ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଯେତେବେଳେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଅସଲ ମୁଖା ପଦାରେ ପକାଇ ଭୋଟ୍ ଚୋରି ଅଭିଯୋଗ ଆଣିଲେ, ତାକୁ ଯଦି ଭାଜପା ତଥ୍ୟ ସହିତ ପ୍ରକାଶ କରିଥାନ୍ତା ତେବେ ଭାଜପାକୁ ବାହାବା ମିଳିଥାନ୍ତା। ମାତ୍ର ତାହା ନ କରି ଏହି ମାମଲାକୁ ଦବେଇ ଦେବା ପାଇଁ କଂଗ୍ରେସ ଅଫିସ ଘେରାଉ କରିବା ଭାଜପାର କୁଚକ୍ରାନ୍ତ ବୋଲି ପଟ୍ଟନାୟକ କହିଥିଲେ।

# ସୁଦାମ ସଭାପତି, ଅକ୍ଷୟ ସାଧାରଣ ସମ୍ପାଦକ

## ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାର ନୂତନ କର୍ମକର୍ତ୍ତା

**ରାଉରକେଲା,୧।୯(ଦିନେଶ ମିଶ୍ର):** ଛେଣ୍ଡସ୍ଥିତ ଧାମରା ସଂଘ ସଭାଗୃହରେ ସୋମବାର ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାର ଏକ ସାଧାରଣ ବୈଠକ ସଭାପତି ସୁଦାମ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ବାଚନ ଅଧିକାରୀ ଗିରିଜା ଶଙ୍କର ଦ୍ୱିବେଦୀ, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରାଜ୍ୟ ଉପସଭାପତି ପଦ୍ମନାଭ ସାମଲ ଯୋଗଦେଇ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଭାବେ ଆଇନଜୀବୀ ସୁଦାମ ଚନ୍ଦ୍ର ଦାଶ, ଉପସଭାପତି ଭାବେ ଚିତ୍ତରଞ୍ଜନ ଦାଶ, ଅନୀଲ କୁମାର ଦାଶ, ଡକ୍ଟର କିଶୋରୀ ଦାଶ, ନବଘନ ପାଣି, ତପସ୍ୱିନୀ ବହିଦାରଙ୍କୁ ଚୟନ କରାଯାଇଥିଲା। ସେହିଭଳି ସାଧାରଣ ସମ୍ପାଦକ ଭାବେ ଅକ୍ଷୟ କୁମାର ଦାସ ଓ ସହ ସଧାରଣ ସମ୍ପାଦକ ଭାବେ ବିଜୟ କୁମାର ବରାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କୋଷାଧ୍ୟକ୍ଷ ଭାବେ ଭଗବାନ ମହାପାତ୍ର, ସମ୍ପାଦକ ରାଜକିଶୋର ମିଶ୍ର, ହରିହର ଶତପଥୀ, ବିଜୟ କୁମାର ସାହୁ, ନିରଞ୍ଜନ ସାମଲଙ୍କୁ ଚୟନ କରାଯାଇଥିଲା। ସେହିପରି ୨୧ଜଣଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ଦାୟିତ୍ୱ ଦିଆଯାଇଥିଲା। ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ନିଶିକାନ୍ତ ମିଶ୍ର ଓ ରାଜଗାଙ୍ଗପୁର ଶାଖା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ସହଯୋଗ କରିଥିଲେ। ଉପସଭାପତି ଅନୀଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପିର ବିଓଏଫ୍ ସ୍ଲାଗ୍ ନିଷ୍କାସନ ୧ଲକ୍ଷ ଟନ୍ ଟପିଲା

**ରାଉରକେଲା,୧।୯(ବିପ୍ଳବ ରଞ୍ଜନ ଦାଶ)** ଆର୍‌ଏସ୍‌ପିର ସାମଗ୍ରୀ ପୁନରୁଦ୍ଧାର ବିଭାଗ (ଏମ୍‌ଆର୍‌ଡି) ଅଗଷ୍ଟ ମାସରେ ୧ଲକ୍ଷ ଟନ୍ ବିଓଏଫ୍ ସ୍ଲାଗ୍ ନିଷ୍କାସନ ସହକାରେ ଏକ ପ୍ରମୁଖ ମାଇଲଖୁଣ୍ଟ ଅତିକ୍ରମ କରିଛି। ଅଗଷ୍ଟ ୨୮ତାରିଖରେ ଏମ୍‌ଆର୍‌ଡି ବିଭାଗ ରେକର୍ଡ ୨୦୧ ଟ୍ରିପ୍ ସହିତ ୫୬୨୦ଟନ୍ ଓଜନର ସର୍ବାଧିକ ଏକ ଦିବସୀୟ ସ୍ଲାଗ୍ ନିଷ୍କାସନ ହାସଲ ପୂର୍ବକ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲା। ଏଥିସହ ବିଭାଗ ଗତ ଅଗଷ୍ଟ ୨୩ତାରିଖରେ ହାସଲ କରିଥିବା ପୂର୍ବଶ୍ରେଷ୍ଠ ୧୯୬ ଟ୍ରିପ୍ ଓ ୫୪୭୩ ଟନ୍ ଓଜନର ସର୍ବାଧିକ ଏକ ଦିବସୀୟ ସ୍ଲାଗ୍ ନିଷ୍କାସନ ରେକର୍ଡକୁ ଅତିକ୍ରମ କରିଛି। ଏହି ସଫଳତା କେବଳ ଉଲ୍ଲେଖନୀୟ ଦକ୍ଷତାକୁ ପ୍ରତିଫଳିତ କରୁନାହିଁ ବରଂ ଗତ ସପ୍ତାହ ଗୁଡିକରେ ରେକର୍ଡ ପ୍ରଦର୍ଶନର ଏକ ଶୃଙ୍ଖଳ ସହ ଏହାର ବର୍ଦ୍ଧିତ ସ୍ଥିରତାକୁ ମଧ୍ୟ ପ୍ରଦର୍ଶିତ କରୁଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ମାସରେ ଏମ୍‌ଆର୍‌ଡି ବିଭାଗ ୩ଟି ଏକ ଦିବସୀୟ ସ୍ଲାଗ୍ ନିଷ୍କାସନ ରେକର୍ଡ ହାସଲ କରିଥିଲା ଏବଂ ଏହାର କାର୍ଯ୍ୟ ନିପୁଣତା ଓ ସଫଳ ଧାରାକୁ ପ୍ରଦର୍ଶିତ କରିଥିଲା। ଏମ୍‌ଆର୍‌ଡି ଟିମ୍‌ର ସାମୂହିକ ସମର୍ପିତ ପ୍ରୟାସ ଏବଂ ସହଯୋଗୀ ବିଭାଗ ମାର୍କେଟିଂ, ମାନବ ସମ୍ବଳ, ବିଦ୍ୟୁତ୍ ବଣ୍ଟନ, ଇ ଏଣ୍ଡ ଏ, ପିପି ଏଣ୍ଡ ସି, ସିଭିଲ ଇଞ୍ଜିନିୟରିଂ ସେବା ବିଭାଗ, ସିଆଇଏସ୍‌ଏଫ୍ ଏବଂ ଅନ୍ୟାନ୍ୟ ସେବା ୟୁନିଟ୍ ଗୁଡିକର ନିରନ୍ତର ସମର୍ଥନ ଦ୍ୱାରା ଏହି ସଫଳତା ସମ୍ଭବ ହୋଇପାରିଛି। ଶୀର୍ଷ ପ୍ରବନ୍ଧନ ଦ୍ୱାରା ପ୍ରଦାନ କରାଯାଇଥିବା ନିରନ୍ତର ପ୍ରୋତ୍ସାହନ ଏବଂ ରଣନୈତିକ ଦିଗ୍‌ଦର୍ଶନ ଏହି ସଫଳତା ହାସଲରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଉଲ୍ଲେଖନୀୟ, ବିଓଏଫ୍ ସ୍ଲାଗ୍ ଭଳି ଉପ-ଉତ୍ପାଦ ଗୁଡିକୁ ଦକ୍ଷତାର ସହିତ ପରିଚାଳନା କରି ଏମ୍‌ଆର୍‌ଡି ବିଭାଗ ଆର୍‌ଏସ୍‌ପିର ସ୍ଥାୟିତ୍ୱ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଏହି ପ୍ରଭାବଶାଳୀ ନିଷ୍କାସନ ପ୍ରକ୍ରିୟା କେବଳ ପରିବେଶଗତ ଭାରକୁ ହ୍ରାସ କରେ ନାହିଁ ବରଂ କାରଖାନା ପାଇଁ ମୂଲ୍ୟବାନ ରାଜସ୍ୱ ମଧ୍ୟ ସୃଷ୍ଟି କରେ। ଅଧିକନ୍ତୁ ଏହା ସମ୍ବଳ ସର୍ବାଧିକରଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବା ସହିତ କାରଖାନାର ସବୁଜ ଇସ୍ପାତ ନିର୍ମାଣ ଲକ୍ଷ୍ୟ ସହ ସମତା ବଜାୟ ରଖିଛି।


ଆର୍‌ଏସ୍‌ପିରେ ସ୍ଲାଗ୍ ନିଷ୍କାସନ କରାଯାଉଛି।



ସେଲ୍‌କୁ ପୁରସ୍କୃତ କରାଯାଉଛି।

# ସେଲ୍‌କୁ ସ୍କୋପ୍ ଏମିନେନ୍ସ ପୁରସ୍କାର

**ରାଉରକେଲା,୧।୯(ବିପ୍ଳବ ରଞ୍ଜନ ଦାଶ)**

ଅନୁସନ୍ଧାନ ଓ ବିକାଶ, ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ନବସୃଜନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେଲ୍‌କୁ ୨୦୨୨-୨୩ ବର୍ଷ ପାଇଁ ପ୍ରତିଷ୍ଠିତ ସ୍କୋପ୍ ଏମିନେନ୍ସ ପୁରସ୍କାର ପ୍ରଦାନ କରାଯାଇଛି। ଏ ନେଇ ଗତ ଶୁକ୍ରବାର ନୂଆଦିଲ୍ଲୀରେ ସ୍କୋପ୍ ପକ୍ଷରୁ ଆୟୋଜିତ ଏକ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ସ୍ୱଦେଶୀ ଗବେଷଣା ପ୍ରକ୍ରିୟାରେ ନବସୃଜନ ଗ୍ରହଣ ଏବଂ ପ୍ରଯୁକ୍ତିବିଦ୍ୟାରେ ନିରନ୍ତର ଉନ୍ନତି ପ୍ରତି ସେଲ୍‌ର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେଲ୍ ପକ୍ଷରୁ ବୈଷୟିକ, ପ୍ରକଳ୍ପ ଏବଂ କଞ୍ଚାମାଲ ବିଭାଗର ନିର୍ଦ୍ଦେଶକ ମନୀଷ ରାଜ ଗୁପ୍ତା ଏହି ପୁରସ୍କାର ଗ୍ରହଣ କରିଥିଲେ। ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ସହିତ ସେଲ୍ ସମଗ୍ର ଇସ୍ପାତ ମୂଲ୍ୟ ଶୃଙ୍ଖଳରେ ନବସୃଜନକୁ ପ୍ରୋତ୍ସାହିତ କରୁଛି ଏବଂ ଆମଦାନୀ ଉପରେ ଦେଶର ନିର୍ଭରଶୀଳତା ହ୍ରାସ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ପାଇଁ ଅତ୍ୟାଧୁନିକ ଇସ୍ପାତ ଗ୍ରେଡ୍ ଏବଂ ପ୍ରଯୁକ୍ତିବିଦ୍ୟାର ସ୍ୱଦେଶୀ ବିକାଶ ଉପରେ ଧ୍ୟାନ ଦେଉଛି। କମ୍ପାନୀ ରେଳବାଇ, ପ୍ରତିରକ୍ଷା ଓ ଭିତିଭୂମି ଭଳି ରଣନୈତିକ କ୍ଷେତ୍ର, ଜାତୀୟ ଗୁରୁତ୍ୱବହନ କରୁଥିବା ପ୍ରକଳ୍ପ ଏବଂ ଶିଳ୍ପ ବିକାଶକୁ ସକ୍ଷମ କରିବା ଭଳି ରଣନୈତିକ କ୍ଷେତ୍ରଗୁଡ଼ିକୁ ଉଚ୍ଚମାନର ଇସ୍ପାତ ପ୍ରଦାନ କରି ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। କମ୍ପାନୀ ଏହାର କାର୍ଯ୍ୟକୁ ଆହୁରି ଉନ୍ନତ କରିବା ପାଇଁ ଏହାର ପ୍ରକ୍ରିୟା ଗୁଡିକର ଆଇଆଇଓଟି-ଆଧାରିତ ଅବସ୍ଥା ମନିଟରିଂ ସିଷ୍ଟମ ଏବଂ କଏଲ ୟାର୍ଡ ପରିଚାଳନା ସିଷ୍ଟମ ଭଳି ପରବର୍ତ୍ତୀ ପିଢିର ସମାଧାନ ଗ୍ରହଣ କରିଛି। ଏହାବ୍ୟତୀତ ସେଲ୍ ବର୍ଜ୍ୟ ପୁନଃବ୍ୟବହାର, ବୃତ୍ତାକାର ଅର୍ଥନୀତି ଏବଂ ନବୀକରଣୀୟ ଶକ୍ତିର ସମନ୍ୱୟ ମାଧ୍ୟମରେ ସ୍ଥାୟୀତ୍ୱ ଉପରେ ମଧ୍ୟ ଗୁରୁତ୍ୱ ଦେଉଛି। ଏ ନେଇ ସେଲ୍ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ କହିଛନ୍ତି, ଏହି ପୁରସ୍କାର ଆମର ଗବେଷଣା ଓ ବିକାଶ ଦଳ ଦ୍ୱାରା ଉତ୍କର୍ଷତାର ନିରନ୍ତର ଅନୁସରଣ ଏବଂ ସେଲ୍‌ରେ ନବସୃଜନ ଓ କାର୍ଯ୍ୟ ମଧ୍ୟରେ ଗଭୀର ସମନ୍ୱୟକୁ ପ୍ରତିଫଳିତ କରୁଛି। ଏହା ଭବିଷ୍ୟତ ପାଇଁ ପ୍ରସ୍ତୁତ ଇସ୍ପାତ ଶିଳ୍ପ ବିକଶିତ କରିବା ପାଇଁ ଆମ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି ଯାହା ଭାରତର ଆବଶ୍ୟକତା ପୂରଣ କରିବ ଓ ବିଶ୍ୱ ବଜାରରେ ପ୍ରତିଯୋଗିତା କରିପାରିବ ବୋଲି ସେ ମତ ଦେଇଛନ୍ତି।

# ଯୁବକଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

**ରାଉରକେଲା,୧।୯(ଦିନେଶ ମିଶ୍ର)**

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଗତ ୨ଦିନ ତଳେ ଗଣେଶ ପୂଜା ଭସାଣି ସମୟରେ ଜଣେ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ ଘଟଣାରେ ପୋଲିସ ୪ ଜଣଙ୍କୁ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟିମ୍ବର କଲୋନିର କର୍ମବୀର ମଲ୍ଲିକ ଓରଫ ବାପୁନା(୩୨), ଜନତାନିବାସ ଗଳିର ଦିବାକର ସାହୁ(୩୫), ରାଜବୀର ରାମ(୨୩) ଓ ବିଶ୍ରାଡାହାର ରୋଡ୍‌ର ରାଜେଶ ଝା(୨୯)। ଏ ନେଇ ପୋଲିସ ଏକ ମାମଲା (ନଂ.୬୮୮/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ଶନିବାର ଉକ୍ତ ବସ୍ତିରେ ଗଣେଶ ମୂର୍ତ୍ତି ଭସାଣି ସମୟରେ ଗୋପବନ୍ଧୁପାଲ୍ଲୀ ଫାଣ୍ଡି ଅନ୍ତର୍ଗତ ବିହାରୀପଡା ପଟନା ଖଟାଲବସ୍ତିର ଶୁଭମ ଯାଦବଙ୍କୁ କିଛି ଯୁବକ ଗାଳିଗୁଲଜ କରିଥିଲେ। ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପୋଲିସ ଗୁରୁତର ଶୁଭମଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ପ୍ରଥମେ ଆରଜିଏଚ୍ ଓ ପରେ ଜେପିରେ ଭର୍ତ୍ତି କରିଥିଲା। ସେଠାରେ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

# ୨ ମାଓବାଦୀ ଗିରଫ, ସାମଗ୍ରୀ ଜବତ


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

**ରାଉଲକେଲା,୧।୯(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଦମନରେ ଝାଡ଼ଖଣ୍ଡ ପୋଲିସକୁ ବଡ ସଫଳତା ମିଳିଛି। କୋମ୍ବିଂ ଅପରେଶନ ବେଳେ ୨ ପ୍ରମୁଖ ମାଓବାଦୀ ନେତାଙ୍କୁ ଗିରଫ କରାଯାଇଛି। ଏ ନେଇ ରବିବାର ଅପରାହ୍ନ ୧ଟାରେ ଝାଡ଼ଖଣ୍ଡ ଏସ୍‌ପି ରାଜେଶ ରଞ୍ଜନ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫଙ୍କ ମଧ୍ୟରେ ଅଛନ୍ତି ସନ୍ଦୀପ ଓରଫ ହିଡିମା ପଦାୟମ ଏବଂ ପ୍ରତିବନ୍ଧିତ ସିପିଆଇ (ମାଓବାଦୀ) ସଙ୍ଗଠନର ଜଣେ ସବ୍ ଜୋନାଲ କମିଟି ସଦସ୍ୟ ଶିବ ବୋଦ୍ରା। ସେମାନଙ୍କଠାରୁ ବିସ୍ଫୋରକ, ଜୀବନ୍ତ ଗୁଳି, ଲିଫ୍‌ଲେଟ, ୱାକି-ଟକି ସେଟ୍ ଏବଂ ଅପରାଧମୂଳକ ସାମଗ୍ରୀ ଜବତ ହୋଇଛି।

# ସକାରାତ୍ମକ ଭାବ ରହିଲେ ମହିଳାଙ୍କ ଭିତରେ ପରିବର୍ତ୍ତନ ଆସିବ

**ରାଉରକେଲା,୧।୯(ଦିନେଶ ମିଶ୍ର)**

## ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର

ରାଉରକେଲା ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପାଠାଗାର ସଭାପତି ପ୍ରସନ୍ନ କୁମାର ସାବତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ପ୍ରାଧ୍ୟାପିକା ଡକ୍ଟର ମୀନତି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଉନ୍ନତି ହୋଇଛି। ପ୍ରତ୍ୟେକ ମହିଳା ଯଦି ସକାରାତ୍ମକ ଭାବ ନେଇ କାମ କରିବେ ତେବେ ସେମାନଙ୍କ ଭିତରେ ନିଶ୍ଚିତ ପରିବର୍ତ୍ତନ ଆସିବ ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗବେଷିକା ଡକ୍ଟର ଅନ୍ତର୍ଜିତା ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ 'ନାରୀ ସୁରକ୍ଷା ଓ ଆମ ସାମାଜିକ ବ୍ୟବସ୍ଥା' ଶୀର୍ଷକ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ ଅଧ୍ୟାପିକା ମହାଶ୍ୱେତା ସାହୁ 'ଚଣ୍ଡାଶୋକ' ଶୀର୍ଷକ ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟରେ ରାଉରକେଲାର କବୟିତ୍ରୀ କବିମାନଙ୍କୁ ନେଇ ଏକ କବିତା ପାଠୋତ୍ସବ ହୋଇଥିଲା। କବି ସତ୍ୟନାରାୟଣ ଦାଶ ଓ କବି ଉପେନ୍ଦ୍ର କୁମାର ବସ୍ତିଆଙ୍କ ଏହାକୁ ସଂଯୋଜନା କରିଥିଲେ। ପ୍ରିୟା ପାତ୍ର, ସଂଗ୍ରାମ ପ୍ରିୟ ତନ୍ତୀ, ରବୀନ୍ଦ୍ର ଠାକୁର, ଶରତ ସ୍ୱାଇଁ, ହରିହର ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦିକା କବିତା ଦାସ କାର୍ଯ୍ୟକ୍ରମ ସଂଯୋଜନା ଏବଂ ସୁବାସିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ପାଠୋତ୍ସବରେ ଉପସ୍ଥିତ କବୟିତ୍ରୀ ଓ କବି।

# ଡିୱାଇଏଫ୍‌ଆଇର ୧୩ତମ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

**ରାଉରକେଲା,୧।୯(ସଙ୍ଗୀତା ଜେନା)**


ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଦଳୀୟ କାର୍ଯ୍ୟକର୍ତ୍ତା।

ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ) ଓଡ଼ିଶା ରାଜ୍ୟ କମିଟିର ୧୩ତମ ଦୁଇଦିନିଆ ସମ୍ମିଳନୀ ଆଦର୍ଶ ପାଠାଗାରରେ ରବିବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ଯୁବ ନେତୃତ୍ୱ ଯୋଗ ଦେଇଥିଲେ। ସଙ୍ଗଠନର ପ୍ରାକ୍ତନ ରାଜ୍ୟ ସଭାପତି ଯୁଧିଷ୍ଠିର ବେହେରା କହିଥିଲେ, ଉଭୟ କେନ୍ଦ୍ର ଓ ରାଜ୍ୟର ଭାଜପା ସରକାର ନିର୍ବାଚନ ସମୟରେ ଦେଶର ଯୁବ ସମାଜକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ସମ୍ପୂର୍ଣ୍ଣ ପ୍ରତାରଣା ହୋଇଛି। ପ୍ରତିବର୍ଷ ଦୁଇ କୋଟି ବେକାରଙ୍କୁ ନିଯୁକ୍ତି ଦେବାକୁ ଭାଜପା ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ତାହା ଛଳନାପୂର୍ଣ ଥିଲା ବୋଲି ବର୍ତ୍ତମାନ ପ୍ରମାଣିତ ହୋଇଛି। ନିଯୁକ୍ତି ପ୍ରଦାନକାରୀ ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ସରକାର ପୁଞ୍ଜିପତିମାନଙ୍କ ହାତକୁ ଟେକିଦେଉଛନ୍ତି। ସେଲ୍, କୋଲ ଇଣ୍ଡିଆ, ରେଳବାଇ, ନାଲକୋ, ବିମାନ ବନ୍ଦର, ଭେଲ୍ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଶିକ୍ଷିତ ଯୁବତୀଯୁବକମାନଙ୍କୁ ଦୀର୍ଘଦିନ ଧରି ନୂତନ ନିଯୁକ୍ତି ମିଳୁନାହିଁ। ସୁନ୍ଦରଗଡ଼ ଜିଲା ଖଣି ଖାଦାନ, ଖଣିଜ ସମ୍ପଦ ଓ ଶିଳ୍ପାନୁଷ୍ଠାନରେ ଭରପୁର ହୋଇଥିଲା ବେଳେ ଅଞ୍ଚଳର ଆଦିବାସୀ ଶିକ୍ଷିତ ଯୁବତୀଯୁବକ କାମ କରିବା ପାଇଁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ଓଡ଼ିଶାରେ ବର୍ଷେ ହେବ ଡବଲ ଇଞ୍ଜିନ ସରକାର ଏକ ବିଫଳତାର ସରକାର ବୋଲି ପ୍ରମାଣିତ ହୋଇଛି। କେବଳ ପୂର୍ବ ସରକାରଙ୍କ କିଛି ଯୋଜନାକୁ ନୂଆ ନାମରେ ରଙ୍ଗ ଲଗାଇ ନିଜ ନାଁ ନେବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି ପ୍ରତାରଣା ବିରୋଧରେ ଏକ ବିଶାଳ ଯୁବ ଆନ୍ଦୋଳନ ପାଇଁ ବେହେରା ଆହ୍ୱାନ ଦେଇଛନ୍ତି। ରାଜ୍ୟ ସଭାପତି ସରୋଜ ନାୟକ, ଉପ ସଭାପତି ରାଜକିଶୋର ପ୍ରଧାନ ଓ ଅପର୍ଣ୍ଣା ନାଏକଙ୍କୁ ନେଇ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ଯୁଗ୍ମ ସମ୍ପାଦକ ଶେଖର ଶର୍ମା, ଅଜିତ ପାଣିଗ୍ରାହୀଙ୍କୁ ନେଇ ପରିଚାଳନା କମିଟି ସମ୍ମିଳନୀ ଗଠନ କରାଯାଇଥିଲା। ଶେଷରେ ସମ୍ମିଳନୀ ଆଗାମୀ ଦିନ ପାଇଁ ଏକ ୧୯ ଜଣିଆ ରାଜ୍ୟ କମିଟି ସର୍ବସମ୍ମତିକ୍ରମେ ମନୋନୀତ କରିଥିଲା। କମିଟିର ରାଜ୍ୟ ଆବାହକ ଭାବେ ସରୋଜ ନାୟକ ମନୋନୀତ ହୋଇଥିଲେ। ଅଭ୍ୟର୍ଥନା କମିଟି ପକ୍ଷରୁ କୋଷାଧ୍ୟକ୍ଷ ଚନ୍ଦ୍ରଭାନୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀମନ୍ତ ବେହେରା, ଅରୁ ଦାସ, ଅରୁଣ ମହାରଣା, ଅଜିତ ଏକ୍କା, ପ୍ରମୋଦ ପରିଡ଼ା, ଶକୁନ୍ତଳା ମହାକୁଡ଼, ଚିତ୍ତରଞ୍ଜନ ମହାନ୍ତି, ପ୍ରଦୀପ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦେବଗଡ଼ ଗଣେଶ ମେଳାର ଝଲକ...


ଦେବଗଡ଼ ଗଣେଶ ମେଳାରେ ହୋଇଥିବା ବିଦ୍ୟୁତ୍ ତୋରଣ।


ମେଳାରେ ପୂଜା ପାଉଥିବା ଶ୍ରୀଗଣେଶ।


ମେଳାର ମୁଖ୍ୟ ତୋରଣ।


ଶ୍ରୀଗଣେଶ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଭାଇଚାରାର ପ୍ରତୀକ ଦେବଗଡ଼ ଗଣେଶ ମେଳା

ଦେବଗଡ଼,୩୧।୮ (ଶଶାଙ୍କ ଶେଖର ଝାଙ୍କର)

କଳା ସଂସ୍କୃତିର ସହର ଦେବଗଡ଼ରେ ୧୯୪୯ ମସିହାରେ ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା ଆରମ୍ଭ ହୋଇଥିଲା। ସେହି ସମୟରେ ପୂଜାପାଇଁ ବ୍ୟବସାୟୀମାନେ ଏକାଠି ହୋଇଥିଲେ। ମାତ୍ର ଏକଶହ ଛବିଶ ଟଙ୍କା ଆଦାୟ ହୋଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ବର୍ତ୍ତମାନ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ପୂଜା ଆୟୋଜନ ହେଉଛି। ଆଜି ସେହି ଛୋଟ ଧରଣର ଗଣେଶ ପୂଜା ଭାଇଚାରାର ପ୍ରତୀକ ତଥା ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମଗ୍ର ଓଡ଼ିଶାରେ ଏହା ସାର୍ବଜନୀନ ରୂପ ପାଇ ଏକ ମେଳାରେ ପରିଣତ ହୋଇପାରିଛି। ଦେବଗଡ଼ର ଗଣେଶ ମେଳା ଏକ ଗଣପର୍ବ କହିଲେ କିଛି ଭୁଲ୍ ହେବ ନାହିଁ। ସବୁଠାରୁ ଉଲ୍ଲେଖନୀୟ ବିଷୟ, ଗ୍ରାମାଞ୍ଚଳରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ମାଗଣାରେ ଆନନ୍ଦ ବଜାରରେ ଅନ୍ନଭୋଜନ ବ୍ୟବସ୍ଥା କରାଯାଇଛି। ଏହା ସହ ଅପେରା ଦେଖିବାର ସୁବିଧା କରାଯାଇଛି। ସମସ୍ତଙ୍କ ମନୋରଞ୍ଜନର ସୁବିଧା ପାଇଁ ମେଲୋଡି, ଭଜନ ସନ୍ଧ୍ୟା, ମୀନାବଜାର ବ୍ୟବସ୍ଥା କରାଯାଇଛି। ସାଂସ୍କୃତିକ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ସାରଗର୍ଭକ ଉଦ୍‌ବୋଧନ ଦେଇଥାନ୍ତି। ବିସର୍ଜନ ଭସାଣୀ ଉତ୍ସବକୁ ବିଶେଷ ଆକର୍ଷଣ କରାଯାଇଥାଏ। ବର୍ତ୍ତମାନ ଏହି ମେଳାରେ ଭାରତର ବିଭିନ୍ନ ଅଞ୍ଚଳରୁ ମୀନାବଜାର, ବିଭିନ୍ନ ଦୋଳି ଏବଂ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ବ୍ୟବସାୟୀ ଆସୁଥିବାରୁ ଲୋକଙ୍କ ଗହଳି ବଢୁଛି। ସମସ୍ତେ ଆସି ନିଜର ବ୍ୟବହାରିକ ପଦାର୍ଥ କିଣୁଛନ୍ତି। ସେହିପରି ଏହି ମେଳା ଦେଖିବା ପାଇଁ ସବୁ ସମ୍ପ୍ରଦାୟର ଲୋକେ ଆସିଥାନ୍ତି। ଏପରିକି ଗଣେଶ ପୂଜା ଏବଂ ନୂଆଁଖାଇ ପାଖାପାଖି ପଡୁଥିବାରୁ ଏହି ପୂଜାର ଆକର୍ଷଣ ଦ୍ୱିଗୁଣିତ ହୋଇଥାଏ। ମେଳା ଅବସରରେ ଶ୍ରୀଗଣେଶଙ୍କ ଉପରେ ସ୍ମରଣିକା ଉନ୍ମୋଚନ ହେଉଛି। ସେହିପରି ପୂଜା ଅବ୍ୟବହିତ ପୂର୍ବରୁ ଆୟୋଜିତ ହୋଇଥିବା କଳସ ଶୋଭାଯାତ୍ରାରେ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥାନ୍ତି। ମେଳା ସମୟରେ ସମସ୍ତେ ଏକ ହୋଇ ସଫଳତା ପାଇଁ ଲାଗି ପଡ଼ନ୍ତି।

### ଗଣେଶ ମେଳା କମିଟି ସଭାପତି କୁହନ୍ତି...



ପୂଜା ଆୟୋଜନ ପାଇଁ ୨୮ଦିନ ସମୟ ଥିଲା। ମୂର୍ତ୍ତି କାରିଗର, ଟେଣ୍ଟ, ଅପେରା, ସାଜସଜ୍ଜା ପାଇଁ ବହୁତ ହଇରାଣ ହେବାକୁ ପଡ଼ିଥିଲା। କାରଣ ପ୍ରାୟ ସମସ୍ତେ ଆଗରୁ ବୁକ ହୋଇଯାଇଥିଲେ। ହେଲେବି, ଆମର ସାର୍ବଜନୀନ ଗଣେଶ ମେଳା ଓ ପୂଜା ଯେମିତି ଭଲ ହେବ, ସେଥିପାଇଁ ଆମ କମିଟିର ସଦସ୍ୟମାନେ ପୁରା ରାତିଦିନ ଏକ କରିଦେଇଥିଲେ। ଭଗବାନ ଗଣେଶଙ୍କ ଆଶୀର୍ବାଦରୁ ସବୁ ସମାଧାନର ବାଟ ବାହାରିଯାଇଥିଲା। ଏବେ ପୂଜା ଚାଲିଛି। ଶ୍ରଦ୍ଧାଳୁ, ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ, ମନୋରଞ୍ଜନ ପାଇଁ ଭଜନ, ମେଲଡ଼ି, ଟିକେଟ ଶୋ' ଅପେରା, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କ୍ଷୀରି ଭୋଗ ବ୍ୟବସ୍ଥା ଆଦି ଅନେକ କାର୍ଯ୍ୟକ୍ରମ ରହିଛି। ବିଶେଷ ଆକର୍ଷଣ ରହିଛି ବିସର୍ଜନ ଭସାଣୀ। ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ଜିଲା ତଥା ବାହାର ଅଞ୍ଚଳର ଶ୍ରଦ୍ଧାଳୁ ତଥା ଭକ୍ତମାନଙ୍କୁ ପୂଜା ଦେଖିବା ଓ ମେଳାକୁ ଉପଭୋଗ କରିବାକୁ ଆସନ୍ତୁ।

**– ରାଜକିଶୋର ଦାଶ (ମିଲକୁ ଭାଇ)**
**ସଭାପତି, ସାର୍ବଜନୀନ ଗଣେଶ ମେଳା କମିଟି, ଦେବଗଡ଼**


ମେଳା ଦେଖିବାକୁ ଲୋକଙ୍କ ଗହଳି।


ପୂଜାପାଇଁ କଳସ ଶୋଭାଯାତ୍ରା ।



ପୂଜାମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିମାନେ।

## ବାଲାଜୀ ଗ୍ରୀନ୍ସରେ ନୂଆଁଖାଇ ଭେଟ୍‌ଘାଟ୍


ନୂଆଁଖାଇ ଭେଟ୍‌ରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

ସମ୍ବଲପୁର,୧।୯(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲିସ୍ଥିତ ବାଲାଜୀ ଗ୍ରୀନ୍ସରେ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି। ବାଲାଜୀ ଗ୍ରୀନ୍ସ ପରିସରରେ ରବିବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ଏଠାରେ ରହୁଥିବା ସମସ୍ତ ପରିବାର ଭାଗ ନେଇଥିଲେ। ବାଲାଜୀ ଗ୍ରିନ୍ସ କଲୋନୀର ବିଶିଷ୍ଟ ସଙ୍ଗୀତକାର ଶଙ୍କର ପ୍ରଧାନ ଓ ସମାଜସେବୀ ଅନ୍ତର୍ଯ୍ୟାମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତେବାସୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ, କବିତା ଆବୃତ୍ତି ଆଦି ପରିବେଷଣ କରାଯାଇଥିଲା। ବହୁ ସଂଖ୍ୟାରେ କୁନି ପିଲାମାନେ ଭାଗନେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ କ୍ରିଷ୍ଣା ମହାନ୍ତିଙ୍କ ନେତୃତ୍ୱରେ ମହିଳା ଗୋଷ୍ଠୀ ପରିଚାଳନା କରିଥିଲେ। ସମସ୍ତଙ୍କୁ ସରସତିଆ ଆଦି ବିଭିନ୍ନ ପ୍ରକାର ସୁସ୍ୱାଦୁ ସମ୍ବଲପୁରୀ ବ୍ୟଞ୍ଜନ ପରଶା ଯାଇଥିଲା।

## ସ୍କୁଲ ପିଲା କରୁଛନ୍ତି ଡ୍ରେନ ସଫେଇ

କୁଚିଣ୍ଡା,୧।୯(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡି ସରକାରୀ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲାସ ଚାଲିଥିବା ସମୟରେ ପିଲାମାନେ ଡ୍ରେନ ସଫେଇ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଅଗଷ୍ଟ ୨୫ ପୂର୍ବାହ୍ନ ପ୍ରାୟ ସାଢେ ୧୧ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ସ୍କୁଲରେ ପାଠ ପଢା ଛାଡି କେତେକ ପିଲା ଡ୍ରେନ ସଫେଇ କରୁଥିଲେ। ହାତରେ କୋଡ଼ି କୋଦାଳ ଧରି ସ୍କୁଲ ସମ୍ମୁଖରେ ଥିବା ପରିତ୍ୟକ୍ତ ଡ୍ରେନକୁ ମହିଳା ପାଚିକାଙ୍କ ଉପସ୍ଥିତିରେ ସଫେଇ କରୁଥିଲେ। ହାଇସ୍କୁଲ ରାଜ୍ୟ ରାଜପଥ କଡ଼ରେ ଥିବାରୁ ଏହି ଦୃଶ୍ୟଟି ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଓ ଗ୍ରାମବାସୀଙ୍କ ଦୃଷ୍ଟିରେ ପଡ଼ିଥିଲା। ପିଲା ଡ୍ରେନ ସଫେଇ କରୁଥିବା ଦେଖି ସେମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏ ବାବଦରେ ପଚାରିଥିଲେ। ହେଲେ ପ୍ରଧାନ ଶିକ୍ଷୟିତ୍ରୀ ସେମାନଙ୍କ କଥାପ୍ରତି କର୍ଣ୍ଣପାତ କରି ନ ଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଅନୁସୟା ବେହେରାଙ୍କୁ ପଚାରିବାରେ ଏହା ତାଙ୍କ ଅଜ୍ଞାତରେ ହୋଇଥିବା କହିଥିଲେ। ଡ୍ରେନରେ ପାଣି ନିଷ୍କାସନ ସମସ୍ୟା ହେତୁ ପିଲାମାନେ ନିଜେ ନିଜେ ରିସେସ ସମୟରେ ସଫେଇ କରିଥିବା କହିଛନ୍ତି।

## ନୂତନ କମିଟି ଗଠିତ

ସମ୍ବଲପୁର,୧।୯ (ଭବାନୀ ଶଙ୍କର ଭୋଇ)

କାର୍ତ୍ତିକେଶ୍ୱର ମହୋତ୍ସବ ପାଇଁ ସମ୍ବଲପୁର ଜିଗଜାଗ କ୍ଲବ ପରିସରରେ ନୂତନ କମିଟି ଗଠନ କରାଯାଇଥିଲା । ମହେଶ୍ୱର ଷଣ୍ଢ ସଭାପତି, କାର୍ତ୍ତିକ କଲେତ, ଭଗବାନ ମୂର୍ଲି, ଅର୍ଜ୍ଜୁନ ସିଂ, ପ୍ରମୋଦ ଗର୍ତିଆ, ପବିତ୍ର ମିଶ୍ର ଉପସଭାପତି, କ୍ଷୀରୋଦ ସାହୁ କାର୍ଯ୍ୟକାରୀ ସଭାପତି, ହୃଦାନନ୍ଦ ସାହୁ ସମ୍ପାଦକ, ଲଲାଟ ମୋହନ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ, ସୁରେନ୍ଦ୍ର ସ୍ୱାଇଁ କୋଷାଧ୍ୟକ୍ଷ, ମୃତ୍ୟୁଞ୍ଜୟ କାଣ୍ଡିଆ, ସୁଜିତ ଭଞ୍ଜ, ଉପ କୋଷାଧ୍ୟକ୍ଷଭାବେ ଚୟନ କରାଯାଇଥିଲା। ଚଳିତ ବର୍ଷ ପାଇଁ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଚଳିତ ବର୍ଷ ପରିବେଶ ଅନୁକୂଳ ପୂଜା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## କେନ୍ଦୁପତ୍ର କର୍ମଚାରୀ ସଂଘର ଅସନ୍ତୋଷ
## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶସତ୍ତ୍ୱେ ସମାଧାନ ହେଉନି

ସମ୍ବଲପୁର,୧।୯(ପ୍ରମୋଦ ବହିଦାର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବିଭିନ୍ନ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ପିସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ କେନ୍ଦୁପତ୍ର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ବୋଲି ସଂଘ ସଭାପତି ବିଜୟ କୁମାର ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସଭାପତି ମହାନ୍ତି କହିଛନ୍ତି, ସମ୍ବଲପୁରଠାରେ ଗତ ଏପ୍ରିଲ ୨୧ରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁଣିଥରେ ମେ ୨୬ରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ଅନୁଧ୍ୟାନ ପୂର୍ବକ ଏଥିରେ ଉଲ୍ଲେଖ ରହିଥିବା ସମସ୍ତ ସମସ୍ୟାର ସମାଧାନ ପାଇଁ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ମେ ୩୦ରେ ଚିଠି ସଂଖ୍ୟା ୪୯୩୨/ସିଏମ୍ ମାଧ୍ୟମରେ ଜଙ୍ଗଲ ତଥା ପରିବେଶ ବିଭାଗକୁ ପ୍ରେରଣ କରାଯାଇଥିଲା। ଏଥିରେ ରାଜ୍ୟର ଜଙ୍ଗଲ ତଥା ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକଙ୍କୁ କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ ଉକ୍ତ ପତ୍ର ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ସମ୍ପୃକ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକଙ୍କୁ ଗତ ଅଗଷ୍ଟ ୨୧ର ପତ୍ରସଂଖ୍ୟା ୨୫୬୦୬ରେ ନିର୍ଦ୍ଦେଶ ଦେଇଛନ୍ତି। ଯାହାର ଏକକିତା ନକଲ ଜରିଆରେ ସଂଘର ରାଜ୍ୟ ସଭାପତି ଭାବେ ତାଙ୍କୁ ମଧ୍ୟ ଅବଗତ କରାଯାଇଛି ବୋଲି କହିଛନ୍ତି ମହାନ୍ତି। ସଂଘର ଦାବି ମଧ୍ୟରେ ବିଶେଷ କରି ସିଜିନାଲ କର୍ମଚାରୀମାନଙ୍କ ପୂର୍ବ ପ୍ରଚଳିତ ସର୍ବନିମ୍ନ ମଜୁରି ପୁନଃ ନିର୍ଦ୍ଧାରିତ ହୋଇ ମଧ୍ୟ ଦୀର୍ଘ ଦିନ ହେଲା ଏହାକୁ ଲାଗୁ କରାଯାଉନାହିଁ। ତେଣୁ ଆଉ କାଳ ବିଳମ୍ବ ନ କରି କେନ୍ଦୁପତ୍ର ସଂସ୍ଥାର ସମସ୍ତ ଶ୍ରେଣୀର ଶ୍ରମିକ ଓ କର୍ମଚାରୀମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ବୋଲି ସେ ଦାବି କରିଛନ୍ତି।

## ସମ୍ବଲପୁର ଦଳ ସେମିରେ

ସମ୍ବଲପୁର,୧।୯(ପ୍ରମୋଦ ବହିଦାର)

ରାଉରକେଲା ବିର୍ସାମୁଣ୍ଡା ହକିଷ୍ଟାଡିୟମରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ବାଳିକା ହକି ପ୍ରତିଯୋଗିତାରେ ସମ୍ବଲପୁରର ସହିଦ ମାଧୋସିଂ ହକି ଏକାଡେମୀ ଦଳ ସେମିଫାଇନାଲକୁ ଉନ୍ନୀତ ହେଇଛି। ପୁରୀ ଜିଲାକୁ ହରାଇ ସମ୍ବଲପୁର ବାଳିକା ଦଳ ଏହି କୃତିତ୍ୱ ହାସଲ କରିଛି। ସେହିପରି ସୁନ୍ଦରଗଡ଼ ଜିଲା ବାଳିକା ଦଳ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ(ସ୍ପୋର୍ଟ୍‌ସ) ଦଳକୁ ହରାଇ ସେମିଫାଇନାଲ ପ୍ରବେଶ କରିଛି। ଖୋର୍ଦ୍ଧା ଜିଲା ବାଳିକା ଦଳ ଜିନ୍ଦଲ ଫାଉଣ୍ଡେଶନକୁ ଓ ନାଭାଲ ଟାଟା ହକି ଏକାଡେମୀ ଝାରସୁଗୁଡ଼ା ଜିଲା ବାଳିକା ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ସମ୍ବଲପୁର ବାଳିକା ଦଳ ଶକ୍ତିଶାଳୀ ସୁନ୍ଦରଗଡ଼ ଜିଲା ବାଳିକା ଦଳ ସହିତ ସେମିଫାଇନାଲ ମ୍ୟାଚ୍ ଖେଳିବ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା

### ଦେଶର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତିକୁ ଗୁରୁତ୍ୱ

ସମ୍ବଲପୁର,୧।୯(ପ୍ରମୋଦ ବହିଦାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପଦେଷ୍ଟା ତରୁଣ କପୁର ସମ୍ବଲପୁର ଗସ୍ତରେ ଆସି ଜିଲାର ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ସୋମବାର ସମୀକ୍ଷା କରିଛନ୍ତି। ସେ ହୀରାକୁଦ ଜଳଭଣ୍ଡାର ପରିଦର୍ଶନ ସମୟରେ ଏଠାରେ ସ୍ୱତନ୍ତ୍ର ପୁଞ୍ଜିନିବେଶ ସହାୟତା(ଏସ୍‌ଏଏସ୍‌ସିଆଇ) ଯୋଜନା ଅଧୀନରେ ଜାରି ରହିଥିବା ନିର୍ମାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ଦେଖିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ତାଙ୍କୁ ହୀରାକୁଦ ପର୍ଯ୍ୟଟନ ଉନ୍ନୟନ ପ୍ରୟାସ ଅଧୀନରେ ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେହିପରି ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କାର୍ଯ୍ୟଗୁଡ଼ିକୁ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ହୀରାକୁଦକୁ ଯଥାଶୀଘ୍ର ରାଜ୍ୟ ତଥା ଦେଶର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରାଯାଇପାରିବ ବୋଲି କପୁର କହିଥିଲେ। ଏହାବ୍ୟତୀତ ସେ ସମ୍ବଲପୁର ରିଂରୋଡ୍, ରେଳଷ୍ଟେଶନର ପୁନଃବିକାଶ, ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସହିତ ଭୀମମଣ୍ଡଳୀର ସାଂସ୍କୃତିକ ଐତିହ୍ୟଭିତ୍ତିକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।


ଡେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନବେଳେ ବିଭିନ୍ନ ଅଧିକାରୀଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ତରୁଣ କପୁର।

ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା କପୁର ରବିବାର ଡେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏହି ଅଭୟାରଣ୍ୟର ପରିବେଶ ମୋତେ ବେଶ୍ ଚମକୃତ କରିଛି। ଯାହା ମୋ' ପାଇଁ ଚିରସ୍ମରଣୀୟ ହୋଇରହିବ। ଏଠାକାର ପରିବେଶରେ ପ୍ରାଣୀଙ୍କ ମଧ୍ୟରେ ଜୈବ ବିବିଧତା ତଥା ସେମାନେ ଅବାଧରେ ସୁସ୍ଥତାର ସହିତ ବିଚରଣ କରୁଥିବା ପରିଲକ୍ଷିତ ହୋଇଛି। ଏଠାରେ ପ୍ରକୃତି ଓ ପର୍ଯ୍ୟଟନ ମଧ୍ୟରେ ଉତ୍ତମ ସନ୍ତୁଳନ ଦୃଶ୍ୟମାନ ହୋଇଛି। ଏହି ଅଭୟାରଣ୍ୟର ଆହୁରି ବିକାଶ ପାଇଁ ସମ୍ଭାବନା ରହିଛି। ଯଦ୍ୱାରା ଏହାକୁ ଭାରତର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ କରିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ତେବେ ଏଥିରେ ସ୍ଥାନୀୟ ଲୋକଙ୍କ ସହଯୋଗ ଦରକାର। ଏହି ପରିଦର୍ଶନ ସମୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଡ. ଅଂଶୁପ୍ରଜ୍ଞା ଦାସଙ୍କ ସହିତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହେଲିକପ୍ଟର ଦୁର୍ଘଟଣାରେ ୫ ପାକ୍ ସୈନ୍ୟ ମୃତ

ଇସଲାମାବାଦ, ୧୯ (ପି.ଟି.)

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ଗିଲ୍‌ଗିଟ-ବଲ୍‌ଟିସ୍ତାନ ଅଞ୍ଚଳରେ ସୋମବାର ଏକ ହେଲିକପ୍ଟର ଦୁର୍ଘଟଣା ଘଟି ପାକିସ୍ତାନ ସେନାର ୫ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ପାକ୍ ସୈନ୍ୟ ଅଧିକାରୀ ଥିବା ଜଣାପଡ଼ିଛି। ନିୟମିତ ପ୍ରଶିକ୍ଷଣ ସମୟରେ ପାକିସ୍ତାନ ସେନାର ଏମ୍‌ଆଇ-୧୭ ନାମକ ଉକ୍ତ ହେଲିକପ୍ଟରରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା। ଫଳରେ ଏହା କ୍ରାଶ୍ ଲାଣ୍ଡିଂ ହୋଇଯାଇଥିଲା ବୋଲି ପାକିସ୍ତାନ ସେନା ପକ୍ଷରୁ ସୂଚନା ଦିଆଯାଇଛି।

### ଭାରତ ଶୂନ ଟାରିଫ୍ ପ୍ରସ୍ତାବ ଦେବାରେ ବିଳମ୍ବ କରିଥିଲା: ଟ୍ରମ୍ପ୍


ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ, ୧୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତକୁ ଟାର୍ଗେଟ କରି ଅନେକ ନିରାଧାର ଦାବି ଓ ମନ୍ତବ୍ୟ ଦେଇଆସୁଥିବାବେଳେ ନିଜ ଟାରିଫ୍ ନିଷ୍ପତ୍ତିର ଯଥାର୍ଥତା ଦର୍ଶାଇବାକୁ ଯାଇ ନୂଆଦିଲ୍ଲୀ ଏହାର ଟାରିଫ୍ ଶୂନକୁ ହ୍ରାସ କରିବା ପାଇଁ ପ୍ରସ୍ତାବ ଦେଇଥିଲା ବୋଲି ସୋମବାର କହିଛନ୍ତି। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରେ ଟ୍ରମ୍ପ୍ ସୋସିଆଲ ମିଡିଆ ପୋଷ୍ଟରେ ଏଭଳି ଦାବି କରିଛନ୍ତି। ସେ କହିଛନ୍ତି, ଭାରତର ଅତ୍ୟଧିକ ଟାରିଫ୍ ଯୋଗୁ ଆମେରିକା ସେଠାରେ ସାମଗ୍ରୀ ବିକିପାରୁ ନାହିଁ। ଭାରତ ସହ ବାଣିଜ୍ୟ ସମ୍ପୂର୍ଣ୍ଣ 'ଏକପାଖିଆ ବିପର୍ଯ୍ୟୟ' ବୋଲି ସେ ଅଭିଯୋଗ କରିଛନ୍ତି।

## ଦିଲ୍ଲୀରେ ଆଜି



ଦିଲ୍ଲୀ ବିଧାନସଭାର ପ୍ରଥମ ବାଚସ୍ପତି ଚରାତିଲାଲ୍ ଗୋୟଲଙ୍କ ୯୮ତମ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦର ଗୁପ୍ତା ପ୍ରମୁଖ ଯୋଗ ଦେଇଛନ୍ତି। (ଫଟୋ-ଚମନ ଗୌତମ)

# ପହଲଗାମ୍ ଆକ୍ରମଣକୁ ଏସ୍‌ସିଓର ନିନ୍ଦା

ତିଆଞ୍ଜିନ୍, ୧୯ (ପି.ଟି.)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସୋମବାର ଦୃଢ଼ ନିନ୍ଦା କରିଛି। ଆତଙ୍କବାଦ ବିରୋଧରେ ଲଢ଼େଇରେ ଦୋମୁହାଁ ନୀତି ଗ୍ରହଣୀୟ ନୁହେଁ ବୋଲି ଭାରତର ଆଭିମୁଖ୍ୟକୁ ସମିଟ୍‌ରେ ସହମତି ମିଳିଛି। ଚାଇନାର ବନ୍ଦର ସହର ତିଆଞ୍ଜିନ୍‌ରେ ୨ ଦିନିଆ ଏସ୍‌ସିଓ ସମ୍ମିଳନୀ ଶେଷରେ ପ୍ରକାଶିତ ମିଳିତ ଘୋଷଣାନାମାରେ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଦୃଢ଼ ସଂକଳ୍ପ ନିଆଯାଇଛି। ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ଅନେକ ବିଶ୍ୱନେତା ଯୋଗଦେଇଥିଲେ।

ଗାଜାରେ ଇସ୍ରାଏଲ୍‌ର ଆକ୍ରମଣ ଜାରି ରହିଥିବାବେଳେ ଏଥିରେ ଅନେକ ଲୋକ ମୃତାହତ ହେବା ସହ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଏଭଳି ଆକ୍ରମଣକୁ ଏସ୍‌ସିଓ ସଦସ୍ୟମାନେ ନିନ୍ଦା କରିଛନ୍ତି। ଘୋଷଣାନାମାରେ ଆଞ୍ଚଳିକ ସୁରକ୍ଷା ବଢ଼ାଇବା ଦିଗରେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରାଯିବା ସହ ଆତଙ୍କବାଦ ବିରୋଧରେ ଲଢ଼େଇକୁ ବଡ଼ ଚ୍ୟାଲେଞ୍ଜ ଭାବେ ନିଆଯାଇଛି। ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଖୁଜଦାର ଆତଙ୍କବାଦୀ ଆକ୍ରମଣ ଏବଂ ଜାଫରଏକ୍ସପ୍ରେସ୍‌ଆକ୍ରମଣଘଟଣାକୁମଧ୍ୟ ଏସ୍‌ସିଓ ସଦସ୍ୟମାନେ ନିନ୍ଦା କରିଛନ୍ତି। ସେମାନେ ମୃତାହତଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ଏଭଳି ଆକ୍ରମଣର ଅପରାଧୀ, ଆୟୋଜକ ଓ ପ୍ରାୟୋଜକମାନଙ୍କୁ ଆଇନର କାଠଗଡ଼ାକୁ ନିଶ୍ଚୟ ଆଣିବାକୁ ହେବ ବୋଲି ଘୋଷଣାନାମାରେ କୁହାଯାଇଛି। ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଉଗ୍ରବାଦ ବିରୋଧରେ ଲଢ଼େଇ ପାଇଁ ଏସ୍‌ସିଓ ଦୃଢ଼ ପ୍ରତିଶ୍ରୁତି ଦେଇଛି। ଆତଙ୍କବାଦ ଓ ଉଗ୍ରବାଦ ବିରୋଧୀ ଲଢ଼େଇରେ ସାମିଲ ଥିବା ସାର୍ବଭୌମ ରାଷ୍ଟ୍ର ଓ ଏହାର ସରକାରଙ୍କ ପ୍ରମୁଖ ଭୂମିକାକୁ ସ୍ୱୀକୃତି ଦିଆଯାଇଛି। ୟୁଏନ୍ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନର ସିଦ୍ଧାନ୍ତ ଅନୁଯାୟୀ ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପ ଏବଂ ବୈଶ୍ୱିକ ଆତଙ୍କବାଦୀ ନିରୋଧୀ ରଣନୀତିକୁ ପୂର୍ଣ୍ଣ କାର୍ଯ୍ୟକାରୀ କରିବାରେ ମୁଖ୍ୟ ଭୂମିକା ଜାତିସଂଘର ବୋଲି ଏସ୍‌ସିଓ କହିଛି।

## ଭାରତ-ରୁଷିଆ ସମ୍ପର୍କ ଆଞ୍ଚଳିକ, ବୈଶ୍ୱିକ ସ୍ଥିରତାର ସ୍ତମ୍ଭ: ମୋଦି

ତିଆଞ୍ଜିନ୍, ୧୯ (ପି.ଟି.)

ଅତ୍ୟନ୍ତ କଠିନ ସ୍ଥିତିଠାରୁ ଆରମ୍ଭ କରି ସବୁ ସମୟରେ ଭାରତ ଓ ରୁଷିଆ କାନ୍ଧକୁ କାନ୍ଧ ମିଳାଇ ଛିଡ଼ାହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କହିଛନ୍ତି। ଚାଇନାର ତିଆଞ୍ଜିନ୍‌ରେ ଅନୁଷ୍ଠିତ ଏସ୍‌ସିଓ ସମିଟ୍ ଅବସରରେ ମୋଦି ଓ ପୁଟିନ୍ ପରସ୍ପରକୁ ଭେଟିଥିଲେ। ଅର୍ଥନୈତିକ ଏବଂ ଶକ୍ତି ସେକ୍ଟରରେ ଦ୍ୱିପାକ୍ଷିକ ସହଯୋଗ ବଢ଼ାଇବା ଉପରେ ୨ ନେତା ଗୁରୁତ୍ୱାରୋପ କରିଛନ୍ତି। ଆନୁଷ୍ଠାନିକ ଆଲୋଚନା ପୂର୍ବରୁ ମୋଦି ପୁଟିନ୍‌ଙ୍କ ସହ ତାଙ୍କ କାର୍‌ରେ ବୈଠକ ସ୍ଥଳକୁ ଯିବାବେଳେ ୪୦ ମିନିଟ୍ ଧରି ଅଣଆନୁଷ୍ଠାନିକ ଆଲୋଚନା କରିଥିଲେ। ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା ଦିଗରେ ନିକଟରେ ନିଆଯାଇଥିବା ସମସ୍ତ ଉଦ୍ୟମକୁ ଭାରତ ସ୍ୱାଗତ କରୁଥିବା ମୋଦି କହିବା ସହ ଯଥାଶୀଘ୍ର ସମ୍ଭବ ଯୁଦ୍ଧ ବନ୍ଦ ପାଇଁ ମାର୍ଗ ବାହାର କରିବା ମାନବୀୟତାର ଆହ୍ୱାନ ବୋଲି କହିଥିଲେ। ଗତ ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ୍ କଥାବାର୍ତ୍ତା ସମ୍ପର୍କରେ ପୁଟିନ୍‌ଙ୍କୁ ଅବଗତ କରାଯାଇଥିଲା। ପୁଟିନ୍ କହିଛନ୍ତି, ବହୁ ଦଶନ୍ଧି ଧରି ଭାରତ ଓ ରୁଷିଆ ମଧ୍ୟରେ ସ୍ୱତନ୍ତ୍ର ବନ୍ଧୁତ୍ୱପୂର୍ଣ୍ଣ ଓ ବିଶ୍ୱାସ ଆଧାରିତ ସମ୍ପର୍କ ରହିଆସିଛି। ଭବିଷ୍ୟତରେ ସମ୍ପର୍କର ବିକାଶ ଦିଗରେ ଏହା ମୂଳ ଆଧାର। ଏହି ସମ୍ପର୍କ ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ ଏବଂ ଆମ ଲୋକମାନଙ୍କର ଏଥିପ୍ରତି ସଂଖ୍ୟାଗରିଷ୍ଠ ସମର୍ଥନ ରହିଥିବା ପୁଟିନ୍ କହିଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍।

## ମଙ୍ଗଳବାର ସୁଦ୍ଧା ମୁମ୍ବାଇର ସବୁ ରାସ୍ତା ଖାଲି କର

**ମରାଠା ସଂରକ୍ଷଣ ଆନ୍ଦୋଳନକାରୀଙ୍କୁ ବମ୍ବେ ହାଇକୋର୍ଟଙ୍କ ଭର୍ତ୍ସନା**

ମୁମ୍ବାଇ, ୧୯

ମନୋଜ ଜରାଙ୍ଗେଙ୍କ ନେତୃତ୍ୱରେ ମରାଠା ସଂରକ୍ଷଣ ଆନ୍ଦୋଳନକୁ ନେଇ ସୋମବାର ବମ୍ବେ ହାଇକୋର୍ଟ ଆନ୍ଦୋଳନକାରୀଙ୍କୁ ଭର୍ତ୍ସନା କରିବା ସହ ମଙ୍ଗଳବାର ଅପରାହ୍ନ ସୁଦ୍ଧା ମୁମ୍ବାଇର ଆଜାଦ ମଇଦାନ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନକୁ ଖାଲି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଯୋଗୁ ସାଧାରଣ ଲୋକଙ୍କ ଜୀବନଯାତ୍ରା ବ୍ୟାହତ ହେଉଥିବାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି, ଜରାଙ୍ଗେଙ୍କର ଆନ୍ଦୋଳନ କରିବାର ଅଧିକାର ରହିଛି। କିନ୍ତୁ ଆନ୍ଦୋଳନ ଦ୍ୱାରା ଲୋକେ ସମସ୍ୟାରେ ପଡ଼ିବାକୁ ଗ୍ରହଣ କରାଯାଇ ପାରିବନି। ଏହି ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ହେଉନାହିଁ। ଜରାଙ୍ଗେଙ୍କ ପକ୍ଷରୁ ଆନ୍ଦୋଳନର ସର୍ତ୍ତକୁ ଭଙ୍ଗ କରାଯାଇଥିବା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରାଯିବ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ସୋମବାର କହିଛନ୍ତି। ମରାଠା ସଂରକ୍ଷଣକୁ ନେଇ ଆଜାଦ ମଇଦାନରେ ୪ ଦିନ ହେବ ଅନଶନରେ ବସିଥିବା ଜରାଙ୍ଗେ ସୋମବାରଠାରୁ ଜଳ ତ୍ୟାଗ କରିଛନ୍ତି। ଜରାଙ୍ଗେଙ୍କ ସମର୍ଥକମାନେ ମୁମ୍ବାଇର ବିଭିନ୍ନ ସ୍ଥାନକୁ ଅବରୋଧ କରିଛନ୍ତି, ଯାହାଫଳରେ ସହରରେ ବ୍ୟାପକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

## ୬୦% ଭାରତୀୟ କର୍ମଚାରୀଙ୍କୁ ଛଟେଇ କରିବ ଏମ୍‌ପିଏଲ୍

ନୂଆଦିଲ୍ଲୀ, ୧୯

ଭାରତ ସରକାର ପେଡ୍ ଗେମ୍‌ଗୁଡ଼ିକୁ ନିଷିଦ୍ଧ କରିବା ପରେ ଅନ୍‌ଲାଇନ ଗେମିଂ ଆପ୍ ମୋବାଇଲ୍ ପ୍ରିମିୟର ଲିଗ୍ (ଏମ୍‌ପିଏଲ୍) ୬୦% ସ୍ଥାନୀୟ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି। ପେଡ୍ ଗେମିଂ ଆପ୍ ଯୋଗୁ ଲୋକେ ବିପୁଳ ଟଙ୍କା ହରାଉଥିବାରୁ ସେଗୁଡ଼ିକୁ ବ୍ୟାନ୍ କରିବା ପାଇଁ କେନ୍ଦ୍ର ସରକାର ନୂଆ ଆଇନ ଆଣିଛନ୍ତି। ଫଳରେ ପେଡ୍ ଫାଣ୍ଟାସି କ୍ରିକେଟ, ରୁମି ଭଳି ବହୁ ଗେମିଂ ଆପ୍ ବନ୍ଦ ହେବାକୁ ଯାଉଛି। ଏମ୍‌ପିଏଲ୍ ଭାରତରେ ଏହାର ୫୦୦ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୩୦୦ଙ୍କୁ ଛଟେଇ କରିବ ବୋଲି ରବିବାର ସୂଚନା ଦେଇଛି।

# ସମୟସୀମା ପରେ ଆପତ୍ତି ଗ୍ରହଣ କରାଯିବ: ଇସି

**ବିହାର ଏସ୍‌ଆଇଆର୍**

ନୂଆଦିଲ୍ଲୀ, ୧୯ (ପି.ଟି.)

ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଅବସରରେ ପ୍ରସ୍ତୁତ ଚିଠା ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ଓ ସଂଶୋଧନ ପାଇଁ ଆବେଦନ ସେପ୍ଟେମ୍ବର ୧ ଶେଷ ତାରିଖ ପରେ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ (ଇସି) ସୋମବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଭୋଟର ତାଲିକା ଚୂଡ଼ାନ୍ତ ହେବା ବେଳେ ସେଗୁଡ଼ିକୁ ବିଚାରକୁ ନିଆଯିବ। ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନାମାଙ୍କନ ଫର୍ମର ଶେଷ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ବୋଲି ଇସିଙ୍କ ପ୍ରସ୍ତାବକୁ ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଗ୍ରହଣ କରିଛନ୍ତି। ବିହାର ଏସ୍‌ଆଇଆର୍ ବିଶ୍ୱାସର ପ୍ରସଙ୍ଗ ହୋଇଥିବାବେଳେ ଭୋଟର ଏବଂ ରାଜନୈତିକ ଦଳଗୁଡ଼ିକ ଚିଠା ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ଦାଖଲ କରିବାରେ ସହାୟତା ପାଇଁ ପାରାଲିଗାଲ ସ୍ୱେଚ୍ଛାସେବୀ ନିୟୋଜିତ କରିବାକୁ ଅଦାଲତ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଉପସ୍ଥିତ ରହି କହିଥିଲେ, ସମୟସୀମା ବଢ଼ାଇବା ଦ୍ୱାରା ସମଗ୍ର ପ୍ରକ୍ରିୟା ଏବଂ ଭୋଟର ତାଲିକା ଚୂଡ଼ାନ୍ତ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେବ। ଚିଠା ତାଲିକାରେ ଥିବା ଭୋଟରଙ୍କ ମଧ୍ୟରୁ ୯୯.୫ ପ୍ରତିଶତ ଯୋଗ୍ୟତା ଦସ୍ତାବିଜ ଦାଖଲ କରିଛନ୍ତି। ୩୬ଟି ଅଭିଯୋଗ ଦାଖଲ ହୋଇଥିବା ନେଇ ଆର୍‌ଜେଡିର ଅଭିଯୋଗକୁ ସେ ଖଣ୍ଡନ କରିଥିଲେ।

# ଭୋଟ ଚୋରିକୁ ନେଇ ହାଇଡ୍ରୋଜେନ୍ ବୋମା ଆସୁଛି: ରାହୁଲ

**ବିହାରରେ ଶେଷହେଲା ଭୋଟର ଅଧିକାର ଯାତ୍ରା**

ପାଟନା, ୧୯ (ପି.ଟି.)

ବିହାରରେ କଂଗ୍ରେସର ଭୋଟର ଅଧିକାର ଯାତ୍ରାର ସମାପ୍ତି ହୋଇଛି। ପାଟନାର ଗାନ୍ଧୀ ମଇଦାନଠାରେ ଏହି ଯାତ୍ରାର ଉଦ୍‌ଯାପନୀ ସଭାରେ ନିଜ ସମର୍ଥକଙ୍କୁ ସମ୍ବୋଧନ କରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାଜପାର ଲୋକମାନେ ସାବଧାନ ହେବାର ସମୟ ଆସିଯାଇଛି। ଖୁବ୍‌ଶୀଘ୍ର ଭୋଟ ଚୋରିକୁ ନେଇ ହାଇଡ୍ରୋଜେନ୍ ବୋମା ଆସିବାକୁ ଯାଉଛି। ଏହାଦ୍ୱାରା ଭୋଟ ଚୋରିର ସତ୍ୟତାକୁ ନେଇ ସାରା ଦେଶ ଅବଗତ ହୋଇପାରିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ତାଙ୍କ ମୁହଁ ଦେଖାଇପାରିବେ ନାହିଁ। ବିହାରରେ ଭୋଟର ଅଧିକାର ଯାତ୍ରା ସଫଳ ହୋଇଛି ଏବଂ ଏହାଦ୍ୱାରା ପୂରା ଦେଶକୁ ଭୋଟ ଚୋରି ବିରୋଧରେ ବାର୍ତ୍ତା ବ୍ୟାପିଥିବା ସେ କହିଛନ୍ତି। ବିହାରବାସୀ 'ଭୋଟ ଚୋର ସିଂହାସନ ଛାଡ଼' ସ୍ଲୋଗାନକୁ ତୀବ୍ର କରିଛନ୍ତି। ତେବେ ଏପରି ଦାୟିତ୍ୱହୀନ ମନ୍ତବ୍ୟ ଦେଇ ରାହୁଲ ଲୋକ ସଭାର ବିରୋଧୀ ଦଳ ନେତା ପଦବୀକୁ ଅସମ୍ମାନିତ କରୁଛନ୍ତି ବୋଲି ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ କହିଛନ୍ତି। ନିର୍ବାଚନ ଫଳାଫଳ ଉପରେ ପ୍ରଶ୍ନବାଚୀ ଉଠାଇ ସେ ଭୋଟରଙ୍କୁ ଅପମାନିତ କରୁଥିବା ଭାଜପା କହିଛି।



## ଫୁରସତ୍

# ସହପାଠୀଙ୍କ ଜେଜେ ମା'ଙ୍କୁ ପ୍ରେମ

ଟୋକିଓ

ଜାପାନର ୨୩ ବର୍ଷୀୟ ଯୁବକ କୋଫୁ ନିଜ ସହପାଠୀଙ୍କ ଜେଜେ ମା' ଆଇକୋ (୮୩)ଙ୍କୁ ୬ ମାସ ହେବ ଡେଟିଂ କରୁଛନ୍ତି। ଏହି ସମ୍ପର୍କକୁ ଉଭୟଙ୍କ ପରିବାରର ସମର୍ଥନ ମିଳିଛି। ନିକଟରେ ଉଭୟେ ଏକ ସାକ୍ଷାତ୍‌କାରରେ ନିଜ ପ୍ରେମ ସମ୍ପର୍କକୁ ସାର୍ବଜନୀନ କରିଛନ୍ତି।

ସାଉଥ୍ ଚାଇନା ମର୍ନିଂ ପୋଷ୍ଟ'ର ରିପୋର୍ଟ ଅନୁଯାୟୀ, ଆଇକୋ ଜଣେ ଉଦ୍ୟାନବିତ୍ ଥିଲେ ଏବଂ ତାଙ୍କର ଏକ ବଡ଼ ଉଦ୍ଭିଦ ଉଦ୍ୟାନ ଥିଲା। ସେ ୨ ଥର ବିବାହ କରିଛନ୍ତି। ତାଙ୍କର ପୁଅ, ବୋହୂ ଏବଂ ୫ ଜଣ ନାତୁଣୀ ଏବଂ ନାତି ରହିଛନ୍ତି। ଆଇକୋ ଏକ ସୁସ୍ଥ ଜୀବନଶୈଳୀକୁ ଅନୁସରଣ କରନ୍ତି ଏବଂ ସର୍ବଦା ଯୁବ ସୁଲଭ ଦେଖାଯିବା ପାଇଁ ଆଧୁନିକ ପୋଷାକ ପରିଧାନ କରନ୍ତି। କୋଫୁ ସମ୍ପ୍ରତି ଏକ ୟୁନିଭର୍ସିଟିରେ ଅଧ୍ୟୟନ କରୁଛନ୍ତି। ସେହିପରି ସେ ଏକ କ୍ରିଏଟିଭ୍ ଡିଜାଇନ୍ କମ୍ପାନୀରେ ଇଣ୍ଟର୍ନ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସାକ୍ଷାତ୍‌କାରରେ କୋଫୁ କହିଛନ୍ତି, ସେ ଏବଂ ଆଇକୋଙ୍କ ନାତୁଣୀ ହେଉଛନ୍ତି ସହପାଠୀ। ଉଭୟ ୟୁନିଭର୍ସିଟିରେ ଏକା ଶ୍ରେଣୀରେ ପଢ଼ୁଛନ୍ତି। ସେ ନିଜ ସହପାଠୀଙ୍କ ଘରକୁ ଯାଇଥିବାବେଳେ ପ୍ରଥମ ଦେଖାରେ ଆଇକୋଙ୍କ ପ୍ରେମରେ ପଡ଼ିଯାଇଥିଲେ। ଆଇକୋ କହିଛନ୍ତି, କୋଫୁ ଖୁବ୍ ସୁନ୍ଦର ଏବଂ ଭଦ୍ର। କୋଫୁଙ୍କ ପରି ଉତ୍ସାହୀ ଯୁବକଙ୍କୁ ଭେଟି ସେ ମଧ୍ୟ ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ତେବେ ବୟସ ପାର୍ଥକ୍ୟ ଯୋଗୁ ଏହି ଯୋଡ଼ି ପ୍ରଥମେ ନିଜ ପ୍ରେମକୁ ପ୍ରକାଶ କରିବାରେ ସଙ୍କୋଚ କରୁଥିଲେ। କିଛି ମାସ ତଳେ ଆଇକୋଙ୍କ ନାତୁଣୀ ନିଜ ଜେଜେ ମା' ଓ ସହପାଠୀ କୋଫୁଙ୍କ ସହ ଡିଜ୍‌ନିଲାଣ୍ଡ ଭ୍ରମଣ ପାଇଁ ଠିକ୍ କରିଥିଲେ। ସେଠାରେ ଏକା ଥିବା ସମୟରେ କୋଫୁ ଆଇକୋଙ୍କୁ ପ୍ରେମ ନିବେଦନ କରିଥିଲେ। ଆଇକୋ କୋଫୁଙ୍କ ପ୍ରେମ ନିବେଦନକୁ ଗ୍ରହଣ କରିଥିଲେ। ପ୍ରଥମେ କିଛିଦିନ ପାଇଁ ଉଭୟେ ଗୁପ୍ତ ଭାବରେ ପରସ୍ପରକୁ ଡେଟିଂ କରୁଥିଲେ। ପରେ ଏହି ସମ୍ପର୍କକୁ ନେଇ ଉଭୟଙ୍କ ପରିବାରର ସହମତି ମିଳିଥିଲା। ଏବେ ଏହି ଯୋଡ଼ି ଏକାଠି ରହୁଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ବିବାହ କେବେ କରିବେ ସେ ସମ୍ପର୍କରେ ଏହି ଦମ୍ପତି କୌଣସି ସୂଚନା ଦେଇନାହାନ୍ତି। କୋଫୁ କହିଛନ୍ତି, ପ୍ରତ୍ୟେକ ଦିନ ତାଙ୍କର ସବୁଠାରୁ ଖୁସିର ମୁହୂର୍ତ୍ତ ହେଉଛି ସେ ସକାଳୁ ଉଠି ପ୍ରେମିକା ଆଇକୋଙ୍କ ମୁହଁ ଦେଖିଥାନ୍ତି। ସେହିପରି କୋଫୁ କାମକୁ ଗଲେ ସେ ନିଃସଙ୍ଗ ଅନୁଭବ କରନ୍ତି ବୋଲି ଆଇକୋ କହିଛନ୍ତି। ତେବେ ସନ୍ଧ୍ୟାରେ କୋଫୁ ଆସିବେ ଭାବି ତୁରନ୍ତ ତାଙ୍କର ନିଃସଙ୍ଗତା ଦୂର ହୋଇଯାଇଥାଏ ବୋଲି ସେ କହିଛନ୍ତି।


କୋଫୁଙ୍କ ସହ ଆଇକୋ।

## ସୁମୋନାଙ୍କୁ ଅସଦାଚରଣ


ସୁମୋନା ଚକ୍ରବର୍ତ୍ତୀ

ମୁମ୍ବାଇ

ହାସ୍ୟ ଅଭିନେତ୍ରୀ ସୁମୋନା ଚକ୍ରବର୍ତ୍ତୀଙ୍କ କାର୍‌କୁ ମୁମ୍ବାଇରେ ଆକ୍ରମଣ ହୋଇଛି। ଏନେଇ ସେ ରବିବାର ରାତିରେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ କରୁଥିବା କେତେଜଣ ଲୋକଙ୍କ ଭିଡ଼ ତାଙ୍କ କାର୍‌କୁ ଘେରିଯାଇ କାର୍ ମଧ୍ୟରେ ଥିବା ତାଙ୍କୁ ଓ ତାଙ୍କ ବନ୍ଧୁଙ୍କୁ ଅସଦାଚରଣ କରିଥିଲେ ବୋଲି ସୁମୋନା ଏହି ପୋଷ୍ଟରେ କହିଛନ୍ତି।

ରିପୋର୍ଟ ଅନୁଯାୟୀ, ମୁମ୍ବାଇରେ ମରାଠା ସଂରକ୍ଷଣ ପାଇଁ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବାବେଳେ ସୁମୋନା ରବିବାର ଦକ୍ଷିଣ ମୁମ୍ବାଇର କୋଲାବାରୁ ଫୋର୍ଟ ଆଡ଼କୁ ନିଜ କାର୍‌ରେ ଯାଉଥିଲେ। ଏହି ସମୟରେ ପ୍ରଦର୍ଶନକାରୀମାନେ ସୁମୋନାଙ୍କ କାର୍‌କୁ ଚାରିପାଖରୁ ଘେରି ଯାଇଥିଲେ। ସେମାନେ କାର୍‌ର ବୋନେଟ୍‌କୁ ପିଟିବା ସହ ସୁମୋନା ଓ ତାଙ୍କ ବନ୍ଧୁଙ୍କୁ ଗାଳିଗୁଲଜ୍ କରିଥିଲେ। ୫ ମିନିଟ ପର୍ଯ୍ୟନ୍ତ ପ୍ରଦର୍ଶନକାରୀମାନେ ତାଙ୍କୁ ଓ ତାଙ୍କ ବନ୍ଧୁଙ୍କୁ ଅସଦାଚରଣ କରି ଚାଲିଥିଲେ ଏବଂ ସେଠାରେ କୌଣସି ପୋଲିସ ଉପସ୍ଥିତ ନ ଥିଲେ ବୋଲି ସୁମୋନା କହିଛନ୍ତି। ସୁମୋନା ନିଜ ପୋଷ୍ଟରେ ଲେଖିଛନ୍ତି, ସେ ଦୀର୍ଘ ବର୍ଷ ଧରି ମୁମ୍ବାଇରେ ରହୁଥିଲେ ସୁଦ୍ଧା ଏହି ଘଟଣା ପରେ ସେ ପ୍ରଥମ ଥର ପାଇଁ ସହରରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଜଣେ ମହିଳା କରଦାତା ଏବଂ ସହରକୁ ଭଲ ପାଉଥିବା ବ୍ୟକ୍ତି ଭାବରେ ମୁମ୍ବାଇରେ ନିଜକୁ ସୁରକ୍ଷିତ ମନେ କରିବା ପାଇଁ ସେ ହକ୍‌ଦାର ବୋଲି ସୁମୋନା ଏହି ପୋଷ୍ଟରେ ଲେଖିଛନ୍ତି। ତେବେ ସୋମବାର ଉକ୍ତ ପୋଷ୍ଟକୁ ସେ ଡିଲିଟ୍ କରିଦେଇଛନ୍ତି।

# ରେଳ କର୍ମଚାରୀ ପାଇବେ ୧.୬୦ କୋଟି ଯାଏ ବୀମା

## ଭାରତୀୟ ରେଳପଥ- ଏସ୍‌ବିଆଇ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୧।୯

ଭାରତୀୟ ରେଳପଥ (ଆଇଆର୍) ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ମଧ୍ୟରେ ରେଲୱେ ସାଲାରି ପ୍ୟାକେଜ (ଆରଏସ୍‌ପି) ସମ୍ବନ୍ଧୀୟ ଏମଓୟୁ ସୋମବାର ସ୍ୱାକ୍ଷରିତ ହୋଇଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳ ବୋର୍ଡ ଚେୟାରମ୍ୟାନ ସତୀଶ କୁମାର ଏବଂ ଏସବିଆଇ ଚେୟାରମ୍ୟାନ ସି. ଏସ. ସେଟ୍ଟୀଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷର କରାଯାଇଛି। ଏହା ଅଧିନରେ ରେଳ କର୍ମଚାରୀ କୌଣସି ପ୍ରିମିୟମ ନଦେଇ ଏସବିଆଇରେ ସାଲାରି ଆକାଉଣ୍ଟ ଖୋଲି ଦୁର୍ଘଟଣାଜନିତ ମୃତ୍ୟୁରେ ୧ କୋଟିରୁ ୧.୬୦ କୋଟି ଟଙ୍କା ପର୍ଯ୍ୟନ୍ତ ବୀମା ଲାଭ ପାଇପାରିବେ। ବର୍ତ୍ତମାନ




ସମୟରେ ରେଳ କର୍ମଚାରୀମାନେ ସିଜିଇଜିଆଇଏସ (ସେଣ୍ଟ୍ରାଲ ଗଭର୍ନମେଣ୍ଟ ଏମ୍ପ୍ଲଇଜ ଗ୍ରୁପ ଇନ୍ସ୍ୟୁରାନ୍ସ ସ୍କିମ୍) ଅଧୀନରେ ସେବା କାଳରେ ମୃତ୍ୟୁ ହେଲେ ଗ୍ରୁପ-ସି କର୍ମଚାରୀଙ୍କ ପାଇଁ ୩୦ ହଜାର, ଗ୍ରୁପ-ବି ପାଇଁ ୬୦ ହଜାର ଏବଂ ଗ୍ରୁପ-ଏ ପାଇଁ ୧.୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ପାଇଥାନ୍ତି। ରେଳପଥର ସର୍ବନିମ୍ନ ୭୦% ଶ୍ରମିକ ଏବଂ ଫ୍ରଣ୍ଟଲାଇନ ସେବାକର୍ତ୍ତା ଗ୍ରୁପ-ସି ବର୍ଗର, ଯାହାର ବୀମା ଆବରଣ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ସୀମିତ ଥାଇ ବଞ୍ଚିତ ପରିବାରଜନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାରେ ଅପର୍ଯ୍ୟାପ୍ତ ବୋଲି ବିବେଚନା କରାଯାଉଛି। ଏହି ନୂଆ ଏମଓୟୁ ଅନୁଯାୟୀ, ଏସିଆଇରେ ରେଲୱେ ସାଲାରି ଆକାଉଣ୍ଟ ଧାରକମାନେ କୌଣସି ପ୍ରିମିୟମ ନଦେଇ ଏବଂ କୌଣସି ମେଡିକାଲ ପରୀକ୍ଷା ନକରି ଦୁର୍ଘଟଣାଜନିତ ମୃତ୍ୟୁ (ଡ୍ୟୁଟିରେ ଏବଂ ଅଫ-ଡ୍ୟୁଟି ସମୟରେ) ପାଇଁ ୧ କୋଟି ଟଙ୍କା ବୀମା ସୁରକ୍ଷା ପାଇବେ। ବାୟୁ ଦୁର୍ଘଟନାଜନିତ ମୃତ୍ୟୁରେ ୧.୬୦ କୋଟି ଟଙ୍କା ବୀମା ସୁରକ୍ଷା ମିଳିବ। ବର୍ତ୍ତମାନ ୭ ଲକ୍ଷରୁ ଅଧିକ ରେଲୱେ କର୍ମଚାରୀଙ୍କର ଏସ୍‌ବିଆଇରେ ଆକାଉଣ୍ଟ ରହିଛି। ଏହି ଅବସରରେ ନୋମିନିଙ୍କୁ ପ୍ରତ୍ୟେକେ ୧ କୋଟି ଟଙ୍କାର ୭ଟି ଚେକ୍ ଅନଲାଇନ ମୋଡରେ ଏସ୍‌ବିଆଇର ଚେୟାରମ୍ୟାନଙ୍କ ଦ୍ୱାରା ହୋଇଛି। ଅଗଷ୍ଟ ୨୦୨୫ର ଶେଷ ସପ୍ତାହରେ ୪ଟି ଏବଂ ୧ କୋଟିରୁ ପ୍ରତ୍ୟେକର ଦାବି ପ୍ରଦାନ କରାଯାଇଛି। ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ କର୍ମଚାରୀଙ୍କୁ ୧୦ ଲକ୍ଷ ଟଙ୍କା ବୀମା ଲାଭ ମିଳିବ। ଏହି ସମସ୍ତ ଲାଭ ରେଳ କର୍ମଚାରୀଙ୍କ ଅନ୍ୟ ସରକାରୀ ଯୋଜନା/ବୀମା ନୀତିଗୁଡ଼ିକର ସହ ଅତିରିକ୍ତ ହେବ। ଏହି ପ୍ୟାକେଜ ଅଧୀନରେ ୪ଟି ପରିବାର ସଦସ୍ୟଙ୍କ ପାଇଁ ଏସବିଆଇ ରିସ୍ତେ ଫ୍ୟାମିଲି ସେଭିଙ୍ଗ ଆକାଉଣ୍ଟ ସମ୍ପୂର୍ଣ୍ଣ ସୁବିଧା ସହିତ ମିଳିବ। ଏହା ସହ ବ୍ୟକ୍ତିଗତ, ଘର, କାର୍ ଏବଂ ଶିକ୍ଷା ଲୋନରେ ଆକର୍ଷଣୀୟ ସୁଧ ହାର ଏବଂ ପ୍ରୋସେସିଙ୍ଗ ଫିରେ ୫୦%ରୁ ୧୦୦% ରିହାତି ପ୍ରଦାନ କରାଯିବ। ସାଲାରି ଆକାଉଣ୍ଟ ଧାରକ ଏବଂ ୪ଟି ପରିବାର ସଦସ୍ୟଙ୍କ ପାଇଁ ଲକର୍ ଭଡ଼ାରେ ୫୦% ରିହାତି ମିଳିବ।

## ସେମିକନ୍ ଇଣ୍ଡିଆ ସମ୍ମିଳନୀ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନୂଆଦିଲ୍ଲୀର ଯଶୋଭୂମିଠାରେ 'ସେମିକନ୍ ଇଣ୍ଡିଆ-୨୦୨୫'ର ଉଦ୍‌ଘାଟନ କରିବେ। ଏହି ତିନିଦିନିଆ ସମ୍ମିଳନୀରେ ଭାରତରେ ଏକ ଦୃଢ଼, ସୁଦୃଢ଼ ଏବଂ ସ୍ଥାୟୀ ସେମିକଣ୍ଡକ୍ଟର ଇକୋ-ସିଷ୍ଟମକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବ। ଏଥିରେ ୪୮ରୁ ଅଧିକ ଦେଶର ପ୍ରାୟ ୨୫୦୦ରୁ ଅଧିକ ପ୍ରତିନିଧି, ୫୦ରୁ ଅଧିକ ବିଶ୍ୱ ବ୍ୟକ୍ତିତ୍ୱଙ୍କ ସହିତ ୧୫୦ରୁ ଅଧିକ ବକ୍ତା ଏବଂ ୩୫୦ରୁ ଅଧିକ ପ୍ରଦର୍ଶନକାରୀଙ୍କ ସମେତ ମୋଟ ୨୦,୭୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବେ। ଏଥିରେ ୬ଟି ରାଷ୍ଟ୍ରୀୟ ଗୋଲଟେବୁଲ ଆଲୋଚନା, କଣ୍ଟ୍ରି ପାଭିଲିୟନ, କର୍ମଶକ୍ତି ବିକାଶ ଏବଂ ଷ୍ଟାର୍ଟଅପ ପାଇଁ ସମର୍ପିତ ପାଭିଲିୟନ ମଧ୍ୟ ଅନ୍ତର୍ଭୁକ୍ତ ହେବ। ସୂଚନା ଥାଉକି, ୨୦୨୨ରେ ବେଙ୍ଗାଲୁରୁ, ୨୦୨୩ରେ ଗାନ୍ଧୀନଗର ଏବଂ ୨୦୨୪ରେ ଗ୍ରେଟର ନୋଏଡାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ସ୍ପାୟକରର ୨୦ତମ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଦେଶର ଅଗ୍ରଣୀ ଫ୍ୟାଶନ ବ୍ରାଣ୍ଡ ଭାବେ ଜଣାଶୁଣା ସ୍ପାୟକରର ଏକ ନୂତନ ଏକ୍ସକ୍ଲୁସିଭ୍ ଷ୍ଟୋର ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ନରୁଲା କମ୍ପ୍ଲେକ୍ସଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱରର ଏହା ୬ଷ୍ଠ ଏବଂ ଓଡ଼ିଶାର ୨୦ତମ ଷ୍ଟୋର। ୬୫୦ ବର୍ଗଫୁଟ ବିଶିଷ୍ଟ ଏହି ନୂତନ ଷ୍ଟୋରରେ ଯୁବ ପିଢ଼ିଙ୍କୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଡେନିମ, ଶାର୍ଟ, ଟି-ଶାର୍ଟ, ଶୀତବସ୍ତ୍ର, ପରଫ୍ୟୁମ୍ ଏବଂ ୱାଲେଟ୍ ଆଦି ୧୨୯୯ଟଙ୍କାରୁ ଆରମ୍ଭ କରି ୫୯୯୯ ଟଙ୍କାରେ ଉପଲବ୍ଧ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱଜିତ ମିଶ୍ର ଏବଂ ଅରିଜିତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଫ୍ରାଞ୍ଚାଇଜ୍ ମାଲିକ ନମନ ନରୁଲା, ସଞ୍ଜୟ ନରୁଲା ଏବଂ ସେମାନଙ୍କର ପରିବାରବର୍ଗଙ୍କ ସମେତ ସ୍ପାୟକରର ଏଏସ୍‌ଏମ୍ ବିକି ଗୁପ୍ତା ଯୋଗଦେଇଥିଲେ। ଏହି ଅବସରରେ ନମନ କହିଥିଲେ, ଭୁବନେଶ୍ୱରର ଏକ ପ୍ରମୁଖ ସ୍ଥାନରେ ଏଭଳି ଏକ ଫ୍ୟାଶନ୍ ଆଉଟ୍‌ଲେଟ୍ ଖୋଲାଯାଇଥିବାରୁ ସେ ବେଶ୍ ଉତ୍ସାହିତ ଅଛନ୍ତି। ଭାରତରେ ସ୍ପାୟକରର ସଫଳତାକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଷ୍ଟୋର ସହାୟକ ହେବ ବୋଲି ସେ ଆଶା ରଖିଛନ୍ତି। ୮,୦୦୦ଟଙ୍କା କ୍ରୟ ଉପରେ ୧,୦୦୦ ଟଙ୍କାର ପ୍ରୋମୋ ଅଫର ରହିଥିବାବେଳେ ୧୪,୦୦୦ଟଙ୍କାର କ୍ରୟ ଉପରେ ୨,୦୦୦ଟଙ୍କା ଏବଂ ୨୦,୦୦୦ଟଙ୍କାର କ୍ରୟ ଉପରେ ୪୦୦୦ଟଙ୍କାର ପ୍ରୋମୋ ଅଫର ଥିବା ସେ କହିଛନ୍ତି। ସୂଚନା ଥାଉକି, ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିବା ସ୍ପାୟକର ବିଭିନ୍ନ ପ୍ରକାରର ଷ୍ଟାଇଲିସ୍, କଣ୍ଟେମ୍ପୋରାରି ଡିଜାଇନ୍ ଏବଂ ଆସେସୋରିଜ୍ ଯୋଗାଣ କ୍ଷେତ୍ରରେ ଏକ ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ ଭାବେ ପରିଚିତ ହୋଇପାରିଛି।

## ଏଲ୍‌ଆଇସି କଟକ ମଣ୍ଡଳ ପକ୍ଷରୁ ବୀମା ସପ୍ତାହ ପାଳିତ




ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଚଳିତବର୍ଷ ୭୦ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କଟକ ମଣ୍ଡଳ ପକ୍ଷରୁ ବୀମା ସପ୍ତାହ ପାଳନ କରାଯାଇଛି। କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ସୋମବାର ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ଏଲ୍‌ଆଇସର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଶଙ୍କର ମିଶ୍ର ଯୋଗଦେଇ ଏଲ୍‌ଆଇସିର ଅଗ୍ରଗତି ସମ୍ବନ୍ଧରେ ସୂଚନା ଦେଇଥିଲେ। ଦେଶବ୍ୟାପୀ ସମୁଦାୟ ୧୧୩ ମଣ୍ଡଳ ମଧ୍ୟରୁ କଟକ ମଣ୍ଡଳ ଅନ୍ୟତମ। ଓଡ଼ିଶାର ୧୦ ଜିଲାକୁ ନେଇ କଟକ ମଣ୍ଡଳର ଭୌଗୋଳିକ ସୀମା ପରିବ୍ୟାପ୍ତ। ପାଟଣାସ୍ଥିତ ପୂର୍ବ ମଧ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ୧୧ ମଣ୍ଡଳ ମଧ୍ୟରୁ କଟକ ମଣ୍ଡଳ ସବୁ କ୍ଷେତ୍ରରେ ଅଗ୍ରଣୀ, ଯେଉଁଥିରେ କି ୧୯ଟି ଶାଖା, ୨୮ ସାଟେଲାଇଟ ଅଫିସ, ଗୋଟିଏ କଷ୍ଟମର ଜୋନ ଓ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ର ରହିଛି। କଟକ ମଣ୍ଡଳରେ କର୍ମଚାରୀ ମିଶି ୧୨୩୬ ଜଣ ଥିଲାବେଳେ ୨୫୦୪୯ ଜଣ ଅଭିକର୍ତ୍ତା କାର୍ଯ୍ୟରତ। କଟକ ମଣ୍ଡଳ ୨୦୨୪-୨୫ରେ ୪୦୧୨୧୯ଟି ନୂତନ ପଲିସି କରି ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଦଖଲ କରିଛି। କାର୍ଯ୍ୟକ୍ରମରେ ମଣ୍ଡଳ ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର ଓ ଅଶୋକ କୁମାର ରାୟ ଉପସ୍ଥିତ ଥିଲେ।

## ୫ହଜାର ଟଙ୍କାରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା

ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ଭାରତ ସରକାରଙ୍କ 'ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜ୍‌ଲି' ଯୋଜନାର ଅଂଶ ବିଶେଷ ଭାବେ ୟୁଟିଲିଟି ଲେଡ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଏକ ସ୍ୱତନ୍ତ୍ର ଏକ କିଲୋୱାଟ୍ ରୁଫ୍‌ଟପ୍ ସୋଲାର (ଆର୍‌ଟିଏସ୍) ସ୍କିମ୍ ସୋମବାର ଘୋଷଣା କରାଯାଇଛି। ଏକ କିଲୋୱାଟ୍‌ର ସୋଲାର ବ୍ୟବସ୍ଥା ସ୍ଥାପନ କରିବା ଲାଗି ୬୫,୦୦୦-୭୫,୦୦୦ ଟଙ୍କା ଆବଶ୍ୟକ ହେଉଥିବା ବେଳେ ୟୁଏଲ୍‌ଏ ମଡେଲ୍‌ରେ ଗ୍ରାହକମାନଙ୍କୁ ଏକକାଳୀନ ୫୦୦୦ ଟଙ୍କା ଦେବାକୁ ପଡ଼ିବ। ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡ଼ିକ ଦ୍ୱାରା ଅଧିକାଂଶ ବ୍ୟୟ ଭାରକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବ୍‌ସିଡି ଜରିଆରେ ଭରଣା କରାଯିବ। ଏହି ଅଭିଯାନରେ ନେଟ୍ ମିଟରକୁ ଡିସକମ୍‌ଗୁଡ଼ିକ ପ୍ରଦାନ କରିବେ ଏବଂ ସୋଲାର ଜେନେରେଶନ ମିଟର




ଖର୍ଚ୍ଚ ଗ୍ରାହକଙ୍କୁ ବହନ କରିବାକୁ ପଡ଼ିବ। ଏକ କିଲୋୱାଟ୍‌ର ଆର୍‌ଟିଏସ ପାଇଁ ଉଭୟ କେନ୍ଦ୍ର ସରକାର ୩୦,୦୦୦ ଟଙ୍କା ଓ ଓ ରାଜ୍ୟ ସରକାର ୨୫,୦୦୦ ଟଙ୍କା ଅର୍ଥାତ୍ ମୋଟ୍ ୫୫,୦୦୦ ଟଙ୍କାର ସବ୍‌ସିଡି ପ୍ରଦାନ କରୁଛନ୍ତି। ଏହି ଅବସରରେ ଟିପ୍ ଓଡ଼ିଶା ପାୱାର ଡିଷ୍ଟ୍ରିବ୍ୟୁଶନ୍ ବିଜ୍‌ନେସ ଓ ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି, ଏକ କିଲୋୱାଟ୍‌ର ସୋଲାର ରୁଫ୍‌ଟପ୍ ବ୍ୟବସ୍ଥା ଜରିଆରେ ଘରେ ମାସକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇପାରିବ, ଯାହା ଫଳରେ ବାର୍ଷିକ ପ୍ରାୟ ୫୦୦୦ ଟଙ୍କାର ସଞ୍ଚୟ ହେବ। ଏହାକୁ ସ୍ଥାପନ କରିବାକୁ ଗ୍ରାହକମାନଙ୍କୁ ଏକ ଅନୁମତି ଫର୍ମ ପ୍ରଦାନ କରିବାକୁ ହେବ ଏବଂ ଏକକାଳୀନ ଦେୟ ଦେବାକୁ ହେବ। ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ସୋଲାର ପ୍ୟାନେଲ ସ୍ଥାପନାଠାରୁ ଆରମ୍ଭ କରି କ୍ୱାଲିଟି ଆସ୍ୟୁରାନ୍ସ ଏବଂ ବିକ୍ରି ପରବର୍ତ୍ତୀ ସେବା ପର୍ଯ୍ୟନ୍ତ ସମସ୍ତ ସେବାକୁ ସୁନିଶ୍ଚିତ କରିବେ। କମ୍ପାନୀ ପକ୍ଷରୁ ସିଷ୍ଟମ୍ ଉପକରଣ ଉପରେ ୫ ବର୍ଷର ୱାରେଣ୍ଟି ଓ ସୋଲାର ପ୍ୟାନେଲ୍ ଉପରେ ୨୫ ବର୍ଷର ୱାରେଣ୍ଟି ପ୍ରଦାନ କରାଯିବ।

## କଳାହାଣ୍ଡିରେ ବେଦାନ୍ତର ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ ପକ୍ଷରୁ ଏହାର ସିଏସ୍‌ଆର ସ୍ୱାସ୍ଥ୍ୟସେବା ପଦକ୍ଷେପ ପ୍ରକଳ୍ପ 'ଆରୋଗ୍ୟ' ଅଂଶ ଭାବରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ୧୩ଟି ଗ୍ରାମକୁ ନେଇ କାନକୁଟ୍ରୁ ଗ୍ରାମପଞ୍ଚାୟତରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଶିବିରରେ ପ୍ରାୟ ୪୦୦ ଜଣଙ୍କୁ ମାଗଣା ପରାମର୍ଶ, ରୋଗ ଚିହ୍ନଟ ଏବଂ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ଏକ ଉତ୍ସର୍ଗୀକୃତ ଦଳ ମାଗଣା ସାଧାରଣ ସ୍ୱାସ୍ଥ୍ୟପରୀକ୍ଷା, ଔଷଧ ପ୍ରଦାନ କରିଥିଲେ ଏବଂ ପ୍ରତିରୋଧକ ଯତ୍ନ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବେଦାନ୍ତର ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ସ୍ୱାସ୍ଥ୍ୟ ସେବା ଏକ ମୌଳିକ ଅଧିକାର, ତଥାପି ଅନେକ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏହାର ପ୍ରାପ୍ୟତା ଏକ ଚ୍ୟାଲେଞ୍ଜ ହୋଇ ରହିଛି। କଳାହାଣ୍ଡି ଜିଲାରେ ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ ବେଦାନ୍ତ ବାର୍ଷିକ ୬୦,୦୦୦ରୁ ଅଧିକ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ସେ କହିଛନ୍ତି।

## ରାଜ୍ୟ ଖବର

# ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

### ହାଇକୋର୍ଟରେ ସି ଶୋର ଚିଟ୍‌ଫଣ୍ଡ ମାମଲା

କଟକ,୧।୯(କାର୍ତ୍ତିକ ସାହୁ)

ସି ଶୋର ଚିଟ୍‌ଫଣ୍ଡ ମାମଲାରେ ବିଜେଡିର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ସୋମବାର ମାମଲାର ଶୁଣାଣି ବେଳେ ଗତ ଜୁଲାଇ ୨୮ରେ ରବୀନ୍ଦ୍ରଙ୍କୁ ଜେରା କରାଯାଇଥିବା ନେଇ ସିବିଆଇ ହାଇକୋର୍ଟଙ୍କୁ ଅବଗତ କରିଛି। ଆସନ୍ତା ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ସି ଶୋର ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ପୂର୍ବରୁ ରବୀନ୍ଦ୍ର ଜେନାଙ୍କୁ ନୋଟିସ୍ ଜାରି କରି ହାଜର ହୋଇ ପକ୍ଷ ରଖିବାକୁ ଆଦେଶ ଦେଇଥିଲେ। ଚିଟ୍‌ଫଣ୍ଡ ମାମଲାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ରେକର୍ଡପତ୍ର ଯୋଗାଇ ଦେବାକୁ ସେ ହାଇକୋର୍ଟରେ ଆବେଦନ କରିଥିଲେ। ତେବେ ମାମଲାର ପରବର୍ତ୍ତୀ ଶୁଣାଣି ଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ଆଦେଶ ଦେଇଛନ୍ତି। ସି ସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବରୁ ମଧ୍ୟ ହାଇକୋର୍ଟ ପୂର୍ବତନ ଏମ୍‌ପି ରବୀନ୍ଦ୍ରଙ୍କ ସିବିଆଇ ମାମଲା ରଦ୍ଦ ଆବେଦନକୁ ଖାରଜ କରିଥିଲେ। ସି ଶୋର ଚିଟ୍‌ଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଉକ୍ତ ମାମଲାକୁ ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ସିବିଆଇ ଜେନାଙ୍କୁ ସମନ କରିଥିଲା। ଜେନାଙ୍କ ବିରୋଧରେ ସିବିଆଇକୁ ତଥ୍ୟ ମିଳିବା ପରେ ତାଙ୍କ ବାଲେଶ୍ୱର ବାସଭବନ, ନୂଆଦିଲ୍ଲୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ହୋଇଥିଲା। ସମନ୍ ପାଇବା ପରେ ବି ବିଭିନ୍ନ କାରଣ ଦର୍ଶାଇ ଜେନା ସିବିଆଇରେ ହାଜର ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ଆଗୁଆ ଜାମିନ ଦେଇଥିଲେ।

# ଇଗ୍ନୁ ନାମଲେଖା ଅବଧି ୧୫କୁ ବୃଦ୍ଧି

ଭୁବନେଶ୍ୱର,୧।୯(ସୁଚିସ୍ମିତା ସାହୁ)

ବିଭିନ୍ନ ବର୍ଗର ଲୋକଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ) କର୍ତ୍ତୃପକ୍ଷ ଜୁଲାଇ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧି ଏବଂ ପୁନଃପଞ୍ଜୀକରଣ ସମୟାବଧିକୁ ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେବେ ପୁନଃ ପଞ୍ଜୀକରଣ ପାଇଁ ଅତିରିକ୍ତ ୨୦୦ ଟଙ୍କା ବିଳମ୍ବ ଶୁଳ୍କ ଦେବାକୁ ହେବ। ଆଗ୍ରହୀ ଛାତ୍ରୀଛାତ୍ର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆବଶ୍ୟକ ସୂଚନା ଲାଗି ଇଗ୍ନୁ ୱେବ୍‌ସାଇଟ www.ignou.ac.inକୁ ଅନୁସରଣ କରିପାରିବେ ଓ ନାମ ଲେଖାଇବା ପାଇଁ https://ignouadmission.samarth.edu.inରେ ଆବେଦନ କରିପାରିବେ। ଅଣ୍ଡର ଗ୍ରାଜୁଏଟ୍ (ବିଏସ୍‌ସି.ଏମ୍, ବିକମ୍.ଏଫ୍., ବିଏ.ଏମ୍.) ପଢ଼ିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୁ ତରଫରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ।

ସେହିପରି ଚଳିତ ବର୍ଷ ଏମଏସ୍‌ସି ସହିତ ଆଉ କିଛି ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏମ୍‌ଏସ୍‌ସି ଇନ୍ ପ୍ରାଣୀବିଜ୍ଞାନ, ରସାୟନ ବିଜ୍ଞାନ, ବିଶ୍ଳେଷଣାତ୍ମକ ରସାୟନ ବିଜ୍ଞାନ, ଜୈବ ରସାୟନ ବିଜ୍ଞାନ, ଜିଓଇନ୍‌ଫରମେଟିକ୍, ଭୌତିକ ବିଜ୍ଞାନ, ଆପ୍ଲାଏଡ୍ ଷ୍ଟାଟିଷ୍ଟିକ୍ସ, ଭୂଗୋଳ ଏବଂ ଏଆଇସିଟିଇ ସ୍ୱୀକୃତିପ୍ରାପ୍ତ ଏମ୍‌ବିଏ ଓ ଏମସିଏ ରହିଛି। ଅଧିକ ସୂଚନା ପାଇବା ପାଇଁ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ସହ ଯୋଗାଯୋଗ କରିବା ପାଇଁ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଭାଜପା ପାଳିବ ସେବା ପକ୍ଷ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ଭାଜପା ପକ୍ଷରୁ ପାଳନ କରାଯିବ। ସେହିପରି ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରି ୧୫ ତାରିଖ ପର୍ଯ୍ୟନ୍ତ ସେବା ପକ୍ଷ ଦଳ ପକ୍ଷରୁ ପାଳନ କରାଯିବ। ହେଲେ ଚଳିତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ୭୫ ତମ ଜନ୍ମଦିନ ପାଳନ ହେବାକୁ ଥିବାବେଳେ ଆସନ୍ତା ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦଳ ପକ୍ଷରୁ ଉତ୍ସାହର ସହ ସେବା ପକ୍ଷ ପାଳନ କରାଯିବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି।

ଏହି କାର୍ଯ୍ୟକ୍ରମ ପାଳନ ହେବା ପୂର୍ବରୁ ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କଠାରୁ ଆରମ୍ଭ କରି ବହୁ ବରିଷ୍ଠ ନେତା ଓ ଦଳର ବହୁ ନେତା ଓ ମନ୍ତ୍ରୀ ମଧ୍ୟ ଯୋଗଦେଇଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଯତୀନ କହିଛନ୍ତି, ସେବା ପକ୍ଷ ଉପଲକ୍ଷେ ଆସନ୍ତା ୧୭ରେ ରାଜ୍ୟସ୍ତରୀୟ, ୧୮ରେ ଜିଲାସ୍ତରୀୟ ଏବଂ ୧୯ରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ମଣ୍ଡଳସ୍ତରରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିରର ଆୟୋଜନ କରାଯିବ। ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ୧୮ରୁ ୨୭ ଯାଏ ଜିଲାସ୍ତରୀୟ ପ୍ରଦର୍ଶନୀ କରାଯିବ। ୧୯ ଏବଂ ୨୦ରେ ମୋଦିଙ୍କ ଜୀବନୀ ଉପରେ ଫିଲ୍ମ ପ୍ରଦର୍ଶିତ କରାଯିବ। ୧୯ରୁ ୨୭ ଯାଏ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ପାଠାଗାର ଓ ପଞ୍ଚାୟତ ଭବନରେ ମୋଦିଙ୍କ ଜୀବନୀ ଉପରେ ପୁସ୍ତକ ବଣ୍ଟାଯିବ। ୨୧ରେ ମୋଦି ବିକାଶ ମାରାଥନ କାର୍ଯ୍ୟକ୍ରମ ହେବ। ୨୫ ଏବଂ ୨୬ରେ ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ଦିବ୍ୟାଙ୍ଗଙ୍କୁ ସମ୍ମାନିତ କରାଯିବ। ଅକ୍ଟୋବର ୨ରେ ମହାତ୍ମା ଗାନ୍ଧୀ ଏବଂ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅନୁଷ୍ଠିତ ହେବ ବୋଲି ଯତୀନ କହିଛନ୍ତି।

## ମୁକ୍ତ ଓ ଅବାଧ ହେବ ସଭାପତି ନିର୍ବାଚନ: ଭକ୍ତ

### ଆଜି ପର୍ଯ୍ୟବେକ୍ଷକ ବୁଲିବେ ୭ ଜିଲା

ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)

ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ସୋମବାର କେନ୍ଦ୍ରାପଡ଼ା ଓ ବାଲେଶ୍ୱରରେ ପର୍ଯ୍ୟବେକ୍ଷକ ପହଞ୍ଚି କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ଆସନ୍ତାକାଲି(ମଙ୍ଗଳବାର) ୭ଟି ସାଙ୍ଗଠନିକ ଜିଲାକୁ ଯିବେ। ଚଳିତଥର କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ସୃଜନ ଅଭିଯାନ ଜରିଆରେ ମୁକ୍ତ ଓ ଅବାଧ ପ୍ରକ୍ରିୟାରେ ସାଙ୍ଗଠନିକ ସଭାପତି ଚୟନ ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ସୋମବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଥିଲେ, ରାଜ୍ୟର ସମସ୍ତ ୩୫ ଗୋଟି କଂଗ୍ରେସ ସାଂଗଠନିକ ଜିଲା ପାଇଁ ସଭାପତି ଚୟନ କରାଯିବ। ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ଯଥାକ୍ରମେ ମୁମ୍ବାଇ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ଚରଣ ସିଂହ ସାପ୍ରା, ପୂର୍ବତନ ମନ୍ତ୍ରୀ ବିମଳ ଶାହା, ବିଧାୟକ ରାଘବେନ୍ଦ୍ର ସିଂହ, ଏଆଇସିସି କୃଷକ ବିଭାଗର ଅଖିଳେଶ ଶୁକ୍ଳା, ପିସିସି ପୂର୍ବତନ କାର୍ଯ୍ୟକାରୀ ସଭାପତି ଜେଟି କୁସୁମ କୁମାର, ପୂର୍ବତନ ପିସିସି ସଭାପତି ମହେଶ ଶର୍ମା ଓ ଏଆଇସିସି ସମ୍ପାଦକ ମନୋଜ ଚୌହାନ ପ୍ରମୁଖ ଓଡ଼ିଶାରେ ପହଞ୍ଚି ସାରିଛନ୍ତି। ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀ ସେମାନଙ୍କ ସହ ସମ୍ପୃକ୍ତ ଜିଲା ଗସ୍ତ କରିଛନ୍ତି। ପର୍ଯ୍ୟବେକ୍ଷକମାନେ ନିଜ ନିଜ ନିର୍ଦ୍ଧାରିତ ଜିଲାରେ ଅନ୍ୟୂନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରି ଏକ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାଗୁଡ଼ିକରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଫଳରେ ପ୍ରତି ଜିଲାରେ ଜଣେ ଲେଖାଏ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଙ୍ଗଠନିକ ନେତୃତ୍ୱ ନେବେ ବୋଲି ଭକ୍ତ କହିଛନ୍ତି।

# ଝିଅ ଜନ୍ମଦିନରେ ବାପାଙ୍କ ମୃତ୍ୟୁ

- କେକ୍ କିଣିବାକୁ ଆସୁଥିବା ବେଳେ ଚଢ଼ିଗଲା ଡମ୍ଫର
- କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ସୋର, ୧।୯ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଗଡ଼ସାହି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଝିଅ ଜନ୍ମଦିନରେ କେକ୍ ଆଣିବା ପାଇଁ ଯାଉଥିବା ବାପା ଉପରେ ଚଢିଗଲା ଡମ୍ଫର। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଏଭଳି ଦୁର୍ଘଟଣା ବାଗୁଡ଼ି ବଜାରରେ ଆଲୋଡ଼ନ ସୃଷ୍ଟି କରିଛି।

ମୃତ ଯୁବକ ହେଲେ ଉମାକାନ୍ତ ପାଢ଼ୀ(୩୫)। ସୋମବାର ଥିଲା ତାଙ୍କ ଝିଅର ଜନ୍ମଦିନ। ଅପରାହ୍ନରେ ସେ କେକ୍ ଆଣିବା ପାଇଁ ବାଇକରେ ସୋର ଅଭିମୁଖେ ଆସୁଥିଲେ। ବାଗୁଡି ବଜାର ନିକଟ ଭଗବତୀ ଟ୍ରେଡର୍ସ ସମ୍ମୁଖରେ ପଛରୁ ଆସୁଥିବା ଏକ ପଥର ବୋଝେଇ ଡମ୍ଫର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଉମାକାନ୍ତଙ୍କ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ସୋର-ଗୋପୀନାଥପୁର ରାସ୍ତାକୁ ଅବରୋଧ କରି ଧାରଣାରେ ବସିଥିଲେ। ସୋର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇବା ପରେ ଡମ୍ଫର ଚାଳକ ଏବଂ ଖଲାସୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ସୋର ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି।



ମୃତ ଉମାକାନ୍ତ।

# ସାର ପାଇଁ ଚାଷୀଙ୍କ ଲମ୍ବାଧାଡ଼ି




ସାର ନେବାପାଇଁ ଚାଷୀମାନେ ଲମ୍ବାଧାଡ଼ିରେ ଠିଆ ହୋଇଛନ୍ତି।

ଆସିକା,୧।୯(ସୁରେନ୍ଦ୍ର ନାଥ ସାହୁ)

ଧାନରୁଆ ପରେ ୟୁରିଆ ସାର ପ୍ରୟୋଗ ଜରୁରୀ ହୋଇଥିଲା ବେଳେ ଗଞ୍ଜାମ ଜିଲାରେ ଚାଷୀଙ୍କୁ ଆବଶ୍ୟକ ପରିମାଣରେ ଏହା ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସରକାର ଏଥିପ୍ରତି ଧ୍ୟାନ ନ ଦେଇ ସାର ଯୋଗାଣରେ ହେୟ ମନୋଭାବ ପ୍ରଦର୍ଶନ କରୁଥିବାରୁ କଳାବଜାରରେ ଅଧିକ ଦର ଦେଇ କିଣିବାକୁ ବାଧ୍ୟ ହେଉଛୁ ବୋଲି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ସୋମବାର ଆସିକା ବସଷ୍ଟାଣ୍ଡସ୍ଥିତ ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି (ଏମ୍‌ପିସିଏସ) ସାର ବିକ୍ରୟ କେନ୍ଦ୍ର ସମ୍ମୁଖରେ ଚାଷୀଙ୍କ ଲମ୍ବା ଧାଡି ଲାଗିଥିଲା। ପରିସ୍ଥିତିକୁ ଦେଖି ଏମପିସିଏସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରଶାସନର ଦୃଷ୍ଟିକୁ ଅଣାଯିବା ପରେ ଆସିକା ଅତିରିକ୍ତ ତହସିଲଦାର ସୌଦାଗର ବେହେରା, ଏମପିସିଏସ ପରିଚାଳନା ପରିଷଦର ସଦସ୍ୟ ଓ ପୋଲିସ ଉପସ୍ଥିତିରେ ଚାଷୀଙ୍କୁ ୨ବସ୍ତା ଲେଖାଏ ସାର ବଣ୍ଟାଯାଇଥିବା ଜଣାପଡିଛି।

ଆସିକା ଏମପିସିଏସ ପକ୍ଷରୁ ୧ଶହ ମେଟ୍ରିକ ଟନ ସାରର ଆବଶ୍ୟକତା ଦର୍ଶାଯାଇଥିଲା ବେଳେ ମାତ୍ର ୩୦ ମେଟ୍ରିକ ଟନ ଆସିଥିଲା। ଆଗାମୀ ଦିନରେ ଏହି ସମିତିକୁ ଆବଶ୍ୟକ ସାର ପହଞ୍ଚିବା ବ୍ୟବସ୍ଥା କରାଯାଉଛି ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଗତ ବୁଧବାର ମଧ୍ୟ ଆସିକା ବସଷ୍ଟାଣ୍ଡ କଳିଙ୍ଗା ରୋଡଠାରେ ଏକ ଘରୋଇ ସାର ବିକ୍ରେତାଙ୍କ ବିକ୍ରୟ କେନ୍ଦ୍ର ସମ୍ମୁଖରେ ଚାଷୀଙ୍କ ଏଭଳି ଲମ୍ବା ଧାଡି ଲାଗିଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨ କଲରାପତରିଆ ବାଘଛାଲ ଜବତ, ୪ ଗିରଫ

**ରାୟଗଡ଼ା,୧୯(ଆଶିଷ ରଞ୍ଜନ ପଣ୍ଡା)**

ପଡ଼ୋଶୀ ଗଜପତି ଜିଲାରୁ ରାୟଗଡ଼ା ଜିଲା ଦେଇ ମହାରାଷ୍ଟ୍ରକୁ ବାଘଛାଲ ଚାଲାଣବେଳେ ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ ବିଭାଗ ୪ଜଣଙ୍କୁ ଗିରଫ କରିଛି। ବନ ବିଭାଗ ସମସ୍ତ ଅଭିଯୁକ୍ତଙ୍କୁ ରବିବାର ରାତିରେ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୨ଟି କଲରାପତରିଆ ବାଘ ଚମଡ଼ା ଜବତ କରାଯାଇଛି। ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ମହାରାଷ୍ଟ୍ରର ମୋତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜ କୁମାର ଗୁପ୍ତା ଏବଂ ଅନ୍ୟ ଦୁଇଜଣ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ଥାନା ଅଧୀନ ଅଞ୍ଜରସିଂ ଗ୍ରାମର ଜିସୟ ଗମାଙ୍ଗ ଓ ଗୁଣପୁର ଥାନା ଅଧୀନ ମାଛଖୁଣ୍ଟି ଗ୍ରାମର ମହେଶ ହୁଇକା ବୋଲି ଜଣାପଡ଼ିଛି। ଚଢ଼ାଉ ସମୟରେ ଏସିଏଫ୍ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ରେଞ୍ଜର କାମେଶ୍ୱର ଆଚାରି, ଫରେଷ୍ଟର ଗୌରୀ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

ବନ ବିଭାଗ ସୂଚନା ଅନୁସାରେ, ଜିସୟ ଓ ମହେଶ ବାଘ ଚମଡ଼ାକୁ ବିକ୍ରି କରିବା ପାଇଁ ପ୍ରଭାକର ଓ ରାଜଙ୍କ ସହିତ ଯୋଗାଯୋଗରେ ରହିଥିଲେ। ବାଘଛାଲ କାରବାର ବିଷୟରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭିନ୍ୟୁ ବିଭାଗ ଜାଣିପାରି ରାୟଗଡ଼ା ବନ ବିଭାଗର ସହାୟତାରେ ଏହି ବାଘଛାଲ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଥିଲା। ଦୁଇ କଲରାପତରିଆ ବାଘ ଚମଡ଼ାକୁ ଗଜପତି ଜିଲାରୁ ଆଣି ମହାରାଷ୍ଟ୍ର ଚାଲାଣ ପାଇଁ ଯୋଜନା ହୋଇଥିଲା। ଉକ୍ତ ଦୁଇ ବାଘର ବୟସ ପ୍ରାୟ ୫ରୁ ୭ବର୍ଷ ହୋଇଥିବା ନେଇ ଅନୁମାନ କରାଯାଉଛି। ତେବେ ଏହି ବାଘ ଚମଡ଼ା କେଉଁଠାରୁ ଆସିଛି ତାହାର ତଦନ୍ତ ଚାଲିଛି ବୋଲି ଏସିଏଫ୍ ପ୍ରଧାନ


ଜବତ ବାଘଛାଲ ସହ ଗିରଫ ୪ ଅଭିଯୁକ୍ତ।

## ଗଜପତିରୁ ମହାରାଷ୍ଟ୍ର ଚାଲାଣ ଯୋଜନା ଥିଲା

ସୂଚନା ଦେଇଛନ୍ତି। ୨୦୨୩ ନଭେମ୍ବର ୮ ତାରିଖରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ତାମ୍ପରାବୁଡ୍‌ଡୁଣିଠାରେ ଅନୁରୂପ ୨ କଲରାପତରିଆ ବାଘ ଛାଲ ଜବତ ସହ ୨ ଜଣଙ୍କୁ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କଫୋର୍ସ ଗିରଫ କରିଥିଲା।

ସୂଚନାଯୋଗ୍ୟ, ୨୦୧୭ରେ ହୋଇଥିବା ହାତୀ ଓ ବ୍ୟାଘ୍ର ଗଣନା ଅନୁସାରେ ଜିଲାର ୩ଟି ରେଞ୍ଜ ଗୁଡ଼ାରି, ମୁନିଗୁଡ଼ା ଓ କଲ୍ୟାଣସିଂହପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ମୋଟ ୧୬ ହାତୀ ଓ ୬ଟି କଲରାପତରିଆ ବାଘ ଥିଲେ। ତେବେ ଏସିଏଫ୍ ଅଶୋକ ପ୍ରଧାନଙ୍କ ସୂଚନା ଅନୁସାରେ ୨୦୨୩-୨୪ ଗଣନା ଅନୁସାରେ ଜିଲାରେ କୌଣସି ବାଘ ରହିଥିବା ନେଇ ଜଣାପଡ଼ି ନ ଥିଲା। ପଡ଼ୋଶୀ କଳାହାଣ୍ଡି ଓ କନ୍ଧମାଳ ଜିଲାରୁ ସମୟ ସମୟରେ ହାତୀ ଖାଦ୍ୟ ଅନ୍ୱେଷଣରେ ରାୟଗଡ଼ା ଜିଲା ଜଙ୍ଗଲରେ ମଧ୍ୟରେ ପ୍ରବେଶ କରୁଥିବା ନଜର ରହିଛି।

# ପରକୀୟା ପ୍ରୀତି ସନ୍ଦେହରେ ଗୁଳିମାଡ଼, ଜଣେ ଗୁରୁତର

**ଅନୁଗୋଳ,୧୯(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅଞ୍ଚଳର ଏକ ଦଳିତ ବସ୍ତିରେ ପରକୀୟା ପ୍ରୀତି ସନ୍ଦେହରେ ସୋମବାର ଗୁଳିମାଡ଼ ହୋଇଛି। ଏଥିରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବାବେଳେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁଳିମାଡ଼ର ଶିକାର ହୋଇଥିବା ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ସହ ଗୁଳିମାଡ଼ କରିଥିବା ଅଭିଯୁକ୍ତଙ୍କ ପ୍ରେମ ସମ୍ପର୍କ ଥିଲା। ଏହାକୁ ନେଇ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଗୁଳିମାଡ଼ର ଶିକାର ଅଭିଯୋଗକାରୀଙ୍କ ସ୍ତ୍ରୀ ଗତ ୧୨ ଦିନ ହେବ ପିଲାଛୁଆଙ୍କୁ ଛାଡ଼ି କୁଆଡେ ଚାଲିଯାଇଛନ୍ତି। ତେଣୁ ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ଲୁଚାଇ ରଖିଥିବା ଅଭିଯୋଗକାରୀ କହିବା ପରେ ସୋମବାର ସକାଳେ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ଏକ ବନ୍ଧୁକ ଆଣି ଗୁଳି ଚଳାଇଥିଲେ। ଫଳରେ ଅଭିଯୋଗକାରୀଙ୍କ ଡାହାଣ କାନ୍ଧ ଓ ଅଣ୍ଟା ପାଖରେ ୨ଟି ଗୁଳି ବାଜିଥିଲା। ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଆଠମଲ୍ଲିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସନ୍ଧ୍ୟା ସୁଦ୍ଧା ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଅପହରଣ ବେଳେ ୬ଷ୍ଠ ଶ୍ରେଣୀ ଛାତ୍ରୀ ଉଦ୍ଧାର

**ବଇଣ୍ଡା, ୧୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ସୋମବାର ଜଣେ ଯୁବକ ଅପହରଣ କରି ନେଉଥିବା ବେଳେ ଲୋକେ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଛାତ୍ରୀଙ୍କୁ ଅଭିଯୁକ୍ତ ଯୁବକ ବିଭିନ୍ନ ଲୋଭ ଦେଖାଇ ବସ୍‌ରେ କେଉଁଆଡ଼େ ନେଇଯାଉଥିଲେ। ହେଲେ ବସ୍ ଭିତରେ ଛାତ୍ରୀ ଜଣକ କାନ୍ଦିବାରୁ ଜରପଡ଼ା ଥାନା ମୁଣ୍ଡାସାହି ନିକଟରେ ସ୍ଥାନୀୟ ଲୋକେ ବସ୍‌ରୁ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ସେ ଘର ଠିକଣା କହିବା ପରେ ଉଦ୍ଧାରକାରୀମାନେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ଠାକୁରଗଡ଼ ଥାନାରେ ଅଭିଯୋଗ କରାଯାଇଛି। ହେଲେ ଠାକୁରଗଡ ଆଇଆଇସି ଶଶୀ ଭୂଷଣ ବେହେରା କହିଛନ୍ତି, ପରିବାର ଲୋକେ ଥାନାକୁ ଆସିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ହୋଇନାହିଁ।

# ଦୁଇ ବ୍ରାଉନ୍‌ସୁଗାର ବେପାରୀ ଗିରଫ, ବନ୍ଧୁକ ଜବତ


ପୋଲିସ ହେପାଜତରେ ଗିରଫ ଦୁଇ ବ୍ରାଉନ୍ ସୁଗାର ବେପାରୀ।

**ଭୁବନେଶ୍ୱର,୧୯(ସତ୍ୟଜିତ୍ ରାଉତ)**

## ଅପରେଶନ ପ୍ରହାର

ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଓଡ଼ିଶା ପୋଲିସ ଅପରେଶନ ପ୍ରହାର ଆରମ୍ଭ କରି କାର୍ଯ୍ୟାନୁଷ୍ଠାନ ନେଉଛି। ଭୁବନେଶ୍ୱର ଇନ୍‌ଫୋସିଟି ଥାନା ପୋଲିସ ସୋମବାର ଦୁଇ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ସେକ୍ ମାସୁମ୍ ଓ ଛୋଟୁ ମଣ୍ଡଳ। ପ୍ରଶାନ୍ତି ବିହାର ଅଞ୍ଚଳର ଚିରଗାଲଟୋଲା ବସ୍ତିରେ ପୋଲିସ ଚଢ଼ାଉ କରି ଉଭୟଙ୍କୁ କାବୁ କରିଛି। ସେମାନଙ୍କଠାରୁ ୪୫ଗ୍ରାମ୍‌ର ବ୍ରାଉନ୍‌ସୁଗାର, ୭.୬୫ ଏମ୍‌ଏମ୍ ଦେଶୀ ବନ୍ଧୁକ, ୪ ରାଉଣ୍ଡ ଜୀବନ୍ତ ଗୁଳି ଓ ଗୋଟିଏ ମୋବାଇଲ ଜବତ ହୋଇଛି। ଏନେଇ ଇନ୍‌ଫୋସିଟି ଥାନା ପକ୍ଷରୁ ଏକ ମାମଲା(ନଂ.୪୧୬/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମାସୁମ୍‌ଙ୍କ ନାଁରେ ବିଭିନ୍ନ ଥାନାରେ ୮ଟି ମାମଲା ଏବଂ ଛୋଟୁଙ୍କ ନାଁରେ ୩ଟି ମାମଲା ରହିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୋଲିସ ଟିମ୍ ଦିନ ପ୍ରାୟ ୧ଟା ୩୦ ମିନିଟରେ ଚିରଗାଲଟୋଲା ବସ୍ତିସ୍ଥିତ ମାସୁମ୍‌ଙ୍କ ଘରେ ଚଢ଼ାଉ କରିଥିଲା। ସେଠାରେ ଛୋଟୁ ଥିବାବେଳେ ଉଭୟଙ୍କୁ କାବୁ କରାଯାଇଥିଲା। ଅପରେଶନ ପ୍ରହାର ଅଭିଯାନ ଦ୍ୱାରା ନିଶା କାରବାର ରୋକାଯାଇପାରିବ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି।

# ଚୋର ଗ୍ୟାଙ୍ଗ୍ ଠାବ, ୫ ଗିରଫ

**ବାସୁଦେବପୁର,୧୯(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)**

## ୭ ବାଇକ୍, ୪ ବ୍ୟାଟେରି ସହ ୨ ଇନ୍‌ଭର୍ଟର ଜବତ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ସୋମବାର ଏକ ଚୋର ଗ୍ୟାଙ୍ଗ୍‌କୁ ଠାବ କରିଛି। ଏହି ଗ୍ୟାଙ୍ଗ୍‌ର ୫ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୭ ବାଇକ୍, ୪ ବ୍ୟାଟେରି ସହ ୨ ଇନ୍‌ଭର୍ଟର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନାୟକାଣିଡିହୀ ଥାନା ଅଧୀନ ରାଇପୁର ଗ୍ରାମର ତପନ କୁମାର ବେହେରା(୩୩), ବୀଣାଦଣ୍ଡାର ପ୍ରଦୀପ ମହାନ୍ତି(୩୨), ମାଛୁଆଘାଇର ଉମାକାନ୍ତ ବନ୍ଧ (୩୨), ରାଜଘରପୋଖରୀର ଧନଞ୍ଜୟ ନାୟକ(୨୮) ଓ ବ୍ରଜାନନ୍ଦପୁରର ପ୍ରଫୁଲ୍ଲ ସେଠୀ(୩୮)। ସେମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଆପରାଧିକ ମାମଲା ରହିଥିବା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭଦ୍ରକ ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ନାୟକାଣିଡିହୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, ଏସ୍‌ଆଇ ସୁରେନ୍ଦ୍ର କୁମାର ମଲ୍ଲ, ଏଏସ୍‌ଆଇ ସୁନୀତା ହେମ୍ବ୍ରମ, ଅନିଲ ସେଠୀ, କନ୍‌ଷ୍ଟେବଲ ସରୋଜ ନାୟକ ଓ ଉମେଶ ନାୟକଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏହି ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋର ଗ୍ୟାଙ୍ଗ୍‌କୁ ଧରିଛି ବୋଲି ଏସ୍‌ଡିପିଓ କହିଛନ୍ତି। ପ୍ରକାଶଥାଉ କି, ଗତ ଜୁଲାଇ ୨୪ରେ ରାଜଘରପୋଖରୀ ହାଇସ୍କୁଲରୁ ୪ଟି ଇନ୍‌ଭର୍ଟର ବ୍ୟାଟେରି ଚୋରି ହୋଇଥିଲା।


ଜବତ ହୋଇଥିବା ବାଇକ୍, ଇନ୍‌ଭର୍ଟର ଓ ବ୍ୟାଟେରି।

**ପ୍ରଥମ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା**




**ଶ୍ରୀୟାନ୍ ସ୍ୱାଇଁ (ଶୁଭମ୍)**
ଖନ୍ଦୋଳ, ଇଦ୍ରିସିଂହ, ଜଗତ୍‌ସିଂହପୁର
ଆଜି ପ୍ରଥମ ଜନ୍ମବାର୍ଷିକୀ ଉତ୍ସବରେ ତୁମ ଚଲାପଥ କୁସୁମିତ କରି ଭବିଷ୍ୟତ ଉଜ୍ଜ୍ୱଳ ସହ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗତ୍ ଜନନୀ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ : ବାବା, ମାମା, ଅମୁ ଦାଦା, ବସନ୍ତବୋଉ, ମିନାମାଆ, ପ୍ରଫୁଲ୍ଲଜେଜେ, ମାନୁନାନା, ବିରଜାପିଉସା, ଅଜା, ଆଇ, ପିହୁଦିଦି, ଅଂଶୁଭାଇ, ମାମୁ, ମାଇଁ, ଗେଲହୁନାନା, ଲଭ୍‌ଲିନାନା, ତ୍ରିଶାନାନା, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୨୬

# ମହିଳା ବିକୁଥିଲେ ଗଞ୍ଜେଇ ସିଗାରେଟ୍

**ଭୁବନେଶ୍ୱର,୧୯(ସତ୍ୟଜିତ୍ ରାଉତ):** ନୟାପଲ୍ଲୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ପାଚେରି ପାର୍ଶ୍ୱରେ ଗଞ୍ଜେଇ ସିଗାରେଟ୍ ବିକ୍ରି କରୁଥିବାବେଳେ ସୋମବାର ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସାବିତ୍ରୀ ବେହେରା(୫୩)। ତାଙ୍କଠାରୁ ୧୧୦ଟି ଗଞ୍ଜେଇ ସିଗାରେଟ୍ ଜବତ କରାଯାଇଛି। ଏନେଇ ନୟାପଲ୍ଲୀ ଥାନା ପକ୍ଷରୁ ମାମଲା (ନଂ.୫୦୧/୨୦୨୫) ରୁଜୁକରାଯାଇ ସାବିତ୍ରୀଙ୍କୁ କୋର୍ଟ ଚାଲାଣ କରାଯିବାପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ତାଙ୍କ ନାଁରେ ନୟାପଲ୍ଲୀ ଥାନାରେ ୨ଟି ନିଶା କାରବାର ମାମଲା ରହିଛି।

**Classified Everyday**
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

Commercial cum residential plot, gharabari with compound wall touching to N.H.- 316 road (Nakhara to Niali) 10 KM from Nakhara & 15 KM to BBSR 80X30=2400sft. high land from road level @2500/- pervsft. 7809525452. D-76487

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338.** D-1803

Gharabari plot 2000sqft. near Lingaraj Temple, direct owner with boundarywall, No Litigation. Phone-9178924698. D- 1689

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781




Newly open health benefits SPA by expert therapist. Contact-8280961126. D-76935

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1127, date 08.08.25, I Sohani Mahapatra, D/o- Aswini Kumar Mahapatra, R/o- Boudh Town (Brahminsahi), P.O./ P.S./Dist.- Boudh, Odisha, PIN- 762014 declare that I have changed my name from Suhani Mahapatra to Sohani Mahapatra. Henceforth, I shall be known as Sohani Mahapatra for all purposes.
Sohani Mahapatra
D-1825

I, Srikant Kumar Sethi, S/o- Karunakar Sethi, Resident of Qr. No.- B-695, Sector-2, Saraswati Vihar, Nalco Township, Damanjodi, Dist.- Koraput, PIN-763008, Odisha declare by this affidavit Cf No.- 11, dtd. 01.09.2025 that now onwards I shall be known as Srikanta Kumar Sethi for all future purposes. D-1824

I, Sashi Bhusan Majhi, S/o- Krushna Chandra Majhi, At/ P.O.- Dengapadar, Via- Mirganguda, Dist.- Koraput, Odisha-764063 solemnly declare that I have changed my minor son's name "JAYATIRANJAN MAJHI" to "JYOTIRANJAN MAJHI" on dated 11.08.2025 before Notary Public, Borigumma. Henceforth, JAYATIRANJAN MAJHI shall be known as "JYOTIRANJAN MAJHI" for all future purposes.
D-1829

By virtue of an affidavit No.- 2334, sworn before the Executive Magistrate, Bari dated 26.08.2025, I, Sagar Ranjan Swain, S/o- Khageswara Swain, permanent resident of Vill/P.O.- Balibil, P.S.- Bari Ramachandrapur, Dist.- Jajpur, declare that I have changed my name from Sagar Ranjan Swain to Sagara Ranjan Swain. Henceforth, I shall be known as Sagara Ranjan Swain for all purpose. D-1828

# ହ୍ୟୁଜ୍ ଆପ୍‌ରେ ୧୬ ଲକ୍ଷ ଠକେଇ

**କଟକ,୧୯(କାର୍ତ୍ତିକ ସାହୁ)**

ଏକ ଠକେଇ ମାମଲାରେ କଟକ ସାଇବର ଥାନା ପୋଲିସ ଜଣଙ୍କୁ ବାଲେଶ୍ୱରରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅନ୍ତର୍ଗତ ଦାସିସାହାଡ଼ା ଗ୍ରାମର ପାର୍ଥ ସାରଥି ଦାସ (୬୪)। ତାଙ୍କ ନିକଟରୁ ୩ଟି ମୋବାଇଲ ଫୋନ୍, ୬୮,୦୦୦ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏଥିସହ ୨.୫୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଅଚଳ କରିଦିଆଯାଇଛି।

ଦରଘାବଜାର ଥାନା ଅନ୍ତର୍ଗତ କଦମ ରସୁଲ ବାସିନ୍ଦା ମିର୍ଜା ଅଦିଲ ବେଗ (୪୫)ଙ୍କ ଅଭିଯୋଗ ଅନୁଯାୟୀ, ମୋବାଇଲ୍ ହ୍ୟୁଜ୍ ଆପ୍ ଗତ ୨ ମାସ ଧରି ଉପଲବ୍ଧ ହୋଇଛି। ଏହି ଆପ୍ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ ଲୋକ ପଞ୍ଜୀକରଣ ଦେୟ ୧୬,୫୦୦ ଟଙ୍କା ଜମା କରି ପଞ୍ଜୀକୃତ ହୋଇଛନ୍ତି। ଏ ବାବଦରେ ପ୍ରାୟ ୧୬ ଲକ୍ଷ ଟଙ୍କାର ଠକେଇ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ଆପ୍‌ରୁ କେତେଜଣ ଲୋକ ଲାଭବାନ ହୋଇଛନ୍ତି। ଫଳରେ ଅନ୍ୟମାନେ ଏଥିରେ ଭରସା କରି ଯୋଡ଼ି ହୋଇଥିଲେ। ହ୍ୟୁଜ୍ ଆପ୍ ଅଫିସ ବାଦାମବାଡ଼ି ନିଉ କଲୋନୀ ସ୍କୁଲ ସାମ୍ନାରେ ରହିଥିଲା। ଏହାର ପ୍ରମୋଟର ଭାବେ ପାର୍ଥ ସାରଥି ରହିଥିଲେ। ତେବେ ଗତ ଅଗଷ୍ଟ ୧୫ରେ କେତେଜଣ ବ୍ୟକ୍ତି


ଗିରଫ ପାର୍ଥ ସାରଥି ଦାସ।

## ବାଲେଶ୍ୱରରୁ ଗିରଫ ହେଲେ ଅଭିଯୁକ୍ତ

ଅର୍ଥ ଫେରାଇବା ପାଇଁ କହିଥିଲେ। ମାତ୍ର ସେମାନଙ୍କୁ ବାର୍ଷିକ ଦେୟ ବାବଦରେ ୪,୯୫୦ ଟଙ୍କା ଦେବାକୁ କୁହାଯାଇଥିଲା। ବହୁ ବ୍ୟକ୍ତି ଆପ୍ ମାଧ୍ୟମରେ ଏହି ଦେୟ ଦେଇଥିଲେ। ମାତ୍ର ଅଗଷ୍ଟ ୧୯ରେ ଆପ୍ ହଠାତ୍ ବନ୍ଦ ହୋଇଯାଇଥିଲା। ଅର୍ଥ ନିବେଶ କରିଥିବା ଲୋକମାନେ ଯେତେ ଚେଷ୍ଟା କଲେ ବି ତାହା ଆଉ ଖୋଲି ନ ଥିଲା। ଫଳରେ ଲୋକମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଠକେଇ ଶିକାର ହୋଇଥିବା ଲୋକମାନେ ସାଇବର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ସାଇବର ଥାନାରେ ମାମଲା (ନଂ. ୬୨/୨୦୨୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା।

# ରାସ୍ତାରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

**ବେଲପାହାଡ଼, ୧୯(ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅନ୍ତର୍ଗତ ବତଲଗା ଗ୍ରାମର ବିଲ ନିକଟ ରାସ୍ତାରୁ ପୋଲିସ ଜଣେ ମହିଳାଙ୍କ ମୃତଦେହ ସୋମବାର ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଲିଲିମା ମିର୍ଦ୍ଧା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଲିଲିମା ୨୦୦୪ରେ ସମ୍ବଲପୁର ଜିଲାର ଗୁରୁପାଲି ଗ୍ରାମରେ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ଓ କନ୍ୟା ସନ୍ତାନ ଅଛନ୍ତି। ପ୍ରାୟ ୭/୮ ବର୍ଷ ହେବ ପାରିବାରିକ ବିବାଦ କାରଣରୁ ବିବାହ ବିଚ୍ଛେଦ ହେବା ପରେ ସେ ବାପଘରକୁ ଚାଲିଆସିଥିଲେ। ହେଲେ ମା'ବାପା ନ ଥିବାରୁ ସେ ଦାଦା, ଖୁଡ଼ୀଙ୍କ ଘରେ ରହୁଥିଲେ। ଏଥିସହ ବନହରପାଲିଠାରେ ଥିବା ଏକ କମ୍ପାନୀରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ରବିବାର ଡ୍ୟୁଟି ସାରି ଘରକୁ ଆସିବା ପରେ ରାତି ପ୍ରାୟ ୮ଟାରେ ପ୍ଲାଷ୍ଟିକ୍ ବାଲ୍ଟି ଧରି ଶୌଚ ପାଇଁ ବାହାରକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସୋମବାର ସକାଳେ ଦାଦାପୁଅ ଭାଇ କିଶୋର ବିଲ ପଟକୁ ଯାଇ ଦେଖିଲା ବେଳକୁ ରାସ୍ତା ମଝିରେ ଲିଲିମାଙ୍କ ମୃତଦେହ ପଡ଼ିଛି। ଏଥିସହ ତାଙ୍କର ଗୋଡ଼ ପାଖରେ ବାଲ୍ଟିରେ ପାଣି ଥିବା ଦେଖିଥିଲେ। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ କିଶୋର କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଥାନା ଅଧିକାରୀ ରଞ୍ଜିତ୍ ନାଏକ, କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ଦଳେଇ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ତଦନ୍ତ କରିଛନ୍ତି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରଧାନ କହିଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ।

# ସ୍ଲିଭ୍ ଲେସ୍ ଫ୍ୟାଶନ

ଫ୍ୟାଶନ ଦୁନିଆରେ ସ୍ଲିଭ୍ ଲେସ୍ ବ୍ଲାଉଜ୍ ସବୁ ସମୟରେ ଏକ ଷ୍ଟାଇଲ୍ ଆଇକନ୍‌ଭାବେ ରହିଛି। ଏହା ମର୍ଡନ ଲୁକ୍ ଦେବା ସହ ପାରମ୍ପରିକ ବେଶଭୂଷାରେ ବି ଏକ ଖାସ୍ ଆକର୍ଷଣ ଦେଇଥାଏ। ତେବେ କେଉଁ ପ୍ରକାର ବଡି ଟାଇପ୍ ନିମନ୍ତେ କିଭଳି ସ୍ଲିଭ୍‌ଲେସ୍ ଚୟନ କରିବେ ସେସମ୍ପର୍କରେ ଜାଣନ୍ତୁ।



← ଶାରୀରିକ ଗଠନ ବା ବଡି ଟାଇପ୍ ଅନୁସାରେ ଅଲଗା ପ୍ରକାର ସ୍ଲିଭ୍ ଲେସ୍ ବ୍ଲାଉଜ୍ ଚୟନ କରନ୍ତୁ, ନଚେତ୍ ଆଉଟ୍‌ଫିଟ୍ ଭଲ ଲାଗିବ ନାହିଁ।

← କମ୍ ହାଇଟ୍ ମହିଳା ସ୍ଲିଭ୍ ଲେସ୍ ବ୍ଲାଉଜ୍ ପିନ୍ଧିବାକୁ ଚାହୁଁଥିଲେ ପତଳା ଷ୍ଟ୍ରେପ୍ ବାଛନ୍ତୁ। ଏହା ବ୍ୟତୀତ ଡିପ୍ ନେକ୍‌ଲାଇନ ଥିବା ବ୍ଲାଉଜ୍ ସେମାନଙ୍କ ହାଇଟ୍‌କୁ ସାମାନ୍ୟ ଅଧିକ ଦେଖାଇବାରେ ସାହାଯ୍ୟ କରିବ। ହେଭି ୱାର୍କ ଥିବା ବ୍ଲାଉଜ୍ ପିନ୍ଧନ୍ତୁ ନାହିଁ।

← କର୍ଭି ଟାଇପ୍ ମହିଳା ସବୁବେଳେ ଫିଟିଂ ସ୍ଲିଭ୍‌ଲେସ୍ ବ୍ଲାଉଜ୍ ଡିଜାଇନ୍ କରନ୍ତୁ। ଏହା ସହ ବ୍ରଡ୍ ଷ୍ଟ୍ରେପ୍ ଓ ହାଇ ନେକ୍‌ଲାଇନ ଡିଜାଇନ ସେମାନଙ୍କୁ ଏକ ସୁନ୍ଦର ଲୁକ୍ ଦେବ। ତେବେ ଆର୍ମହୋଲ୍ ଡିପ୍ କରନ୍ତୁ ନାହିଁ। ଏହା ଫଳରେ ଅଣ୍ଡରଆର୍ମ ଫ୍ୟାଟ୍ ଦେଖାଯିବ।

← ପିୟର ଶେପ୍ ମହିଳାଙ୍କ ପାଇଁ ହାଲ୍ଟର ନେକ୍ ଓ ଅଫ୍ ସୋଲ୍‌ଡର ଡିଜାଇନ ସୁନ୍ଦର ବିକଳ୍ପ ହୋଇପାରିବ। ସ୍ଲିଭ୍‌ଲେସ୍ ବ୍ଲାଉଜ୍‌ରେ ଅପର ବଡି ଉପରେ ଫୋକସ୍ ରହୁଥିବାରୁ ଅଧିକ କାମଥିବା ଡିଜାଇନ ପିନ୍ଧନ୍ତୁ।

← ଯେଉଁମାନଙ୍କର ବଡି ଟାଇପ୍ ଆପଲ ଶେପ୍ ହୋଇଥାଏ ସେମାନେ ପ୍ଲଙ୍ଗିଂ ନେକ୍‌ଲାଇନ ଥିବା ସ୍ଲିଭ୍‌ଲେସ୍ ବ୍ଲାଉଜ୍ ଚୟନ କରନ୍ତୁ। ଏହା ଫଳରେ ଆପଣଙ୍କ ବେକ ତଳକୁ ଲମ୍ବା ଦେଖାଯିବ। ଷ୍ଟ୍ରେପ୍ ଚଉଡ଼ା ହେଲେ ଏକ ସୁନ୍ଦର ଲୁକ୍ ପାଇପାରିବେ।

← ଆପଣଙ୍କର ବଡି ଟାଇପ୍ ଯଦି ଅଧିକ ଲମ୍ବା ହୋଇଥାଏ, ତେବେ ବୋଟ୍ ନେକ୍ ବା ହାଇ ନେକ୍ ସ୍ଲିଭ୍ ଲେସ୍ ବ୍ଲାଉଜ୍ ଅଧିକ ସୁନ୍ଦର ଲାଗିବ। ଡିଜାଇନ ନେକ୍‌ଲାଇନ ବ୍ଲାଉଜ୍ ଫିଗରକୁ କର୍ଭି ଦେଖାଇବାରେ ସାହାଯ୍ୟ କରିଥାଏ। ଗାଢ଼ ରଙ୍ଗର ବ୍ଲାଉଜ୍ ପିନ୍ଧନ୍ତୁ ଏକ ସୁନ୍ଦର ଲୁକ୍ ମିଳିବ।

# ବଡି ସେମିଂ

ବିଭିନ୍ନ ପ୍ରକାର ଦାୟିତ୍ୱ ଓ କାମର ଚାପରେ ବିବାହ ପରେ ନିଜ ଲୁକ୍ ନେଇ ଏତେଟା ଧ୍ୟାନ ଦେଇପାରନ୍ତି ନାହିଁ ମହିଳା। ଫଳରେ ସେମାନଙ୍କ ଶାରୀରିକ ଗଠନରେ ଅନେକ ପରିବର୍ତ୍ତନ ଦେଖାଦିଏ। ଯାହାଦ୍ୱାରା ଅନେକ ସମୟରେ ସେମାନଙ୍କୁ ବଡି ସେମିଂର ବି ସାମ୍ନା କରିବାକୁ ପଡିଥାଏ। ଏମିତିରେ ମାନସିକ ସ୍ତରରେ ଦୁର୍ବଳ ନ ହୋଇ ନିଜ ଫିଗର ଓ ପର୍ସନାଲିଟି ମେଣ୍ଟେନ କରିବା ନିମନ୍ତେ ପ୍ରୟାସ ଦରକାର...

ସୌନ୍ଦର୍ଯ୍ୟକୁ ନେଇ ପ୍ରଶଂସା ଶୁଣିବାକୁ ଭଲପାନ୍ତି ମହିଳା। ସେଥିପାଇଁ ତ ଶୋଳ ଶୃଙ୍ଗାରଠୁ ଆରମ୍ଭକରି କେତେ କ'ଣ ଷ୍ଟାଇଲ୍‌କୁ ଆପଣାଇଥାନ୍ତି। ହେଲେ ବିବାହ ପରେ ମହିଳାଙ୍କର ଅନେକ ପ୍ରକାର ଶାରୀରିକ ପରିବର୍ତ୍ତନ ହୋଇଥାଏ। ବିଶେଷକରି ପ୍ରସବ ପରେ ଏହା ଅଧିକ ଜଣା ପଡ଼ିଥାଏ। ତେଣୁ ଠିକ୍ ସମୟରେ ସଚେତନ ନ ହେଲେ ଶାରୀରିକ ଗଠନରେ ଯେଉଁ ପରିବର୍ତ୍ତନ ଆସେ ସେଇ ଲୁକ୍‌କୁ ନେଇ ସନ୍ତୁଷ୍ଟ ହୋଇପାରନ୍ତି ନାହିଁ। ଅନେକ ସମୟରେ ସେମାନଙ୍କୁ ବଡି ସେମିଂର ବି ସାମ୍ନା କରିବାକୁ ପଡିଥାଏ। ବିଭିନ୍ନ ପ୍ରକାରର ଆଧୁନିକ ଉପାୟ ଆପଣାଇ ନିଜ ବୟସକୁ ଲୁଚାଇ ସୌନ୍ଦର୍ଯ୍ୟ ଅକ୍ଷୂର୍ଣ୍ଣ ରଖିବାର ଅଭିଳାଷ ରଖିଥାନ୍ତି। ଅନେକେ ଆଧୁନିକ ମହିଳା ଏ ଦିଗରେ ଏତେ ସଫଳ ହୋଇଥାନ୍ତି ଯେ ବିବାହିତ ପରିଚୟକୁ ମଧ୍ୟ ଲୁଚାଇବାରେ ସକ୍ଷମ ହୋଇଥାନ୍ତି। ଅପରପକ୍ଷରେ ବିବାହ ପରେ ଯେଉଁମାନଙ୍କର ସୌନ୍ଦର୍ଯ୍ୟ ପ୍ରଭାବିତ ହୋଇଥାଏ ସେମାନେ ନିଜ ଲୁକ୍ ଠିକ୍ କରିବା ପ୍ରୟାସରେ ଢେର୍ ଚିନ୍ତିତ ହୋଇ ପଡ଼ନ୍ତି। କେହି କେହି ଏଥିପାଇଁ ଜିମ୍ ଯିବା, ଡାଏଟିଂ କିମ୍ବା ଯୋଗ ଆଦି କରନ୍ତି। ଯାହା ବି ହେଉ ଲୁକ୍ ଯେମିତି ଖରାପ ନ ହେବ ସେଥିପାଇଁ ସେମାନେ ଅଧିକ ସଚେତନ ହୋଇପଡନ୍ତି।

ସଫଳତା ପାଇଁ ସୁନ୍ଦର ଲୁକ୍ ଅନ୍ୟତମ ଆବଶ୍ୟକତା ମଧ୍ୟରୁ ଗୋଟିଏ କହିଲେ ଭୁଲ୍ ହେବ ନାହିଁ। କାହିଁକିନା ସୌନ୍ଦର୍ଯ୍ୟର ଏକ ବିଶେଷ ପ୍ରଭାବ ବି ରହିଛି। କ୍ଷଣିକ ହେଉ ବା କିଛି ସମୟ ପାଇଁ ହେଉ ଏଥିପାଇଁ ଅନେକ ସଫଳତା ବି ହାସଲ କରିହୁଏ। ସବୁଠୁ ବଡ଼ କଥା ହେଉଛି ଲୁକ୍ ଠିକ୍ ଥିବାର ଅନୁଭବ କଲେ ଆତ୍ମବିଶ୍ୱାସ ବଢ଼ିଥାଏ। ଆଉ ଏହି ଭାବନା ହିଁ ସବୁ କାମ କରିବା ନେଇ ଏକ ସାହସ ସୃଷ୍ଟି କରିଥାଏ। ସବୁ କାମ କରିବା ପାଇଁ ମନରେ ଭିନ୍ନ ଏକ ଉତ୍ସାହ ଆସିଥାଏ। ଘରେ ହେଉ କି ବାହାରେ ଅବା ଅଫିସ୍ ପ୍ରତ୍ୟେକ ସ୍ଥାନରେ ଲୁକ୍ ପାଇଁ ସମସ୍ତଙ୍କ ପାଖରେ ସୃଷ୍ଟି ହୋଇଥାଏ ଫାଷ୍ଟ ଇମ୍ପ୍ରେସନ୍। ଅନ୍ୟମାନଙ୍କ ପାଖରେ ନିଜର ଏକ ଛବି ସୃଷ୍ଟି ହୋଇଥାଏ, ଯାହା ଢେର ଦିନ ରହିଥାଏ। ତେଣୁ ଲୁକ୍‌ର ଏକ ପ୍ରଭାବ ରହିଛି ଏକଥାକୁ ଅସ୍ୱୀକାର କରି ହେବନାହିଁ।

ଅଫିସ୍‌ରେ ମଧ୍ୟ ଲୁକ୍ ପାଇଁ ଏକ ସ୍ୱତନ୍ତ୍ର ଇମେଜ୍ ସୃଷ୍ଟି ହୋଇଥାଏ, ଯାହା ପ୍ରଫେସନାଲ କ୍ୟାରିୟରରେ ପ୍ରଭାବ ପକାଇଥାଏ। ନିଜକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପନ କରିବାର ଏହା ଏକ ମାଧ୍ୟମ ହୋଇଥାଏ।









## ଏମାନେ କ'ଣ କରନ୍ତି

### ପ୍ରୟାସ ଜାରି ରହିଛି



ବିବାହର ଠିକ୍ ବର୍ଷେ ପରେ ମୁଁ ଟିକେ ମୋଟା ହୋଇଥିଲି। କିଛିଦିନ ପରେ ବହୁତ ମୋଟା ହୋଇଗଲି ଓ ମୋ ପେଟରେ ମଧ୍ୟ ଚର୍ବି ବଢ଼ିଯାଇଥିଲା। ଏଥିପାଇଁ ବହୁ ଖରାପ ଲାଗୁଥିଲା। ପେଟ କମ୍ କରିବା ପାଇଁ ପ୍ରଥମେ ଏକ ବେଲ୍ଟ ଆଣି ପିନ୍ଧିଲି, କିନ୍ତୁ ସେମିତି କିଛି ପ୍ରଭାବ ଦେଖାଗଲାନାହିଁ। ତା' ପରଠାରୁ ଖାଇବା ଟିକେ ନିୟନ୍ତ୍ରଣ କଲି ଆଉ କିଛି ସମୟ ପାଇଁ ଯୋଗ କଲି। ତାହା ବି ଏତେ ଶୀଘ୍ର କିଛି ଆଖିଦୃଶିଆ ଚେଞ୍ଜ ଭଳି ମନେହେଲାନାହିଁ। ଏମିତି ବିଭିନ୍ନ ପ୍ରକାର ପ୍ରୟାସ କରିବା ପରେ ଏବେ କିଛି ମାତ୍ରାରେ ମୋ ଲୁକ୍ ସଜାଡ଼ିପାରିଛି। ହେଲେ ଆହୁରି ପର୍‌ଫେକ୍ଟ କରିବା ପାଇଁ ଏବେ ବି ପ୍ରୟାସ ଜାରି ରହିଛି।

*–**ପୁଷ୍ପାଞ୍ଜଳି କର,** କର୍ମଜୀବୀ, ହାଇଟେକ୍ ହସ୍ପିଟାଲ୍, ଭୁବନେଶ୍ୱର*

### ସ୍କିନ୍‌ର ଯତ୍ନ ନେଉଛି



ଲୁକ୍ ସଜାଡ଼ିବା ପାଇଁ ମୋ ପାଖରେ ଆଦୌ ସମୟ ନ ଥିଲା। ପିଲାଙ୍କ କାମ, ଘର କାମ ଆଉ ପାଠପଢାଇବା ଭିତରେ ସମୟ ବାହାର କରିବା କଷ୍ଟକର ହେଉଥିଲା। ହେଲେ ମୋଟାପଣ ପାଇଁ ଲୋକଙ୍କ କଥା ଶୁଣି ଖରାପ ଲାଗୁଥିଲା। ତେଣୁ ଏନେଇ ସଚେତନ ହେବାକୁ ବାଧହେଲି। ବହୁ କଷ୍ଟରେ କିଛି ସମୟ ବାହାରକରି ଏକ୍ସରସାଇଜ୍ କରୁଛି। ଖାଦ୍ୟ ବି ନିୟନ୍ତ୍ରଣ କରୁଛି। ବାହାରେ କିଣା ଖାଦ୍ୟ କିଛି ବି ଖାଉନାହିଁ। ଏହା ସହ ସ୍କିନ୍‌ର ଯତ୍ନ ନେବାକୁ ପାର୍ଲର ବି ଯାଉଛି। ଏମିତି ପ୍ରୟାସ ପରେ ମୋ ଲୁକ୍ ବଦଳାଇପାରିଛି।

*–**ଡ. କୃଷ୍ଣାପ୍ରଦା ଦାଶ,** ଅଧ୍ୟାପିକା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ*

### ଯୋଗ ଓ ଏକ୍ସରସାଇଜ୍ କରୁଛି



ବାହାଘର ପରେ ଲୁକ୍ ଖରାପ ହେଲେ ଚଳିବ ବୋଲି ସମସ୍ତେ କହନ୍ତି। ହେଲେ ପ୍ରକୃତ କଥା ହେଉଛି ମୋଟା ହୋଇଗଲା ପରେ ମନକୁ ଏମିତି କହି ବୁଝାଇବାକୁ ହୋଇଥାଏ। କିନ୍ତୁ ଲୁକ୍ ସଜାଡ଼ିବା ପାଇଁ ଅଧିକ ପରିଶ୍ରମ କରି ନ ପାରି ଏମିତି କହୁଥିଲି। ତା' ଛଡ଼ା ଖାଦ୍ୟ ନିୟନ୍ତ୍ରଣ କରିବା ମୋ ପାଇଁ ବହୁତ କଷ୍ଟ। ହେଲେ ବଡି ସେମିଂ ନେଇ ନେଗେଟିଭ୍ ଟିପ୍ପଣୀ ଶୁଣିବାକୁ ଭାରି ଖରାପ ଲାଗୁଥିଲା। ସେଥିପାଇଁ ବାଧହୋଇ ପତଳା ହେବାକୁ ପ୍ରଥମେ ହେଲ୍‌ଥ ଡ୍ରିଙ୍କ୍ ନେଲି। ଏସବୁ ଡ୍ରିଙ୍କ୍‌ରେ କିନ୍ତୁ ସାଇଡ୍‌ଇଫେକ୍ଟ ଅଛି ଜାଣିବା ପରେ ଏବେ ଏକ୍ସରସାଇଜ୍ କରୁଛି। ସବୁଦିନ ଅଧଘଣ୍ଟା ଚାଲିବା ପରେ ଅଳ୍ପ ଯୋଗ କରୁଛି।

*–**ପୁନମ୍ ତ୍ରିପାଠୀ,** କର୍ମଜୀବୀ, ସନ୍‌ସାଇନ୍ ହସ୍ପିଟାଲ, ଭୁବନେଶ୍ୱର*



# ଏମିତି ବଢ଼ାନ୍ତୁ ଦୃଷ୍ଟିଶକ୍ତି

ପାଠପଢ଼ା ହେଉ କି ଅଫିସ ବିଭିନ୍ନ କାମ ପାଇଁ ଅଧିକ ସମୟ କମ୍ପ୍ୟୁଟର ଓ ମୋବାଇଲ୍ ଫୋନ୍ ବ୍ୟବହାର କରିବାକୁ ପଡୁଛି। ଫଳରେ ଆଖିର ବିଭିନ୍ନ ସମସ୍ୟା ଦେଖାଦେଉଛି। ତେବେ ଏହି ସମସ୍ୟାରୁ ରକ୍ଷାପାଇବା ପାଇଁ ଜାଣନ୍ତୁ କିଛି ସହଜ ଉପାୟ..

❖ ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ବ୍ଲିଙ୍କିଂ ଏକ୍ସରସାଇଜ୍ କରନ୍ତୁ। ଅର୍ଥାତ୍ ଶୀଘ୍ର ଶୀଘ୍ର ଆଖିର ପଲକକୁ ବାରମ୍ବାର ପକାନ୍ତୁ ଓ ଖୋଲନ୍ତୁ। ୧୦ ରୁ ୧୫ ଥର ଏପରି କଲେ ଆଖିର କୋମଳତା ଅକ୍ଷୁଣ୍ଣ ରହିବ। ଆଖି ଅଧିକ ଶୁଷ୍କ ହେବ ନାହିଁ।

❖ ଦୁଇ ହାତର ପାପୁଲିକୁ ଜୋର୍‌ରେ ଘଷି ଗରମ କରନ୍ତୁ। ଏବେ ଏହି ହାତକୁ ଆଖି ବନ୍ଦ କରି ତା' ଉପରେ କିଛି ସମୟ ରଖନ୍ତୁ। ମଝିରେ ମଝିରେ ଆଖିର ଏପରି ଏକ୍ସରସାଇଜ୍ କରିବା ଫଳରେ ଆଖିକୁ ଆରାମ ମିଳିଥାଏ।

❖ ଲମ୍ବା ସମୟ ସ୍କ୍ରିନ୍ ଟାଇମ୍ ରହିବା ଫଳରେ ଆଖି ଥକିଯାଏ ଓ ଶୁଷ୍କତା ସହ ଆଖି ପୋଡ଼ିବା ଭଳି ସମସ୍ୟା ଦେଖାଦିଏ। ଏହି ସମସ୍ୟାରୁ ମୁକ୍ତି ପାଇଁ ତ୍ରାଟକ କ୍ରିୟା ଫଳପ୍ରଦ ହୋଇଥାଏ। ଏଥିପାଇଁ ଏକ ସ୍ଥିର ବିନ୍ଦୁକୁ ପଲକ ନ ପକାଇ କିଛି ସମୟ ପର୍ଯ୍ୟନ୍ତ ଦେଖିବାର ଅଭ୍ୟାସ କରନ୍ତୁ। ଏପରି କରିବା ଫଳରେ ଦୃଷ୍ଟିଶକ୍ତି ବଢ଼ିବା ସହ ମାନସିକ ଶାନ୍ତି ଓ ଏକାଗ୍ରତା ବୃଦ୍ଧି ପାଇଥାଏ।

❖ ଆଇ ରୋଟେଶନ ମଧ୍ୟ ଏକ ସୁନ୍ଦର ଏକ୍ସରସାଇଜ୍। ଏଥିପାଇଁ ଆଖିକୁ ପ୍ରଥମେ ଉପର ତଳ ଓ ପରେ ବାମ ଡାହାଣ କରି ବୁଲାନ୍ତୁ। ବାରମ୍ବାର ଏଭଳି ଅଭ୍ୟାସ କରିବା ଫଳରେ ଆଖିର ମାଂସପେଶୀକୁ ଆରାମ ମିଳିଥାଏ।

❖ ଆଖିର ସମସ୍ୟା ଦୂରକରିବା ପାଇଁ ପ୍ରାଣାୟାମ ଓ ସୂର୍ଯ୍ୟ ନମସ୍କାର ମଧ୍ୟ ବେଶ୍ ଫାଇଦା ଆଣିଥାଏ। ଏସବୁ ଅଭ୍ୟାସକୁ ନିୟମିତ କରିପାରିଲେ ଦୃଷ୍ଟିଶକ୍ତି ବୃଦ୍ଧିହେବା ସହ ସ୍ୱାସ୍ଥ୍ୟ ଭଲ ରହିବ।

**ସୌନ୍ଦର୍ଯ୍ୟ**

# ଫର୍ମେଣ୍ଟେଡ୍ ସ୍କିନ୍‌କେୟାର

ମେକ୍‌ଅପ୍ ଦୁନିଆରେ ଏକ ନୂଆ ଟ୍ରେଣ୍ଡ ହେଉଛି ଫର୍ମେଣ୍ଟେଡ୍ ସ୍କିନ୍‌କେୟାର। କୋରିଆ ଓ ଜାପାନରେ ଆରମ୍ଭ ହୋଇଥିବା ଏହି ଶୈଳୀ ଏବେ ଆମ ଦେଶରେ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ଏହି ଶୈଳୀରେ ପ୍ରାକୃତିକ ଉପାୟରେ ବିଭିନ୍ନ ସାମଗ୍ରୀ ବ୍ୟବହାର କରାଯାଏ...

★ ବିଭିନ୍ନ ପ୍ରକାର ପ୍ରାକୃତିକ ଜିନିଷକୁ ବ୍ୟବହାରକରି ବ୍ୟୁଟି ପ୍ରଡ଼କ୍ଟ ସବୁ ତିଆରି କରାଯାଏ। ଫଳରେ ତ୍ୱଚାକୁ ନ୍ୟୁଟ୍ରିସନ୍ ସହ ପୋଷଣ ମିଳିଥାଏ।

★ ଏହି ପ୍ରକ୍ରିୟା ଆପଣାଇଲେ ତ୍ୱଚାରେ ଭିଟାମିନ୍, ଏମିନୋ ଏସିଡ୍ ଓ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ବଢ଼ିଥାଏ। ଫଳରେ ତ୍ୱଚାରେ ଥିବା ମୃତକୋଷ ପୁଣି ଥରେ ହାଇଡ୍ରେଟ୍ ଓ ଉଜ୍ଜ୍ୱଳ ହୋଇଥାଏ।





★ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତୁ। ଏବେ ମାର୍କେଟରେ ମଧ୍ୟ ହର୍ବାଲ ପ୍ରଡକ୍ଟ ସବୁ ମିଳୁଛି। ଏସବୁ ଚାହିଁଲେ ଆପଣ ବ୍ୟବହାର କରିପାରିବେ, ନଚେତ୍ ଘରେ ତିଆରି କରିପାରିବେ।

★ ଏହି ଶୈଳୀରେ ଫର୍ମେଣ୍ଟେଡ୍ ଗ୍ରୀନ୍ ଟି, ଫର୍ମେଣ୍ଟେଡ୍ ଚାଉଳ ପାଣି, ଫର୍ମେଣ୍ଟେଡ୍ ସୋୟା, ଦହି, ଦୋସା ଘୋଳ ସହିତ ଏଲୋଭେରା, ବିଭିନ୍ନ ପ୍ରକାର ଫଳ ଓ ପତ୍ର ସବୁକୁ ବ୍ୟବହାର କରି ତ୍ୱଚା ନିମନ୍ତେ ବ୍ୟୁଟି ପ୍ରଡକ୍ଟ ପ୍ରସ୍ତୁତ କରାଯାଉଛି।

★ ଏହି ପ୍ରକାର ଉପଚାରରେ ସ୍କିନ୍‌ର ଆଲର୍ଜି ପ୍ରାୟତଃ ହୋଇ ନ ଥାଏ। ଏହି ଉପାୟ ଆପଣାଇଲେ ସ୍କିନ୍ ହାଇଡ୍ରେଟ୍ ରହିଥାଏ, ଆଣ୍ଟି ଏଜିଂ କମ୍ କରିଥାଏ, ସ୍କିନ୍‌ର ଇଲାଷ୍ଟିସିଟି ବଢ଼ାଇବା ସହ ସ୍କିନ୍ ଅଧିକ ଗ୍ଲୋ କରିଥାଏ।

★ ଫର୍ମେଣ୍ଟେଡ୍ ସ୍କିନ୍ କେୟାର ପ୍ରଡକ୍ଟ ସବୁକୁ ଘରେ ଖୁବ୍ ସହଜରେ ପ୍ରସ୍ତୁତ କରିପାରିବେ। ଚାଉଳ ପାଣି ପ୍ରସ୍ତୁତି ନିମନ୍ତେ ଏକ ପାତ୍ରରେ କିଛି ଚାଉଳ ନିଅନ୍ତୁ। ଏହାକୁ ପାଣିରେ ଭିଜାଇ ରାତିସାରା ରଖି ଦିଅନ୍ତୁ। ସକାଳୁ ଚାଉଳକୁ ଛାଣି ସେହି ପାଣିକୁ ବୋତଲରେ ଭର୍ତ୍ତି କରି ଫ୍ରିଜରେ ରଖି ଦିଅନ୍ତୁ। ଏହି ପାଣିକୁ ଆପଣ ଟୋନର ଭଳି ବ୍ୟବହାର କରିପାରିବେ। ଏହିପରି ଅନ୍ୟ ସବୁ ସାମଗ୍ରୀ ପ୍ରସ୍ତୁତ କରିପାରିବେ।

**ଖାଦ୍ୟରୁଚି**

# ମଟର କୁଲ୍‌ଚା

**ଆବଶ୍ୟକ ସାମଗ୍ରୀ–** ମଟର ୧ କପ୍, ପିଆଜ ୧ଟି (ବଡ଼), ଟମାଟୋ ୧ଟି (ବଡ଼), କଞ୍ଚାଲଙ୍କା ୨ଟି, ଅଦା ଛୋଟ ଖଣ୍ଡେ, ଲେମ୍ବୁରସ ୧ ଚାମଚ, ଚାଟ ମସଲା ୧ ଚାମଚ, ଜୀରା ଗୁଣ୍ଡ ଅଧା ଚାମଚ, ଲଙ୍କାଗୁଣ୍ଡ ଅଧା ଚାମଚ, କଳାଲୁଣ ଅଳ୍ପ, ସୈନ୍ଧବ ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର ଅଳ୍ପ, ଲହୁଣି କିମ୍ବା ଘିଅ ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ–** ମଟରକୁ ଧୋଇ ଭଲଭାବେ ୭ରୁ ୮ ଘଣ୍ଟା ଭିଜାଇ ଦିଅନ୍ତୁ। ଏବେ ପାଣିରୁ ଛାଣି ଏହାକୁ ପ୍ରେସର କୁକରରେ ଲୁଣ ପକାଇ ସିଝାଇ ଦିଅନ୍ତୁ। ସିଝା ମଟରକୁ ପାଣିରୁ ଛାଣି ରଖିଦିଅନ୍ତୁ। ପିଆଜ, ଟମାଟୋ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ଏଥିରେ ପକାନ୍ତୁ। ଅଦାକୁ କୋରି ଏଥିରେ ପକାନ୍ତୁ। ଲେମ୍ବୁରସ, ଚାଟ୍ ମସଲା, ଲଙ୍କାଗୁଣ୍ଡ, କଳାଲୁଣ ସବୁକୁ ଏଥିରେ ପକାଇ ଗୋଳାଇ ଦିଅନ୍ତୁ। ଧନିଆପତ୍ରକୁ ମଧ୍ୟ ଛୋଟ ଛୋଟ କାଟି ଏଥିରେ ପକାଇ ଦିଅନ୍ତୁ। ଶେଷରେ ଏକ ତାୱା ଗରମକରି ସେଥିରେ ଘିଅ ବା ଲହୁଣିକୁ ଗରମ କରି ଏହି ମିଶ୍ରଣରେ ଗୋଳାଇଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମଟର କୁଲ୍‌ଚା। ଏହାକୁ ଗରମ ଗରମ ଖାଆନ୍ତୁ। ରୁଟି ସହିତ ବି ଖାଇପାରିବେ।



ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨/୨୦୨୫ Bhubaneswar, Tuesday, September 2/ 2025

**ଏସିଆ କପ୍ ହକି**

## ସୁପର-୪ରେ ମାଲେସିଆ, କୋରିଆ

**ରାଜଗିର୍, ୧୯ (ପି.ଟି.):** ମାଲେସିଆ ଓ କୋରିଆ ସେମାନଙ୍କ ପୁଲ୍ 'ବି' ମ୍ୟାଚରେ ବିଜୟ ଲାଭ କରି ଏଠାରେ ଚାଲିଥିବା ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଚାଇନିଜ ତାଇପେ ବିପକ୍ଷରେ ମାଲେସିଆ ୧୫-୦ ଗୋଲ୍‌ରେ ବିଜୟ ଲାଭ କରିଥିବା ବେଳେ କୋରିଆ ୫-୧ ଗୋଲ୍‌ରେ ବାଂଲାଦେଶକୁ ହରାଇ ଦେଇଛି। ମାଲେସିଆ ସମସ୍ତ ୩ଟି ଯାକ ମ୍ୟାଚରେ ବିଜୟ ଲାଭ କରି ପୁଲ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ କୋରିଆ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ବାଂଲାଦେଶ ୩ ପଏଣ୍ଟ ସହ ତୃତୀୟ ହୋଇଥିବା ବେଳେ ଚାଇନିଜ ତାଇପେ ଗୋଟିଏ ହେଲେ ମ୍ୟାଚ ଜିତିବାରେ ସମର୍ଥ ହୋଇ ନ ଥିଲା। ଦିନର ଦ୍ୱିତୀୟ ମ୍ୟାଚରେ ମାଲେସିଆ ତରଫରୁ ଆଶ୍ରାନ ହାମ୍‌ସାନି (୮ମ, ୧୫ତମ, ୩୨ ଓ ୫୪ତମ ମିନିଟ) ଓ ଆଖିମୁଲ୍ଲା ଅନୁଆର ୪ଟି(୧୦ମ, ୨୦ତମ, ୨୯ତମ, ୪୫ତମ, ୫୬ତମ) ଲେଖାଏ ଗୋଲ ଦେଇଥିବା ବେଳେ ନୋସିଆଫିକ୍ ସୁମାନ୍ତ୍ରି ୩ଟି (୨୦ତମ, ୪୦ତମ ଓ ୬୦ତମ) ଏବଂ ଅବୁ କମାଲ ଆଜରାଇ (୨୨ତମ), ଆଣ୍ଡିଓ୍ୱାଲଫିଆନ ଏଫ୍ରିନସ (୨୪ତମ) ଓ ଏମାନ ରେଜେମି (୩୨ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

## ଇରାନଠାରୁ ୩-୦ରେ ହାରିଲା ଭାରତ

**ହିସର, ୧୯(ପି.ଟି.):** ଚଳିତ କାଫା ନେଶନ୍ସ କପ୍ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୦-୩ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ଇରାନଠାରୁ ପରାସ୍ତ ହୋଇଛି। ପୂରା ମ୍ୟାଚ୍‌ରେ ଇରାନର ଆକ୍ରମଣକୁ ପ୍ରତିହତ କରିଥିବା ଭାରତୀୟ ଡିଫେନ୍ସ ବିଭାଗ ଅନ୍ତିମ ୭ ମିନିଟ୍‌ରେ ଦୁଇଟି ଗୋଲ ବରଣ କରିଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧର ୬୦ତମ ମିନିଟ୍‌ରେ ଆମିର୍‌ହୋସେନ ହୋସେନଜାଦେ ଇରାନ ପାଇଁ ପ୍ରଥମ ଗୋଲ୍ କରିଥିଲେ। ଶେଷ ଆଡ଼କୁ ଅଲୀ ଆଲୀପୌରଘରା (୮୯ତମ) ଓ ମେହଦି ତାରେମି (୯୦+୬) ଗୋଲ ଦେଇଥିଲେ। ଇରାନ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୨୦ ଓ ଭାରତ ୧୩୩ତମ ସ୍ଥାନରେ ରହିଛି। ଆସନ୍ତା ୪ ତାରିଖରେ ଭାରତ ତା'ର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ଭେଟିବ।

# କ୍ୱାର୍ଟରରେ ଜୋକୋଭିଚ୍, ଅଲ୍‌କାରାଜ


ରିଟର୍ନ ଶଟ୍ ଖେଳିବା ଅବସରରେ କାର୍ଲୋସ ଅଲ୍‌କାରାଜ।

**ୟୁଏସ୍ ଓପନ୍**

**ନ୍ୟୁୟର୍କ, ୧୯**

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ଟେନିସ ଲିଜେଣ୍ଡ ନୋଭାକ ଜୋକୋଭିଚ୍ ଓ ଓ୍ୱାର୍ଲ୍ଡ ନଂ-୨ କର୍ଲୋସ ଅଲକାରାଜ ୟୁଏସ୍ ଓପନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସପ୍ତମ ସିଡ୍ ଜୋକୋଭିଚ୍ ୬-୩, ୬-୩, ୬-୨ ସେଟ୍‌ରେ ଜାନ-ଲେନାର୍ଡ ଷ୍ଟ୍ରୁଫଙ୍କୁ ପରାସ୍ତ କରିଛନ୍ତି। ସେ କ୍ୱାର୍ଟର ଫାଇନାଲରେ ଚତୁର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ଭେଟିବେ। ଫ୍ରିଜ୍ ତାଙ୍କ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୬-୪, ୬-୩, ୬-୩ ସେଟ୍‌ରେ ୨୧ତମ ସିଡ୍ ଟୋମାସ ମାକହାକଙ୍କୁ ହରାଇଛନ୍ତି। ତାଙ୍କ ଭଳି ୨୦୨୨ ସଂସ୍କରଣର ଚାମ୍ପିୟନ ଅଲକାରାଜ ୭-୬(୭/୩), ୬-୩, ୬-୪ ସେଟ୍‌ରେ ଆର୍ଥର ରିଣ୍ଡରକ୍ନେଚଙ୍କୁ ହରାଇଛନ୍ତି। ସେ କ୍ୱାର୍ଟର ଫାଇନାଲରେ ୨୦ତମ ସିଡ୍ ଜିରି ଲେହେକାଙ୍କୁ ଭେଟିବେ।

### ରିବାକିନା ଆଉଟ୍; ସାବାଲେଙ୍କା କ୍ୱାର୍ଟରରେ

ମହିଳା ସିଙ୍ଗଲ୍ସରେ ଓ୍ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ୍ ଜେସିକା ପେଗୁଲା ୟୁଏସ୍ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ୨୦୨୨ ଓ୍ୱିମ୍ବେଲଡନ ଚାମ୍ପିୟନ ଏଲିନା ରିବାକିନା ପରାଜୟ ସହ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସାବାଲେଙ୍କା ୬-୧, ୬-୪ ସେଟ୍‌ରେ କ୍ରିଷ୍ଟିନା ବୁକସାଙ୍କୁ, ମର୍କେଟା ଭଣ୍ଡ୍ରୋସୋଭା ୬-୪, ୫-୭, ୬-୨ ରିବାକିନାଙ୍କୁ ଓ ପେଗୁଲା ୬-୧, ୬-୨ ସେଟ୍‌ରେ ଆନ ଲିଙ୍କୁ ହରାଇଛନ୍ତି। ସାବାଲେଙ୍କା ଓ ପେଗୁଲା କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ଭଣ୍ଡ୍ରୋସୋଭା ଓ ବାରବୋରା କ୍ରେଜିକୋଭାଙ୍କୁ ଭେଟିବେ।

## ବାଳିକା ଦ୍ୱିତୀୟ ରାଉଣ୍ଡରେ ମାୟା

**ନ୍ୟୁୟର୍କ, ୧୯(ପି.ଟି.)**

ସ୍ୱଳ୍ପ ବୟସ୍କା ଭାରତୀୟ ଟେନିସ ଖେଳାଳି ମାୟା ରାଜେଶ୍ୱରନ ରେଭଥି ୟୁଏସ୍ ଓପନ୍ ଜୁନିୟର ବାଳିକା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସିଧାସଳଖ ସେଟ୍‌ରେ ପରାଜୟ ସହ ହୀତେଶ ଚୌହ୍ୱାନ ବିଦାୟ ନେଇଛନ୍ତି।

ପ୍ରଥମ ରାଉଣ୍ଡ୍ ବାଳିକା ସିଙ୍ଗଲ୍ସ ମ୍ୟାଚ୍‌ରେ ଅଣସିଡ୍ ୧୬ ବର୍ଷୀୟା ମାୟା ୭-୬(୭/୫), ୬-୩ ସେଟ୍‌ରେ ଚାଇନାର ଝାଙ୍ଗ-କ୍ୱିଆନ ଓ୍ୱେଇଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ଦେଢ଼ ଘଣ୍ଟା ଧରି କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। କୋଏମ୍ବାଟୋରରେ ଜନ୍ମିତ ମାୟା ସ୍ପେନର ମାଲୋର୍କାସ୍ଥିତ ରାଫାଲ ନାଡାଲ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ସେ ଦ୍ୱିତୀୟ ରାଉଣ୍ଡରେ ଦ୍ୱିତୀୟ ସିଡ୍ ବ୍ରିଟେନର ହାନା କ୍ଲୁଗମାନଙ୍କୁ ଭେଟିବେ।

## ମୁଁ ଭୁଲ୍ କରିଥିଲି: ହରଭଜନ ସିଂ

**ନୂଆଦିଲ୍ଲୀ, ୧୯:** ଭାରତର ପୂର୍ବତନ ପେସର ଏସ୍ ଶ୍ରୀସନ୍ଥଙ୍କୁ ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ହରଭଜନ ସିଂ (ଭଜି) ଚାପୁଡ଼ା ମାରିଥିବା ଘଟଣାର ଭିଡିଓକୁ ପୂର୍ବତନ ଆଇପିଏଲ୍ ଚେୟାରମ୍ୟାନ ଲଳିତ ମୋଦି ଶେୟାର କରି ଏକ ନୂଆ ବିବାଦ ଛିଡ଼ା କରିଛନ୍ତି। ମାଇକେଲ କ୍ଲାର୍କଙ୍କ ବିଓଣ୍ଡ ୨୩ ପଡକାଷ୍ଟରେ ମୋଦି ଉକ୍ତ ଘଟଣା ସମ୍ପର୍କରେ ଆଲୋଚନା କରିବା ପରେ ପ୍ରାୟ ଦୁଇ ଦଶନ୍ଧି ପୁରୁଣା ଘଟଣା ଭିଡିଓ ଶେୟାର କରାଯାଇଥିଲା। ମୋଦିଙ୍କ ଏଭଳି କାର୍ଯ୍ୟକୁ ଶ୍ରୀସନ୍ଥଙ୍କ ସ୍ତ୍ରୀ'ଙ୍କ ପରେ ଭଜି ମଧ୍ୟ ତୀବ୍ର ସମାଲୋଚନା କରିଛନ୍ତି। ଯେଉଁଭଳି ଭିଡିଓକୁ ଶେୟାର କରାଗଲା, ତାହା ଉଚିତ ନୁହେଁ। ଏହା ଘଟିବା କଥା ନୁହେଁ। ଏହା ପଛରେ ସେମାନଙ୍କର ସ୍ୱାର୍ଥ ନିହିତ ଉଦ୍ଦେଶ୍ୟ ଥାଇପାରେ। ୧୮ ବର୍ଷ ତଳେ କିଛି ଘଟିଥିଲା, ଯାହାକୁ ଲୋକେ ଭୁଲି ଗଲେଣି। କିନ୍ତୁ ସେମାନେ ଲୋକଙ୍କୁ ମନେ ପକାଉଛନ୍ତି, ଯାହା ବି ଘଟିଗଲା, ସେଥିଲାଗି ମୁଁ ଦୁଃଖିତ। ଭୁଲ୍ ହୁଏ ଏବଂ ପରେ ଆମେ ଏଥିଲାଗି ଲଜ୍ଜିତ ଅନୁଭବ କରୁ। ତାହା ଏକ ଦୁର୍ଭାଗ୍ୟଜନକ ଘଟଣା ଥିଲା ବୋଲି ଭଜି କହିଛନ୍ତି।

## ଚାମ୍ପିୟନ ଦଳ ପାଇବ ପାଖାପାଖି ୪୦ କୋଟି

**ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍**



**ଦୁବାଇ, ୧୯ (ପି.ଟି.)**

ଆଗାମୀ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ବିଜେତା ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶିର ପରିମାଣକୁ ବୃଦ୍ଧି କରାଯାଇଛି। ଏଣିକି ଚାମ୍ପିୟନ ଦଳକୁ ମିଳିବ ୪.୪୮ ନିୟୁତ ଆମେରିକୀୟ ଡଲାର (୩୯.୫୫ କୋଟି ଟଙ୍କା), ଯାହାକି ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ। ଗତ ସଂସ୍କରଣରେ ଚାମ୍ପିୟନ ଦଳକୁ ମିଳିଥିଲା ୧.୩୨ ନିୟୁତ ଡଲାର (୧୧.୬୫ କୋଟି ଟଙ୍କା)। ଟୁର୍ନାମେଣ୍ଟର ୧୩ତମ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁଥିବା ବେଳେ ଭାରତ ଓ ଶ୍ରୀଲଙ୍କା ଏହାର ମିଳିତ ଆୟୋଜକ ଅଛନ୍ତି। ୮ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଇଭେଣ୍ଟର ପୁରସ୍କାର ରାଶି ପ୍ରାୟ ୩ ଗୁଣା ବୃଦ୍ଧି ଘଟିଛି। ମେଗା ଇଭେଣ୍ଟର ମୋଟ ପୁରସ୍କାର ରାଶି ୧୩.୮୮ ନିୟୁତ ଆମେରିକୀୟ ଡଲାର କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ରକାଶ କରିଛି। ଏଣିକି ରନରଅପ୍ ଦଳ ୨.୨୪ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୧୯.୭୭ କୋଟି) ପାଇବ। ଇଂଲଣ୍ଡରେ ଅନୁଷ୍ଠିତ ମହିଳା ବିଶ୍ୱ କପ୍‌ର ରନରଅପ୍ ପୁରସ୍କାର ରାଶି (୬୦୦,୦୦୦ ଡଲାର / ୫.୩୦ କୋଟି) ତୁଳନାରେ ଏହା ୨୭୩ ପ୍ରତିଶତ ଅଧିକ। ଗତଥର ଦୁଇ ଲୁଜିଂ ସେମିଫାଇନାଲିଷ୍ଟ ଦଳ ୩୦୦, ୦୦୦ ଆମେରିକୀୟ ଡଲାର (୨.୬୫ କୋଟି) ପାଇଥିବା ବେଳେ ଏଥର ୧.୧୨ ଡଲାର (୯.୮୯ କୋଟି) ମିଳିବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ବିଜୟୀ ଦଳକୁ ମିଳିବ ୩୪,୩୧୪ ଡଲାର(୩୦.୨୯ ଲକ୍ଷ ଟଙ୍କା)। ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଥିବା ଦଳ ପ୍ରତ୍ୟେକେ ୭୦୦,୦୦୦ ଡଲାର (ପ୍ରାୟ ୬୨ ଲକ୍ଷ ଟଙ୍କା) ଏବଂ ୭ମ ଓ ୮ମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ଦଳ ୨୮୦,୦୦୦ ଡଲାର (ପ୍ରାୟ ୨୪.୭୧ ଲକ୍ଷ) ଲେଖାଏ ପାଇବେ। ଏହାଛଡ଼ା ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳ ୨୫୦,୦୦୦ ଡଲାର (ପ୍ରାୟ ୨୨ ଲକ୍ଷ ଟଙ୍କା) ଲେଖାଏ ପାଇବେ। ବିଶ୍ୱବ୍ୟାପୀ ମହିଳା କ୍ରିକେଟର ଲୋକପ୍ରିୟତା ବୃଦ୍ଧି କରିବା ଏବଂ ପୁରୁଷ କ୍ରିକେଟ ସହ ସମାନତା ଆଣିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଆଇସିସି କହିଛି ।

# ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୧୯ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଶୁଟିଂ ରେଞ୍ଜରେ ୧୪ଶ ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍ ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ରାଇଫଲ ପ୍ରୋନ, ୫୦ ମିଟର ରାଇଫଲ ୩ପି, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟ ପିସ୍ତଲ ଓ ୨୫ ମିଟର ସେନଟର ପିସ୍ତଲ ପ୍ରତିଯୋଗିତା ହେବ। ଏଥିସହ ଉତ୍କଳ କରାଟେ ସ୍କୁଲ ଶୁଟିଂ ରେଞ୍ଜରେ ୧୦ ମିଟର ଏୟାର ରାଇଫଲ ଓ ୧୦ ମିଟର ଏୟାର ପିସ୍ତଲ ଉଭୟ ଏନ୍‌ଆର ଓ ଆଇଏସ୍‌ଏସ୍‌ଏଫ୍ ବିଭାଗରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ୨୦୩୬ ଅଲିମ୍ପିକ ପାଇଁ ବନ୍ଧୁକ ଚାଳନାରେ ଓଡ଼ିଶା ନିମନ୍ତେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ସଂଘର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସଂଘ ସଭାପତି ଗୌରୀ ମହାନ୍ତି, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ରୋମିଓ କାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ ଏବଂ କୋଷାଧ୍ୟକ୍ଷ ବଳଭଦ୍ର ଦାସ ଉପସ୍ଥିତ ଥିଲେ।


ବନ୍ଧୁକ ଚଳାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ଚନ୍ଦନ 'ଚାମ୍ପିୟନ ଅଫ୍ ଚାମ୍ପିୟନ'


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚନ୍ଦନ ମହାପାତ୍ର।

**ଜାତୀୟ ସ୍ତରୀୟ ବାହୁକୁସ୍ତି**

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ପଞ୍ଜାବର ଲୁଧିଆନାଠାରେ ଅଗଷ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ୪୭ ତମ ଜାତୀୟ ସ୍ତରୀୟ ବାହୁକୁସ୍ତି ପ୍ରତିଯୋଗିତାରେ ଓଡ଼ିଶାର ଚନ୍ଦନ ମହାପାତ୍ର ୟୁଥ୍ ଏବଂ ସିନିୟର୍ ବର୍ଗରେ 'ଚାମ୍ପିୟନ ଅଫ୍ ଚାମ୍ପିୟନ' ଆଖ୍ୟା ଅର୍ଜନ କରିଛନ୍ତି। କଟକର ଚନ୍ଦନ ୧୦୦ କେଜି ଡାହାଣ ହାତ ୟୁଥ୍ ଏବଂ ସିନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ଅଫଜଲ ଅଲ୍ଲୀ ୮୦+ କେଜି ବାମ ହାତ ଜୁନିୟର ବର୍ଗରେ ବ୍ରୋଞ୍ଜ, ଫୈଜାନ୍ ଅହମ୍ମଦ ୬୦ କେଜି ବାମ ହାତ ୟୁଥ୍ ବର୍ଗରେ ବ୍ରୋଞ୍ଜ, ଆଲୋକ ମହାପାତ୍ର ୬୦କେଜି ଡାହାଣ ହାତ ସିନିୟର୍ ବର୍ଗରେ ବ୍ରୋଞ୍ଜ, ପ୍ରବୀର ଷଡ଼ଙ୍ଗୀ ୮୦ କେଜି ଡାହାଣ ହାତ ସିନିୟର୍ ବର୍ଗରେ ବ୍ରୋଞ୍ଜ, ସନତ ମାହାର୍ ୮୦ କେଜି ଡାହାଣ ହାତ ମାଷ୍ଟର ବର୍ଗରେ ବ୍ରୋଞ୍ଜ, ସାଗର ନାୟକ ୯୦ କେଜି ବାମ ହାତ ମାଷ୍ଟର ବର୍ଗରେ ରୌପ୍ୟ, ନିର୍ମଳ ସାହୁ ୧୦୦+ କେଜି ବାମ ହାତ ମାଷ୍ଟର ବର୍ଗରେ ସ୍ୱର୍ଣ୍ଣ ଏବଂ ଶୁଭଜିତ ପାଢ଼ୀ ଭିନ୍ନକ୍ଷମ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି।

## ଭାରତରୁ ଭାଗନେବେ ୧୯ ଆଥଲେଟ୍

**ନୂଆଦିଲ୍ଲୀ, ୧୯:** ଟୋକିଓରେ ଆସନ୍ତା ୧୩ରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତରୁ ୧୯ ଆଥଲେଟ୍ ଭାଗନେବେ। ଏମାନଙ୍କ ମଧ୍ୟରୁ କେତେକ ଏଣ୍ଟ୍ରି ଷ୍ଟାଣ୍ଡାର୍ଡ ସ୍ପର୍ଶ କରିଥିବାବେଳେ ଅନ୍ୟ କେତେକ ବିଶ୍ୱ ର୍‍ୟାଙ୍କିଙ୍ଗ୍ କୋଟାରେ ଯୋଗ୍ୟତା ହାସଲ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ସାମିଲ ଅଛନ୍ତି। ଜାଭେଲିନ୍ ଥ୍ରୋ ତାରକା ନୀରଜ ଚୋପ୍ରା ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। **ଭାରତୀୟ ଦଳ:** ପୁରୁଷ- ଅନିମେଶ କୁଜୁର, ଗୁଲଭୀର ସିଂ, ତେଜାସ ଶିର୍ସେ, ସର୍ଭେଶ ଅନିଲ କୁଶାରେ, ମୁରଲୀ ଶ୍ରୀଶଙ୍କର, ପ୍ରବୀଣ ଚିତ୍ରାଭେଲ, ଅବଦୁଲା ଅବୁବାକର, ନୀରଜ ଚୋପ୍ରା, ସଚିନ ଯାଦବ, ଯଶବୀର ସିଂ, ରୋହିତ ଯାଦବ, ସେର୍ଭିନ ସେବାଷ୍ଟିଆନ, ରାମ ବାବୁ ଓ ସନ୍ଦୀପ କୁମାର। ମହିଳା-ପୂଜା, ପାରୁଲ ଚୌଧାରୀ, ଅଙ୍କିତା, ଅନୁ ରାଣୀ, ପ୍ରିୟଙ୍କା।

# ବାସ୍କେଟବଲ ଲାଗି ୧୬ ଜଣିଆ ଓଡ଼ିଶା ଦଳ

**ସ୍ୱତନ୍ତ୍ର ଅଲିମ୍ପିକ୍ସ-ଭାରତ ଜାତୀୟ ଚାମ୍ପିୟନଶିପ**

**ଭୁବନେଶ୍ୱର, ୧୧୯ (ତପନ ସ୍ୱାଇଁ)**

ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ମଙ୍ଗଳବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ଥିବା ସ୍ୱତନ୍ତ୍ର ଅଲିମ୍ପିକ୍ସ-ଭାରତ ଜାତୀୟ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାଲାଗି ସୋମବାର ଭୁବନେଶ୍ୱରରୁ ଏକ ୧୬ ଜଣିଆ ଓଡ଼ିଶା ବାସ୍କେଟବଲ୍ ଦଳ ବିମାନ ଯୋଗେ ରାଜସ୍ଥାନ ଯାତ୍ରା କରିଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଭୁବନେଶ୍ୱରରୁ ଦିଲ୍ଲୀକୁ ବିମାନ ଟିକେଟ ଯୋଗାଇ ଦିଆଯାଇଛି। ଭୁବନେଶ୍ୱର ବିମାନବନ୍ଦରରେ ଏଏଆଇର ମାନବ ସମ୍ବଳ ମୁଖ୍ୟ ନମିତା ଦେହୁରୀ ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟଙ୍କ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଗତ ଅଗଷ୍ଟରେ ଆଠଗଡ଼ରେ ଅନୁଷ୍ଠିତ ରାଜ୍ୟ ଚୟନ ପରୀକ୍ଷଣରେ ମନୋନୀତ ଖୋର୍ଦ୍ଧା, ଭଦ୍ରକ ଏବଂ ପୁରୀ ଜିଲାର ଖେଳାଳିମାନେ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ରବିବାର ରାତିରେ ଓପନ୍ ଲର୍ନିଂ ସିଷ୍ଟମ୍ସର ସଚିବ ପ୍ରତାପ ରଥ, ଏସ୍‌ଓବି-ଓଡ଼ିଶା କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ ଏବଂ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳିକା ଅର୍ପିତା ମହାପାତ୍ରଙ୍କ ଦ୍ୱାରା ଖେଳାଳି ଏବଂ ପ୍ରଶିକ୍ଷକମାନଙ୍କୁ ଟିମ୍ ଟି-ଶାର୍ଟ ପ୍ରଦାନ କରାଯାଇଥିଲା। ପ୍ରତାପ ରଥ ନିଜ ଭାଷଣ ମାଧ୍ୟମରେ ଦଳର ସଦସ୍ୟମାନଙ୍କୁ ଉତ୍ସାହିତ କରିବା ସହ ଫଳାଫଳ ବିଷୟରେ ଅଯଥା ନ ଭାବିବାକୁ ପରାମର୍ଶ କରିଥିଲେ। ଏସ୍‌ଓବି-ଓଡ଼ିଶାର ସମଗ୍ର ବୋର୍ଡ ଓଡ଼ିଶା ଦଳର ସଫଳତା କାମନା କରିଛି। ଦଳର ମହିଳା ସଦସ୍ୟାମାନେ ହେଲେ: ଚୁମ୍‌କି, ନିର୍ଲିପ୍ତା, ରାଜଶ୍ରୀ ମହାପାତ୍ର, ଅର୍ପିତା ଚକ୍ରବର୍ତ୍ତୀ, ମଧୁସ୍ମିତା ନାୟକ, ଆଦ୍ୟାଶା ବେହେରା, ଦୀପ୍ତିମୟୀ ଦାସ। ପ୍ରଶିକ୍ଷକ: ସରିତା ରାଉତରାୟ। ସେହିପରି ପୁରୁଷ ସଦସ୍ୟମାନେ ହେଲେ ପୂର୍ଣ୍ଣ ଜେନା, ସନ୍ତୋଷ ମଲ୍ଲିକ, ଦେବାଶିଷ, ସବ୍ୟସାଚୀ ସାମଲ, ଦୀପଙ୍କର ରାଉତ, ବିଭୂତି ଜେନା, ବିଶ୍ୱଜିତ ନାୟକ। ପ୍ରଶିକ୍ଷକ: କାଳନ୍ଦୀ ଚରଣ ଭୋଇ।


ସ୍ୱତନ୍ତ୍ର ଅଲିମ୍ପିକ୍ସ-ଭାରତ ଜାତୀୟ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।

## ଓଡ଼ିଶା ଏଚ୍‌ପିସିରୁ ଭାଗନେବେ ୪ ଜିମ୍ନାଷ୍ଟ


ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ପାଇଁ ମନୋନୀତ ଏଚ୍‌ପିସିର ୪ ଜିମ୍ନାଷ୍ଟ।

**ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍**

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ଫ୍ରାନ୍ସର ପ୍ୟାରିସ ଓ ହଙ୍ଗେରୀର ଜୋମ୍ବାଥେଲିଠାରେ ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ୪ ଜିମ୍ନାଷ୍ଟ ଅଂଶଗ୍ରହଣ କରିବେ। ସେମାନେ ହେଲେ ତପେଶ୍ୱର ଦାସ, ତପନ ମହାନ୍ତି, ପ୍ରଣତୀ ନାୟକ ଓ ତନୁ। ଜାତୀୟ ସ୍ତରରେ ମୋଟ ୧୧ ଜିମ୍ନାଷ୍ଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେବେ। ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି) ତପେଶ୍ୱର ନାଥ ଓ ତପନ ମହାନ୍ତି ସେପ୍ଟେମ୍ବର ୧୩ ଓ ୧୪ରେ ପ୍ୟାରିସରେ ହେବାକୁଥିବା ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍‌ରେ ଅଂଶଗ୍ରହଣ କରିବେ। ଏହାପରେ ସେପ୍ଟେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ଜୋମ୍ବାଥେଲିଠାରେ ହେବାକୁଥିବା ପ୍ରତିଯୋଗିତାରେ ଏହି ଦୁଇ ପ୍ରତିଯୋଗୀଙ୍କ ସହ ପ୍ରଣତି ଓ ତନୁ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ପୂର୍ବରୁ ଏହି ୪ ଜିମ୍ନାଷ୍ଟ ପ୍ୟାରିସରେ ଅନୁଷ୍ଠିତ ଜାତୀୟ ପରିଦର୍ଶନ ଶିବିରରେ ଯୋଗଦେଇ ବିରଳ ଅଭିଜ୍ଞତା ହାସଲ କରିବେ। ଓଡ଼ିଶା ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ କୁମାର ମିଶ୍ରଙ୍କୁ ମଧ୍ୟ ଏହି ଶିବିର ପାଇଁ ମନୋନୀତ କରାଯାଇଛି। ଏହି ଉପଲବ୍ଧି ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ୍ ମଞ୍ଚରେ ଭାରତର ଉପସ୍ଥିତିକୁ ଆଗକୁ ବଢ଼ାଇବା ପାଇଁ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ସମର୍ପିତ ମନୋଭାବକୁ ପ୍ରତିଫଳିତ କରୁଛି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ